ସମଲପୁରି ସାହିତ୍ୟ ପରିସଦ, ବରଗଡ

(ରେ ନ.୭୫୨-୨୨/୯୬)

'କଥା ଆର୍ କଥାନି' ସାହିତ୍ୟ ପତ୍ରିକାର୍ ଧାରା ଧରସା.....

- 'କଥା ଆର୍ କଥାନି' ପତ୍ରିକା ବଛରକ ଦୁଇଥର୍; ଜୁଲାଇ ଆର୍ ଜାନୁଆରି ମାସେଁ ବାହାରିବା ।
- ପତ୍ରିକାନ ସମଲପୁରି/କୋସଲି ଭାସାର୍ କଥାନି ପ୍ରକାସିତ୍ ହେବା ।
- କଥାକାର୍ ମାନଙ୍କୁ ନିଜର୍ ଲେଖା ଆକ୍ରୁତିଥିଁ ଟାଇପ କରି ପଠାବାକେ ଅନୁରୋଧ ।
- ଇ ପତ୍ରିକାଥିଁ ଗୁଟେ ସ, ଗୁଟେ ନ, ଆର୍ ଖାଲି ହର୍ସ ଇ କାର୍ ଉ କାର୍ ବେଭାର୍ ହଉଛେ ।
- ଲେଖା ଉପ୍ରେଁ କେହେନି ବିବାଦ ହେଲେଁ ସମ୍ପାଦକ୍/ପ୍ରକାସକ୍ ଦାଇ ନାଇଁ ରହନ । ସେଥିର୍ ଲାଗି ଲେଖକ୍ ନିଜେ ଦାଏଦାର୍ ହେବେ ।
- କେହିନି ନ ପ୍ରକାସିତ୍ ନାଇଁ ହେଇଥିବାର୍ ନିଜର୍ ଲେଖା ପଠାବାକେ କଥାକାର୍ମାନଙ୍କୁ ଅନୁରୋଧ ।
- ଅପ୍ରକାସିତ୍ ଲେଖା ଫିରାତି ନାଇଁ ନ । ସେଥିର୍ ଲାଗି ନିଜର୍ କପି ରଖିକରି କଥାନି ପଠାବେ ।
- ପ୍ରକାସିତ୍ ଲେଖାକେ ପାଏବାକେ ନିଜର୍ ସଠିକ୍ ଠିକଣା ଦେବାକେ ଅନୁରୋଧ ।

ଆମର୍ ଭାସା ସାହିତ୍ୟର୍ ପ୍ରଚାର୍ ପ୍ରସାର୍ ଦିଗେଁ ଲେଖକ୍ ପାଠକ୍ ମାନେ ସାହେଜ୍ ସହଜୋଗ କରବେ ବଲିଁ ବିନତି ।

ସଂପାଦକ ମଣ୍ଡଲି

Price Rs 100/-

ଛ' ମାସିଆ ସାହିତ୍ୟ ପତ୍ରିକା   କଥା ଆର୍ କଥାନି   ସମଲପୁରି ସାହିତ୍ୟ ପରିସଦ, ବରଗଡ଼

ସଂଖ୍ୟା : ଜୁଲାଇ ୨୦୨୨

ଛ' ମାସିଆ ସାହିତ୍ୟ ପତ୍ରିକା

କଥା ଆର୍ କଥାନି

ସୁରତା ନ ସବୁଦିନ ପ୍ର. ହୃଦମଣି ପ୍ରଧାନ

କଥା ଆର୍ କଥାନି

(ଛ ମାସିଆ ସମଲପୁରି /କୋସଲି ସାହିତ୍ୟ ପତ୍ରିକା)

ସଂପାଦକ ମଣ୍ଡଲି

ଧନପତି ମହାପାତ୍ର,

କେସରଂଜନ ପ୍ରଧାନ

ଡ.ସନ୍ତୋସ କୁମାର ରଥ,

ନରେନ୍ଦ୍ର ମହାନ୍ତି

ଉତ୍ପନ୍ନ କୁମାର ଭୋଇ,

ତେଜରୁ ବାରିକ

ପରିଚାଲନା ସଂପାଦକ

ଉମେସ ପ୍ରଧାନ

ପ୍ରକାସିକା

ଅଲକା ଦାସ

ଜୋଗାଜୋଗ

ଧନପତି ମହାପାତ୍ର

ଗଣେସ ନଗର, କଲେଜ ରୋଡ, ବରଗଡ-୭୬୮୦୨୮

ଫୋ-୭୦୦୮୩୮୮୨୧୧

ଇମେଲ ଠିକନା

dhanapati1945@gmail.com,
narendra_mohanty@rediffmail.com

ଛପାଖାନା

ଇମ୍ପ୍ରେସନ୍ ସମଲପୁର

ମଲାଟ ଡିଜାଇନ୍

ରାଜୁ ଭୋଇ

କଥା ଆର୍ କଥାନି



ପ୍ରିୟ ଧନପତି ବାବୁ, ତା.୧୬.୧.୦୪

ବେଲ ବୁଡିଆର୍ ବୁଡା ଖରା ପିଠେଇ 'କଥା ଆର୍ କଥାନିନୁ 'ଛାଡଖାଇ' ପଢିପକାଲିଁ । ପଢୁଁ ପଢୁଁ ମଜା ଲାଗ୍ଲା । ମନକେ ମନ୍ ହଁସିପକାଲିଁ "ତମେ କାରତିକ ଗାଧି ଯାଇଛକି ଲେଫା ବସି ଯାଇଥିଲ , କହତ ଘାଏ ସୁନ୍ସିଁ...........ଅଁଟାନ ହାତ୍ ଦୁହିଟା ଦେଇକରି ମୋର୍ ଆଗେଁ ଝାରିହେଲା ତା'ର ମାଁ ଢେଁଡୁ ସାଁପ୍ ଲେଖେଁ ।" ଶେଷର୍ ଖେ...ତି ଯେତକି ରହିଗଲା ବୁଝୁଥାଉନ୍ ପଢଲା ଲୁକେ । ଇଟା ହେଉଛେ କଥାନି(ଗପ) ଲିଖବାର୍ ଅସଲ ଷ୍ଟାଇଲ୍ (Real Style) । ମୋତେ ଭାଇ ଘିନିନେଲା । ଏନ୍ତା ଗପମାନେ ଲେଖୁଥାଉନ୍ ।

ସଂମଲପୁରୀ ବଏଲେ, ଆପନକଁର୍ ଭାଷା ହିଁ ହଉଛେ ଏକ୍ ନମ୍ବର୍ ସଂବଲପୁରୀ । କଁଚା ଅନୁଭବ, କଁଚା କଥାତି ଝାଇଁ ଝୁରି ବାଗିର୍ ପୁର୍ଗି ଦେଲେ, କାଁଜେ ନାଇଁ ଘିଚ୍ବା ଝନେ କଁସା କଁସା ।

ଭିତ୍ରେ ଭିତ୍ରେ ଏନ୍ତା ରସ୍ଟେ ବୁହିଯାଉଛେ କଥାନିର୍ ସାଗେଁ ଯେ, ପଢିବସ୍ଲେ ଛାଡିନାଇଁ ହଏ ।

ବାକି ଲେଖା ମାନବି ବନେ ହଇଛେ । ଉତ୍ପନ୍ନ କୁମାର୍ ଭୋଇ ବାବୁକେ ମୋର୍ ଶରଧା ଜନାବେ ।

ଆପନକର

ମଙ୍ଗଲୁ ଚରଣ ବିଶ୍ୱାଳ

..

ସୁଚନା

	କଥାନି	କଥାକାର	ପ୍ରୁସ୍ଠା
୧	ଟ୍ରାଫିକ୍	କେସରଂଜନ ପ୍ରଧାନ	୬
୨	ତମାପଟା	ଡ.ସନ୍ତୋସ କୁମାର ରଥ	୧୬
୩	ସୁରୁ ଆରୁ 'ସେ'	ଅମ୍ରୁତଲାଲ ସାହୁ	୨୬
୪	ଉପର୍ ଡାଲର ଫୁଲ	ରଞ୍ଜିତା ହୋତା	୩୦
୫	ବଂଧନ	ଅଲକା ଦାସ	୩୭
୬	ହାତି ହୋ	ଉମେସ ପଧାନ	୪୩
୭	ଲିରିଲ	ସାବିତ୍ରି ପୁରୋହିତ	୪୪
୮	ପାପର ଧର୍ସା	ତେଜରୁ ବାରିକ	୪୯
୯	ବିସାନ୍ ହଁସି	ଧନପତି ମହାପାତ୍ର	୫୬
୧୦	କୁଲିହା ଘର	ଲଖ୍ମିନାରାୟଣ ପଣ୍ଡା	୬୫
୧୧	ଢାଲ୍	ଦେବହୁତି କର	୭୪
୧୨	ମାୟା	ପ୍ରଭାସିନି ହୋତା	୮୧
୧୩	ଖୁଡ୍ମାଁ	ପଦ୍ମିନି ମହାପାତ୍ର	୮୬
୧୪	ଆଁଖଲର୍ ଠିକନା	ରୋହିତ୍ ପ୍ରଧାନ	୮୯
୧୫	ଓମିକ୍ରନ	ସିବାସିସ ପାଢି	୯୨
୧୬	ଅବତାର୍	ନରେନ୍ଦ୍ର ମହାନ୍ତି	୯୩
୧୭	ହେପି ଫାଦର୍ସ ଡେ	ପରମେଶ୍ୱର୍ ବିସି	୧୦୦
୧୮	ମହାଜନ	ଭୁମିସୁତା ସାହୁ	୧୦୧
୧୯	ସ୍ମରଣ	ସେସଦେବ ଭୋଇ	୧୦୩

ସଂପାଦକିୟ.......

କଥାନି ସତ୍ କଥା ନାଇଁସେ, ପୁରା ମିଛ୍ ବି ନାଇଁସେ । ସତ୍ ଆଉ ମିଛର୍ ମିସାମିସି ପଖାଲ୍ । କଥାନିକାର ଜଗତ୍‌ନୁ ସତ ନୁରିନୁରି, ଭୁଗିକରି ଜେନ୍‌ଟା ପଏସନ ସେଥି ମିସାସନ୍ ଦୁରା ମିଠା ମିଛ, ବନାସନ୍ କଥାନି, ସେଥିର ଲାଗି କଥାନି ସୁରୁଡ୍ ଲାଗ୍‌ସି, ଲାଗ୍‌ସି ଜନାସୁନା, ଚିନ୍‌ହା ଚିନ୍‌ହା, ଜେନ୍‌ତା ଲାଗସି ଅଚିନହା ଆଉ ଅବଗା ନୁଆଁ ।

ସବୁଆଡେ କଥା ବୁନି ହେଇ ପଡିଛେ ଚଇତ ସକାଲର୍ ଧୋବ ଫରଫର୍ ମହୁଲ ବାଗିର । ଖାଲି କିଏ କେତେ ବେଟୁଛେ ହେଟା ଏକା ଦେଖ୍‌ବାର କଥା । ସବୁ ସକାଲେ ନୁଆଁ ନୁଆଁ କଥା ଝଡୁଥିସି ସମିଆଁର ଗଛୁ । ଆମେ ଜଦି କିହେ ନାଇଁ ବେଟ୍‌ମାଁ ଖତ ହେଇଜିବା ତାର ତାର । ହେଲେ, ସବୁବେଲେ ଲୋକ୍ ଥିସନ୍ ଇଟାକେ ସଁଖଲି ରଖବାର ଲାଗି ନିଜର ନିଜର୍ ଭାବେ । ଇକଥାର୍ ମହୁଲ କେ ସୁଖେଇ ବାଛି, ପିଠା କର କି ମହୁଲ ଭଜା, ଲଠା କର କି ସିଝା, ବୁଡ୍‌ରେଇ ମାଲ୍ ମସ୍‌ଲା ଦେଇ, ଫାସ୍ ବସେଇ ତମେ କରିବି ପାରବ ମହୁଲି । ହେଟା କଥାନିକାର ର ସଉକ, ତାର ଲବଜ, ତାର ମର୍‌ଜି । ଜଗତ ନେ ଥିସି କଥା, ଲେଖାନେ ବନ୍‌ସି କଥାନି ।

ଆମର ଭାସାର କଥାନି କାହିଁ କେତେ ଦିନର୍ । ମୁହେଁ ମୁହେଁ ଥିଲା, ସମିଆଁ ସମିଆଁ ନେ ବଦଲୁ ଥିଲା, ଠାନ୍ ଠାନ୍‌ନେ ବଦଲୁଥିଲା । ଏଭେ ଲେଖା ହଉଛେ, ଲେଖା ହଉଛେ ବଲି ଆମର ବି ହଉଛେ । କିଏ ଲେଖିଛେ, କେଭେ ଲେଖିଛେ, କାଏଁକରି ଲେଖିଛେ, କାର କଥା ଲେଖିଛେ ଇ ସବୁବି ଜନାପଡୁଛେ । କଥାନି ଭିତରେ କଥା କେତେ କଥାନି କେତେ, ହେକଥା ଭି ନୁରା ହେଉଛେ । କଥାନି ଆଉ ଖାଲି ମନ୍ ବହଲା, ସମିଆ ବିତା, ରସ୍‌ରସିଆ କଥା ନାଇଁସେ, ହେଡି ଲୁହି ମାରିକରି ରହିଛେ ଆଉ କେତେ କଥା । ପାଠକର ସାଂଗେ ଲୁକ୍‌ଲୁକାନି ଖେଲୁଛେ, କହୁଛେ ମତେ ଛିଁତ ମତେ ଛିଁତ ।

ଏଭେ ପାଠକର୍ କାମ୍ ବଢିଗଲା । ବେଲବୁଡାକେ ବାଇର ପାଖେ ବସି ହୁଁକାର ମାର୍‌ଲେ ଆର କଥାନିର ମଜା ନାଇଁ ସରେ । ବୁଢି ଅସୁରେନର୍ ଜିବନ ବାଗିର କଥାନିର ଜିବନ୍ କେ ଆମକୁ ନୁରବାର କେ ପଡବା । ନୁରବାର

କେ ପଡବା ଆମର ସମିଆଁ ର ଜିବନ, ଆମର ଚିନ୍‌ହାର ଜନାର ଜଗତ୍, ସେଥି ଆମର ଦୁଖ ସୁଖ ଆର ସମାଧାନର୍ ବାଟ । ଇଟା ଆମର ନୁଆଁ କଥାନି, ଇଟା ଆମର ନୁଆଁ ଉପେ ଇ ଜିବନ ସାଂଗେ ଜୁଝବାର ଲାଗି । ଜେନ୍ ଜାଏତ୍ ତାର କଥାନି ନାଇଁ ଲେଖିପାରି ସେ ଏକା ଇତିହାସର ଧାରେ ଉହୁଲି ଜାଇଛେ, ହଜି ଜାଇଛେ, ହେତିର ଲାଗି ଆସୁନ୍ ଲେଖ୍‌ମା ଆମେ ଆମର କଥାନି । ସେଥି ଆମର ସପନ୍ ଭି ଥିବା, ଥିବା ଇ ଜଗତ ଆଉ ଜିବନ ଭି । ଇ ଟା ଆମକୁ ଏକା ଲେଖବାକେ ପଡବା, ଆମର ଲାଗି କିଏ ନାଇଁ ଲେଖିଦିଏ କେଭେ ବି । ଜେନତା ଆମର ଇସ୍କୁଲର ପଢାବହି ।

ହେନ୍ତା ସପନ ଦେଖିକରି ବାହରୁଥିଲା ପତ୍ରିକା ***କଥା ଆର କଥାନି***, କାହିଁ କେତେଦିନୁଁ ୧୯୯୪ ସାଲୁ ମାସକେ ମାସ୍ । ସମ୍‌ପାଦକ୍ ଥିଲେ ଆମର୍ ଭାସାର୍ ସମର୍‌ଥ ସାଧକ ଉପୃନ୍ନ କୁମାର୍ ଭୋଇ ଆର୍ ପ୍ରକାସିକା ଥିଲେ ଅଲକା ଦାସ । ନିୟମିତ୍ ଭାବେଁ ବଛର୍ ତିନେ ବାହାର୍‌ଲା ଉତାରୁଁ, ଧାର୍ ଟୁଟ୍‌କି ଜାଇଥିଲା । ଇଟା ଆର ଥରେ ନୁଆଁଟି, ଆର ଥରେ ଚେରେସ୍ଟା, ଆମର ଭାସା ପହେଚାନ କେ ଧରିକରି ରଖବାର ଲାଗି ନୁଆଁ ଆରମ୍ ।

ଆପନ୍ ମାନକର ସହଜୋଗ୍ ଏକା ଆମକୁ ସଫଲ କର୍‌ବା, ଆମର ଭାସା ବଁଚ୍‌ଲେ ଆମେ ବଁଚମା, ଉବାଗର୍ ହେବା ଆମର ପହେଚାନ ।

ସଂପାଦକ

ଟ୍ରାଫିକ୍

କେସରଂଜନ ପ୍ରଧାନ

ଏକ

ଗୁସେଇଁକେ ଅବୋଲକରାଟେ ଆର ଅବୋଲକରାକେ ଗୁସେଇଁଟେ ନାଇଁ ହେଲେଁ କଥାନି ନାଇଁ ବନେ। ଏତେ ଜରୁରି ଇ ଲେତା ଜେ ଇ ଦୁହି ଝନ ଝନେ ହେଲେଁ ବନେ।

ଦୁଇ

ଅବୋଲକରା ଦେଖବା କଇଁ ଫୁଲ ଭରତି ବଢେ ବନ୍ଧ। ଗୁସେଇଁ ବଲବେ ନାଆଁ ତାର ବଡ଼ ବନ୍ଧ। ଗାଧିପାଧି କରି ଗୁଡ଼ିନ ବେଲପତର ଆର ଚଁପାଫୁଲ ଦିରା ଚଢ଼େଇ କରି ଆଏର ବାଟୁଁ ଉତରି କରି ରୋଡ ଧରବ କି ଦିସବା ଦୁଇ ବଟିଆ। ଡେବରି ଆଡକେ ଜୁନ୍‌ହା ବସ୍ତିକେ ଜଜବଜ ହମ୍ପସ ଭରତି ରାସ୍ତା। ଆର ଛାଟେଁ ଛାଟ ଗଲେଁ ବଛରକେ ବଛର ରୋଟମୋଟ ହଉଥିବାର ହାଏ ୱେ।

ଇ ରୋଡ ଦିନୁ ଦିନକେ ଉଚା ଭି ହଉଛେ। ତ ତାର ସାଇଡନ ଥିବାର ଘରମାନେ, ଦିନେ ଜେନମାନେ ଏରିଆର ଉଚା ଘର ହଇ ଠାଡ଼ ଉଠି ଥିଲେ, ଏଭେଁ ବୁପରେ ଅଂଡର ଗ୍ରାଉଂଡନ ବନାହେଲା ପରା ଦିସୁଛନ। ଜେନ୍ତା କି ସେ ପାସର ଜଜ ସାହେବକର ଜୁନହା ପୁରନା ବଂଲା। ଜଜ ରହେବାର ଠାନ ନିଚା ଦିସଲେଁ ଭାଏଲ କିଏ ତାକେ ନେଇକରି କଥାଟେ ପକେଇ ନେବା ବଲିଁ ଏଭେଁ ସେ ନୁଆଁ ବନା ହେଲା କେନ ଘରକେ ଉଠି ଗଲେନ। ହେଲେଁ କବିତା ଲିଖୁଥିବାର ଆର କେଭେଁ କେନ୍ତା ଚେସ ଖେଲୁଥିବାର ଜଜ ସାହେବ ଜେନ ମାୟା ଗଛ ଜଗେଇ ଥିଲେ ଏଭେଁ ସିଜନକେ ସିଜନ ଛୁଆକୁଁ ଗଛ ଚଢ଼ା ସିଖଉଛେ।

ଜଜ ସାହେବକର ବଂଲାକେ ଲାଗି କରି ଇ ଆଡ଼ା ଚଉଡ଼ା ହାଏ ୱେରେ ସାଇନ ବୋଡଟେ। ଏଭେଁ ତ ବହିର ଅଖର ନାଇଁ, ଅବୋଲକରା ଏନ୍ତା ସାଇନ

ବୋଡ ଜହ ପଢୁଛେ, ମୁବାଇଲନୁ ନଜର ଉଠାଲେଁ। ଗୁସେଇଁ ବି ଅବୋଲକରାର ପଟିଆ ହଇକରି ବଲସନ; ଲିଖା ଜେନ ବି ହଇପାରେ; ପଥରେଁ ପତରେଁ, କାଗଜେଁ ମଗଜେଁ, ଇନେ ସେନେ ଜେନ ପାରି ସେନେ; ଏନ୍ତା କି ସୁଇନେ ସୁଇନେ।

ଗୁସେଇଁକେ ତ ନାଇଁ, ଅବୋଲକରାକେ ଦିସଲା; ତ ସାଇନ ବୋଡ ତଲେଁ ଥେବଲା ଛନେ। ଗୁସେଇଁର ତ କେତେ କବାର। ପତାଲି ବାଏଗନ ଉସୋକସା ଘିନା, କବିତା ବହିର ଆଲୋଚନା, ପଏସା ଦେଇକରି ଘିନା ହେଲା ନାଟକ ବହି ପଢ଼ା..। ଫେର ବି ଅବୋଲକରା ନାଇଁ ଚାଲଲେ ଗୁସେଇଁ ଜାଇ ନାଇଁ ପାରନ। ଦୁହିଝନ ଝନେ ତ।

କାଣା ପାଏଲା ଫେର ଅବୋଲକରା ?

ଜଜ ସାହେବକର ପାସର ଇ ସାଇନବୋଡଥିଁ ଲିଖା..

ହଁ। 'ଟ୍ରାଫିକ ନିୟମ ମାନି ଚାଲନ୍ତୁ'। ତୁଇଁ ମାନବୁ ନାଇଁ ମାନବୁ ଅଲଗା। ଫେର ବି ଦେସ ଚଲାବାକେ, ଗାଡ଼ି ମଟର ମୁନୁସ ମାକର ଚଲାବାକେ ଏନ୍ତା ଲିଖା ତ ରହେବା।

ଅବୋଲକରା ହଁସଲା। କାହିଁର କଥା କେନ ଗହିରକେ ନଉଛ ଗୁସେଇଁ। ଇ 'ଟ୍ରାଫିକ୍' ସବଦ କେନ୍ତା ଅଲଗଟିଆ ଦିସୁଛେ ଦେଖ।

'ସୁଭମସ୍ତୁ', 'ସୁଭମସ୍ତୁ' ରଟୁଥିବାର ଗୁସେଇଁକୁ ଏନ୍ତା ଛାର ଛିକରା ଭୋଲ ଭଟକା କିଏ ଦେଖାଲେଁ ଜେକ ଦିସସି। ଅବୋଲକରାର ନଜରେଁ ଦେଖଲେ ଜେ 'ଫ' ର ଟୁପି 'କ୍' ଥିଁ ଲାଗି ଜାଇଛେ। କ ବନେ ଲହର ଝପର। ମୁଡ଼େଁ ଇ କାର ମାତ୍ରାର ମକୁଟ। ଗୁଟେ ପାଦେ ହଲନ୍ତର ପାଦୁକା। ବିଚରା ଆର ଉଚ୍ଚାରିତ ନାଇଁ ହଇପାରେ।

ଗୁସେଇଁ ଜାନନ ଅବୋଲକରା ସାତ କିଲାସେଁ କର ମାସଟରକଁର କଂଜେର ଝାଁଟଥିଁ ବନାନ ସିଖିଛେ। ସବୁ ଦିନର ପହେଲା ପିରିଅଡ଼ଥିଁ ସାହିତ୍ୟ, ଆର କର ମାସଟ୍ରେ ସ୍ବତଲିଖନନୁ ମୁଲ କରବେ। ଜୁକ୍ତାଖ୍ୟର ମାନେ ଟୁଣେ ଡାକର ବମ ଫାଟଲା ବାଗିର ପିଲାକୁଁ ଲାଗବା। ଗୁଟେ ଭୁଲକେ ଝାଁଟେ ତ। 'ଇ', 'ଉ' ର ହର୍ସ ଦିର୍ଘ ବିଚାର ମିରଚା ବାନ ବଏଲେଁ 'ଲ' 'ଳ' ର ତାଲ ଫଟକା ହେନ୍ତେଇ ଅଛେ। ସେଥିଁ ଫେର ତିନ ତିନଟା ସ..

ଆଘୋ କର ଆଗ୍ୟାଁ ହାତେଁ ପିଟୁଥିଲେ। ଅବୋଲକରା ବେଟକେ ପିଲାକର ବନାନ ଭୁଲ ଜହ ହଇ ଆସିଥିଲାନ ତ ହାତ ଚିଆବା ବଲିଁ ପିଅନ ହାତେଁ କଁଜେର

ଗଛ ଡୁଣା କରଉଥିଲେ । ଇସ୍କୁଲ ମାନକେ ଦଣ୍ଡମୁକ୍ତ କରାବାର ବିଚାର କର ଆଗ୍ୟାଁକର ପିଡ଼ିତ କେନସି ଛାତ୍ରନୁ ଆଇଥିବାର କଥା ବଲିଁ ଗୁସେଇଁ ଭାବସନ ।

କହି ଦେଖଲେ ଗୁସେଇଁ, "ବନାନ ଅସୁଦ୍ଧିକେ ନେଇକରି କଥାନି ହଇପାରେ । ହେଲେଁ ବନାନ ବଦଲିଲେଁ ଅନର୍ଥ କି କଦର୍ଥ ହଉଥିତା ବେଲେଁ ଭାଏଲ କଥାନି ଜମକିବା । ଇ ମାତ୍ରା ବଦଲଥିଁ କିଛି କାହାର ଲାଭ ଲବଧି ନାଇଁ । ବିଚରା ସେନ୍ତା ତାର ତାର ଅଛେ । ନିୟମ ମାନବାର ସହେତେଁ ଇ ଅସୁଦ୍ଧିକେ ମେସାଗୁଲା ନାଇଁ କରୁଁ । ହେନ୍ତା ବଡ଼ଭାରି କଥା ତ ନହେ । ନିର୍ଦୋସ ଭୋଲ ବଲିଁ ତ କାହାରିର ନଜରେଁ ଇ ଦୋସ ନାଇଁ ଦିସବାର । ଜିମା ଜଉଁ ।"

ହେଲେଁ ଅବୋଲକରା ସୁନିଛେ ଏନ୍ତା ସୁରୁ ସୁରୁ କଥାମାନକର ବିନତି; ହାତ ଠାରିକରି ସେମାନେ ବି ନିଉତା ଦେସନ । ହଜି ଜିବାର ଆଘୋନୁ ତାହାକୁଁ କିଏ କେନସି ରୋପେଁ ସାଜି ମାଜି ନାଇଁ ଦେତା ! କହେଲା ଅବୋଲକରା ଫୁଟେଇ କରି ଗୁସେଇଁକେ,

"ଏନ୍ତା କେତେ କଥା; ବନେ ହଉ କି ଅସାର ହଉ, ଜରୁରି ହଉ କି ଫର୍ଜରି ହଉ, ହଜି ନସି ଜଉଛେ । କିଏ ଦେଖୁଛେ । ଝାରେଁ ଖାଲି ମଲି ନାଇଁ ଝରେ; ଦିନ ଦାହାଡ଼େଁ ସମକିରିର ଆଗାଡ଼େଁ ଏନ୍ତା ଚିତ୍ର ବିଚିତ୍ର ଚରିତ୍ର ଝରି ସୁଖି ମରି ଜଉଛେ ।"

ଗୁସେଇଁ ଦେଖଲେ ଅବୋଲକରା ଅପନାକେ 'କ୍' ବର୍ନ ପରା ଉଚ୍ଚାରିତ ନାଇଁ ହଇ ପାରୁଥିବାର ଚରିତ୍ରଟେ ବଲିଁ ଭାବି ନେଲାନ । ଆର ହାଟବଜାର, ସାହିତ୍ୟ ସଂସ୍କୃତି ନାଇଁ ହଇ ପାରେ । ଟ୍ରାଫିକ୍ ନାଇଁ ଟ୍ରାଫକି୍ ନିୟମର ରହସ୍ୟ ଖୁଜବାକେ ହେବା ।

ତିନ

ସାଇନବୋଡ଼୍ ତଲେଁ ବନେ ଜୁଗୁଡ଼ା । ଖତଗଦାଟେ ବଏଲେଁ ଚଲବା । ବରସା ମାସେଁ ଡୁଡୁକା ଲହ ଗୁରେଇ ହେସି ଆର ନିୟମ ମାନବାକେ ଇ ସରକାରି ଅନୁରୋଧ ଲୁକର ନଜର ଉହାଡ଼େ ରହି ଜାଏସି । ବୁପରା କି୍ ଇ ସମିଆଥିଁ ହାଏ କରୁଥିବା ବଏଲା ଅବୋଲକରା । କିହେ ଦେଖି ନାଇଁ ପାରନ ତ । ଗୁସେଇଁ ଭାବଲେ ଇ ସରକାରି ନିର୍ଦେସ ଦେଖୁଛେ କିଏ ? ଦେଖଲେ ହେଲେଁ ପଢୁଛେ କିଏ ? ପଢ଼ଲେଁ ହେଲେ ମାନୁଛେ କିଏ ?

ଚକାଚକ ଆଲୁମିନିଅମ ଫ୍ରେମ । ସରକାରି କାମ । କେନ କାରିଗର

ହରବରେଁ ରଂଗ ଆର ବ୍ରସ ଚଲେଇଥିବା। ଚଲଉନ ଚଲଉନ ମନ ଇଆଡ଼ ସିଆଡ଼ ହଇଥିବା। ଭୁଲେଁ ଭୁଲେଁ ଇ ଅଖରର ମାତ୍ରା ସେନେ ଆର ସେ ଅଖରର ମାତ୍ରା ଇନେ ଲାଗି ଜାଇଥିବା। ପେଂଟରକେ ଜାନଲେଁ କିଛି ଜାନିହେତା! ସବୁ ଥରର ବାଗିର ଗୁସେଇଁ ଅବୋଲକରାକେ କା କାଣା ବରଗିଲେ ଆର କଥାର ଭେଦ ଜାନବାକେ ତାକର ଗିଆନ ଧିଆନ ଲଗାଲେ।

ଆଘୋ ଅବୋଲକରାକେ ସରଲଗ କେନସି କଥାଟେ କହିନେଲେଁ କଥାନି ବଲିଁ ମାନି ନଉଥିଲା। ଏଭେଁ ତାର ମନକେ ଆଏବା ବାଗିର କଥାନି ଗୁସେଇଁ ସହଜେଁ କହି ନାଇଁ ପାରବାର।

ନୁଆଁ କଥା ବେଲେଁ ନୁଆଁ ଲୋକ, ନୁଆଁ ଠାନ, ନୁଆଁ ବେଲା ଘଡ଼ି। ନୁଆଁ କଥା ବେଲେଁ ନିଜର କଥା। ନୁଆଁ ଲୋକ ବେଲେଁ ନିଜେ ସେ ଲୋକ। ଇଟା ସେ ଠାନ, ଇଟା ସେ ବେଲା କଥାନିର ଘଡ଼ି।

ସହରର ଛକେଁ ଛକେଁ ମାଝି ପେଂଟରର ଦୁକାନ। ଫଟଫଟିର ନମ୍ବର ପ୍ଲେଟନୁ ମନ୍ତ୍ରିମାନକର ଉଦଘାଟନ ଫଲକ ସବୁର ଲିଖା ତାର ନ। ମାଝିବୁଢ଼ା ଭଲ ଏକ୍ଟିଂ କରିପାରିଥିତା, ଗାନା ଗାଇପାରିଥିତା, ମନ କରିଥିଲେଁ କେନସି ସରକାରି ନଉକରି କରି ପାରିଥିତା।

ସୁଲହଅନା ବିନ୍ଦାସ କଲାକାରଟେ। ସୁଲହ ଅନାନୁ ଅନେକର କଲାକେ ନେଇ କରି ବେପାର କଲା ସେସେଁ ମାଝି ବୁଢ଼ା। ପେନଟିଂ କଲା। ଗୁସେଇଁ ଜାନଲେ ତାର ଦୁକାନେଁ ଇ ସାଇନବୋଡ ବନିଛେ। ତାରନୁ ଜାନଲେ ଏନ୍ତା ସାଇନବୋଡ଼ ଆର ହାତେଁ ପେନ୍‌ଟିଂଗ ନାଇଁ ହେବାର। କଂପ୍ୟୁଟରନୁ ଅକ୍ଷର ବାହାର କରି ଲଟକା ହଇଛେ। ହେଥିର ଲାଗିଁ ଅଖରରାକ ସମାନ ଆର ସୁନ୍ଦର।

ଲିଖା ନହେ, ଅଖର ସବୁ ଫ୍ରେମଥିଁ ଲଟକା ହଇଥିବା ବଲିଁ ଜାନଲା ତ ଅବୋଲକରାର ମନ ବୁତରି ଗଲା। ଜେନ ମୁନସର ଭୁଲ ଭଟକା ନାଇଁ, ସେନ କାଏଁ କଥାନି! ମିସିନ ତ ସରଲଗେ ରାଇଟ କି ସରଲଗେ ଅରାଇଟ କରବା। ଇ 'ଅରାଇଟ' ବି ମାଝି ବୁଢ଼ାର ଟୁଣ୍ଡୁ ପିଛଲିଲା ସବଦ। ଏନ୍ତା ଛିଟିପିଟି ଭୋଲ କରବାରେଁ ତାକେ କିହେ ନାଇଁ ପାରନ।

ଇଥିଁ ଛିଟିଆ ପ୍ରେମକଥାଟେ ଜୁରି ହଇଛେ ବଲିଁ ଗୁସେଇଁ କହେଲେ। ଅବୋଲକରା ଆହୁରି ନିରାସ ହେଲା। ଫେର ଗୁଟେ ଘିସାପିଟା କଥାନି! ଇ ସବୁଦିନିଆ ପ୍ରେମ କଥା କହେବାକେ ସୁନବାକେ କାହାର ମନ ଲାଗବା ଜେ!

ଚାଏର

ସବୁଦିନିଆ କଥା ହିଁ ଜୁନହା ନାଇଁ ହଏ ଅବୋଲକରା। ହର ଦିନ ଉଦଲା ବେଲ ସବୁ ସକାଲେଁ ନୁଆଁ ପରା ପ୍ରେମକଥା ବି ନୁଆଁ। ଜେନ୍ତା କି କିସୋର ଆର ତାର ଲାଗେ ଲେସର ନନାର ଝି କିସରିର କଥା। ବୁଢ଼ା ଡଂଗରନ ଦୁଇଟା ଗାଁ । ଡଂଗରର ଉପର ଫାଲେଁ ଖଁଡ଼ିଝରନ ଖଁଡ଼ି ଖଁଡ଼ି ଭାଲୁଖମନ। କିସୋରର ଜନମ ଗାଁ। ଆର ସେନୁ ତଲକେ ଉତରିଲେଁ କୁଲିହାଦାଦର। କିସରି ଘରର ଗାଁ। ହାଦେ ଦିସୁଛେ ବଲବ ସିନେ ଚାଲତି ବାଟ ହି ନାଇଁ ନା ପରା। କେନ ପୁର୍ବାପାତି କାଲୁଁ ପଥର କାଟି କାଟି ଝରନ ଜେନତା ଆଇଛେ, ତାକେ ଅନସରି ଅନସରି ତରେଁ ତରେଁ ଆଏବ। କେନ ଗଛର ଚେର ଧରିକରି ଉତୁରିବ ତ କେନ ଡାହି ପଖରା ବଲେଁ ଉପରକେ ଚଢ଼ବ। ବନେ କବାର ପରଲେଁ ଜେକ ଜାନାଆନା। ବରକସ ଭେଡ଼ିଆଁ ହେଲେ ଭାଏଲ ସେ ବାଟେଁ ଆଇଜାଇ ସକବା। ପିଲା ଛୁଆ, ମାଏଝି ଟୁକେଲ କି ଅପାରୁ ବୁଢ଼ାକୁଁ ନିଆଥନା ମହା କାଏଡ଼।

ବିଦ୍ୟାକେ ଜେନ ସାଧନା କହେସନ, କିସୋରର ଇସ୍କୁଲକେ ଆଏବର ଜିବାରକେ ବୁଝଲେ ବି ଚଲବା। ଗାଁର ଲୁକର ହିସାବେ ଇ ପିଲା ବୁଆ ମା ଅକାଲେଁ ମଲା ଉତାରୁଁ ଟିକେ ବାଏଚିସଟିଆ ହଇଗଲା। କବାର କମଥୁଁ ମନ ନାଇଁ ଦେଲା। କମିହା ପିଲା। ଗୁଡୁ ଛୋର, ଡାହି ମାକରି, ଝୁରିମରା, ଚେରେଟିପା ସବୁଥିଁ ଏକ ନମର। ସବୁ ଛାଡ଼ିକରି ଇସ୍କୁଲକେ ଲଏ କଲା। ହେନ୍ତା ପିଲା ବଲିଁ ଅଗମ ବାଟେଁ ଜାନା ଆନା କରି ପାରେ।

କିସୋର ଭାଲୁଖମନ ଗାଁନୁ ଏକଲା ପାଠ ପଢ଼ବାକେ ଆସେ କୁଲିହାଦାଦର ବାଟୁଁ ସହର ଗାଁ କେ। କୁଲିହା ଦାଦରନୁ ବନେ ଝନାଚାରେ ପିଲା ପଢ଼ନ, ହେଲେ ଟୁକେଲ ବଏଲେଁ ଖାଲି କିସରି। ସେନୁ ବି ଇସକୁଲ ଜିବ ବେଲେଁ ଝରନ ପାର ହେବ ନା। ବରସା ଦିନେ ଚାଲ ପିଟା ପୋଲ ଉପରେଁ ଜିବ।

କିସୋର ଆର କିସରି ଏକା ଦିନର ଜନମ ବଲିଁ ଖିଆଲେଁ ଖିଆଲେଁ ଦୁହିକର ମା ବୁଆମାନେ ସମଦି ସମଦେନ ବଲାବଲି ହଉଥିଲେ। କିସୋରର ମା ବୁଆ ତ ଗୁଜରି ଗଲେ। ଫେର ବି ଦୁହି ଛୁଆ ଇ କଥା ଜାନନ ବଲିଁ ଦିନୁ ଦିନକେ ଲାଜେଁ ହଇ ଆଏଲେନ। କେନ୍ତା କରି କଥାଟା ପିଲାମାନେ ବି ଥୁରେ ବହୁତେ ଜାନନ ବଲିଁ ଖିଜା ବିରଝା କିଛି କମ ନହେ। କିସୋର କିସରି ନାଆଁ ହିସାବେଁ କି କି ବଲିଦେଲେଁ ହେଲା।

ବଛରେ ଖରା ଛୁଟିନ ସାଂଗମାନେ ଝୁଟି କଟେଇହେଲେ। କେନ ପିଲା ହାତେଁ ତାର ନାଆଁ କଟେଇ ହଉଛେ ତ କେନ ଟୁକେଲ କିସମ କିସମର ଝୁଟି। ଗୁଦନି ବୁଢ଼ି ନ ସବ ଛୁଆ ରୁଣପୁଣ। କିସମ କିସମର ଝୁଁଟି ବହିର ଅଖର ଲେଖେଁ ଆର ଅଖର ଏନ୍ତା ବତରେଁ ଲିଖିନେବା ଜେ ଝୁଁଟି ବଲବ।

କିସରି ବଡ଼ା ସଉକେଁ ନାଁ ଲିଖାମି ବଏଲା କାଏନ ଜେନ୍ତା କ ଲିଖିଛେ ବୁଢ଼ି କି କିରଲେଇ ବସଲା। ତାର ମା ଘରୁଁ ବାହାରି ଆଏଲେ ଆର ବଏଲେ ଥଉ ଆର ନାଇଁ ଲିଖ ନ। କାନ୍ଦି କାନ୍ଦି କିସରି ବଏଲା ଟୁପି ଦେଇଦେ। ଅଖରେ ହେଲେ ଥଉ। ବୁଢ଼ି ବଏଲା ସେ ଉପର ଗାଁ ନ ବି ପିଲାଟେ ଇ ଅଖରେ ନ ଲିଖେଇଛେ ହାତେଁ।

କିଏ କେଭେଁ ପଟରେଇଥିବେ କି ନାଇଁ କିଏ ଜାନେ, ନିଜେ ନିଜକେ ପଟରେଇଥିବେ ଇ ଦୁହେ କେଭେଁ କେଭେଁ – ଇତାର ହାତର କି ତାର ନାଁ ଅନସାରେଁ କି ନିଜର ନାଁ ଅନସାରେଁ!

ପାଁଚ

କିସୋର ଆର କିସରିର ପ୍ରେମକଥାଥିଁ ବିସେସ କିଛି ଟୁଇସ୍ଟ ନାଇଁ ଆଏବାର କଥା। କିସରିର ବୁଆ ମାର କାଣା, ସମକିରିର ପସନ୍ଦ କିସୋର। ପାଠ ଜେନ୍ତା, ଖେଲକୁଦ ହେନ୍ତା। ଇସ୍କୁଲେଁ ପାର୍ଥନା ବି ମୁଲ କରବା, ବଗିଚା କାମ ବି ଜତନେ କରବା। କାଗଜ ଦିଅ, ଚିତରେଇ ଦେବା। କାଥିଁ ଦେଖେଇ ଦିଅ ସୁଲହ କୁଠି କାଟିଦେବା। ଘିଚିଟାନି କରି ବିହା ବରପନ ନିକେ ନେଇ ପାରଲ ବେଲେଁ ଗିତ ଜୁରିନେବା, ଢୁଲିଆ ଥକିଗଲେଁ ପାରେ ଦୁଇ ପାର ବଜେଇ ବି ଦେବା।

ହେଲେଁ ଭୋଟ ଆଏଲା। ଦୁଇ ଖଁଡ଼ ଗାଁକେ ନେଇ କରି ପଂଚେତ। ସରପଁଚ ଭୋଟ ଲାଗି କିସରିର ବା ଠାଡ଼ ହେଲା। ତାର ଚିନ୍‌ହା ଖୁଲା ବହି ଆର ତାର ବିରୋଧି ବାଲେକର ଚିନ୍‌ହା ଖୁଲା ଛତା। ଭାଲୁଖମନ ବାଲେ ଇ ଭୋଟଭୁଟାଥିଁ ପଡ଼ନ ନାଇଁ। ଦୁହି ପ୍ରାର୍ଥୀ କୁଲିହାଦାଦର ଗାଁର। ଗୁଟେ ଜମାର। ହେଲେଁ ଭୋଟର ବି ଗୁଟେ ଜମକ ଅଛେ। ହପତେ ଅଧେ ଜାଇଛେ କି ନି ଗାଁ ଦୁଇ ପାଟି ହଇଗଲା। ଲୋକ ଲୋକ ବି ଅପସରି ଅପସରି ରହେଲେ। ପାଟି ଅନସାରେଁ ନଦିଁ ଘାଟ ବି ଜୁଡ଼େ ହଇଗଲା। ବହି ଘାଟ ଆର ଛତା ଘାଟ। କାଁଥିକୋଡ଼ମାନକେ ଜିନ୍ଦାବାଦ ଲିଖବାରଟା ଇସ୍କୁଲ ଛୁଆମାନେ ଭୋଟଥିଁ ତାକର ଛୁଟିଆ ଛିଟିଆ କାମ ବଲିଁ ଭାବଲେ। ମାସଟ୍ରେ ଦେଖଲେ ଦିନାଦୁ ହେଲା ଇସକୁଲର ଚକ ଜହ ସରୁଛେ।

ଭୋଟ ବେଲକେ ଛତା ବାଲେ କିସୋରକେ ଧଏଲେ। ତାକେ ଗିତଟେ ବାନ୍ଧି କହେଲେ। ଖରାକେ ଛତା ବରସାକେ ଛତା ଛତା ହେବା ଜଗତଜିତା। ଖୁଲା ଛତା ଜିନ୍ଦାବାଦ, ଜିନ୍ଦାବାଦ ଜିନ୍ଦାବାଦ। ଗାଁ ଥିଁ ଇ ସ୍ଲୋଗାନ ବନେ ଜୋର ଧରଲା। କିସରିର ବା କେ ଲୋକ କହେଲେ। ଏନ୍ତା ପଦ ଭାଲୁଖମନର ପିଲା ଲିଖଲା। ଲୋକ ବଏଲେନ ଇସ୍କୁଲ ପିଲାକର ଛତାକେ ସପୋଟ ଅଛେ।

କିସୋରର ବା ତ ବମାଟେ। ବଏଲା, "ଛୁଆମାନେ କାଣା ଭୋଟ ଦେବେ ? ଫେର ବି କହୁଛ ବେଲେଁ ରହ। ହେ ବାବୁ ଆମର ଲାଗିଁ ତହୁଁ ବଲି କରି ଲିଖବା ଆର ସଭାନ ଗାଏବା ବି।"

କିସୋର ତେତକର ଗିତ ବନାଲା। ବହି ଗିଆନ ବହି ଧିଆନ ଖୁଲା ବହିଥିଁ ରହେବା ମାନ। ଖୁଲା ବହି ଜିନ୍ଦା ବାଦ, ଜିନ୍ଦାବାଦ ଜିନ୍ଦାବାଦ।

କିସୋରିର ବା ସଭା କରାଲା। ତ କିସୋର ଆଏଲା ଆର ଗାଏଲା। ବହି ଗିଆନ ବହିଧିଆନ, ଲୋକ ପାଲିଆ ଧଏଲେ। କିସୋର ଗାଏଲା, ଖୁଲା ବହିଥିଁ ରହେବା ମାନ। ଲୋକ ପାଲିଆ ଧଏଲେ। ପାଲିଆ ଧରା ଲୋକମାନକୁଁ ଦେଖଲା କିସୋର। ନଜର ଜାଇ ଜାଇ ଧୁରର ପିଢ଼ାଁ ଉପରେଁ ଟୁକେଲ ଭିଲିଁ ପଡ଼ଲା ତ ଭୁଲେସରିଆ କିସୋର ଲାଜେଁ ହେଲା। ବଲିଦେଲା ଖୁଲାଛତା ଜିନ୍ଦା..ପାଲିଆ ପିଲାଟେ ତରକିଲା ଖୁଲା ବହି ବଲ। କିସରିର ବା କିସୋରକେ ଏଁଟରାଲା। ତତାପନା କିସୋର ସୁଧରାଲା ଆର ଖୁଲା ବହିକେ ଜିନ୍ଦା କରାଲା।

ହେଲେଁ ଲୋକ ଥିସନ ନ। ବହି ଗିତଥିଁ ହେ ପିଲା କେନ୍ତା ଛତାକେ ଜିନ୍ଦାବାଦ ବଏଲା। ପଲିଟିକ୍ସ ଥିବା ବୋ ! କିଛି ଭୋଟ ତ ଫରକ ପକାବା ନା ହେଁ କଥା।

ସଂଜୋଗକେ କିସୋରିର ବା ତିନଟା ଭୋଟଥିଁ ହାରିଗଲା। ତ କଥା ପରଲା। ଆର ଝିକେ ନାଇଁ ଦିଏଁ ହେ ପିଲାକେ ବଲିଁ ସଫା ସୁନେଇ ଦେଲା। ଲାଗେ ଲେସର କହି ଦେଖଲେ। କିସରିର ସାଂଗମାନେ କହେଲେ କିସରିର ମାକେ ଆର ମା କହେଲେ କିସରିର ବୁଆକେ। ହେଲେଁ ଟେନହା ଲୋକ ବେଲେଁ ଜାନବ କିସରିର ବା'କେ। ନାଇଁ ତ ନାଇଁ।

ଜେତେ କ୍ଲାସତକ ସହର ଗାଁର ଇସ୍କୁଲେଁ ପଢ଼ବାର କଥା କିସରି ପଢ଼ଲା ଆର ତେତକର ବିହା ହେଲା ଭାଲୁଖମନ ନ। କିସୋର ଗାଁନ ଭାଇ ଜମାଥିଁ। ବୁଆ ମା ମାନକର ସମଦି ମାଏନ ରହେଲା।

କିସୋର ଆହୁରି ପଢ଼ଲା ଧୁରିଆ ସହରନ, ଆହୁରି ଆହୁରି ପଢ଼ଲା ଆର ଆର ଧୁରିଆ ସହରନ। ସେ ବାହିର ଝନେ ବଲିଁ ପିଲା ତ, ତାର ନାଆଁ ପଡ଼ଲା। ହେଲେଁ କିସୋର ଗାଁ କେ କେନ୍ତା ନାଇଁ ଆଏଲା ଆରୁ। ସହରେଁ ରହେଲା, ସହରେଁ ପଢଲା, ସହରେଁ ଚାକିରି ପାଏଲା। ପୋସ୍ଟାଲ ଡିପାର୍ଟମେଂଟନ।

ଛଅ

କେତେ ବଛର ଉତାରୁଁ କିସୋର ଆଏଲା ଭାଲୁଖମନକେ। ଗାଁକେ ବାଟଘାଟ ହେନ୍ତା। ଝନେ ବି ପିଲା ଇସ୍କୁଲକେ ଜିବାର ତପ ନାଇଁ ଖଟବାର ଆରୁ। ଗାଁନ ପୁହୁଁଚିଲା କି ଗାଁ ହାରିକେ ମୁଡ଼ିଆ ମାଏଲା ଉତାରୁଁ ସୁନଲା କିସରି ଛୁଆ ଜନମ କଲା ବେଲକେ ହିଁ ମରି ଜାଇଛେ। ଡାକ୍ତରଖାନା ନେବାର ଲାଗିଁ ରାସ୍ତାନାଇଁ।

ଘରର ଲୁକେ ଡଲା ଭାର କରି ନେବାର ବେବସ୍ତା କରି ଦେଖିଛନ।

କିସୋର ଗାଁ ହାରିନ ବସି ପଡ଼ଲା। ତାର ହାତର କି କେ ଦେଖଲା। ଚିତରାଲା ହଇଛେ ଏନ୍ତା ଜେ ମନକେ ନଉଛେ ପାସୁଁ ଧୁର ଠାନକେ, ଇହାଦେନୁ କେନ ପଛର ସମିଆକେ।

କିସୋର ଆଇଛେ ଆର ଗାଁ ମୁରସେଁ ବସି ନେଇଛେ ବଲିଁ ଜାନଲେ କି ସବ ସିଆନ ସୁଜନ ସାଂଗ ସରସା ରୁଁଡ଼ପୁଁଡ଼ ହଇଗଲେ। ଝାଁକର ବୁଢ଼ା ଆଏଲା। ଫୁକାଝରା ବି କରି ଦେଖଲା।

ପଚରାଲା କିଏ ଅଉ କହ।

କିସୋର ତୁନତାନ ହଇକରି ରହେଲା କି ସୁରତା କରାଲା। ଆରେ ତୁଇଁ ପରେ କିସୋର ଅଉ।

କିସୋର ହୁଁ କଲା।

ତୁଇଁ ଆମର ଗାଁର ନାଆଁ ଅଉ। କେତେ ପାଠ ପଢ଼ଲୁ, କେତେ ବଡ଼ ନଉକରି ପାଇଛୁ। ଚୁପଚାପ କାଁଜେ ଅଛୁ! କହ ତ କାଏଁ ଚାକିରି ?

କିସୋର ବଏଲା, ଚାକିରି ତ ଠାନୁ ଠାନକେ ଜୁରବାର, ଲୁକୁଁ ଲୁକକେ ଜୁରବାର କାମ। ଧୁରକେ ପାସକେ ଆନବାର କାମ। ଜୋଗାଜୋଗ।

କେନତା ଜେ କିସୋରର କଥା ଆର ବୁଝି ନାଇଁ ହେଲା। ବେବଲାଲା ବାଗିର ଲାଗଲା ସମକୁଁ। ଝାଁକର ବୁଢ଼ା ଜାନିଗଲା, କେନିର ପିଲାତି ମସାନ ଧରିନେଲା।

କାଣା ବଲୁଛୁ କହ ବଏଲା ଝାଁକର। ଆମର ଇ ବାବୁକେ ଛାଡ଼ି ଦେ।

ଆର ଜା। କେଡ଼େ ପୁରଥି ପଡ଼ିଛେ ତୋର ଲାଗିଁ। କାଏଁ ପୁଜା ଧଜା ମାଗୁଛୁ କହ। ଦେମୁ। କୁକରା ବୁକା ଚଉଲ ହଳଦି।

କିସୋର ବେବଲାଲା। ଜାହା ମାଗୁଛେ ଆନ। ଝାଁକର ବୁଝଲା ଖାଲି। କହେତେଲ ଗଲା। ଗାଁର ଲୁକେ ସାମାନ ଆନତେଲ ଗଲେ। କୁଏଡ, ଗଏଁତି, ସାବଲ। ଝାଁକର ବଏଲା ନାଇଁ ହଦର, ଆନ। ଘନ ଛିନି ଆର ଡଲା ଭାର। ସବ ଆନଲେ।

ସବୁ ସାମାନ ଡଲା ଭାରେଁ ଜୁଗରାଲା। ଚାଲଲା। ତାକେ ବାଟ ଜନା। ବାଟ ବନାବାର ଜନା। ଝରନ ଖଁଡ଼ିକେ ପୁହୁଁଚିଲା। ଟାଂଗର ଉପରେଁ ସାବଲର ଚୋଟ ପକାଲା। ପଖନୁ ଗୁଁଡ଼ ଟିକେ ବାହାରଲା। ପାହାଡ଼ ହଁସଲା ପରା। ଲୋକ ଜାନଲେ କିସୋର ବଝା ହଇଗଲା ନ। ଫିରଲା ବେଲକେ କୁହାକୁହି ହେଲେ, ବୁଆ ମା ଭଲେ ଗୁଜରି ଜାଇଛନ, ନେହେଲେଁ ଗୁଟେ ବଲି ପିଲାର ଇ ରାଏରକମ ଦେଖିକରି ଠାନେକେ ହିଆ ହାରିନେଇଥିତେ।

ଦିନ, ମାସ, ବଛର ବଛର ଗଲା। କିସୋରର ଚାକରି ଗଲା । ତାର ବାଲ ବଢ଼ଲା, ଅଜତନେ ଜଟ ହେଲା। ଦାଢ଼ି ବଢ଼ଲା। କେନ ଦେବତାର ସାପ୍ୟ ପାଏଲା ପରା କିସୋର ଗାଁ ବାହାରନ ରହେଲା। ଚୁପ ଚାପ। ସବ କଥା ତାର ଜେନ୍ତା ଝରନକେ, ଚେରେ ଚିରଗୁନକେ ଦେଇ ଦେଇଛେ। ଡଂଗରେଁ ଡଗର ବନାବାକେ ଦିନ ରାଏତ ଲାଗଲା। ଲୋକ ଗାଁନୁ ପାଲି ଉଲି କରି ଖାଏବାକେ ଆନିଦେଲେ।

କିଛି ବାଟ ବନି ବନି ଆଏଲା ବେଲକେ ତାର ଫଟୁ ଖବର କାଗଜ ମାନକେ ଆଏଲା। ତାର କବାରର ଚରଚା ହେଲା। କିସୋରକେ ଡଖରା ଆଏଲା ସହରନୁ। ନାଇଁ ଜାଏଁ ବଏଲା। ସରକାରି ଅଫିସରମାନେ ତାର ନିକେ ଆଏଲେ। ସରକାର ରାସ୍ତା ବନାବା ବଲିଁ ଲୁକକୁଁ ବୁଝାଲେ। କିସୋର ନାଇଁ ମାନଲା। ତାର ଦିହି ପା କଥା, ତାର ସୁରକ୍ଷାର କଥା କହି କରି ପୁଲିସ ତାକେ ଉଠେଇ ନେଲା। କିସୋରକେ ବଡ଼ ଭାରି ପୁରସ୍କାର ମିଲବା ବଲିଁ ରାବା ହେଲା।

କିସୋରକେ ସଭା ସମିତିମାନକେ ସମ୍ମାନିତ କରା ହେଲା। ଇସ୍କୁଲ କଲେଜ ମାନକେ ତାର ଆଦର୍ସର କଥାନି କୁହା ହେଲା। ଗୁଟେ ଜୁଡ଼େ ସିନେମା ତାର ଉପରେଁ ହେବାର ବି ଉଜୁଗ ହେଲା। ତାର ଲାଗିଁ ସହରେଁ ଘରଟେ ବି କେନ ସରକାରି ସ୍କିମଥିଁ ବନେଇ ଦେଲା ସରକାର। ସେନ କିସୋର, ଆର କିସୋରବଲ କିଏଁ

ଜାନୁଛେ, ମାଝି ବୁଢ଼ା ସାଇନ ବୋଡ ଲିଖୁଛେ।

ଅବୋଲକରା ପଚରାଲା, ଭାଲୁଖମନର ସେ ରାସ୍ତା ?

ଆରେ ବଛର ଝରନନ ବନ୍ଧେଇ କଲା ସରକାର। ଝରନ ହଜିଗଲା। ଭାଲୁଖମନ ଗାଁ ବୁଡ଼ିଗଲା। କିସୋର ବନାଲା ରାସ୍ତା, ମାଝି ବୁଢ଼ା ବନାଲା ରାସ୍ତାର ପତା ନାଇଁ ରହେଲା। ଲୋକ ଛିଛିବିଛି ହଇଗଲେ।

ସାତ

ଅବୋଲକରା ପଚରାଲା, ତ କିସୋରର ଏତେ ତ୍ୟାଗ ଅକାରନ ?

କଥାନିର ସେସକଥାଥିଁ ଅବୋଲକରାର ମନ ବଲିଁ ଗୁସେଇଁ ମାଝିବୁଢ଼ାନିକେ ପୁହୁଁଚିଲେ।

ମାଝିବୁଢ଼ା ! ହଜିଗଲା ଜେନ ରାସ୍ତା କାଣା ଅକାରନେ ଗଲା ?

ମାଝିବୁଢ଼ାର କଥା କମ, ତ ବି ଫଟିକ। ହଜିଗଲା ସେ ଝରନର ଧାର ବାଗିର। ଦାଢ଼ିକେ ହାତେଁ ଘାଏ ସୁଆଁଲି ଆନଲା ଆର କହେଲା, ହେନ୍ତା ତ ସବୁ ଜାଏସି, ସବୁ ଜିବା। ଇ ପୁରଥିନ ମୁନୁସ ଏନ୍ତା କେତେ ଭାଂଗୁଛେ, ଫେର ଗଢୁଛେ। ବନାଲା ମହଲ ଧସକୁଛେ। ତାକେ ଫେର ନୁଆଁ ବନଉଛେ। ରାସ୍ତା ବି ବନାବାରଟା ସତ, ବନଉଥିବାର ତକ ସତ।

ଅବୋଲକରା ଟ୍ରାଫ୍‌କିର ଫଟୁ ଦେଖାଲା ମୁବାଇଲଥିଁ। ମାଝି ବୁଢ଼ା ବଏଲା, ହଇଥିବା। ଏନ୍ତା ସହେ ଖଁଡେ ସାଇନ ବୋଡ ଅଡର ଥିଲା। ମିସିନ ନୁଁ ଅକ୍ଷର ମାନେ ବାହାରିବା, ମାତ୍ରା ବି । ଗଦାହେଇଥିବେ ଅଖର୍ ଆର୍ ମାତରା ମାନେ, ଜେନ୍ତା କି ଟ ମାନେ ଫ ମାନେ କ ମାନେ ହଲନ୍ ମାନେ ଟୁପି ମାନେ । ଝଟପଟ୍ ବୋର୍ଡ ଥି ଲଟକାଲେ ଜାଏକ୍ । ମିସିନ ବାଗିର କାମ୍ କରୁଥିବାର ପତେ ଜେନ ଜେନଟା ଲାଗବାର କଥା ଠିକ୍ ଠିକ୍ ଲାଗସି । ହେଲେ ଅଥାବିଥା ହେଲେ, ଝୁପି ବସଲେ ମୁନୁସ ଫେର୍ ମୁନୁସ୍ । ଛିଟିପିଟି ଏନ୍ତା ଭୋଲ୍ ମୁନୁସ ହାତେ ହେସି ।

ମାଝିବୁଢା କନ୍ଦକନ୍ଦନିଆଁ ହଁସି ଟେ ହଁସଲା । ଦେଖାଲା ହାତେ ଚିତରା ହେଲା କି କେ । ଇ ମୋର କମ୍ପୁଟର ଥି ଜେନ୍ତା ଅଟୋକରେକ୍ଟ ମୋର ନ କେଭେ କେନ୍ତା ଆପେ ଆପ୍ ଭୋଲ୍ ହେଇ ଜାଏସି । କ ଥି ଟୁପି ଲାଗି ହିଁ ଜାଏସି ।

ଅବୋଲକରା ଗୁସେଇଁର ଆଁଖିର ଲହନୁ ଜାନଲା ଗୁସେଇଁ ଆର ମାଝିବୁଢ଼ା ଝନେ ନାଇଁ ହେଲେଁ କଥାନି ନାଇଁ ବନେ। -:-----o--------

ପଦମପୁର,ଫୋ-୯୪୩୭୩୯୩୭୩୬

ତମାପଟା

ସନ୍ତୋସ କୁମାର ରଥ

୧

ଜାଗର ଲିଭିଗଲେ ଅଁଧାର । ଇ ଗୁଡି, ଇ ଗଁଭିରି ଭିତରେ କେତେ ରକମର୍ କହଁର । ଦହନା ପତରର୍, ମହମହ ଗମକ୍, ବେଲ ପତରର ସୁରୁତ୍ ମହକ୍ । ଅଲପ୍ ଉକିଆନେ ବି ଦିସୁଥିସି ଲାଲ ଟହଟହ ମଁଦାର ଫୁଲ ଆର୍ ଲାଲ୍ ଜରଜର୍ ସିଁଦୁର ମଖା ମୁହୁଁ । ଏକଲା ଡରଡରନିଆଁ ଲାଗସି, ଇ ଗୁଡି ଭିତରେ । ଜାଗର, ଘାଏ ଘାଏ ଚଡଚଡାସି, ଚଡଚଡାସି ବଲି ଲାଗସି ଲିଭି ଜିବାକେଁ ସତେ, ଫେର ଦବ୍ ଦବ୍ ଜଲସି ତାରତାର । ଖଁଡାର ଧାର ବାଗିର ସୁନା ରଂଗର ଧାରେ ଜୁଏ ଫେର ଫେନା ଟେକିକରି ଠିଆହେସି ସିଧାସିଧା ହଲ୍ ନାଇଁ ଚଲ୍ ନାଇଁ । ଲହଲହ ଧାରେ ଜୁଏ, ମନକଲେ ଗିଲିଦେବା ସାରା ପୁରଥି । ସୁନାପିଲା ବାଗିର ଦେଖୁଥିସି ଡୁଗ୍‌ଡୁଗ୍ ମୁଟ୍‌ମୁଟ୍ । ଗୁଡିର ଗଁଭିରି ଭିତ୍‌ରେ ବସିଥିଲେ ଲାଗ୍‌ସି ଜିବନ୍ ବି ଏନତା ।

ଜାଗର ଲିଭିଗଲେ ସବୁ ଅଁଧାର । ଖାଲି ପୁଡା କୁହୁଲା ଟିକେ ମିସି ଜାଏସି ବେଲବୁଡିଆର ଧୁକାଥି । ଦଲପତି ବୁଢା ଫିରସି ଘରକେ ଇ ଭୁତ୍‌ଭୁତିଆ ଅଁଧାରେ ସବୁଦିନେ । ଗାଁ ମୁଡସାର୍ ପିପଲ ଗଛ, ଆମ୍ ବୁରେଇର ସୁଆଦ ଆମ୍, ସବୁକେ ଗିଲିନେଉଥିସି ଅଁଧାର । ଦଲପତି ଚାଲୁଥିସି ଅଁଧାର ଆଡକେ ମୁହୁଁକରି, ହାତେ ବାଡି, ପିଟୁଥିସି ମାଏଟ୍ କେ ଠୁକ୍ ଠୁକ୍ ଠୁକ୍ ଠୁକ୍ ।

ଦଲପତି ବୁଢାର ଇ ଗୁଡି ଏକା ସଂସାର । ସଖାଲୁ ଉଠ୍‌ଲେ ନ ଗୁଡିକେ ଜାଏସି ଗାଧିପାଧି କରି, ଫୁଲ ବେଲପତର ତୁଲିକରି । ଗୁଡିନ ରହେସି ବେଲବୁଡା ତକ୍ । କେତେବେଲେ କେନ ଭଗତ୍ ଆଏବା, ମାଁ କେ କହେବା ତାର ଦୁଖସୁଖ, ଦଲପତି ଜୁଗିଥିସି ତାର ଦୁଖ ଜନାବା ବଲି । ବେଲବୁଡଲେ, ଧୁପଦିପ୍ ଦେଇ ସନ୍ଧ୍ୟା ଦେସି, କବାଟ କିଲସି, ବାଡି ଠୁକେଇ ଠୁକେଇ ଟରୋ ଟରୋ ଜାଏସି ସିଧା ଘରକେ । ଏଭେ ଦିନେ ତାର ସୋର ପଡୁଥିଲା କେତେଦିନର କଥା, କାହିଁ ପଚିସେ ତିରିସେ ବରସ୍ ହେଲାନ । ଦିନେ ରାଏମତି ପଚରାସି –'ହଏଗୋ ବା ! ସଖାଲୁ ଗଲୁ ଜେ ଆଏଲୁ ରାତି,

ଫେର କାଏଲ ଜିବୁ ସଖାଲୁ ସଖାଲୁ, ହେ ଗୁଡିନ ନାଇଁ ରହିଜାଏତୁ ତୁଇ ?'

ରାଏମତି କେ ହେତେବେଲେ କେତେ ବରସ୍ ? ହେ ସାତ୍ କି ଆଠ୍ । ରାଏମତି କାହୁଁ ଜାନବା ଦଲପତି କାଏଁଜେ ନାଇଁରହେ ରାତି ଗୁଡିନେ ? ପିଲାଲୋକ କେନ୍ତେଇ ବୁଝ୍‌ବା, ବୁଝ୍‌ବା ବଡହେଲେ । ଦଲପତି ହଁସିଦେଇଥିଲା ସେଦିନ । ରାଏମତି ଏଭେ ତାର ସାସ୍‌ଘରେ । ସାରାଦିନ ଘାଁଟି ହେଉଛେ ପିଲାଛୁଆକେ ନେଇକରି । ସକାଲୁ ଜଉଛେ ଇସକୁଲ, ଫିରୁଛେ ବେଲବୁଡେ । ବସ ନ ବସିକରି ଚାଲିସ କିଲୋମିଟର ବାଟ ଧାଉଁଛେ ଦସ୍ ବରସ ହେଲାନ । ଧଉଁଛେ ରାଏମତି, ଜେନ୍ତା ଧଉଁଥିସନ ମା ବୁଆ ମାନେ, ପିଲା ଟୁକେଲ ମାନକୁ ମୁନୁସ କରମୁଁ ବଲି, ଗୁଟେ ସପନର ଦିନ ଆଏବା ବଲି । ଏଭେ ଜାନୁଥିବା ରାଏମତି ।

ଦଲପତି ଜେନ୍‌ଦିନୁ ଜାନିଛେ ତାର ବୁଆ ଥିଲା ଇ ଗୁଡିର୍ ପୁଝାରି । କେତେ ପୁରଖା ହେଲା ଇ ଥନାପତି ଘରେ ପୁଜା କରୁଛନ, ଇଟା କିହେ ନାଇଁଜାନି। ଦିନେପରେ ସୋନପୁରୁ ଆଏଲେ ଝନେ ସାହେବ, ବୁଢାକେ କହେଲେ –'ଇ ଗୁଡି ତମେ ସରକାରକେ ଦେଇଦେବ ? ସରକାର ବୁଝବେ ଇ ଗୁଡିର ସବୁକଥା, ତମେ ମାସକେ ମାସ ପାଏବ ଦରମା ।'

ଦଲପତିର ବୁଆ ଧାଜ ଗୁରା, ଉଚାପୁରା ଲୋକ । ମୁଡେ ଝୁପୁର ଝୁପୁର ବାବଲି ବାଲ୍, କପାଲ ସାରା ଚନ୍ଦନ ମଝିନ ସିନ୍ଦୁର କଲି । ସବୁଦିନେ ପିନ୍ଧ୍‌ସି ଗେରୁଆ ଧୁତି, ଖନ୍ଦେ ଗେରୁଆ ଗାମ୍‌ଛା, ଅଁଟା ନ ଭି ବାନ୍ଧିଥିସି ଗୁଟେ ଗାମ୍‌ଛା, ସେଟା ଭି ଗେରୁଆ । ଦୁଇକାନେ ସାନ୍ ସାନ୍ 'ସିଆ, ଉପରେ ଦହନା ପତର । ହଁସୁଥିସି ସବୁବେଲେ ମୁଲ୍ ମୁଲ୍, ଜେନ୍‌କେ ଜାଏସି କହଁରି ଜାଏସି ସେଠାନ୍ । ବୁଢା ସେଦିନ କହେଲା–'ହଜୁର ମାଁ କେ ପୁଜା କରୁଛୁଁ ବଲିକରି ଦର୍‌ମା, ଇ କାଏଁ କଥା ? ଆମେ ତାର ସେ ଆମର, ହେତିର ଲାଗି ସରକାର କାଏଁକରି ଆମକୁ ଦେବା ଦର୍‌ମା । ମାଁ କେ ଗୁହାରି କରବାର କେ ଜେନ୍‌ମାନେ ଆଏବେ, ବଁଦେନ୍ ଛଁଦେନ୍ କର୍‌ବେ, ମାଁ ର ଭୋଗରାଗ ଲଗାବେ, ଇଥିସିନେ ଆମର ଭାଗ । ପାଏନ୍ ପରସାଦ ଜାହାଟିକେ ମିଲୁଛେ ଇ ଗୁଡିନୁ ହେଟା ଖାଇକରି ବାଁଚିଜିବେ ମୋର କୁଟୁମ୍ । ମାଁ ଜଗତର କଥା ବୁଝୁଛେ, ମୋର କଥା ନାଇଁ ବୁଝ୍‌ବା ! ନାଇଁ ନାଇଁ ଦର୍‌ମା ଦର୍‌କାର ନାଇଁ ।'

ସାହେବ ଫିରିଗଲେ ମୁହୁଁ ଧୁନ୍ଦ୍ କରି । ମୁଡିଆ ଟେ ଭି ନାଇଁ ମାର୍‌ଲେ ଗୁଡିନ କି ମାଁ କେ । ଲୋକ ଦେଖିଛନ, ସାତ୍‌ଦିନର୍ ଦିନେ ବିରମାହାରାଜପୁର ପାଖେ ଉଲଟିଗଲା ସାହେବର ଗାଡି, ପିଚିହେଲା ଫଲ୍‌ସା ଗଛେ । ଲୋକ କହେସନ,

ସାହେବ୍ ସେନ ଏକା ଆଏଁଖ୍ ମୁଜ୍‌ଲା, ମୁହୁଁନୁ ବାହାରୁଥାଏ ଭକ୍ ଭକ୍ ରକତ୍ । ଦଲପତି ତ କେତେଥର ସୁନିଛେ ତାର ବୁଆ କହୁଥିବାର ଇ କଥା, ମାଁ ମନ୍ ମୁହିନି ମୁନୁସର୍ ମନ୍ କେ ବୁଝସି, ଧନଦରବ୍ କିଛି ନାଇମାଗେଁ, ଦହନା, ମଂଦାର, ଘି, ଗୁରସ, ଲିଆ, ନଡିଆ ଇଟା କାଏଁ କରବା ମାଁ । ମାଁ ମୁଡିଆ ଟେ ନୁର୍‌ସି, କାନ୍ ଡେରିଥିସି , ‘ମାଁ ଗୋ’ ଡାକ୍ ସୁନମିଁ ବଲି । ଭକତ୍ ଟେ ଆଏଲେ ଥନ୍ ଥନ୍ କରୁଥିସି ମାଁ ର ଆଏଁଖ୍ । ଆହା ମୋର ପୁଓ କେତେଦୁରୁ ଆଇଛେ ଦେଖ୍‌ମି ବଲି, ଦୁଖ କହେମିଁ ବଲି । ମାଁ କେ ପଛକରି ଫିରିଗଲେ ପୁଡି ଜାଏସି ତାର ମନ୍ । କଡ୍ କଡ୍ କରସି ଦାଁତ୍, ଲାଲ ଜରଜର୍ ହେଇ ଜାଏସି ମୁହୁଁ, ଆଏଁଖ ନୁ ବାହାର୍‌ସି ଜୁଏ । ଏନ୍‌ତା ଆର କେତେକଥା କହେସି ଦଲପତି ତାର ବୁଆର କଥା ପଡ୍‌ଲେ । ଇଟା ଦେସ୍ ସ୍ୱାଧିନ ହେଲା ବେଲର କଥା । ରାଜାମାନେ ଦେଇଦେଇ ଗଲେ ସବୁ ଅଧିକାର ସରକାର କେ । ସରକାର ବୁଲି ବୁଲି ହିସାବ କରୁଥିଲେ ଜମିନ୍ ବାଡି । ସାହେବ ଆଇଥିଲା ଇ ଗୁଡିର ନାମେ କେତେ ଜମିନ୍ ଅଛେ ଦେଖବାକେ । କାଗଜ ପତର୍ ଦେଖଲେ ତ ଗାଁ ର ଅଧା ଜମିନ୍ ଥନାପତି ଜମାର । ହେଲେ ଗୁଡିର ନାଁନେ ଅଛେ ଖାଲି ଅଧା ଏକର ଘରବାଡି ଜମିନ୍, ଲେଖାହେଇଛେ ଦେବସ୍ଥାନ ।

କାହିଁ କେତେଦିନର ଇ ଜୁନହା ଗୁଡି । କିଏ ବନେଇଛେ, କେଭେ ବନେଇଛେ, କିହେ ନାଇଁ ଜାନି । ଥନାପତି ଘରେ ଭୋଗ କରୁଛନ ଇ ଗାଁ କେ, ଆଉ ପୁଜା କରୁଛନ ଇ ମାଁ କେ । ଇ ଗୁଡିର ଗୁଟେ ଗୁପତ୍ କଥା ରହି ଜାଇଛେ ବଲି କହେସନ, ଧରନି ଖୁଟା ତଲେ । କାଣା ସେଟା, ଜେ ପୁଜା କରସି ସେ ଏକା ଜାନ୍‌ସି ।

୨

ଜେ ଭୁଗିଛେ ସେ ଏକା ଜାନସି । ରାଏମତି ବସକେ ଜୁଗିଥିସି ଆର ଭାବୁଥିସି ତାର ପିଲାଦିନର କଥା । ସୋର ପକଉଥିସି ଗୁଡି ନ ଜଗେଇ ଥିବା ବେଲଗଛ, ଚଂପାଗଛ, ମନ୍ଦାର ଗଛର କଥା । ଗଛ ମାନକୁ ଗଛେ ଗଛେ ଫୁଲ ଫଲ ଦେଖଲେ କୁରଲି ଉଠୁଥିସି ମନ୍ । ଧାଡି ଧାଡି ଦହନା, ମନ୍ଦାର, ମଲିଗଛେ ବେଲବୁଡାକେ ମନ୍ଦିରର ଚୁଆଁନୁ କାହିଁ କେତେଦୁରୁ ଛଲ୍‌କି ଛଲ୍‌କି ପଡୁଥିବାର ଭଂଗା ବାଲ୍‌ଟିନେ ପାଏନ୍ ଘିଚିକରି ଦଉଥିବ, ଦେଖୁଥିବ ଆଏଜ୍ ପିକାଲାନ ଗୁଟେ ଡାହି , ହାଦେ ବଢେଟେ ହେଲାନ, ଫୁଲ ଫୁଟ୍‌ଲାନ ।

ରାଜ୍‌ଲଖମି ବସ୍ ଆଏଲାନ । ଇତାର ପଛେ ଆଏବା ଗଣପତି । ଆଏଜ

ଗୁରୁବାର, ଠିଆ ହେବାକେ ପଡବା, ସିଟ୍ ନାଇମିଲେ ଆଏଜ୍ । ରାଏମତି ଘାଏ ଘାଏ ଭାବସି, ରହିଗଲେ ହେତା କାଏଁ ଇ ଗାଁ ନେ ! ସବୁଦିନ ଚାଲିସ କିଲୋମିଟର ବାଟ୍ ଇ ଠେଲାପେଲା ନୁଁ ରଖ୍ୟା ତ ମିଲତା । ଫେର ଭାବ୍‌ସି ପିଲାମାନେ ପଢୁଛନ୍ ଇଂରାଜି ମିଡିଅମ ଇସକୁଲେ । ତାଁକର ଜିବନ୍ ତ ମାଏଟ୍ ହେଇଜିବା ହେନ୍ତାକଲେ । ଦେ ଦେବ୍‌ତାର ଧରମୁଁ ସେ ଚାକରି ଟେ କରୁଛେ, ତାର ପୁଓ ଝି କେ ତ ସାହେବ କି ଅଫିସର କରବାର କେ ପଡ୍‌ବା । ଇ ହିନ୍‌ମନିଆ ମାସଟର ଜିବ୍‌ନେ କେତେ ଲୁକର୍ ନୁଁ କେତେକଥା, ନାଇଁ ସୁନୁନ୍ ହେମାନେ । ସୋର ପଡ୍‌ସି ତାର ଭାଏ ଗଦାଧରର୍ କଥା । ଭୁବନେସରେ ରହୁଛେ, ସାହେବ ହେଇଛେ, କେତବଡ ଘର, ତାର ପିଲାଟୁକେଲ ପଢୁଛନ କେତେବଡ୍ ଇସକୁଲେ, ଡାଏବର ନେଇଦେସି ଆନି ଭି ଜାଏସି । ଘରେ ରନ୍ଧନିଆଁ, ଚାକରବାକର, କେତେ ଲୋକବାକ୍, ସବୁବେଲେ ଆଗ୍ୟାଁ ଆଗ୍ୟାଁ, ହଜୁର ହଜୁର ।

ରାଏମତିର ସୋର ପଡ୍‌ସି ସେ ଦିନର କଥା, ଜେନ ଦିନ୍ ସେ ମେଟ୍ରିକ ପାସ କଲା, ପୁରା ଜିଲ୍ଲା ନ ସେ ଏକା ହେଇଥିଲା ଫାସ୍ଟ । ସଭେ କହେଲେ ତାର ବୁଆ କେ ରାଏମତି କେ କଲେଜ ନ ପଢାବୋ, ତୋର ନାଁ ରଖ୍‌ବା, ଗାଁ ର ଭି ରଖ୍‌ବା ଟେକ୍ । ହେତେବେଲେ ଗଦାଧର ପଢୁଥିଲା ଅସ୍ଟମ ସ୍ରେଣି ନବଦୋୟ ଇସକୁଲେ । ଘରେ ମାଁ ପିଲା ତିନ୍ ଲୋକ୍ । ରାଏମତି କଲେଜ ପଢିଜିବାର ଲାଗି ଅରସ୍ଟି ନାଇକରି । ହେତେବେଲେ ଏକା ତାର ମାଁ କେ ହେଇଥିଲା ମେଲେରିଆ । ରାଏମତି ଘରେ ରହିଗଲା, ମାଁ ବୁଆର ଦେଖାସୁନା କଲା । ରନ୍ଧାବଢା କଲା । କେଭେଦିନେ ନାଇଁଭାବି ସୋନପୁରେ କଲେଜ ପଢ୍‌ବା । ତାକର ଗାଁ ର ଆର କେନ୍‌ସି ଟୁକେଲ ଭି ନାଇଁ ପଢୁଥାଇ, ସେ କାଏଁକରି ପଢ୍‌ବା ଜେ ?

ଚାଏର ବଛର ଉତାରୁ ରାଏମତି ଟ୍ରେନିଂକଲା ସୋନପୁରେ । ହେତେବେଲେଁ ସୋନପୁର କଲେଜ ନ ପଢୁଥିଲା ଗଦାଧର । ଦୁଇ ଭାଏବହେନ ଗୁଟେ ଭଡାଘରେ ରହିଜିବେ, କେଭେ ତାର ମାଁ ଭି ଜିବା, ହେତିର ଲାଗି ହଁ ବଏଲା ଦଲପତି । ଦୁଇହି ଲୋକ୍ ତ ପାଉଥିଲେ ବୁରତି । ଦୁଖେକସ୍‌ଟେ ଚଲିଗଲା ସେ ଦିନବାର । ରାଏମତି ମାସଟରେନ ହେଲା, ଚାଏର ବରସ୍ ପରେ ଗଦାଧର ହେଲା ଅଫିସର୍ ।

ଗଦାଧର କେ ଦେଖଲେ ଲାଗସି ଇଟା ତାର ଭାଏ । ବୋଟ୍ ସୋଟ୍, ଗାଡିମଟର୍, ଚାକର ବାକର ଇ ସବୁ ତାର୍ । ଇଟାସେ ନାକ୍ କାନ୍ଦରୁ ଗଦାଧର, ପେଁଟ ଚିରିଗଲେ, କାନ୍ଦି କାନ୍ଦି କହୁଥିଲା –'ବାଇ ଟିକେ ଟିପି ଦେ । ବୁଆକେ ନାଇଁ

କହେବୁ, ମା କେ ନାଇ କହେବୁ, ଜେଭେ ଦେଖଲେ ଘିନିଦେବେ ନ । 'ଗଦାଧର ବିଡିଓ ହେଲା ପହେଲା, ପଛେ ଇଟା ଭୁବନେସରେ ଅଛେ ଦୁଇ ବଛର୍ ହେଲା। କେଭେ କେଭେ ଆଏସି ଗାଁ କେ, ବୁଆ ମାଁ କେ କହୁଛେ କେତେକରି; 'ଚାଲଗୋ ଭୁବନେସରେ ରହେମାଁ, କେତେ ପଡିଥିବ ଇ ଗାଁ ନେ ।'

ରାଏମତିର୍ ବସ୍ ଆଏସି, ଖୁନ୍ଦା ଖୁନ୍ଦି ଲୋକ ।

(୩)

'ଚାଲଗୋ ଭୁବନେସରେ ରହେମାଁ, କେତେଦିନ ପଡିଥିବ ଆଉ ପଡିଥିବ ଇ ଗାଁ ନେ'-ଗଦାଧର କହେସି । ଦଲପତି ହଁସସି ମନେ ମନେ । ମୋର ଗାଁ ମାଁ ଦେ ଦେବ୍ତା କାହାକେ ଦେଇକରି ଜିମିଁ ଭୁବନେସର । କେତେ ପୁରସାର୍ ଆମର ଇ ଘର୍, କାହୁଁ କେତେଦିନୁଁ ଆମେ ସେବାକରି ଆସୁଛୁଁ ମାଁ ଭଗ୍ବତି କେ, ଛାଡିକରି ପଲାମିଁ ଭୁବନେସର ? ପରୁଆଭାଡି ବାଗିର ଘର୍ ଖୋବ୍ ଖୋବ୍ ଥାକ୍ ଥାକ୍ । ଜେ ଜାର ଘରେ ରହିଥିବା, ମାଏଟ ନାଇ ମାଡିକରି, ଚାଲିଜିବା ଦିନ୍କାଲ, କେନ ଦୁର ଆକସୁଁ ଦେଖୁଥିବୁ ମାଏଟ୍ କେ ଝର୍କା ବାଟୁ । ମୁଡ ଉପରେ ଆକାସ ନାଇଁ ଆର୍ ଗୁଟେ ଘର । ତରା ଫୁଲିଆ ରାଏତ୍ ନାଇଁ, ନାଇଁ ଝଲମଲ୍ ଜନ ଉକିଆଁ । କଅଁଲି ଖରା ନାଇଁ, ଛାତି ଚିରିଦେଲା ବାଗିର ବିଜଲି ନାଇଁ, ନାଇଁ ଝୋ ଝୋ ବରସା, କିଛି ନାଇଁ, କିଛି ନାଇଁ, ସିମେଂଟ, ଲୁହା ଆଉ କାଚର ଗୁଡାଥି ମୁନୁସ୍ ଜିବନ୍ । ହାତଗୋଡ୍ ଚାଲୁଥିବାର ତକ୍ ମୁଇଁ ନାଇଜାଏଁ ଭୁବନେସର । ଆମେ ଦୁଇ ପରାନିଁ ଠିକ୍ ଅଛୁଁ ଗାଁ ନେ । ରାନ୍ଧିବାଢି ଖଉଛୁଁ ଦୁଖେସୁଖେ, ଲୋକ୍ ବାକ୍ , ଗାଁ ମାଁ ର ପୁଓ ପୁତରା ଅଛନ, ପଚରଉଛନ ପାଁଚଟା କଥା । କିଏ କହୁଛେ; 'ବବା ପାଏନ ଧାରେ ରୁକିଦେବୁ ମୋର ପିଲାର ନାଁ ଥି, ଦେଖତ ତାହାକେ ତିନ୍ ଦିନ ହେଲା ଜର୍ । କକା, ତୋର ନାତେନ ଇଥର ମେଟ୍ରିକ ପରିଖ୍ୟା ଦେବା ବୋ, ମାଁ କେ ଟିକେ କହିଦେବୁ ! ଗୁଟେ ବଲି ଟୁକେଲ, ପାଠ ଦୁଇ ଅଖର ପଢଲେ ଘର ବର କେ କେତେ ସୁବିଧା । ତୁଇତ ଜାନିଛୁ, ତତେ ଆର କାଣା କହେମି । ଆମର ରାଏମତି କେତେ ସୁଖେ ଅଛେ ଦେଖ' !

ଦଲପତି ହଁସସି ସବୁକଥା ସୁନି ସୁନି । ତାର ଫୁପଲା ଟୁଁଡର୍ ହଁସିଥି ଗୁଟେ ଅଲଗା ରଂଗ୍, ଜନା ନାଇପଡେ ସେ ହଁସୁଛେ କି କାନ୍ଦୁଛେ । ଗୁଟେ ଆଏଁଖ ଜଲୁଥିସି ଦପ୍ ଦପ୍ ଆଉ ଆର ଆଏଁଖ ଆଖଁଲ ଥି ହେଇଜାଏସି ଉଦା ଉଦା । ଦଲପତି

କାହାକେ କିଛି ନାଇଁ କହେ, ଖାଲି ହଁସିଦେସି ଏନତା ।

କେଭେକେନ୍ତା ତାର ସରକାରି ଗାଡି ଧରିକରି ଆଏସି ଗଦାଧର । ଘଡେଛନେ ରହେସି । ଗଦାଧରର ମାଁ ପଚରାସି-'ବୁଆରେ ପିଲାମାନେ ବନେ ବନେ ?' ପାଁଚ ବଛରର୍ ନାତି ପିଲା, କାହିଁ କେତେଦିନ ତଲେ ଦେଖିଥିଲା ସେ । ସିପୁନର ଫଟୁ ଦେଖାସି ଗଦାଧର । ମା କହେସି –'ହଏ ହଏ, ଏକସିଆଦିନେ ଦେଖିଥିଲି, କାଣା ହେଡକି ନ ହେଇଥିବା ? ଇସକୁଲ ଗଲାନ, କେତେକଥା କହେବା ନ ? ମତେ ସୋର ପକାସି ରେ ବାବୁ, ତୋର ବା କେ ସୋର ପକାସି ? ସବୁଦିନ ସିପୁନର ଲାଗି ଗୁଡିନେ ପାଏନ ଢାଲସନ ତୋର ବା ! ଜେନେଥଉ ବନେ ହେଇକରି ଥଉ, ହାତି ଜେନଥିଲେ ରଜାର । କେଭେ ଆଏତ ବଏଲେ ବାବୁ ଦେଖତି ସମକୁ ।'

ଦଲପତି ବୁଲୁଥିସି ଗାଁ ସାରା –ଦେସି ମହୁ, ଗାଏଘି, ନଏଦ ଖଣିଆ ମୁଗ ଖୁଜି ଖୁଜି । କେତେଦିନୁ ପିଲା ଆଇଛେ, କାଣା ଖାଲି ହାତେ ଜିବା ? ସମକୁ କହୁଥିସି, 'ଜାନିଛ ଆମର ଗଦାଧର ଆଇଛେ ଆଏଜ, ଇଛେନ ସନପୁର ଜାଇଛେ ଅଫିସକାମେ, ଇବାଟେ ଫିରବା ବେଲବୁଡେ ।' ଦଲପତିର ମୁହୁଁ ବେଲବୁଡାର ଖରାନଁ ଦିସୁଥିସି ଦପ୍ ଦପ୍ ଜେନତା ମୁରଝେଇ ଜାଇଥିବାର ଗଛେ ପାଏନ ଗଡେ ଦେଇଛେ ଇଘଡି ।

ଦଲପତି ନୁରୁଥିସି ଗଲି ଅରଗଲି, କହୁଥିସି ସମକୁ; 'ଅଛେ ବଏଲେ ଦିଅ ବୋ । ଜେତକି ନୁରୁଥିସି ତାର ନୁଁ ଜହ କହୁଥିସି । ଜାନିଛ ଆଏଜ ଆମର ଗଦାଧର ଆଇଛେ ଭୁବନେସରୁ, ତାର ତ କେତେ କାମ୍, ଇହାଦି ଏକା ଫିରିଜିବା । ଫେର ଆଏବା ଜେ କେଭେ ଆଏବା କେଜାନେ ?'

ହେଁ ଦିନର ବେଲବୁଡିଆର ଆଲତି ଦେଇକରି ଦଲପତି ଫିରିଆଏସି ଝାଏଁନୁ। ଖଟଟେ ପକେଇକରି ବସିଥିସି ମଝି ଦୁଆରେ । ତାର ମାଁ ବୁଲୁଥିସି ଡିବରି ଟେ ଧରିକରି ଇନୁ ସେନକେ । ଇ ଗାଁ ନେ ବିଜଲି ନାଇଁ । ବିଜଲି ନାଇଁ ବଲି ଜେଭେ ଭି ଆଏସି ଗଦାଧର ପଲାସି ରାତାରାତି । ପାଖେ ଗୁଟେ ବସତାନ ବନ୍ଧା ହେଇଥସି ସାରା ଦିନ ଦଲପତି ଗାଁ ନୁଁ ନୁରିଖୁଜି ପାଇଥିବାର କେତେ ଜିନିସ । ତାର କେତେଦିନର ଖପର ଘର ଦିନ ବାଗିର ଉକିଆ ହେଇ ଜାଏସି ଜେତେବେଲେ ଆଏସି ଗଦାଧର ର ଗାଡି । ଗାଡିନୁଁ ଉତରସି ଗଦାଧର କହେସି-'ଜଉଛେଁ ସିନେ , କେଭେ ତମେ ଜିବ ଭୁବନେସର ? ମୁଇଁ ଜାନିଛେଁ, ତମେ କେଭେ ନାଇଁ ଜ ଇନୁଁ । ଦେଖ ବନେ ବନେ ହେଇକରି ଥିବ ?'

ଡିବରି ଧରିକରି ଆଏସି ତାର ମାଁ । ଆରଟିକେ ପାଖୁ ଦେଖସି ଗଦାଧର କେ । ପଚରାସି ‘ଆଏଜ କେନେ ଖାଇଛୁ ରେ ବାବୁ ? ମୁଇଁ ରାନ୍ଧି ସାରଲିନ । ଭାତ ଦୁରା ଖାଇଦେ । ବଡି ସଁତଲା କରିଛେଁ, କହେବୁ ବଏଲେ ପାତଲଘଁଟା ଦୁଇଟା ଗଡଗଡଦେଇ ଦେମିଁ, ପୁଡେଇ ଦେମିଁ ଗୁଟେ ବାଏଗନ, ଭାଜିଦେମି ବରି’ ।

‘ନାଇଁଗୋ, ଥଉନ । ଆଏଜ ଖାଉନ ଖାଉନ ଉବେଲ ହେଇଗଲା । ଏଛେନ ତ ଖାଇକରି ଆଉଛୁଁ । ବାଟେ ଚାରଛକେ କାଣା କାଣା ଖାଇଦେମୁଁ ନ । ଆଏଜ ଜାଏସିନ, ସକାଲୁ ଫେର କେତେକାମ୍ । ପହଁଚୁନ ପହଁଚୁନ ତ ହେଇଜିବା ସକାଲ ।’

ପଟକରି ଲିଭିଜାଏସି ଡିବିରି । ଖାଲି ସୁଭସି ଗଦାଧରର୍ ଡାକ୍ –ରବି ରବି ଆ ତ ! ଇ ବସତା କେ ଲଦି ଦେ ଡିକିନେ ।

(୪)

ସମବାର ଦିନିଆ ଇ ସକାଲେ ଭରତି ହେଇଥିସି କେତେକାମ । ଆଏଜ ଏକା ଥିସି ଦୁଇ ଚାଏରଟା ମିଟିଂ । କେନ୍‌କେନ୍ ଦୁରଗାଁ ନୁଁ ଆଇଥିବା ଲୋକ୍ ମାନକର କେତେ ଦୁଖର୍ ସୁନାନି । ଗଦାଧର ତର୍ ତର୍ ହେଉଥିସି ଜେତ୍‌କି, ତାହାକେ ଅଲସୁଆ ଭି ଲାଗୁଥିସି ହେତକି । ସୋଫା ନୁଁ ଉଠିକରି ଦାଢି କାଟ୍‌ମିଁ ବଲୁଛେ, ବାଜ୍‌ଲା ଫୋନ୍ । ଗଦାଧର ଦେଖଲା ଗାଁ ନୁଁ ଫୋନ କରିଛେ ଅବଧୁତ କକା । ଅବଧୁତ କକାର ଭୁବନେସର ନ ହଜାରେ କାମ୍ । ଏନ୍ତା ସକାଲୁ ସକାଲୁ ନ କରବା ଫୋନ୍ । ଅନୁ ତ ବିର୍‌କତ୍ ହେଇକରି କହେସି –‘ନାଁ ତାଂକର ଫୋନ ଉଠେଇବନସି । ସକାଲୁ ସକାଲୁ ପହଁଚିଯିବେ କୁଆଟର୍‌ରେ, ସାଂଗରେ ଦୁଇ ତିନି ଜଣ ଲୋକ । କେତେ ସରାଗରେ କହିବେ –ମାଁ ରେ ଚାହା ଟିକେ ବନା । ଲୋକଟା ପୁରା ଟାଉଟର ।’

ହେଲେ ଗଦାଧର ସବୁଥର ଉଠାସି ଅବଧୁତ କକାର ଫୋନ ଗୁଟେ ଡରହେ । ଗାଁ ନ କାଣା ହେଇଗଲା କାଏଁ ? ଗାଁ ର ସଭେ ବନେ ବନେ ତ ? ଆଏଜ ଭି ହେନ୍ତା ଡରି ଡରି ଉଠାସି; ‘ହେଲୋ କାଏଁ ବଏଲୁ ? ଆଝିର ସକାଲେ ହଉ !’

ଗଦାଧର ଲଥ୍ କରି ବସି ପଡସି ସୋଫା ଉପରେ । କିଛି କହି ନାଇଁ ପାରେ । ଆଏଁଖ ନୁ ବହି ଜାଉଥିସି ଦୁଇ ଧାର ଆଖଁଲ । ମୁହେଁ ଅଧା ଲାଗିଥିସି ଫୋମ । ବେଡରୁମ୍ କେ ଜାଇକରି ଅନୁପମା କେ କହେସି ; ‘ଅନୁ ! ମୁଁ ଏବେ

ଡ୍ରାଇଭର କୁ ନେଇ ଗାଁ କୁଜାଉଛି, ବାପା ଚାଲିଗଲେ ଆଜି ସକାଳେ ।'

ହେତକି ବେଲୁ ଗଦାଧର ନାଇଜାନିଁ କେନ୍ତାକରି ଡାଏଭର ଆଏଲା । ଅଫିସ କେ ଖବର ଦେଲା । ଘରୁ ଆସଲା ଲୁଗାପଟା ଦୁଇଖଁଡ୍ ଧରିକରି । ଗଦାଧର ନାଇଜାନିପାରି କେତେବେଲେ ପହଁଚିଗଲା ସନପୁର, ସମିଆଁର ଧାରେ ଉହୁଲି ଉହୁଲି । ସାରାବାଟ୍ କାଣା ଭାବୁଥିଲା ଗଦାଧର ଏକଲା ଏକଲା ? କେତେବେଲେ କାନ୍ଦୁଥିଲା ପିଲାବାଗିର, କେତେବେଲେ ଧୁନ୍ଦ ହେଇ ବସି ଛାଡୁଥିଲା ଫଁ ଫଁ ନିସାସ୍ । ଗଦାଧର ନାଇଜାନିପାରି କେନତାହେଇ ଚାଲିଗଲା ଇ ପାଁଚ ଘଁଟା ସମିଆ, ଏତକି ବାଟ । ଗଦାଧର ସେନତା ଜାନିନାଇପାରି କେନତାହି ଉହୁଲିଗଲା ଜିବନର ଦସ ବଛର ଚାକରି ପଛେ ଧାଇଁ ଧାଇଁ ।

ଗଦାଧର ଗାଁ କେ ପୁହୁଁଚଲା ବେଲକେ ଗାଁ ସାରା ଲୋକ୍ । ତାର ବୁଆ ସୁଇଥିଲା ଧୋବ ଧୁତି ଉଢିକରି ତୁଲସି ଚଉଁରା ତଲେ । ଜଲୁଥିଲା ଦିପ୍‌ଟେ ମୁଡ୍‌ସାଲେ, ଧୁପ୍‌କାଠିର କୁହୁଲା ଥି ମହକି ଜଉଥିଲା ସବୁଆଡେ । ସବୁଆଡେ ତୁମତାମ୍ । ଇ କୁହୁଲା ଜେନ୍ତା ସମକର୍ ଛାତିକେ କୁରି ଦେଉଥିଲା । ମଝି ମଝି ନ ସୁଭୁଥିଲା ତାର ମାଁ ର ସୁଁ ସୁଁ । କାନ୍ଦି କାନ୍ଦି ମାଁ ର ତଁଟି ବସିଜାଇଥିଲା ନ । ଗାଁ ର ଅଧା ମାଏଝି ବସିଥିଲେ ମାଁ ର୍ ପାସେ । ଜମାର୍ ସଭେ ଲାଗିଥିଲେ କାଠ୍, ଖୁଁଟ୍, ତୁଲ୍‌ସିଗଛ, ବଏଠା, ଲିଆ, ଚିଲର୍ ପଏସା, ଘି, ଫୁଲମାଲ ଠୁଲାବାର ଥି । ସବୁ ସଜିଲ ସରିଥିଲାନ । ଗଦାଧର ଲଥ୍ କରି ବସିପଡଲା ତାର ବୁଆର ଗୋଡ୍ ଆଡେ । ଫଁ କରି ଛାଡ୍‌ଲା ନିସାସ ଟେ । ହାତ୍ ତାର୍ ଜଉଥିଲା ତାର ବାର୍ ଗୋଡ୍ ଆଡକେ ।

'ଚାଲ ପୁତା ଚାଲ, ଦଦା ଆମର କେଡେ ଲୋକଟେ ଥିଲା ଇ ଗାଁ ନେଁ । ତାହାକେ କାଣା ଆମେ ବାସି ମରହା କରମା ? ପିଲେ ଧରବୋ, କାଣା ଆର ଦେଖୁଛ ଚାଲ ଚାଲ !' ପଛଆଡୁ ସୁଭଲା ଅବଧୁତ କକାର କଥା ।

ବଜା ବାଜଲା ମୁରଦାର ପାର । ଲିଆ ଆର ପଏସା ବୁନି ବୁନି ଦଲପତି ଗଲା ମସାନପଦା । କାଣା ନେଇଗଲା ତାର ସାଂଗେ ଦଲପତି ?

୫

'ଏଠୁ କଣ କଣ ଜିବ ?' ପଚରାସି ଅନୁ । 'ବୋଉ ଆମ ସହ ଜିବେ ନାଁ ନାଇଁ ?' ଇ ଚାରଦିନେ ଚାଲିସ ଥର ପଚରାଲାନ ଅନୁ । ଗଦାଧର କିଛି କହି ନାଇପାରେ, ଖାଲି କହେସି –'ତାର ଇଚ୍ଛା ।'

ଅନୁପମା ଆସଲା ଦଲପତି ମରବାର ଆଠଦିନ ପଛେ । ସନପୁରେ ରହୁଛେ

ଗୁଟେ ହୋଟେଲ ଥି ସିପୁନ କେ ଧରିକରି । ସିପୁନ ପିଲାଲୋକ, ଗାଁ ନେ କାଣା ରହି ପାରବା ? ଅନ୍ଧାରେ, ଗରମରେ ଇ ମାଟିର ଘରେ ? ଅଫିସ ର ଗାଡି ତ ଅଛେ, ଡାଏଭର ଭି ଅଛେ, ସେମାନେ ସକାଲୁ ଆଏସନ ଗାଁ କେ ରାତି ଜାଏସନ ସନପୁର । ଦସାଘର, କାମଘର, ବାରପତରି ସବୁକଥା ବୁଝୁଥିସନ ରାଏମତି, ଜଗଦିସ ଆର୍ ଅବଧୁତ କକା । ଗଦାଧର ଖାଲି ବସିଥିସି ଢବାଘର ପିଁଢାଥି ଦେଖୁଥିସି ଡୁଗଡୁଗ ମୁଟ୍ ମୁଟ୍ ।

ବାରଦିନର ରାତି ଅନୁ ଜାଇଥିସନ ସନପୁର । ଘରେ ଖାଲି ମାଁ ଆର ଗଦାଧର । ରାଏମତି ଭି ଜାଇଥିସି ତାର ଗାଁ । ଆଘେ ଜଳୁଥିସି ଗୁଟେ ଚାର୍ଜର ଲାଇଟ । ଢବାଘରର ପିଢାଁର ଗୁଟେ କୁନହେ ବସିଥିସି ମାଏଟମୁଡା ବାଗିର ଗଦାଧରର ମାଁ । ଢାବି ହେଇଥିତି ଗୁଟା ସାର୍ । ଦିହି ଧୋବ୍ କପଡାନେଁ । ଆଏଁଖ ଖାଲି ଦିସୁଥିସି ଜୁଳ ଜୁଳ । ମୁହୁଁ ବୁତରି ଜାଇଥିସି ଆଖିଁଲ ଥି –ଗଦାଧର ପଚରାସି ; 'ମାଁ ! ତୁଇ ଆମର ସାଂଗେ ଜିବୁ ତ । କାଲ କେ ତେରଦିନ, ପରଦିନେ ଆମେ ଜିମା ସକାଲୁ ସକାଲୁ ?'

ବାରି ଆଡର ମୁନଗା ଗଛ ଥି ଗୁଟେ ଭି ପତର ନାଇଁ । ସବୁଆଡେ ଅଁଧାର । ତାର ପଛେ ବୁଡି ବୁଡି ଜଉଥିସି ଚଉଠିର ଜନ୍ । ପୁରା ଗାଁ ସୁଇପଡିଥିସନ । କୁହୁ କୁହୁ ଅଁଧାର ମାଡି ଆସବା ଆର ଟିକେଗଲେ । ଗଦାଧର ଭାବସି, ମାଁ କେନ୍ତା । କରି ରହେବା ଇ ଗାଁ ନ ଏକଲା । ଆର ଥରେ ପଚରାସି – 'ମାଁ ! ତୁଇ ଆମର ସାଂଗେ ଜିବୁ ତ ଭୁବନେସର ?'

ଆଘେ ବିଛି ହେଇପଡିଥିସି ଘର୍ । ବାରିର୍ ସ୍ୱର୍ଣଚଂପା ଗଛୁ ଆସୁଥିସି ଦର୍ଫୁଟା ଫୁଲର କହଁର । ବାଏର ସାରା ବୁଲୁଥିସନ୍ ଜୁଲଜୁଲିଆ ପୋକ୍ । ସବୁଆଡେ ସୁନ୍ସାନ । ଗୁହାଲୁ ହମ୍ମା ଡାକ୍ସି ଦାମୁର । ଗାଏ ଭି ଡାକସି ହମ୍ମା । ଗଦାଧରର ମାଁ କିଛି ନାଇଁ କହେ, କିଛି କହି ନାଇଁ ପାରେ । ପଝ୍ରି ଜାଉଥିସି ଦୁଇଧାର ଆଖିଁଲ ।

ଗଦାଧରର ସୋର ପଡୁଥିସି ପିଲାଦିନର କଥା । ଭାଇ ଭାଇ ଭିତରେ କେତେ ମାଡ ମରଦନ୍ –ଜମିନ୍ ଲାଗି, ବାରିର ଲାଗି, ଗୁଡିର ଭୋଗ୍ କିଏ କେତେ ପାଏବା, କେଭେ କାର୍ ପାଲି, ଜେତେ ସାନ୍ ସାନ୍ କଥାର ଲାଗି । ସୋର ପଡ୍ସି ତାର ବୁଆ କହିଥିବାର ଗୁଟେ କଥା –'ବାବୁରେ ! ତୁଇତ ଆର ଗୁଡି ପୁଜା ନାଇଁ କରୁ, ଇ ଜମିନ୍ ଆମେ କେନ୍ତା କରମାଁ ? କାହାକେ ଦେମା ଆମର ଭାଗ ?'

ଗଦାଧରର ସୋର ପଡସି ଦୁଇ ବଛର ତଲେ ଲୁକେଇକରି ତାର ବା

ଦେଇଥିବାର ତମାପଟା । ସେଟା ସେ ନେଇଥିଲା ମିଉଜିଅମ କେ । କେତେଲୋକ ମିସିକରି ପଢଲେ ସେ ଜୁନହା ଅଖର ସବୁ । ସେଥିପରେ ଲେଖା ହେଇଛେ 'ଇ ଗୁଡ଼ି ବନେଇଛନ ସୋମବଂସି ରଜା ଜନମେଜୟ, ସନପୁର ଥିଲା ତାକର ରାଜଧାନି, ଆଏଜକେ ବାରସହ ବରସ ତଲେ । ଜମିନ୍ ଦେଇ ଇ ଗାଁ କେ ଭି ଦେଇଛନ ଭଗବତି ମାଁ ର ସେବା କରବାର ଲାଗି । ଜେ ମାଁ ର ସେବା ନାଇ କରି କରି ଇ ଜମିନ୍ ଭୋଗ କରବା, ଇ ଜିବନ ଆର ସହ ସହ ଜିବନ ତକ୍ ନରକ୍ ଭୋଗ କରବା ?'

'ବାବୁ !' ମାଁ ର ଇ ଡାକ୍ ଥି ଚମକି ପଡସି ଗଦାଧର । 'ମୁଇଁ ଭୁବନେସର ଜିମିଁ ଜେ ଦିନାକେତେ ଜଉ । କାଲକେ ଆଏମି ବଲିଛେ ରାଏମତି । ସେ ପରେ ରହେବା ଇନ ଦିନାକେତେ । ଇସକୁଲୁ ଛୁଟିନେବା । ଜଗଦିସ ଭି ଆଏବେ, ଇନେ ରହେବେ । ଇ ଗୁଡ଼ି, ଇ ଜମିନ ସବୁକିଛି ବେବସ୍ଥା କଲେତ ଜିମି ରେ ବାବୁ । କେନକେ ଆର୍ ଜିମିଁ, ବଁଚିଥିମି ଜଦି ଭୁବନେସର ଏକା ଜିମି ।'

କେତେଭାବିକରି ଗଦାଧରର୍ ମାଁ କହେଲା ଇ କଥା ପଦେ । ଇ କଥା ପଦ୍କ ବାହାରିବାର ଲାଗି ଲାଗ୍ଲା କେତେ ଦୁଖ୍ । କେନ୍ ଦୁଇ ପାହାଡୁ ଆଖିଁଲର୍ ଝର୍ନା ଫିଟି ପଡ୍ଲା ଜେନ୍ତା । ଉସାସ୍ ଲାଗଲା ଗଦାଧରର ମାଁ କେ । ଫଁ କରି ଛାଡଲା ଗୁଟେ ନିସାସ୍ । ଗଦାଧର କେ ଲାଗଲା ତାର ମାଁ ନାଇଁ ଜାଏ, ଇନେ ଏକା ରହେବା । ଇ ଗୁଡ଼ିର ମାଁ ବାଗିର ସେ ଭି ରହିଥିବା ତାର ଜମିନ୍ କେ ଧରିକରି । ଇ ଜମି, ଇ ଗୁଡ଼ି, ଇ ଗାଁ ଛାଡିକରି ଜିମିଁ ମୁଇଁ ଏକା, କେନ୍ ସରଗ୍ ସୁଖ ଖୁଜି ଖୁଜି କିଏଜାନେ ?

---୦୦୦---

ପେଲେସ ଲାଇନ

ବଲାଂଗିର

ଫୋ ୯୪୩୭୬୭୧୨୩୬

ସୁରୁ ଆରୁ 'ସେ'

ଅମୃତଲାଲ ସାହୁ

ଡୁଙ୍ଗୁରି ସେପାଲେଁ ଜେତେବେଲେଁ ରଂଗିଆ ବେଲ ଲୁକିଜାଏସି, ଗାଏ-ଗରୁର ହମା ସବଦ ନାଇଁ ସୁଭେ, ହେତକି ବେଲେଁ ବଏଁସୀର ଅଛିଡା ସୁରଟେ ଭାସି ଆଏସି । ବଏଁସି ସୁର ସୁନଲେଁ ମାଲା ର ସୁଖୀ ମନ୍ ଗହଗହ । ତାର ମନ ବୃନ୍ଦାବନଥୁଁ ଫୁଲଟେ ଫୁଟି ଯାଏସି-ରସକଦମ ଫୁଲ । ବଏଁସୀ ବାଜୁନ୍ ସାଏର ଉପର ମହଲାକେ ଚଢସି । ଝରକା ପାଖେଁ ଠିଆହେସି । ସୁନସି ମନ୍ ପୁରତେଲ । ଇଟା ସବୁଦିନର ସଂଜମୁହଁର କଥା । ବଏଁସିବାଲାକେ ଚିହ୍ନେକି ଜାନେ ନାଇଁ । ନାଇଁବି କେଭେଁ ଦେଖୁଁ । ବଏଁସି ସୁରଥୁଁ କାଏଁ ମହନି ଅଛେ ସେ ବୁଝି ନାଇଁ ପାରେ । ଆଏଜ୍ ଭି ଠିଆହଇଛେ । ବଏଁସି ସୁରଥୁଁ ଏତେ ଭିଜି ଜେଇଛେ ଜେ, ତୁଲସି ଚଅଁରା ତଲେଁ ସଂଜବତିଟେ ଦେବାରକେ ପାସରି ପକେଇଛେ ।

ଉପର ମହଲାକେ ଆଏଲେ ଗଁତିଆ । କହେଲେ- "ମାଲା ! କାଏଁ କରୁଛ ?" ମାଲା ସୁନି ନାଇଁ ପାରଲା । ଗଁତିଆ ଟିକେ ଟାନେ କହେଲେ-"ମାଲା ! ନାଇଁ ସୁଭାବାର କାଏଁ ? ଏକେଲା କାଆଣା କରୁଛ ?"

ମାଲାର ଧିଆନ ଭାଙ୍ଗିଗଲା । ମୁଲକଲା ହଁସି ଦେଇ କହେଲା- "ବଏଁସି ଶୁନୁଛେଁ ଗୋ । ଦେଖନ, କେତେ ମଧୁର ରସେଁ ବଏଁସି ବଜଉଛେ ଯେ । ବଏଁସିବାଲା କିଏ ଆଏଗୋ ?"

ଗଁତିଆକଁର ମୁହଁର ପାଏନ ଖସ୍‌କରି ଉତରି ଗଲା । କହି ନାଇଁ ପାରଲେ । ସହି ବି ନାଇଁ ପାରଲେ । ମନେ ମନେ ପୁଟପୁଟାଲେ- 'ସଲା ମହନ ଧୁବାକେ ଗାଁ ନୁ ନାଇଁ ଖେଦଲେଁ ନାଇଁ ଚଲେ । କୃସ୍ନ ସାଜୁଛେ । ସବୁ ଝିଇ ବହକୁଁ ଫସେଇ ଦେବା ।'

ଗଁତିଆ କିଛି ନାଇଁ କହି ଖରଖର ଦନଦନ୍ ହଇ ତଲକେ ଉତୁରି ଆଏଲେ ।

ମାଲା ଆବାକାବା ହଇ ହେନ୍ତା ଠିଆହେଲା । କିଛି ବୁଝି ନାଇଁ ପାରଲା । ଟିକେ ଡରି ବି ଗଲା । ମନେ ମନେ ଭାବଲା– 'ଗଁତିଆ କେନ୍ତା ଭୁଗା ଏଡକି ମୁହୁଁ କରି ପଲେଇ ଗଲେ । ମତେ ସଂଧେ କଲେ କାଏଁ ? ମୁଇଁ କାଣା ବଏଁସିବାଲା ସାଂଗେ....'

ମାଲା ଇ ଘରକେ ଭୁଆସେନ ହଇ ଆଏବାର ଦୁଇମାସ ନାଇଁ ପୁରି । ସେ ଗରିବ ଘରର ଝିଇ । ନଏଦ୍ ଆରଖଣି ତାର ମାଁ ଘର। ଗଁତିଆ ତାହାକେ ବଦେନ– କନିଆଁ କରି ଆନି ଆଇଛନ । ଗଁତିଆଙ୍କର ବୟେସ ପାଖାପାଖି ତିନକୋର । ହେଲେଁ ମାଲାକେ ପଚିସ ନାଇଁ ପୁରବାର । ଆର ଦିନର ଗୁଡିବରଗା । ମଝାଖୁଲିଁ ମହନ ର ନାଆଁଥିଁ ପଂଚେତ୍ ବସିଛେ । ମହନ ଦୁସି ଆଏ । ସେ ବଏଁସି ବଜେଇ ଭୁଲ କରିଛେ। ମାଆଁମାନେ ରାତିଁ ଖିଆପିଆ ନାଇଁ କରି ପାରବାର । ପରୁହାଁ ପୁଓ ମରିଥିଲେଁ ବଏଁସି ବାଜଲେଁ ମାଆଁମାନେ ନାଇଁ ଖାଆନା ଖଉଥିଲେଁ ଖାଏଲା ଖୁରିନୁ ଉଠି ଆଏସନ ।

ପଂଚେତ୍ ନ ବିଚାର ହେଲା, ମହନ ବଏଁସି ବଜା ଛାଡିଦେବା । ନେହେଲେଁ ଇ ଗାଆଁ ଛାଡବା । ଗଁତିଆ ନିଜେ ନିସପତି ସୁନାଲେ । କହେଲେ "ମହନ ! ଇଟା ମୁଇଁ ନାଇଁ କହେବାର । ଇଟା ପଂଚେତ କହୁଛେ । ଗାଆଁ ମାଆଁ କହୁଛେ । ଆଜୁଁ ବଏଁସିବଜା ଛାଡିଦେ । ନେହେଲେଁ ଗାଆଁନୁ ଭାଗି ଜା ।"

ମହନ ମୁଡଗାଡି ବସିଛେ । ଘଡେ ତୁମ୍ ପଡଲା । ଥୁକ୍ ଢୁକି କରି କହେଲା– "ଗଲା ସାତବଛର ହେଲା ବଏଁସି ବଜେଇ ଆସୁଛେଁ । କେଭେଁ କିଛିନାଇଁ। ଆଏଜ ଭୁଲ ହେଲା । ବଏଁସି ନାଇଁ ବଜାଲେଁ ମୁଇଁ ନାଇଁଚଲେଁ । ମରଜିମି । ବଏଁସି ବଜାକେ ମନା ନାଇଁକର ।"

ପାଖେଁ ଥିଲା ସରଗି ବହଲିଆ ବୁଢା । ବୁଝେଇ କରି କହେଲା– "ଇଟା ଗାଁ ମାଆଁ ର କଥା ଆଏ । ଡେଗି ନାଇଁଜା ଗା ମହନ । ଟିକେ ବୁଝ । ଇଟା ଗୋପ ନହେସେ । ଇନ ବୃନ୍ଦାବନ ନାଇଁନ । ବଏଁସି ନାଇଁ ବଜା ।"

ଲୁଚନ ଭଣାଁରି କହେଲା "ଗଁତିଆ ! ମହନ ର ବଏଁସିଲାଗିଁ ରାତିଁ ସୁଇ ନାଇଁ ହେବାର ହୋ । ସବୁବେଲେଁ ଖାଲି ପୁଁ ପୁଁ । ଧୁବାତୁଠେଁ ନଲା ଫୁକବାର ଲୋକ। ବଏଁସି ଫୁକୁଛେ । ମରରେ ଚିକିର ପୁଓ ।"

ମହନ ସହି ନାଇଁ ପାରଲା । ଫେର ବି ନିଜକେ ସମ୍ଭଲେଇ ନେଲା । ଟିକେ ଟାନେ କହେଲା "ଅଧ ରାଏତତକ୍ କିର୍ତନ ହଉଛେ । ମୁରଦୁମ୍ ଗିନି ବାଜୁଛେ । ସେଥିଁ ସୁଇହେସି । ହେଲେଁ ମୋର ବଏଁସି ବାଜଲେଁ...."

"ଚୋପ୍ ମହନ ଚୋପ୍ । କିର୍ତନ ନିନ୍ଦା ନାଇଁକର ।" ରଡି ରଡି କହେଲା

ଅଖିଲ ଭୁଏ । ଫେର କହେଲା–"ମାହାପୁରୁ ର ନିନ୍ଦା ନାଇଁକର । ନିତାଇ ଗଉର ନିନ୍ଦା ନାଇଁକର । ଖୁରେଇ ଖୁରେଇ ମରିଜିବୁ ।"

କିର୍ତନ ଦଲର ଜେତକି ଜୁଆନ ଜୁଆନ ପିଲାଥିଲେ, ସଭେ ଏକାସାଂଗେ ରଡା ରଡି କଲେ । ମହନକେ ଗାଆଁଥୁଁ ଖେଦିଦିଅ ବଲିଁ ଦାବି କଲେ । ଗଁତିଆ ଠିଆ ହଇ ସମକୁ ତୁମ ପକାଲେ । ସେସେଁ କହେଲେ– "ମହନ, ଆଝୁଁ ତୋର ବଏଁସି ବଜା ବନ୍ଦ । ନେହେଲେଁ ଇ ଗାଆଁଥିଁ ରହେବାର ବନ୍ଦ । କାଣା କରବୁ କହ ।"

ମହନ ଜୁଡା ହାତେଁ କହେଲା– "ଜଦି ମୋର ବଏଁସି ଲାଗିଁ ମାଆମାନେ ଖାଏଲା ଖୁରିନୁ ଉଠି ପଡୁଛନ, ଜଦି ମୋର ବଏଁସି ଲାଗିଁ ରାତିଁ ସୁଇ ନାଇଁ ପାରବାର, ଜଦି ମୋର ବଏଁସି ଲାଗିଁ ସଭେ ଅସନ୍ତୋସ, ବଏଁସି କାଏଁଜେ ଫୁକମି । ନାଇଁ ଫୁକେଁ। ପଂଚମୁଖେ ନାରାୟଣ । ଗାଆଁର ନିୟମ ଠାନୁ ଉହ୍ଲୁଲି ଜିମି କାଏଁ ? ଭାଙ୍ଗିଦେମି। ମୋର ବଏଁସିକେ ତମର ଆଗାଡେଁ ଭାଙ୍ଗିଦେମି । ଜଉଛେଁ ଆନମି ।"

ମହନ ଘରକେ ମୁହୁଁଟାଲା । ତାର ଜୁଆନ ବୟେସର କଥା ମନେ ପଡଲା। ସେ ଥିଲା ଡଣ୍ଡୁଆ । ଡଣଥିଁ କୃସ୍ନ ସୁଆଙ୍ଗ କରୁଥିଲା । ତାର ଗାନା, ବାଜନା ଆରୁ ନାଚିଥିଁ ଦେଖନହାରି ଭୋଲହଇ ଜଉଥିଲେ । ପତରାପାଲି ଗାଁ'ନେ ଡଣ ନାଚୁଥିଲା ବେଲେଁ ସେ ଗାଆଁର ରାଧାକେ ମହନି ଲାଗି ଜେଇଥିଲା । ରାଧା ବି ଜାତିଁ ଧୁବେନ୍। ଦୁହେ ଗୁଟେ ହଇଗଲେ । ମହନ ଆରୁ ରାଧା ।

ବିହା ସରିଗଲା । ଫି ଦିନର ସଂଜବେଲର କଥା । ରାଧା ସଂଜବତୀ ଜାଲସି । ମହନ ବଏଁସୀ ବଜାସି । ରାଧା ସୁନସି । ଦୁହେ ଦୁହିକୁଁ ଦିନେବି ଛାଡି ନାଇଁ ପାରନ । ହେଲେଁ ବିଧାତା ସହି ନାଇଁ ପାରଲା । ରାଧାକେ ଜମ ବୁହିନେଲା । ମଲାବେଲେଁ ରାଧା ମହନକେ କହିଥିଲା– "ତମର ବଏଁସି ମତେ ରସେଇଛେ । ମୋର ମନେ ଅଠା ଲଗେଇ ଦେଇଛେ । ମୁଇଁ ମରିଗଲେଁ ବି ବଏଁସି ବନ୍ଦ ନାଇଁ କରବ । ମୁଇଁ ମରାଗାଡେଁ ସୁଇସୁଇ ସୁନୁଥିମି । ଆତ୍ମା ସାନ୍ତି ପାଏବା । ସୀତଲ ହେବା। ବଜଉ ଥିବ ।"

ହେଦିନେ ମହନ ସତ୍ କରିଥିଲା । ହେଥିର ଲାଗି ଫିଦିନେ ସଂଜବେଲେଁ ବଏଁସି ଫୁକସି । ବଏଁସି ଗିତ ଗାଏସି, ହେଲେଁ ଆଝୁଁ ତୁଟିଜିବା । ଜମୁନା ନାଇଁ ବହେନ । ମହନ ର ବୃନ୍ଦାବନ ଆଝୁଁ ଛିନା ହଇଯିବା ।

ମହନ ଘରକେ ସମଲା । ଧୁରିଆନୁ ଦେଖଲା ଫୁଲିକେ । ବଏଁସି ଥୁଆହଇଛେ । ଗଲା ପାସ୍‌କେ । ଥରଲା ହାତେଁ ଆନଲା । ଭାଙ୍ଗିଦେମି ବଲିଁ ଭାବଲା। ହଠାତ୍ ତାର

କାନେ ସୁଭଲା ସତେଁ ଜେନ୍ତା ରାଧା କହୁଛେ– "କାଏଁ ହେଲାଯେ ବଏଁସି ଭାଙ୍ଗିଦେବ ? ନାଇଁ ଭାଙ୍ଗ । ବଏଁସି ଭାଙ୍ଗିଗଲେଁ ତମେ ବି ଭାଙ୍ଗିଯିବ । ମତେ ପାସରି ଦେବ । ବଏଁସି ନାଇଁ ବାଜଲେଁ ମୋର ଆତ୍ମା ଡହକ ବିକଲ ହଇଜିବା । ବଜ...ବଜ...ବଏଁସିକେ ବଜ । ମୋର ଆତ୍ମାକେ ସାନ୍ତି ଦିଅ । ବଜ, ଜୋରସୁଁ ବଜ...."

ମହନ ଥମଥମେଇ ଗଲା । ଆପେଁଆପେଁ ବଏଁସି ତାର ମୁହେଁ ଲାଗିଗଲା । ବଏଁସି ବାଜଲା । ଇଥର ବଏଁସି ଗିତ ନାଇଁ ଗାଇଁ । କାନ୍ଦଲା । ବଏଁସି ବଜେଇ ବଜେଇ ମହନ ଘର ଭିତରୁଁ ଗାଁ ଖୁଏଲକେ ବାହାରି ଆଏଲା । ଭୁଜିନି ଆଡକେ ଦେଖଲା । ପଂଚେତ୍ ବାଲେ ସଭେ ବସିଛନ । ସଭେ ତାହାକେ ଦେଖୁଛନ । ଡେବ୍ରି ଆଡକେ ଦେଖଲା । କାହିଁ କେତେ ଧୁରେଁ ତେତେଲ ତଲ । ସେଏନେ ରାଧା ସୁଇଛେ । ଅଁଟେ ଗାଡ ଭିତରେଁ ସୁଇକରି ବି ଡାକୁଛେ– "ଆସ, ଆସ । ହେମାନେ କଂସ ଆନ । ମୋର ନିକେ ଆସ । ମୁଇଁ ରାଧା ଆଏଁ ।"

ମହନ ପାହାଁ ଉଠାଲା । ଚାଲଲା ଧିରେ ଧିରେ, ହେଲେଁ ଗାଁ ଭିତରକେ ନହେ । ତେତେଲ ତଲକେ । ରାଧା ନିକେ । ଇଥର ତାର ବଏଁସି ଆରୁ ଜୋରସୁଁ କାନ୍ଦଲା । ବଏଁସିର କାନ୍ଦିଥିଁ ଗଛ-ପତର କାନ୍ଦି ଉଠଲେ । ମାଆଁମାନେ ଆହାଆହା କଲେ । ବେଲ କାନ୍ଦିକାନ୍ଦି ବୁଡିଗଲେ । ମହନ ଯେତକି ଧୁରକେ ଗଲା ବଏଁସି ହେତକି କମ୍ ସୁଭଲା । ଧିରେଧିରେ ବଏଁସି ବନ୍ଦ । ରାଏତ ମାଡି ଆଏଲା । ଗାଁ ଜାକର ସୁନସାନ ।

ଗଁତିଆ ଟିକେ ବନିହାଁ ରାତିଁ ଘରକେ ଫିରଲେ । ବଡେ ଉସତ୍ଥିଁ ହଁସି ହଁସି ମାଲାକେ ଡାକଲେ । ହେଲେଁ କିଛି ଉତର ନାଇଁ ପାଏଲେ । ଚଢଲେ ଉପର ମହଲାକେ । ଯେନଠାନେ ମାଲା ଠିଆହେସି ସେ ଝରକା ପାଖକେ ଗଲେ । ସେଠାନେ ବି ମାଲା ନାଇଁନ । ଚିଠି ଖଣେ ଥୁଆ ହଇଛେ । ଚିଠି ଆନି ପଢଲେ ।

ମାଲା ଲେଖିଥିଲା– "ମତେ ସନ୍ଧେକଲ ଗୋ ! ମୋର ଲାଗିଁ ଝନେକର ଗୁଡା ଭାଙ୍ଗି ଦେଲ । ତାହାକେ ଉଡେଇ ଦେଲ । ନାଗଧୁନି ବାଜସି । ସାଁପ ଖେଲସି ଗୋ । ବଡେ ପ୍ରେମଥିଁ ସୁନସି । ହେଲେଁ ସାଁପ କାହାକେ ପ୍ରେମ କରସି ? ସଁପୁଆ କେ... ? ନାଗଧୁନିକେ...କି ନାଗଧୁନି ର ସୁରକେ.... ? କାହାକେ...... ? ? ?"

ମୁଇଁ ବି ତମର ଠାନୁ ଉଡି ଜଉଛେଁ......

ସଏଲତା

ଘେଁସ, ବରଗଡ

ଉପର୍ ଡାଲର୍ ଫୁଲ୍

ରଂଜିତା ରାଣି ହୋତା

ପ୍ରତିଭା ରାଏଂକର 'ଜାଗ୍ୟଁସେନି' ବହିଟା ତାକର ହାତେ ଦେଖିକରି ମୋର ସାଂଗ ଝନେକେ ତାକର ବାବଦେ ପଚରାଲି । ସିମା କହେଲା ସେ ହେଉଛନ ଲିନା ନାନି, ପୁରା ନାଁ ସ୍ୱେତାଲିନା ପ୍ରିୟଦର୍ସିନି । ଆମର ହସ୍‌ଟେଲର ତେତିସ ନମର ରୁମ୍ ଥି ରହେସନ । ସିମା ତିରିସ ନମର ରୁମ ଥି ରହୁଥିଲା । ମତେ କହେଲା ନାନିକେ ପଚରେଇ କରି ତୋର ପଢବାର ଲାଗି ସେ ବହିଟା ଘାଏ ଆନିଦେମି ।

ବହି ପଢବାର ଟା ମୋର ଗୁଟେ ନିସା ଆଏ । କଲେଜକେ ପଢି ଆଏବାର ଲାଗି ମତେ ଜେନ୍ ରେକସା ଭଡା ଆଉ ପକେଟ ଖରଚା ଘରୁ ମିଲୁଥିଲା ମୁଇଁ ସେ ପଏସା ଥି ବହି ଘିନି ପକଉଥିଲି । ଚାଲି ଚାଲି କଲେଜକେ ଜାଉଥିଲିଁ । ଫେର ଭି ସବୁ ବହିତ ଘିନି ନାଇ ହୁଏ କେଭେ । ବହିର ଉପରେ ତାରିଖ ଆଉ ମୋର ନାଁ ଲେଖି ପଢିସାରଲା ପରେ ଖୁବ ଜତନେ ରଖୁଥିଲିଁ । ସବୁଠାନୁ ବଡକଥା ହେଲା ବହି ଗୁଡାକୁ ନିର୍ଜିବ ବଲିକରି ମୁଇଁ କେଭେ ନାଇଁ ଭାବୁଥାଇଁ ! ସିତ ଦିନେ ଜରି ଭିତରେ ରଖି କରି ବାକସେ୍ ଭରି ଦେଉଥିଲି ଆଉ ଖରାଦିନ୍ ହେଲେ ଜରି ବାହାର କରି ଥାକେ ରଖୁଥିଲିଁ । ଦିନେ ମୋର ସାନ୍ ବହେନ କହେଲା, 'ତୁଇ ଏନ୍ତା କାଏଁ କରି କରୁଛୁ ଜେ ?' ମୁଇଁ କହୁନ କହୁନ କହିଦେଲି ଜେ ସିତଦିନେ ବହି ମାନକୁ ସିତ କରୁଥିବା ତ ହେତିର ଲାଗି ଜରି ଭିତରେ ରଖ୍‌ସିଁ ।

ସାତ କିଲାସ ଥି ପଢୁଥିଲା ସେ । ସେଦିନ ରାତି ସବୁ ଭାଏ ବହେନ ଖାଇ ବସିଥାଉଁ । ସେ ସେକଥା କହିଦେଲା । ମୋର ଦଦା ମାନେ ହଁସି ହଁସି କାଠ୍ କାଠ୍ ହେଇଗଲେ । ଇତାର ବହି ମାନକୁ ସିତ କରସି , ଗରମ ଲାଗସି ବଲିକରି ମତେ ବିରଝାଲେ, ରାଗେ ମୁଇଁ ଖାଇ ନାଇଁ ପାରଲିଁ ।

ସେ ଜାହାହେଉ, ଲିନା ନାନିର ନୁଁ ବହିଟା ମୁଇଁ ଜେନ୍ତେଇ ହେଲେ ଆନମି ବଲି ମୁଇଁ ଭାବିଥାଏଁ । ତାକର କ୍ଲାସ ବାରବଜେ ମୁଲ ହେସି । ମୁଇଁ ସେଦିନ ନ ବଜେ ନିକେ ହସ୍ଟେଲ ନଁ ପୁହୁଁଚି ଗଲିଁ । ନାନି ସଂସ୍କୃତ ଥି ପି.ଜି. ପହେଲା ବରସ ଆଉ ମୁଇଁ ପ୍ଲସ ଟୁ ଥି ପହେଲା ବରସ୍ । ମତେ ଟିକେ ଡର୍ ଲାଗୁଥାଏ । ସିମା ବୋଧହୁଏ ଆଗରୁ

ତାହାକୁ କହିଦେଇଥିଲା । ମତେ ଦେଖୁନ ସାଏର ଲିନାନାନି ହଁସି ଦେଲେ ଆର୍ ବହିଟା ଭି ଦେଲେ । ବହି ଦିଆ ନିଆନୁଁ ଏନ୍ତେଇ ଲିନା ନାନି ସାଂଗେ ମୋର ସଂପର୍କ ବଢ୍‌ବାରେ ଲାଗଲା ।

ମୋର ଭି ପ୍ଲସଟୁ ଥି ସଂସ୍କୃତ ଅପସନାଲ ଥିଲା । ନାନି ବହି ପଢବାରକେ ଭଲ ପାଉଥିଲେ । ବି.ଏ. ଥି ସେ ବେସ୍ଟ ଗ୍ରେଜୁଏଟ ପୁରସ୍କାର ପାଇଥିଲେ । ସଂସ୍କୃତ ଥି ଅନର୍ଗଲ କହି ପାରୁଥିଲେ । ଉଡିଆ ଭାସା ସାହିତ୍ୟ ଥି ତାକର ଖୋବ୍ ଗ୍ୟାଁନ୍ ଥିଲା। ତାକର ଭାସନ୍ ସୁନଲେ ମତେ କବିତା ଟେ ସୁନଲା ମେତାର ଲାଗୁଥିଲା ।

ଭଗବାନ ଭି ତାହାକୁଁ ଖୋବ୍ ଦୟା କରିଥିଲେ । ତାକର ବାପା ହାଇସ୍କୁଲ ହେଡମାଷ୍ଟର ଥିଲେ । ନାନି ଏଖେଇ ଗୁଟେ ଛୁଆ ତାକର । ହଁ ଟିକେ ସାବନା ରଂଗର ହେଲେ ଭି ପାତଲ ଲହ ମେତାର ଦେହେଟେ ଥିଲା । ଛାଟ୍ ବାଲର ଲମ୍ବା ବେନିଟେ, ଧାର ନାକ, ଦୁହି ଆଏଁଖ ଖୋବ୍ ସୁନ୍ଦର, କପାଲେଁ ସୁରୁଟେ କଜଲ ଟିକା । ଚିକନ୍ କପଡାର୍ ଧୋବ୍ ଫରଫର୍ ସାଲୁଆର ନାଇଁ ହେଲେ ଧୋବ୍ ସୁତାସାଢି ପିନ୍ଧି କରି ସେ କଲେଜ କେ ଆସୁଥିଲେ । ମୁଇଁ ତାକୁ ଖୋବ୍ ପସନ୍ଦ କରୁଥିଲି, ସାଏକାତ୍ ସରସତି ମେତାର ଦିସୁଥିଲେ ସେ ।

ସେ ବରସ ଆମର କଲେଜ କେ ସଂସ୍କୃତ ବିଭାଗ କେ ନୁଆଁ ଅଧ୍ୟାପକ ଝନେ ଆସିଥାନ । ସୁଭକାନ୍ତ ସାର, ନାଁ ଜେନ୍ତା ଦେଖବାର କେ ଭି ସେନ୍ତା । ଡେଂଗା, ଗୁରା, ସୁନ୍ଦେର ବେଭାର । ବନାରସ ହିନ୍ଦୁ ବିସ୍ୱବିଦ୍ୟାଳୟ ନୁ ପଢିକରି ଆସିଥାନ୍ । ହୋଷ୍ଟେଲ ନ ସୁଭକାନ୍ତ ସାରଂକର କଥା ଟୁକେଲ ମାନକର ଭିତରେ ଖୋବ ଚର୍ଚ୍ଚା ହେଉଥାଏ । ସାରଂକର ପଢାବାର ଷ୍ଟାଇଲ, ସ୍ମାର୍ଟନେସ୍, ସବୁନୁ ତାକଁର୍ ସୁନ୍ଦର ଚେହେରାର ଚର୍ଚ୍ଚା । ମୁଇଁ ଦିନେ ନାନିର୍ ରୁମ୍ କେ ଜାଇଥାଏଁ । ନାନି ପଚରାଲେ – ଲିପି ! ସୁଭକାନ୍ତ ସାର ତମକେ କାଣା ପଢଉଛନ ? ମୁଇଁ କହେଲିଁ-'କୁମାରସମ୍ଭବମ', ନାନି, ଆର ବରସ ତ ତମର ପି.ଜି. ସରିଜିବା, ତମେ କାଣା କରବ ? 'ନାନି ! ତମେଭି ଅଧ୍ୟାପିକା ଟେ ହୁଅନ' ପ୍ଲସଥ୍ରି ବେଲେ ଆମକେ ପଢାବ !'

ନାନି କହେଲେ 'ହେମିଁ ନିସ୍‌ଚୟ ! ସ୍ୱୟଂ ଅଧ୍ୟାପିକା ନାଇହେଲେ ଭି ଅଧ୍ୟାପକସ୍ୟ ପତ୍ନି ହେଲେ କାଣା ନାଇଁ ଚଲେ ?' ସେ ହଁସଲେ, ମୁଇଁ କିଛି ନାଇଁ ବୁଝି କରି ଭଖା ଛାଡତେଲ ଦେଖଲି ।

ଧିରେ ଧିରେ ତାଁକର କଥାର ମରମ୍ ମୁଇଁ ବୁଝଲିଁ । ସୁଭକାନ୍ତ ସାର୍ ଆରୁ ଲିନାନାନି କେ ନେଇକରି ସଂସ୍କୃତ ବିଭାଗ ଉଠପଡ୍ ହଉଥାଏ । ନାନି ଗୁନ୍‌ବତି

ଥିଲେ, ବିଦ୍ୟାବତି ଥିଲେ, ସୁନ୍ଦର ଭାସଣ ଦେଇ ପାରୁଥିଲେ । ସଂସ୍କୃତ ବିଭାଗ ଥି ଏନ୍ତା କେହି ନାଇଁ ଥାଇଁ ଜେ ନାନି କେ ଭଲ ନାଇଁ ପାଉଥାଇଁ । ଫାଷ୍ଟ ଇଅର ପିଲାକର ନୁ ଅଧ୍ୟାପକ ମହଲ ଜାଏକ ସଭେ ତାକୁଁ ସରଧା କରୁଥିଲେ ।

ଦିନେ ହୋଷ୍ଟେଲ ବାଲକୋନି ନ ମୁଇଁ ବସିକରି ସିମା କେ ଟାକିଥାଏଁ । ମୁଁଡର ଉଦା ବାଲକେ ଗାମଛାଟାକେ ପୁଛି ପୁଛି କରି ନାନି ଆଏଲେ, ଧୋବ ସାଲୁଆର କମିଜ ପିନ୍ଧିଥାନ । 'ସେଆଡେ ଏତେ ମନତନ ଦେଇକରି କାଣା ଦେଖୁଛୁ ଲିପି ?' ସେ ପଚରାଲେ । ମୁଇଁ ବାଉଂଡ୍ରି ପାଖର ମନ୍ଦାର ଗଛକେ ଦେଖେଇ କରି କହେଲିଁ, 'ଗଛର୍ ତଲ୍ ଡାଲ୍ ମାନକେ ତ ଗୁଟେ ଭି ଫୁଲ ନାଇଁ ନ ନାନି, ବୋଧହୁଏ କିଏ କିଏ ତୁଲି ନେଉଥିବେ । ଦେଖତ ହେ ଉପର ଡାଲ ମାନକେ କେନ୍ତା ଡେବାଡୋବ ଫୁଲ ମାନ ଫୁଟିକରି ହଁସୁଛନ ଜେ ! ମୁଇଁ ହୋଷ୍ଟେଲ କେ ଆଏଲେଁ ସବୁଦିନେ ଇ ଗଛକେ ଘାଏ ଦେଖସିଁ । ଫୁଲ ମାନକୁ ଦେଖିକରି ଭାବସିଁ, ଇମାନେ କେଡେ ଭାଗ୍ୟ କରିଛନ, ଫୁଟବାର ସୌଭାଗ୍ୟ ତ ପାଏଲେ ।' ନାନି କହେଲେ –'ତାହେଲେ ଇ ଉପର ଡାଲର ଫୁଲ ମାନକର ଟିକେ ଭି ଦୁଖ ନାଏନ, ନାଇଁ ଲିପି ?' ମୁଇଁ ମୁଡ୍ ହଲେଇ କହେଲି , 'ହଁ ନାନି, ତମେଭି ଇ ଉପର ଡାଲର ଫୁଲ ମେତାର । ଇସ୍ୱର ତମକେ ସବୁ ଦେଇଛନ । ତମେଁ ନିଜର ପ୍ରତିଭା କେ ଫୁଟେଇ କରି ସବୁଦିନେ ଏନ୍ତା ହଁସୁଥିବ ।' ନାନି ମୁଲକରି ହଁସିଦେଲେ ଟିକେ ।

ଆମେ ଜେତେବେଲେ ଭି ସମିଆଁ ପାଉଥିଲୁଁ ଲିନାନାନି ଆଉ ସାର୍ କଂର ବିସେ ଥି କଥା ଲାଗୁଥିଲୁ । ସଂସ୍କୃତ ବିଭାଗ ର ଫଂକସନ୍, ସେମିନାର କ୍ଲାସ, ଥି ସାର ନାନିକେ କେନ୍ତେଇ କେନ୍ତେଇ ଦେଖୁଥିଲେ, ଡାକିକରି କଥା ଲାଗଲା ବେଲେ ତାକର ମୁହୁଁ କେନ୍ତା ଦିସୁଥିଲା, ସୁରୁ ସୁରୁ ସଂସ୍କୃତ ନାଟକ ଥି ସେ ରୋଲ କଲାବେଲେ ନାନିକେ କେନ୍ତେଇ ଦେଖୁଥିଲେ, ସେ ସବୁ ଆମର କଥାବାରତା ର ମୁଖିଆ ବିନ୍ଦୁ ଥିଲା । ମୁଇଁ ଭି ମନେ ମନେ ଭାବୁଥିଲି ତାକର ଜୁଡି ଟା ଖୋବ୍ ଭଲ ହେବା ବଲି ।

ଏମ.ଏ. ଫାଇନାଲ ଇଅର ପରିକ୍ଷା ର ଆଗରୁ ନାନି ଖୋବ୍ ଡିସ୍ଟର୍ବ ରହେଲେ । କାଁ କରି ଜେ, କେ ଜାନେ ! ହୋଷ୍ଟେଲ ଛାଡିକରି ଘରକେ ପଲାଲେ । ।ଫେର ତାକର ଦେହେ ଖରାଫ ଅଛେ ବଲି ସୁନଲୁଁ । ନାନି ଆରୁ ନାଇଁ ଆଏଲେ । ଖାଲି ପରିକ୍ଷା ଦିନ ମାନକେ ଘରୁ ଆସିକରି ପରିକ୍ଷା ଦଉଥିଲେ । ତାରପରେ ନାନିର ଆଉ ଖୋଜ ଖବର କିଛି ନି ମିଲଲା ।

ଇଆଡେ ସୁଭକାନ୍ତ ସାର ଭି ଖୋବଦିନ୍ ଛୁଟିଥି ରହେଲେ । ସୁନାଗଲା ଜେ

ନାନିର ସଂଗେ ତାକର ସବୁ ସଂପର୍କ ଟୁଟି ଜାଇଛେ । ସାର ଜେଭେ କଲେଜ କେ ଆଏଲେ ତାକର ବିହାଘର ସରିଜାଇଥିଲା । ଆମକୁ ଗୁରଦୁଟେ ଦୁଃଖ ଲାଗଲା ।

ଫେର ଭାବଲୁଁ, ଜାହା ଘଟବାର ଥିସି ଘଟସି । ହୁଏତ ଭଗବାନଂକର ଇଛା ଅଲଗ୍ ଥିଲା, ଗୁରୁ ସିସ୍ୟଂକର ସଂପର୍କ ମଏଲା ନାଇଁ ହେଲା ।

(୩)

ମୁଇଁ ପ୍ଲସଥ୍ରି ପଢଲିଁ ସଂସ୍କୃତ ଅନର୍ସ ନେଇକରି । ନାନି ସେ ବର୍ସ ପି.ଜି.ଟପ୍ପର୍ ହେଲେ । ଭାବୁଥିଲିଁ, ସେ ତ ରେଜଲ୍ଟ ନେଇ ଆସବେ, ନିସଚେ ଦେଖାହେବା, ହେଲେଁ ଆଉର୍ ଦେଖା ନାଇ ମିଲଲା ନାନିଂକର । ଧିରେ ଧିରେ ସବୁକଥା ସାଧରାଣ ହେଇଗଲା, ବଛର୍ ଆଏଲା ଗଲା । ଆମର ପଢା ଭି ସରିଗଲା, ଜିବନର୍ ମୋଡ୍ ବଦଲିଗଲା ।

ଦସରା ମାସ୍, ନନ୍ଦ ମାନକେ ଭାଏଜୁଁତିଆ ସାଢି ଦେବାର କାଜେ ମୁଇଁ ସମଲପୁରି ସାଢି ଦୁକାନ କେ ଜାଇଥାଏଁ । ଘିନିସାରିକରି ଲେଉଟି ଗଲାବେଲକେ ମୁଇଁ ଆସରିଜ ହେଇଗଲି । ଆଏଁଖ ପତା ନାଇଁ ପଡୁଥାଇ, ତାହାକୁ ଏକସକଟି ଦେଖୁଥାଏଁ, ଖୁବ ବରସ୍ ଉତରୁ ।

ଲିନାନାନି ଟିଖେ ଭି ନାଇଁ ବଦଲି ଥାଇ । ରିମଲେସ୍ ଚସମା ଟେ ଖାଲି ପିନ୍ଧିଥିଲେ ଜାହା । କାନତରାର୍ ମୁଡର ବାଲ ମାନେ ଗୁଟେ ଗୁଟେ ପାଚି ଜାଇଥିଲା। ସେହି ହଁସି, ଛୋଟ ଛୋଟ ନିଲିଆ ଫୁଲଫୁଟା ଧୋବ ସାଢି ଟେ ପିନ୍ଧିଥାନ୍ । ମତେ କେତେ ଖୁସି ଲାଗଲା, କହି ନାଇପାରେଁ । କେଭୁ କେଭୁ ମୋର ମନ ଭିତରେ କେତେକଥା ଜାନବାର ଥିଲା । ତାହାକୁ ଦେଖୁନ ସାଏର୍ ନାଗସାଁପର୍ ଫେନ ବାଗିର ମୁଡ୍ ଟେକଲା । ସେ ମୋର ମନର୍ କଥା ଜାନିପକାଲେ କାଏଁସେ । ମୁଇଁ ତାହାକୁ ଆମର ଘରକେ ଜାଉଁ ବଲି ବାଧ୍ୟକଲିଁ । ସେ ରାଜି ନାଇଁ ହେଲେ । ସାଢି ଖଁଡେ ଘିନିକରି କହେଲେ, ଦୁହେଁ ରେକସା ଥି ଜିମା କଥା ଲାଗିଲାଗି, ତୁଇଁ ତୋର କଲୋନି ବାଟେ ଉତରି ଜିବୁ, ମୁଇଁ ବସଟେନ୍ କେ ଜିମିଁ । ମୁଇଁ ହଁ କହେଲି । ରେକସା ଧିରେ ଧିରେ ଆଗକେ ଚାଲ୍ଲା । ନାନି କହେଲେ, 'ତୁଇ ଜାହା ପଚରାବୁ ସେଟା ମୁଇଁ ଜାନିଛେଁ । ଅବେସ କହେମି ତତେ । ଜିବନର୍ ଇ ଗୁଡିବର୍ଗା ସମିଆ ଥି ଆରୁ ସେ କଥାର କେହେନି ଗୁରୁତ୍ୱ ନାଏନ ।'

ମୁଇଁ ବଏଲିଁ 'ସୁଭ୍ରକାନ୍ତ ସାର ମନାକଲେ କାଏଁ ତମକେ ନାନି ?' ସେ

କହେଲେ –‘ନାଇଁ, ମୁଇଁ ତାହାକୁ ମନାକଲିଁ । ହଁ, ଇଟା ସତ ଆଏ ଜେ ଦୁହେ ଦୁହିକୁ ପସନ୍ଦ କୁରୁଥିଲୁଁ । ମୁଇଁ ସାରଂକର ଜେତକି ପାସକେ ଗଲିଁ, ତାକର ବିସେଥି ଆହୁରି ଆହୁରି କଥା ଜାନଲିଁ । ବନାରସ୍ ନ ପଢୁଥିଲା ବେଲେ ସେ ଅନୁରାଧା ବଲି ତାକର ସାଂଗେ ପଢୁଥିବାର ଟୁକେଲ ଟାକେ ଖୋବ ପସନ୍ଦ କରୁଥିଲେ । ଅନୁର ବାପା ମରିଜାଇଥିଲେ ଛୁଆବେଲୁ । ମାମୁଁଘରେ ମାଁ ସଂଗେ ସେ ରହୁଥିଲା । ବି.ଏ. ପଢଲା ବେଲେ ଏକସିଡେଂଟଥି ମାଁ ଆରୁ ମାମୁଁ ମରିଗଲେ । ଅନୁରାଧା ଡିପ୍ରେସନ ର ସିକାର ହେଲା, ଉସୋକସା ଖାଏଲା, ଇ କଥା ସାର ନାଇଁ ଜାନିଥାଇଁ । ଏମ.ଏ. ପଢଲା ବେଲେ ଜେତେବେଲେ ଜାନଲେ, ସାର୍ ଅନୁରାଧା ନୁ ନିଜକେ ଧୁରେ ରଖଲେ । ଇଆଡେ ୟୁପିଏସସି ସିଲେକସନ ହେଇଗଲା ଆଉ ସାର୍ ଆମର୍ କଲେଜ କେ ଆଏଲେ । ଅନୁରାଧା ଇତିହାସ ହେଇଗଲା । ତାର ଉତରୁ କାଣା ହେଲା ଜେ ତ ତୁଇ ଜାନିଛୁ ।’

‘କିନ୍ତୁ ନାନି, ସେ ତ ଅନୁରାଧା କେ ଛାଡି ସାରିଥିଲେନ, ତମର ବାଟ ତ ସଫା ଥିଲା ।’ ନାନି ଟିକେ ଅଟକି ଗଲେ, ଥୁକ ଗିଲିକରି କହେଲେ–‘ଭଲ ପାଏବାର ଧାରାଟା ଖୋବ କାଏଡ ଆଏ ଲିପି, ଜେ ଜାହାକେ ଭଲ ପାଏସି, ତାର ଗୁନ, ଅବଗୁନ, ଅସୁବିଧା ସବୁକେ ସ୍ୱିକାର କଲେଜାଇ । ଅନୁ ଡିପ୍ରେସନ୍ ଥି ଅଛେ ଜାନଲା ପରେ ସାର ତାର ପାଖୁ ଭାଗବାର ଟା ସ୍ୱାର୍ଥପର କାମ ନୁହେଁ କାଏଁ ? ମୁଇଁ ଇ କଥା ଜାନଲା ଉତାରୁ ନିଜେ ତାକର ନୁଁ ଦୁରେଇ ଗଲି ।’

‘ଓହୋ ନାନି ! ତ ତମର ଆଉ ସାରଂକର ଆଚରନ ଭିତରେ କାଏଁ ଫରଖ ରହେଲା ସେ ! ତମେ ଭି ତ ତାକର ଅବଗୁନ କେ ଖ୍ୟମା ନାଇ କରି ପାରଲ ? ନିଜେ ଦୁରେଇ ଗଲ ।’

(୪)

ନାନି ଘାଏ କହି ନାଇପାରଲେ । ତାକର ଟଁଣ ଥରଥରେଇ ଗଲା, ଆଖିଁ ଲୁହୁ ଆସିଗଲା । ତାହାକୁ କାଏଁକରି ଏନ୍ତା ପଚାରାଲି ବଲିକରି ମତେ ଦୁସି ଦୁସି ଲାଗଲା । କହେଲି –‘ମତେ ଖ୍ୟମା କରିଦିଅ ନାନି ।’ ‘ହଉ ହେଲା ଆଉ ନାଇ କହ କିଛି’ –ନିଜକେ ଥେବେ କରି କରି ସେ କହେଲେ –‘ନାଇଁ ଲିପି ବହି ଦିଆନିଆନୁ ତୋର ସାଂଗେ ମୋର ଗୁଟେ ଅଲଗା ସଂପର୍କ ତିଆର ହେଇଯାଇଥିଲା । ମୁଇଁ କିଛି ଖରାପ ନାଇ ଭାବବାର । ହଁ, ତୋର ସୋର ଅଛେ ଭାଏଲ ହୋଷ୍ଟେଲ ର ସେ କଥାଟା ?’

‘କେନକଥା ନାନି ?’

'ତୁଇ ମତେ ଥରେ କହିଥିଲୁ ନା ନାନି ତମେ ଉପର ଡାଲର ଫୁଲ ମେତାର ବଲି, ସୋର କରୁଛୁ ?'

'ହଁ ହଁ ମୁଡ ହଲେଇ କରି ମୁଇଁ କହେଲି ।'

'ଇସ୍ୱର ସବୁଆଡୁ କାହାକେ ଟିପ୍‌ଟପ୍ ନାଇ କରିଥାନ ଲିପି । କେନସିଁ ନାଇଁ କେନସିଁ ଅଭାବ ଟେ ରଖିଥିସନ । ମୁଇଁ ଅନୁରାଧାର ଉଠଗେନ ସିନେଁ ସାରଂକୁ ମେରେଜ କରବାର କେ ମନା କରିଥିଲି, ମୋର ହୁରୁଦ ଭିତରେ ଆଏଜ ଭି ସେ ଅଛନ ସାମକୋଲ ଭିତରର ମୁକ୍ତା ବାଗିର ।'

'କାଏଁ ଉଠଗନ ନାନି ? ସେ ତ ଅନୁରାଧା କେ ଛାଡି ସାରିଥିଲେନ, ତମେ ଭି ତ ତାହାକୁ ପସନ୍ଦ କରୁଥିଲ ।'

'ହଁ, ଗୁଟେ କାରନ ଥିଲା, ସେଟା ମୁଇଁ ସାରଂକୁ ଭି ନାଇ କହି, କହିଥିତି ନିସଚେ, କିନ୍ତୁ କହେବାର କେ ଉଚିତ ବଲି ନାଇ ଭାବଲି । କାହାକେ ନାଇଁ କହି ଭି', ନାନି କହେଲେ ।

'ମତେ ଭି ନାଇ କହ ?'

ଗାଢା ନିସ୍ୱାସ ଟେ ଛାଡି କରି ନାନି କହେଲେ –'ଭଲ ପାଏବର ଟା ଗୁଟେ ଏନ୍ତା ଗୁଟେ ଅନୁଭବ ଜେ ଲିପି ମୁନୁସ ନିଜର ଆଏତ ଥି ନାଇ ଥାଏ । ମୁଇଁ ଭି ହେନ୍ତା ସାରଂକୁ ପସନ୍ଦ କରି ପକାଲିଁ ମୋର ନ ଜେନ ଦାଗ ଅଛେ ସେଟା କେ ନାଇ ଭାବିକରି । ଅନୁରାଧାର କଥା ଜାନଲା ପରେ ମୋର ଚେତା ପସଲା । ରୋଗି ଟେ ହେଉ, ବିକଲାଂଗ ଟେ ହେଉ ଇମାନେ କେତେ ନିଆସ୍ରି ସଥେ । କାହାକେ ଭଲ ପାଉଥିଲେ ଭି ଅଧିକାର ଜତେଇ ନାଇ ପାରନ । ଭଲ ମୁନୁସଟାକେ ଭଲ ପାଏବାର ଅଧିକାର, ସପନ ନାଇ ଦେଖିପାରନ ସେମାନେ ।'

ମୁଇଁ କହେଲି –'ତମେ ଅନୁରାଧାର କଥା କେ ନେଇକରି ଏତେ ଇମୋସୋନାଲ କାଏଁଜେ ହେଉଛ ନାନି ? ଇଥି ତମର ଦୋସ କାଣା ?'

'ମୁଇଁ ସିକଲିନ ପେସେଂଟ୍ ଲିପି' –ନାନି ଖୋବ ଧିରେ ଧିରେ କହେଲେ । ମୋର ମୁଡ ଉପରେ ଆକାସ ଜୁଗରେଇ ହେଇଗଲା ବାଗିର ଲାଗଲା । ଅତ୍ୟଧିକ ଉକବୁକି ଥି ମୋର ଟଁଟି ଚିଏଁଇଗଲା । ଥୁକ ଗିଲିକରି କହେଲି–'ସିକଲଲିନ ପେସେଂଟ ମାନେ ଭିତ ମେରେଜ କରି ପାରୁଛନ ନାନି ।'

ନାନି କହେଲେ–'ଡିପ୍ରେସନ ର ସିକାର ହେଇଥିଲା ବଲି ଜେନ ଅନୁକେ ସାର ଛାଡି ସାରିଥିଲେ, ସିକଲିନ ପେସେଂଟ ବଲି ଜାନଲା ଉତାରୁ ସେ କାଣା

ସ୍ୱେତାଲିନା କେ ବିହା ହେଇଥିତେ ଲିପି ?'

(୫)

ମୁଇଁ କିଛି କହି ନାଇଁ ପାରଲି । ଆଉ କିଛି ପଚରାବାର ଭି ଦରକାର ନାଇଁଥାଇ । ଆମର କଲୋନିର ଛକ ଆସି ଜାଇଥିଲା ନ । ନାନିର ଫୋନ ନମର ଟା ମାଗି କରି ମୁଇଁ ରିକସା ନୁଁ ଉତରିଲି ।

ଛକନୁ ଚାଲି ଚାଲି ଆସଲା ବେଲେ ମୁଇଁ ଭାବୁଥିଲି, ତଲେ ଥିବାର୍ ଦରଫୁଟା କଢୋ ମାନକର ଭାଗ୍ୟ ଭଲ, ହରେକ୍ କାମ ଥି ଲାଗି ତ ପାରସନ । ଉପର ଡାଲର ଫୁଲ ମାନକର ଦରଦ କିଏ ଜାନସି ? ଅପୁହୁଁଚ ଜାଗାନ ଫୁଟିକରି ଅପନେ ଆପ ମଉଲି ଜିବାର ଜାତନା ସେମାନକର ନୁଁ ଅଏତକା କିଏ ଜାନ୍‌ସି ଭାଏଲ ? ସରତ ରୁତୁ । ଦୁର୍ଗା ପୂଜାର ପାସ ପାସ । ଆମର କଲୋନି କେ ଟିକେ ଟିକେ ସିତ ଉତରି ଆସିଥିଲାନ । ଗୁଟେ ଉଦାସପନର କୁହୁଡି ଥି ମୁଇଁ ଗୁଟାମୁଟା ବୁଡି ସାରିଥିଲିନ ସେତକିବେଲକେ ।

———୦୦୦———

ଜଗନ୍ନାଥ କଲୋନି
ଏଲ-୪, ଏ-୪୩
ବୁଢାରଜା, ସମ୍ବଲପୁର

ବଂଧନ୍

ଅଲକା ଦାସ

ଦୁଖ୍ ସୁଖ୍ ପିଠୁଆଁ ଉଠୁଆଁ ଭାଏ। ଇ ଦୁହିକର୍ ନା କୁଲ୍ ଗୁତର୍ ଅଛେ ନା ଧନି ଗରିବର୍ ଭାବ୍। ହେଁଥିର୍ ଲାଗି ଦୁହିଝନ୍‌କୁଁ ଭାବୋଁ ଭାବେଁ ଆଦ୍‌ରି ଜାନ୍‌ଲେଁ ଦୁଖର୍ ଛଏଁରାନ ବି ସୁଖର୍ ଛଏଁରାର୍ ସିତଲ୍ ପନ୍ ଫଟିକ୍ ବାରି ହେସି।

ପାର ଭୁଢି ବୁଢାକେ ଗଁଟିଆ ବଲି ଡାକ୍‌ସି। ବୁଢା ବୁଢିକେ ବିର୍‌ଝେଇ ବଲସି ମୁଇଁ କେତେଖଁଡ୍ ଗାର୍ ଗଉଁଟି ରଖିଛେଁ ଜେ ମତେ ତୁଇଁ ଗଉଁଟିଆ ବଲ୍‌ସୁ। ବୁଢିର୍ ଉଦ୍‌ରିନୁ ହେଲେଁ କଥାର୍ କାଏଁ ଅଭାବ୍। ବିନ୍‌କହେ ତ ଛୁଛା କଲ୍‌କଲି ଆଏ। ସେ ଝଟ୍‌କରି ବଲ୍‌ସି ଆମର୍ ଗାଁନ ଥିଲାବେଲେଁ ମୁଇଁ ଗଉଁଟିଆ ଦେଖିଛେଁ ଗୋ, ଗଉଁଟିଆ ବଏଲେଁ କେତେଖଁଡ୍ ଗାଁର୍ ରଜା, ହେତ୍‌କି ତ। ହେତେ ସେ କେତେ ଖଡର୍ ଗାଁର୍ ଲୋକ୍ ତାହାକୁଁ ତୁଇଁ ନାଇଁ ବଲନ୍। କେତେ ଖଁଡ୍ ଗାଁ ନାଇଁ ହେଲେଁ କାଏଁ ହେଲା, ତୁମେ ଇ ଘରର୍ ଗଉଁଟିଆ ଆର୍ ମୁଇଁ ଗଉଁଟିଏନ୍। ଆମ୍‌କୁଁ ଇ ନ ତୁଇଁ ବଲ୍‌ବାକେ କିଏ ଅଛନ୍। ଜିବ୍‌ନର୍ ସୁଖ୍ ଦୁଖ୍ ଲାଗି ଗଉଁଟିର୍ ଟେକ୍‌ନା କାଏଁ ଦର୍‌କାର୍। ମୁଇଁ କେଡେ କେଡେ ବଡ୍ ବଡ୍ ଲୁକର୍ ଘରେଁ କାମ୍ କରିଛେଁ। ଖୁରିଗିନା ରେତାନୁ ମୁଲ୍ କରି ଘର୍‌ମନକର୍ ଖୁଁଟି ଖାପ୍ ନୁ ସବ୍ କବାର୍। ହେଁ ଥୁଁ ମୁଇଁ ଗୁଟେ କବାର୍ ସିଖିଛେଁ। ରଜାଟାକେ ତାର୍ ମୁଡର୍ ସୁନା ରୁପା ହିରା ନିଲା ଲଗା ମୁକୁଟ୍‌କେ ମୁଣ୍ଡୁଁ ଉତ୍‌ରାବାକେ ଝନେ ଲୋକ୍ ଟାର୍ ଦର୍‌କାର୍ ପଡ୍‌ସି। ସେ ଲୁକର୍ ସାହେଜ୍ ନାଇଁ ହେଲେଁ ମୁଣ୍ଡୁଁ ନାଇଁ ଉତ୍‌ରେ ମୁକୁଟ୍। କେଡେ ପର୍‌ଆସ୍‌ରି ହେଁ ଜିବନ୍।

ହେଲେ ଆମର୍ କିଛି ନାଇଁ ଥାଇକରି ପଥରର୍ ଭାର୍ ବୁହିକରି ଘର୍‌କେ ଆସି ତୁମେ ମୋର୍ ଲାଗି ମୁଇଁ ତୁମର୍ ଲାଗି ସେନୋ ଭାବେଁ ଜେନ୍ ମାନେ ପସେ ଘରେଁ ଫୁଟେଇଥିସୁଁ ସେତାକେ ନୁନ୍ ତୁନ୍ ଜାହା ଜୁଟ୍‌ଲା ଖାଇପିଇ ଆରାମ୍‌ନ ପନତ୍ ପାରି ସୁଇନେସୁଁ ସେଥୁଁ କାଣା କମ୍ ସୁଖ୍ ପାଏସୁଁ! ହେଥିର୍‌ଲାଗି ବଲ୍‌ସିଁ ଆମର୍ ଦୁଖର୍ ସୁଖର୍ ଗଉଁତିଆ ଗଉଁତେନ୍ ଆମେ ଆଉଁ।

ବୁଢା ତୁନ୍ ପଡି ହଁସି ନେସି। ହେଲେ ବୁଢାର୍ ମନ୍ ଆଗ୍‌କେ ଭାବି ଉତ୍‌ରି ଜାଏସି। ସେ ଭାବସି ତାର୍ ଉତାରୁଁ ଏକ୍‌ଲା ବୁଢି କେନ୍ତା କର୍‌ବା।

ପାର ବୁଢିର୍ ଖୁଲା ମନ୍ ଆର୍ ସେନ୍‌ହୋ ଭାବ୍ ଲାଗି ପାସ୍‌ପାଂଜର୍ ଜାହାର୍ ଜାହର୍ ଘରେଁ କାମ୍ କର୍‌ସି ସଭେ ତାହାକେ ଭଲ୍ ପାଏସନ୍। ତାର୍ ବୁତେ ଜେତ୍‌କରର୍ ହେଇପାରେ ସମକର୍ ଦୁଖେଁ ସୁଖେଁ ସାହେଜ୍ କର୍‌ବାକେ ଆଗ୍‌ପତି। ହେଲେଁ କାହାର୍ କେନ୍ ଭୁଲ୍ ଅସୁନ୍ଦର୍ ଦେଏଖ୍‌ଲେଁ ହେନ୍ତା ହକେଁ ଝାଡି ବି ନେବାର୍ ଥିଁ କେଭେ ନାଇଁ ଘୁଚେ। ବୁଢିର୍ ହେଁ ଚଲନ୍ ତାହାକେ ସମକରର୍ ନିଜର୍ କରିନେସି।

ପାର ବୁଢି ଜେତ୍‌କି ଘରେଁ କବାର୍ କର୍‌ସି ସିପ୍ରା ଘର୍‌ଟା ତାହାକେ ଜହ ଭଲ୍ ଲାଗ୍‌ସି। ସିପ୍ରାର୍ ମୁନୁସ୍ ମନୋଜ୍ ଘଲା ପାର ବଡ୍‌ଖା ମାକେ ବନେ ମାନ୍‌ସନ୍। ତାକର୍ ଦୁଇବର୍‌ସର୍ ପୋ ଚିନୁର୍ ବି ପାର ମାମା ଜିବନ୍ ଆଏ।

ସିପ୍ରାର୍ ମା ବାପ୍ ନାଇଁ ନ। ଇ ଆଡେ ସାସ୍ ଘରେଁ ସାସ୍ ନାଇଁ। ପିଲାତି କବାରେଁ ମାଏଝି ଟୁକେଲ୍‌ଟେ ନିହାତି ଦର୍‌କାର୍। ଜେନ୍‌ଦିନ ସିପ୍ରା ଜାନ୍‌ଲାଜେ ସେ ମା ହେବାକେ ଜାଉଛେ ମନୋଜ ଆର୍ ସେ ବଡା ଚିନ୍ତା ଥିଁ ରହୁଥାନ୍। ଜତ୍ ଦିନ୍ ପାଖ୍ ପାଖ୍ ହେଲା ଇତାକର୍ ଚିନ୍ତା ବଢତ୍ ଗଲା। ଇ କଥା ଜେତେବେଲେଁ ପାର ବୁଢି ଜାନ୍‌ଲା, ସେ ସିପ୍ରାକେ ବଏଲା ହେଁଟାକେ କାଏଁ ଭାଲ୍‌ନି କର୍‌ସୁ। ମୁଇଁ ଜନମ୍ ନାଇଁ କରିଜେ କାଏଁହେଲା ଆଠ୍ ଆଠ୍‌ଟା ପୋ ପୁତ୍ରା ସଁଖ୍‌ଲିଛେଁ। ସେ ପୁତେ ସିନା ମନ୍ ନାଇଁ ଚିହ୍ନଲେ, ମୁଇଁ କାଣା ନାଇଁ କରିଁ ତାକର୍ ଲାଗି ଇ ହାତେଁ। ତୁଇଁ ଚିନ୍ତା ନାଇଁ କର୍, ମୁଇଁ ତୋର୍ ପନ୍ତରା କଛାନୁ ମୁଲ୍ କରି ଛୁଆ ସେଁକା ତକ୍ ସୁବୁକରିନେମି। ପାଏନ୍ ଖିଆ ଜାଏତ୍ ଆଏଁ, ଜାହାଜାନ୍‌ମି ପଥି ବି ରାନ୍ଧିନେମି। ହେତାକେ କେତେ ଭାଲ୍‌ନି କର୍‌ସୁ। ସିପ୍ରାର୍ ମୁଡୁଁ ସେଦିନ ପର୍‌ବତର୍ ବୋଝ୍‌ଟେ ଉତ୍‌ରିଗଲା ବାଗିର୍ ଲାଗ୍‌ଲା। ପାର ବୁଢି ତାର୍ କଥା ହିସାବେଁ ସେ ସମିଆ ଟିକାକ ଡଉଲ୍ ଭାବେଁ ପାର୍ କରିନେଲା। ହେଁ ଦିନୁ ସେ ସିପ୍ରା ଆର୍ ମନୋଜର୍ ପାର ବଡ୍‌ଖା ମା ଆର୍ ସୁରୁ ଛୁଆର୍ ପାର ମାମା।

ଇଟା ମାସ୍‌ଦୁ ହେଲାନ ବୁଢା ଖଟ୍ ଧଏଲାନ। ବୁଢି ଜାନ ଜିବନ୍ ଲଗେଇ

ବୁଢାର୍ ସେବା ଜତନ୍ କରୁଛେ । ସେଥିଁ ଫେର୍ ବାର ଘରର୍ କବାର୍ ସାରି ଚୁଇଲ୍କେ ଅନ୍ଧାନ୍ ଦେଲେଁ ଜାଇ । ହେଲେଁ ପାରକେ ପର୍ବାଏ ନାଇଁ କେହେନି କବାର୍କେ । ବୁଢା ଦିନେ କାନ୍ଦ୍ କାନ୍ଦ୍ ହେଇ ବୁଢିକେ ବଏଲା ଆର୍ ମୋର୍ ଲାଗି ଘାଁଟି ନାଇଁ ହନ । ମତେ ଜାଇଦେ । ପାର ବଏଲା ହଏ ଗୋ, ଜିବାର୍ଟାତ ଦୁହେ ଜିମା, ହେଲେଁ ଅଗାପଛା ହେଇ । ମୁଇଁ ବି ତୁମ୍କୁ ନାଇଁ ଅଟ୍କେଇପାରେଁ ଜମ୍ ଆଏଲେଁ । ଆର୍ ସତ୍ କହେଲେଁ ହେବା ମୋର୍ ବି ମନ୍ ଚାହୁଁଚେ ତୁମେ ଆଗୋ ଜ ବଲି । ଆମେ ଇହାଦେ ଜୁଲି ହେଇଛୁଁ । କିଛିନାଇଁ ହେଲେଁ ଆଦରର୍ କଥା ବାର୍ତା ଟିକେଥିଁ ପେଟ୍ ମନ୍ ଭରି ସବୁଦୁଖ୍ ପାସ୍ରି ହେଇଜାଉଛେ । ହେଲେଁ ଜେ ପଛେଁ ଜିମା ତାର୍ ଦୁଖ୍ ଅଛେ କାଏଁନ । ଆର୍ ହେଁ ଦୁଖ୍ ତୁମେ ପ ହେଁଟୋ ମୁଇଁ ନାଇଁ ଚାହେଁ । ତୁମେ ଜେତେଦିନ୍ ଥିବ ସେବାଜତନ୍ ପାଇ ଆଗୋ ଜ, ମୁଇଁ ଜେନ୍ତା କର୍ମି କର୍ମି ନ ।

ବୁଢିର୍ କଥା ସୁନି ବୁଢାର୍ ଆଁଖିର୍ ପାଏନ୍ ଧସେଇହେଲା । ବୁଢାର୍ ମୁହୁଁଦେଖି ବୁଢି କଥାକେ ପାତଲ୍ କର୍ବାକେ ବିର୍ଝେଇକରି ବଏଲା ମୁଇଁ ଆଗୋ ଗଲେଁ ତୁମେ କେନ ଚଲିପାର୍ବଜେ ହେଲେଁ । ତୁମେତ ଜୁନ୍ହାଁ ଅନ୍ଡଂରିଆଟା । ନାଇଁ ଦେଖୁଛ, ବୁଢା ବଏସେଁ କୁଟୁମ୍ ଛାଡି ପଲେଇଆସିଛଜେ ।

ବୁଢା ଆଁ ଫାରି ପାରର୍ ମୁହୁଁକେ ଦେଖ୍ଲା ଆର୍ ବଏଲା ଆଏଲିଁ ଜେ ତ ସୁଖେଁ ରହେଲିଁ, ସୁଖେଁ ଜିମି ।

ପାର ଫେର୍ ବିର୍ଝୋଲା । ବଏଲା ଖୋରେ, ମାମୁଘର୍ ଗଲାବାଗିର୍ ଲାଗୁଥିବା ତ ନାଁ ଗଉଁତିଆ !

ଦିନାଦୁଏ ଜାଇଛେ ଦିନେ ବୁଢି କବାରୁଁ ଫିରି କରି ଦେଖଲା ବୁଢା ଆର୍ ନାଇଁ ସୁନ୍ବାର୍ । ସେ ଡାକ୍ଲା ଗଉଁତିଆ ତାର୍ ନିସାସର୍ ଫୁଂଜିକେ ବଏକରି ସାଏଲାନ । ପାସର୍ ପାଂଜରର୍ ସବ୍ ଆସି ଠୋଲ୍ ହେଇଗଲେ । ସିପ୍ରା ଆର୍ ମନୋଜ୍ ବି ବୁଢାର୍ ଜିବାର୍ ସୁନି ନର୍ଦି ଆଏଲେ । ପାର ବୁଢି ହାତର୍ ଚୁରି ଦିରାକ ହିଟେଇ କରି ବୁଢାର୍ ଛାତିନ ଥୁଇନେଲା ଆର୍ ବଏଲା ନିଅ ଗୋ ଗଉଁତିଆ, ତୁମର୍ ଦେଲା ସମ୍ପଦ୍ ତୁମେ ଧରିକରିଜ । ବୁଢିର୍ ରୁଂଧିଆନ୍ଲା ମନର୍ ଗହେର୍ ଭିତରର୍ କଥା ପଦ୍କ ସମକରିର୍ ଆଏଁକ୍ ଉଦା କରିନେଲା । ହେଲେଁ ପାରର୍ ସୁଖା ଆଁଖିଁ ଖାଲି ଗଉଁତିଆର୍ ମୁହୁଁର୍ ସାଗେଁ ଆଗ୍କେ କଟାବାର୍ ଜିଉନିର୍ ଛାଏଁଟେ ଫଟିକ୍ ବାରି ହେଉଥାଏ । ହେଲେଁ ତାର୍ ଜିଉନିର୍ ଝାଉ ଖରାର୍ ତପ୍ତିର୍ ଲାଗି ସିତଲ୍ ଛଏଁରାଟେ

କୋସ୍ କୋସ୍ ତକ୍ ନାଇଁ ଦିସୁଥାଏ ।

ମଲାଲୁକର୍ ରାଏତ୍, ଜିଁଲା ଲୁକର୍ ଦିନ୍ । ମଲାଲୁକର୍ ଜିବନ୍ ଲଢେଇ ସରିଜାଏସି । ହେଲେଁ ଜିଁଥିବାର୍ ଲୁକ୍ ଜିବ୍‌ନେ ଜେତେ ଦୁକ୍ ଭେଟ୍‌ଲେଁ ଘଲା ପେଟର୍ ଭୋକ୍ ହେଲେଁ ତାହାକେ ଉଠାବା ଲଢେଇଲାଗି ।

ଦିନାଦୁ ଗଲା, ବୁଢି ଫେର୍ ତାର୍ କବାରେଁ ଜୁଟିଗଲା । ସେଦିନ ସିପ୍ରା ଘର୍‌କେ ଗଲାବେଲେଁ ସୋର୍ କଲା ଗଉଁତିଆ ତାହକେ ଖାତା ଖଁଡେ ଆର୍ ସୁରୁଟେ ବହି ଦେଇକରି ଇ ଟା ମୋର୍ ଗଲା ଉତାରୁ ତୋର୍ ବିସ୍‌ପାସି ଲୋକ୍‌ଟାକେ ଦେଖାବୁ ବଲିଥିଲେ । ବୁଢି ସେତେବେଲେଁ ଇ କଥାକେ ଧ୍ୟାନ୍ ନାଇଁ ଦେଇଁ । ଜେତେବେଲେଁ ବୁଢାର୍ ବାକ୍‌ସେ ତାର୍ ଜିନିସ୍ ସବୁ ଭରିନେମି ବଲି ବାକସ୍‌କେ ଖୁଲ୍‌ଲା ସେତେବେଲେଁ ଖାତା ତାର୍ ହାତେଁ ପଡ୍‌ଲାକି ବୁଢାର୍ କଥା ସୋର୍ କଲା । ସେ ଦୁହିଖାତା ଧରି ସିଧା ସିପ୍ରା ଘର୍‌କେ ଗଲା । ସିପ୍ରା ପାର ବୁଢିକେ ଦେଖ୍‌ଲା କି ବଡାଘାଏଁ ଉସତ୍ ହେଲା ଆର୍ ବଏଲେ ବନେକଲୁ ଆଏଲୁଜେ, ଦେଖତ ବାବୁ ବି ତତେ କେତେ ନୁରୁଛେଜେ । ଚିନୁ ଭିଲ୍ ପାର ମାମାର୍ ଦିହେଁ ଝଁପେଇହେଲା । ବୁଢି ବଏଲା ନାଇଁ ଆଏଲେଁ ହେବା ପୁତା, ମୁଇଁ ତ ଏକ୍‌ଲା ଲୋକ୍, ରେଢି ଚଲ୍‌ଲେଁ ଠୁଁଡି ଚଲୁଛେ । ଘରେଁ ବସିରହେଲେଁ କାଣା ଖାଏମି, କେନ୍‌ଥେଇଁ ଜିଁମି । ହଁ, ଏ ମା ଦେଖ୍ ତ ଦେଖ୍ ଇଟା କାଣା ଗୁଟେ ତୋର୍ ବବା ଛାଡିଜାଇଛନ୍ ଜେ । ତାର୍ କଥା ସୁନି ମନୋଜ୍ ବି ଘରୁଁ ବାହାରି ଆଏଲେ । ଦେଖ୍‌ଲେ ବୁଢିର୍ ହାତେ ଖାତା ଗୁଟେ ଆର୍ ପାସ୍ ବହିଗୁଟେ । ମନୋଜ୍ ପାସବହି ଅଡେଇକରି ଦେଖ୍‌ଲେ ଆର୍ ବଏଲେ ବଡ୍‌ଖାମା ଇ ପାସବହିଥି ଦସ୍ ଲାଖ ଟଁକା ଅଛେ ଆର୍ ସେଥିର୍ ନୋମିନି ତୁଇଁ ଆଉ ।

ବୁଢି ସଡକଦମ୍ ହେଇଗଲା । ଛନେ ବେଲ୍‌ତକ୍ ତାର୍ କାପୁ ନାଇଁ ଫୁଟ୍‌ଲା । ସେ ସମରିକରି ବଏଲା ଏ ପୁତା ହେଁ ଖାତା ଦେଖତ, କାଣା କାଣା ଲେଖିଛନ୍ କାଏଁଜେ ବୁଢା ! ହେତେ ଗୁର୍‌ଦୁ ପଏସା କାହୁଁ ପାଏଲେ । ଦେଖ୍ ତ ପୁତା କାହାକେ ଦେବାର୍‌ଟା ଆଏ କାଏଁ । ପଢିଦେଖ୍ ତ ହେଁ ଖାତା ବଲି ବୁଢି ଏକସ୍‌କଁଠି ମନୋଜ୍ ବାବୁର୍ ମୁହୁଁକେ ଆଁଫାରି ଦେଖୁଥାଏ ।

ମନୋଜ୍ ଖାତା ଲେହେଁଟାଲା ।

ତୋର୍ ମୋର୍ ଲେତାକେ କାଏଁ ନା ଦେସିଁ ? ତୁଇଁ ମୋର୍ ମା ଆଉ, ଝି ଆଉ କି ସରିର ଆଧା ଆଉ କିଏଜାନେ । ହେଲେଁ ଇ ବାରବଛ୍‌ରେଁ ତୁଇଁ ଇ ସବୁ

ଲେତାର୍ ଅଭାବକେ ପୁରା କରିଁ ଭାବେଁ ଭାବେଁ ଭାବର୍ ଭଦ୍‌ରି ଭରିନେଇଛୁ ମୋର୍ ଜିବ୍‌ନେ। ଆଏଜ୍ ମତେ ଅଠାସି ବଛର୍ ହେଲା। କିଏ ଜାନେ ତୁଇଁ ଗଲା ଅସି ପାଖାପାଖି ଅମ୍‌ରି ସାରିଥିବୁ ନ। ବାର ବଛରର୍ ଆଗ୍‌ଲୁ ତୁଇଁ ଜେତେବେଲେଁ ମତେ ଆଦ୍‌ରି ଥିଲୁ ସେ ସମିଆନ ହେନ୍ତା ଲେତା ମାନେ ନିଜର୍ ଜନମ୍ କଲା ଛୁଆ ପୁତା ମାନ୍‌କୁ ମିସା ବୁଝା ବାଗିର୍ ଲାଗିଥିସନ୍‌ନ। ତତେ ମୁଇଁ ହେଲେଁ କେଭେଁ କହେଲିଁ ଜେ ଜାନ୍‌ତୁ? ନାଇଁ କହେଲେଁ କାଏଁ ହେଲା, ସତ୍ ଟା ସତ୍ ଆଏ। ମୁଇଁ ଘଲା ମୋର୍ ପିଲାଛୁଆର୍ ଆଁଖି ବୋଝ୍ ହେଇଥିଲିନ। ତାକର୍ କୋର୍ କପଟ୍ ସହି ନାଇଁ ପାରିକରି ମୁଇଁ ନିଜର୍ ହାତେ ବସାଲା ଘର୍‌କେ ଛାଡିକରି ମେଲି ଆସିଥିଲିଁ। ମନର୍ ଟାନ୍‌କେ ସରିର୍ ବପୁ ନାଇଁ ଅଁଟ୍‌ଲା। ହେଦିନ ମୁର୍‌ଛାହେଇ ତୋର୍ ବାଟ୍ ଦୁଆରେ ପଡିଜାଇଥିଲି ନିସାଖା ହେଇ।

ଦେଖ୍‌ତ ତୋର୍ ମନ୍ ଆର୍ ବିବେକ୍ କେ। ହେଁ ନିର୍‌ଆସ୍‌ରିକେ ବେଟି ନେଇଗଲୁ ତୋର୍ ଘର୍‌ଭିତରକେ। ତୁଇଁ କେଭେଁ ଆହା ଚୁଚୁ ବାଗିର୍ ଦୟାର୍ ଦେଖାନି ସବଦ୍ ନାଇଁ ବଖାନି ମୋର୍ ଆଗେ। ଉଲ୍‌ଟିଆ ଗଉଁଟିଆ ଟାକର୍ ମାଏନ୍ ଦେଇଛୁ ଇ ନିସାଖାକେ।

ହେତେବେଲେ ଗଲା ମୋର୍ ହାତେ ଇ ପାସବୁକ୍ ଥିଲା। ଗୁର୍‌ଦୁଟେ ପଏସା। ତତେ ଦେଖେଇନେଲେ ତୋର୍ ମହାନତାର୍ ମହାନ୍ ହାତ୍ ଅପ୍‌ସରି ଜିବା ବଲି ଇ ପଏସାର୍ କଥା ତୋର୍ ଆଗେଁ କେଭେ ନାଇଁ ଢିଲିଁ। ତୁଇଁ ଦାତା ହେଇ ଥା। ମତେ ତୁଇଁ ଗଉଁଟିଆ ଗଉଁଟିଆ ବଲୁଥିଲେ ମିସେ ମୋର୍ ନଜ୍‌ରେଁ ମୋର୍ ହୁର୍‌ଦେ ମାହାରାନି ହେଇ ବସିଥା ବଲୁଥିଲା ମୋର୍ ଆତ୍‌ମା। ତୋର୍ କମାନିର୍ ଖଂଜାବୁଡା ସଁସାରଥିଁ ଜେନ୍‌ସୁଖ୍ ଥିଲା, ଜେନ୍ ମିଠାସ୍ ଥିଲା ଆତ୍ମିଅତା ଥିଲା ଇ ମୋର୍ ପଏସାନ କେନ ଘିନି ହେଇଥିତା ହେଁ ସୁଖ୍। ଜାନିଛୁ ତୋର୍ ଟିକେ କମାନିଥିଁ ତୋର୍ ସାଗେଁ ରହେବାର୍ ସୁଖ୍ ସବୁଦୁଖର୍ ବଏସାଖି ତପ୍‌ତିକେ ଜାମ୍ ଗଛର୍ ଛଏଁରା ଦେଇ ମେଟେଇ ପାରୁଥିଲା।

ସେ ଦିନର୍ କଥା ମୋର୍ ସୋର୍ ପଡୁଛେ। ପରାଥିଁ କିଏ କିଏ କାଣା କାଣା କହେଲଜେ ତୁଇଁ ଚୁରି ଦୁଇମୁଠା ଆନି ମତେ ଧରେଇନେଲୁ। ବଏଲୁ, ନିଅ ତ ନିଅ ଗଉଁଟିଆ ମତେ ପନ୍ଧେଇ ନିଅ ଇ ଚୁରି ଦୁଇମୁଠା, ନେହେତ ଆମ୍‌କୁ ରହିବସି ନାଇଁ ଦିଅନ୍ ଇଲୁକେ। ଦେଖତ ଇ ମୁନୁସ୍‌କର୍ ଭାବନା କେ ହଏରେ ମୁଇଁ ତ ରାଁଡି ବୁଢିଟେ, ସେଥିଁ ଫେର୍ ତୁମେ ଅପାରୁ ବୁଢାଟେ, ଦୁହିଲୁକର୍ ସୁଖେଁ ଦୁଖେଁ ସାହେଜ୍

କରା କୁରି ହେମା ବଲି ଗୁଟେ ଘରେଁ ଅଛୁଁ। ନାଇଁ ପରେ ମା ମୁଇଁ ତୁମର୍ ହାତୁଁ ଚୁରି ଦୁଇମୁଠା ପିନ୍ଧିଲେ ଜାଇ ତୁମେ ଇଘରେଁ ରହେବ। ବଲିଥିଲୁ ହଁ ହେଲେଁ କାଏଁ ହେଲା ଦିଅତ ଇ ଚୁରି ଦୁଇମୁଠାକ ମୋର୍ ହାତେ ପିନ୍‌ଧେଇ ନିଅ, ଇ ଚୁରି ଦୁଇମୁଠାକର୍ ଲାଗି ଇହାଦେ କେନ୍‌କେ ଜିବ। ନିଅତ ଜଲ୍‌ଦି ପିନ୍ଧେଇ ନିଅ, ମୁଇଁ ଇମାନ୍‌କର୍ ମୁହୁଁ ମାନ୍‌କୁଁ ଖାପି ଆଏସିଁ। କେନ୍ ଲଗ୍‌ନେ ତୁଇଁ ମତେ ଚୁରି ଧରାଲୁ କିଏ ଜାନେ ନ, ପଣ୍ଡିତ୍ ସୁଝାଲା ଲଗନ୍ ପତର୍ ପରେ ବୋ ହାର୍ ମାନ୍ ବା ହେଁ ରାଜ୍ ଜୁଟକ୍ ସମିଆକେ।

ତୁଇଁ ମୋର୍ ଲାଗି ଜେତ୍‌କି କରିଛୁ ମୁଇଁ ତୋର୍ ଲାଗି କିଛି କରି ନାଇଁ ପାରିଁ। ଇ ପଏସା ତୋର୍ ହାତେଁ ପଡିଥିଲେ କାଣା ହେଇଥିତା କିଏ ଜାନେ। ତବି ମୁଇଁ ଭାବୁଛେ ଜେନ୍ ଆଦର୍ ସେନ୍‌ହୋର୍ ଜିଉନିଟେ ଜିଁଲା ହେଁଟା ହେଇନାଇଁ ପାରିଥିତା। ତୁଇଁ ପରେ ସବୁବେଲେଁ କହୁଥିଲୁ ରାଜାର୍ ମକୁଟେଁ ହେଁ ସୁଖ୍ ନାଇଁ ନ ଜେନ୍ ସୁଖ୍ ପଥର୍ ବୁହାଥିଁ ଅଛେ ବଲି। ତୋର୍ ହେଁ ପଦେ କଥା ଆମର୍ ଦୁହିକର୍ ସୁଖ୍ ସାନ୍ତିର୍ ଟେକ୍‌ନାଟେ ହେଇରହିଆସିଥିଲା ଏତେଦିନ୍‌ତକ୍। ଆଏଜ୍ ମୁଇଁ ନାଇଁନ। ହେଥିର୍ ଲାଗି ଇ ପଏସା ତୋର୍ ଦୁଖେଁ ସୁଖେଁ କାମ୍ ଦେବାବଲି ଛାଡିକରି ଜାଉଛେ।

ମନୋଜ୍ ବୁଢାର୍ ଲେଖାକେ ପଢୁଥିଲା ବେଲେଁ ବୁଢି ଏକସକଠି ତାକର୍ ମୁହୁକେ ଦେଖୁଥିଲା। ତାହାକେ ଲାଗୁଥିଲା ବୁଢା ତାକର୍ ମନର୍ କଥାକେ ତାର୍ ଆଗେ ଏଛେନ୍ ଫୁଟି ଜାଉଛନ୍। ତାର୍ ଲହ ସର୍ ସର୍ ଆଏଁକେ ପୁଛିକରି ମନୋଜ୍‌କେ ବଏଲା ଏ ପୁତା, ମୋର୍ କବାର୍ ଗୁଟେ କରିପାର୍‌ବୁ ପୁତା!

କହ ବଡ୍‌ଖା ମା, ତୁମେ ଜାହା ବଲ୍‌ବ ତାହା କର୍‌ମି ନ ତୁମ୍‌କୁ ଗଲା ମୋର୍ କଥାଟେ ରଖିବାକେ ହେବା ବଏଲା ମନୋଜ୍ ହରସ୍ ମନେ।

କିଏ ନାଇଁ ବଏଲା, ତୁମର୍ କଥା ନାଇଁ ରଖମି! ହେଲେଁ ପହେଲେଁ ମତେ କେନ୍ କେନ୍ ନ ବୁଢା ବଢି ଆସ୍ରମ ମାନେ ଅଛେଜେ ନେଇନିଅ। ମୁଇଁ ଇ ପଏସାକେ ସୁବୁ ଆସ୍ରମ୍ ନ ଦିରା ଦିରା କରି ବାଆଁଟି ନେମିଁ। ସେଠାନୁ ଜେନ୍ ଆସିର୍‌ବାଦ ମିଲ୍‌ବା, ପୁଇନ୍ ମିଲ୍‌ମା ସେଟା ମୋର୍ ଗଉଁତିଆର୍ ଆତ୍‌ମାକେ କାମ୍ ଦେବା, ଚନ୍ଦନ୍ ବାଗିର୍ ସିତଲ୍ କର୍‌ବା।

ହଁ ଜିମା, ଜେନ୍ତା ବଲୁଛ ସେନ୍ତା କର୍‌ମା ନ ଏଛେନ୍ ଆମର୍ କଥା ସୁନ। ଆମ୍‌କୁ କଥାଦେଇଛ ଆମର୍ କଥା ରଖିବ ବଲି। ଦେଖ ବବାତ ଗଲେନ, ତାକର୍

ଭାଗର୍ ଜେନ ତୁମର୍ ହୁରୁଦ୍ ନ ସେନ୍‌ହୋ ମମତା ଅଛେ ଆମର୍ ପାଖେଁ ରହିକରି ସେଟା ଆମର୍ ଅଁଟିନ ଦେଇପକ ବଏଲେ ମନୋଜ୍ ଆର୍ ସିପ୍ରା। ବୁଢ଼ିର୍ ଆଁଖିର୍ ପାଏନ୍ ଗଦେଇହେଲା। ସେ ମନୋଜ୍ ଆର୍ ସିପ୍ରା ଦୁହିଙ୍କୁଁ ଅଂଘାକରି ଧରି ହେଁକଉଥାଏ।

ସମିଆ ଠିଆ ହେଇ ମୁଲ୍ ମୁଲ୍ ହଁସୁଥାଏ। ବଲୁଥାଏ ବା ବା ରେ ବିଧାତା ଧଏନ୍ ତୋର୍ ନିଲା। କେତେବେଲେ ନିଜର୍ ଲୁକର୍ ଭିତରର୍ ଲେତାକେ ଛିଡେଇନେଉଛୁ ତ କେତେବେଲେ କେନ୍ ଅକ୍‌ଲିଆ ଅଛିନ୍‌ହାର୍ ଦୁଇଲୁକ୍‌କୁଁ ଅନୋଖା ବଂଧନ ନ ବାନ୍ଧି ରଖୁଛୁ।

———୦◯୦———

ହାତି ହୋ !

ଉମେସ ପ୍ରଧାନ

ଆଏଜ ଗୁଡିତଲେ ମିଂଟିଂ ହେବା ବଲି ଚୌକିଦାର ଡାକଦେଲା । ଅମରର୍ କାନେଁ ପଡଲା କି ତାର ଛାତି ଚଲ୍ କଲା । ସେ ତାର କନିଆଁ ସୋଭାଗିନି କେ କହେଲା ସେ ଦିନ ମିଟିଂ କରି ବିନା ହାକେ ଆମକୁ ଏକଘରିଆ କରିଦେଲେ । ମୁଇଁ ତ ବାହାରେ କାମ୍ କରୁଥିଲି , କ୍ୟୁରାଂଟାଇନ ରହେଲି , କରୋନା ନେଗେଟିଭ୍ ରିପୋଟ ଭି ଆନିକରି ଦେଖାଲି । କିହେ ସତ୍ ନାଇଁ କଲେ । ଜେତେ ଜଲଦି ହେବା ଗାଁ ଛାଡ ବଏଲେ । ସୋଭା କହେଲା-ସବୁ ଆମର ଭାଗ୍ୟ ଆଏ ଗୋ । ପିଇବାକେ ପାଏନ ନାଇଁ । ଚଉଲ ଦିରା ଆଉର ଆଚାର ଠେକେଁ ଅଛେ ବଲି ଘର୍ ଚଲି ଜାଉଛେ । ନାଇଁ ହେଲେ ଠୋ ଠୋ ଭୁଖେ ମରୁଥିତାଁ । ଅମର୍ ବଏଲା ଇହାଦେ ମିଟିଂ କେ ଡାକବେ ଆର୍ ଗାଁ ନୁଁ ଖେଦ ବଲବେ । ସେଆଡେ ଗାଁ ମିଟିଂ ନ କରୋନା ସଚେତନତାର କାର୍ଯ୍ୟକ୍ରମ୍ ଚାଲିଛେ । ଡାକ୍ତରି ଦଲ୍‌ଟେ ଆସି ଗାଁର ଲୋକଙ୍କୁଁ ବୁଝଉଛନ। ଲୋକମାନେ ଭି ସଚେତନ ହେମାଁ, ନିତି ନିଅମ୍ ମାନମାଁ, କାହାକୁ ହଏରାନ ନାଇଁ କରୁଁ ବଲି ବିଚାର କରି କରି ବଲୁଥାନ୍- ଚାଲ, ସଭେ ଅମର କେ ଭୁଲ ମାଗମାଁ ଆର୍ ଗାଁ ସାଗେଁ ସାମିଲ୍ କରମାଁ ବଲି ଅମର୍ ଘରର୍ ବାଟମୁହୁଁ କେ ପୁହୁଁଚିଛନ । ହେଲେ ଭିତରୁ ସୁଭୁଛେ –ମୋର ଘର ଛିନା କରିନେଲ କାଏଁ ହାତି ହୋ !

ଖେଦାପାଲି, ବରଗଡ ଫୋ-୮୬୫୮୬୦୫୮୦୧

ଲିରିଲ୍

ସାବିତ୍ରି ପୁରୋହିତ

ଲେହେଁଟି ଗଲାନ ବେଲ୍ । ତାରିଖ ୨୧ ମାର୍ଚ୍ଚ ୨୦୨୦ । ମେଘ ଟିକେ ଟିକେ ଦିସୁଛେ ଆକାସ୍ ନେ । ଲଘୁଚାପ୍ ଟେ ଉଠେଇଛେ । କେତେବେଲେ କେନ୍ତା ସିତଲ୍ ଧୁକା ହୁଲ୍‌କେ ଲେଖା ମୁହେଁ କଲେ କଲେ ପିଟି ହେଉଛେ । ଝର୍‌କାର ପର୍‌ଦା କେ ଆର୍ ଟିକେ ଖସ୍‌ରେଇ ଦେଲା ସୁକେସିନି । କାଏଁ ଗୁଟେ କୋଭିଡ ୧୯ ଲାଗି ଅଫିସ୍ କଚ୍‌ରି ସବୁ ବନ୍ଦ୍ । ଗୁଟେ ଅଘୋସିତ୍ କରଫ୍ୟୁ ଚାରହିଆଡେ ।

ଝରକା ପାଖେ ଚଉକିଟେ ପକେଇ ଏକସ୍‌କଟି ଆକାସ୍ କେ ନିଘାକରୁଥାଏ । ଖୋବ୍ ଖୋବ୍ ଧୁରେ ଗୁଟେନ ତରା ମିଟ୍ ମିଟ୍ କରୁଛେ । କତେବେଲେ ଉଜଲ ତ କେତେବେଲେ ମେଘ୍ ଥି ଢାପି ହେଇ ଜାଉଛେ । ଜେତେବେଲେ ହାତେ କେନ୍‌ସି କବାର ନାଇଁ ଥାଏ ଭାବ୍‌ନା ମାନେଁ କାହିଁ ଥିସନ୍ କେଜାନେ ଏଖେଇ ଘାଏକେ ମାଡି ଆଏସନ୍ ବର୍ସା ମାସେ ବତର୍‌କିରି ପୋକ୍ ଚାପି ଆଏଲା ବାଗିର। ବାଏବିଛୋ ହେଇଗଲା ସୁକେସିନି । ଆଏଁଖ୍ ଲୁମ୍ଁ କରି ଫିର୍‌ତେଲ ଗଲା ଫିରତେଲ ଗଲା ପଛାପଛ୍ ପଛାପଛ୍ ଖୋବ୍ ଟେ ପଛ୍‌କେ ।

ଛଅଟା ଭାଏ ବହେନ ଭିତରେ ସବୁନୁ ସାନ୍ ସେ । ଜହ ସଭାବେ ନାଇଥିଲେ ଭି ଅଭାବେ ନାଇଥାଇ । ପୈତୃକ୍ ଗାଁ ସାପ୍‌ଲହର୍, ହିରାକୁଦ୍ ଡେମ୍ ର ପାଏନ୍ ଭିତ୍‌ରେ ସମାଧି ନେଇଥିଲା ବଲି ମାମୁଁଘର ଗାଁ କେ ପଲେଇ ଆଇଥିଲେ ବାପା । ଇ ଟା ତାର୍ ଜନମ୍ ହେବାର ଗୁର୍‌ଦୁ ଗୁର୍‌ଦୁ ଆଗର କଥା । ମାଁ ବଏଲେ ଗୁରି ତୁରି – ସାଧା ସରଲ୍ ଜହ ଲମ୍ ଉସାର କଥା ନାଇଁ ଜାନିଥିବାର ଝନେ। ଛଅଟା ଛୁଆକୁ ଦିହିର ରକତ୍ ମାଉସ ଖୁଏଇ ଖୁଏଇ ସରି– ଘୁରି ହେଇଜାଇଥିବାର୍ ସିଠା ଦିହିଁ ଟେ। ଇଛେନ୍ ଭି ସୋର୍ ହେସି ସେ ଦିନ୍ ମାନ୍ । କେତେବେଲେ କେନ୍ତା ଅଝଟ୍ ହେଲେ ବାପା ପିଠ୍‌ଗୁନା କରି ଆକାସ୍ କେ ଦେଖେଇ କହନ୍ ‘ହା ଦେଖ୍ ! ସଖି ମାନେ ଜାଉଛନ୍ ଆକାସେ ।’ ସୁକେସିନିର୍ ବାଲୁତ୍ ମନ୍ ଆଏଁଖ୍ ଫାରି ଫାରି ଆସ୍

ନେଇଁ ଖୁଜି ବୁଲ୍‌ସି ସଖି ମାନ୍‌କୁ । ସଖି ବଏଲେ କେନ୍ତାଟା ? ସେମାନେ କାଣା ଆନ ? ତାକେ ଦିସି ଜାଏସି; ଗୁହାଲୁର୍ ମାଁ ଅଁଟା ଥି ଗୁବର୍ ଗେଁଡୁଏ ଧରି ଖତ୍ ଗୁଡାକେ ପକେଇ ଜିବାର ଟା ତାକେ ଆକାସେ ଦିସ୍‌ସନ୍ ହେନ୍ତା ଗୁବର୍ ଗେଁଡୁଆ ଧରି ଛାଟ୍‌ପାଟ୍ ଚାଏର୍ ପାଁଚ୍‌ଟା ଛାଏଁ । ସେ ଭି ବାପାକେ କହେସି –'ହଁ ହଁ ବାପା ! ଦେଖ୍‌ଲିଁ ଦେଖ୍‌ଲିଁ ସଖି ମାନେ ମାଁ ବାଗିର ଗୁବର ଗେଁଡୁଆ ଧରି ଜାଉଛନ୍ ଆକାସେ ।' ବାପା ଛାତି ଉପରେ ତାକେ ଲଟ୍‌କେଇ ଧରସନ୍ । ମୁଁଡେ ହାତ୍ ଟେ ସୁଆଁରି ଆନ୍‌ସନ୍ ।

ବାପାର୍ ଦିହିଁ ଖରାପ୍ ହେଇ ବସ୍‌ସି ଧିରେ ଧିରେ । କାମ୍ କମାନି ନାଇଁ । ଏକଫସ୍‌ଲି ଧାନ୍ ମୁଠାକର୍ ଉଧାଥି ନ ଏତକି କୁଟୁମ୍ । ହେଦେ ତ, ଆଖିଁର ଆଗାଡେଁ ଦିସୁଛେ ସେଦିନ୍ । ବାପାର ମୁଡ୍ ଆଡେ ବସିଥାଏ ସେ । ମାଁ ଗୋଡ୍ ଆଡେ ବସିକରି ବାପାର ପାହାକେ ସୁଆଁରୁ ଥାଏ । କଲେ କଲେ ଡାକଲା 'ମାଁ !' ମାଁ, କିଛି ନାଇଁ କହିକରି ତାର ମୁହୁଁ କେ ଦେଖ୍‌ଲା । ଫେର କିଏ ମରିଗଲେଁ ଭୁଜି କରସନ୍ ନା ମାଁ ? ବାପା ମରିଗଲେ ଆମେ ଭୁଜି କେନ୍ତାକରି କର୍‌ମାଁ ଗୋ ? ଆମର ଘରେ ତ କିଛି ଭି ନାଇନଁ ।' ଇଛେନ ଭାବ୍‌ସି ସୁକେସିନି । ଏନ୍ତା କଥା ସୁନି ମାଁ ତାର ଗାଲେ ଚାଏର୍ ଥାପଡ୍ ଦେଇ ଗାଲ କେନ୍ତା ଫଟେଇ ନାଇଁ ଦେଲା ?

କେତେ ସରବ୍ ସହିନି ଥିଲା ମାଁ ସଥେ ! ସତ୍ ହେଇଗଲା ସୁକେସିନିର୍ ଭାବ୍‌ନା । ଧାରା ସରାବନ୍ ମାସ୍ । ବାପା ଗଲେ । ଝୋ ଝୋ କୁଟୁଥାଏ ବର୍ଷା, ମାଁ ରଡି ରଡି କହୁଥାଏ –'ଉଠତ ! ଉଠତ ! ସୁକେସିନି ବାପା ବାପା ତମ୍‌କୁ ଡାକୁଛେ ।' ଆଉ ସୋର ନାଇଁ ସୁକେସିନିର । ଭୁଜି କେନ୍ତା କରି ହେଇଥିଲା ! ଚାଏର ବରସର୍ ଛୁଆ । ଝାପସା ଲାଗୁଛେ ସବୁ । ପଛେ ବଡ୍ ନାନିଁ ନୁଁ ସୁନିଥିଲା –ଗରିବ୍ ଘର ବଲିକରି କାଏଁସେ ଗାଁ ର୍ ବଡ୍ ଘରର୍ ମାଏଝି ମାନେ ମାଁ କେ ବନ୍ଧ୍‌କେ ଗୁଧେଇ ନେବାର ଲାଗି ଭି ନାଇଁ ଆସି । ମାଁ ର ମାଁ, ଜାହାକେ ବୁଢିମାଁ ବଲି ଡାକୁଥିଲା, ସେ ନ ଘାଟ୍‌କେ ନେଇଁ ମାଁ ର ଚୁଡି ଭାଂଗିଥିଲା ।

ଜିବନର୍ ଗୁଟେ ଅଧ୍ୟାୟ ସରିଜାଇଥିଲା । ଘରେ ମାଁ, ବୁଢିମାଁ, ଛଅ ଟା ଛୁଆ । ବୁଢିମାଁ ବଏଲେ ଆଏଜ୍ ସଠିକ୍ ଦିସ୍‌ସି ଗୁଟେ ରୋବ୍‌ଦାର୍ ଚେହେରା । ଛଅ ଫୁଟିଆ ମାଏଝି ଟେ, ଗୁରା ସର୍ ସର୍ । କନା ପଡିଛେ, କହଁର ଉଡିଛେ । ମଚାଥି ସେ ଭଲିଆ ଆଉ ତୁନ୍‌ଗି ନାଇଁନ କି ସେ ଏଡ୍‌କି ପିତଲ ର ଡବା ଥି ସୁନା ନାଇଁନ । ବୁଢିମାଁ ସେଦିନ କହୁଥିଲା, ସେ ପିତଲ ଡବାକେ ସେ ଇଛେନ୍ ଭି ଘାଏ ଘାଏ ହିଟେଇ କରି ଦେଖ୍‌ସି, ଭାଏଲ କେନ୍ କୁନେଁ ବଉଲଫୁଲିଟେ ଲଟ୍‌କି ରହିଜାଇଥିବା

କାଏଁ ବଲି । ବଡ୍ ଘରର୍ ଝି ଭି ଥିଲା, ବଡ୍ ଭି ଥିଲା । ସେଦିନ ଘରକେ ଝନେ ବୁଲି ଆସିଥିଲେ ଜେ କହୁଥିଲେ ଘରର୍ କୁନ୍ ମାନ୍‌କେ ରୁପାର ଟଁକା ପୁରା ବନ୍ଧା ହେଇଥାଏ। ସୁକେସିନି କେ ସତ୍ ନାଇଁ ଲାଗେ । ସଥେ ଏଡେ ମାଥବର୍ ଥିଲେ ସେମାନେ ? ରୁପାର୍ ଟଁକା ପୁରା ଥି !!! ମାଁ ଜନମ୍ ହେଲାବେଲେ ତିନ୍ ଭାଇର୍ ପରୁହାଁ ଝି ବଲି ବାପା କାକା ମାନେ ତାକେ ସେଜ୍ ଉଢେଇ ପରେ ଛାତି ଉପରେ ସୁଅଉଥିଲେ ସିତେ କେଟରେଇ ଜିବା ବଲି । ସେ ଛୁଆ ଏଛେନ୍ ଗୁବର୍ ଗେଡ୍ଡୁଁଆ ବୁହୁଛେ, .. ଆକାସେ ଦିସୁଛେ ତାର ପ୍ରତିରୁପ୍ ସଖି ହେଇକରି ।

ବୁଢିମାଁ ହାର ନାଇ ମାନିଁ । ଝି ଆଉ ନାତି ନାତେନ୍ ମାନକର ବୋଝ୍ ଉଠେଇ ଥିଲା ହଁସି ହଁସି । ସମ୍‌କୁ ପୁସୁନ୍ ପୁସୁନ୍ ଘରର୍ ଖୁରିଗିନା ନୁଁ ସରି ସରି ଗଲା ଖଁଡେ ଖଁଡେ କରି । ଅଁଟାଲି ଉପରେ କାଠର୍ ବାକସ୍ ମାନ୍‌କେ କେତେ ରକମର୍ ଖୁରି,ଗିନା, ତାସଗିଂ, ଗିଲାସ୍ ସୁକେସିନି କାଁଚି କୁଢି ଖେଲ୍‌ଲା ବାଗିର ଖେଲେ ସେସବୁ ବାହାର କରି କରି । ସରି ସରି ଆଉଛେ ଗୁଟେ ଗୁଟେ । କଲା ନାଇଁ ଛାଡିଥିବା ସେ ବଡ୍ ପିଠିଆଁ ଗରିଆ ଟା ଜେନ୍‌ଦିନ୍ ବିରତିଆ ଘରୁଁ ଗହନା ଦେଇ ଦୁକାନୁଁ ଚାଉଲ ପାଁଚ୍‌କେଜି ଧରିକରି ବୁଢିମାଁ ଫେରିଲା, ଆଏଜ ଭି ସୋର ଅଛେ ସୁକେସିନିର୍, ସେଦିନ ବୁଢିମାଁର୍ ମୁହୁଁ କେ ଦାନା ନାଇଜାଇ । ତହୁଁ ବଲି ଦୁଖର୍ କଥା ଜେତେବେଲେ ଦୁଇ ପଏସା ଚାଏର ପଏସା ଜୁଡି ଜୁଡି ଗରିଆ ମୁକଲାବାର ଲାଗି ଗଲା, ବିରତିଏନ ବୁଢି ଲୁଭେ ପଡିକରି କହେଲା –'ଗରିଆ ତ ନେଲନ ଗୋ ! ଫେର କେନ୍ତା କହେସ !' ବଡ୍‌ଲୋକ୍ କେ ଉତର ନାଇଁ, ବୁଢିମାଁ ହିଂଜ୍‌ରି ଗଲା ସେଦିନୁଁ ।

ସୋର ହଉଛେ ବୁଢିମାଁ ମଲା ପରେ ଖୋବ୍ ବରସ୍ ଗଲା ଉତ୍‌ରୁ ବିରତିଏନ ବୁଢି ଆଇଥିଲା ଘରକେ । ମାଁ କେ ସାଢି ଖଁଡେ ଦେଇ ବଏଲା 'ମାଫ୍ କରିଦେବ। ଗରିଆ ଲୁଭେ ରଖି ପକେଇଥିଲି ।' ମନର୍ ପାପ୍ ଘିଚି ଆନିଥିଲା ତାକେ । କେନେ ଭୁଗି ପାରଲା ସେ ଗରିଆ ! ସୁକେସିନି କେ ଜନା ନାଇଁ, ଇଛେନ ସେ କେନ ଅଛେ, କେନ୍ତା ଅଛେ ।

ସମିଆଁର୍ ବାଏବି ଧାରେ କେତେ କଥା ଉହୁଲି ଜାଇଛେ । ଆଏଁଖ୍ ଲୁମ୍‌ଲେ ସପନ୍ ବାଗିର ଆଏଁଖ୍ ଖୁଲଲେ ଭରମ୍ ବାଗିର । ଜେନଦିନ୍ ସୁକେସିନି ହିରାକୁଦ୍ ଆଇ.ଟି.ଆଇ କେ ଡ୍ରାଫଟସ୍‌ମେନ୍ ମେକାନିକାଲ ଟ୍ରେନିଂ କର୍‌ବାର ଲାଗି ଗଲା

ବୁଢିମାଁର୍ ମୁହେଁ ଗୁଟେ ଅଦଭୁତ୍ ଦୁଖ ଆଉ ସୁଖ୍ । କରାଟ୍ ଭିତରୁ ଲୁଚାକୁଚା ପାଁଚ ଟଁକିଟେ ଆଉ ବାରଅନା ବାହାର କରି ହାତେ ଧରେଇ କହେଲା 'ଜା ! ଘରେ ଅଭାବ୍ ହେଇଗଲା ବଲି କାଏଁନ ବାଟ୍ କେ ଗୋଡ୍ କାଢ୍ଲୁ । ମଲିଫୁଲ ବାଗିର ଦିହି ତୋର କଲା ପଡିଜିବା ।' ଦରଦ୍ ମାନ୍‌କୁ ପିଇଦେଲା ସବୁଥରର୍ ବାଗିର । କେଭେ ବୁଢିମାଁର୍ ଆଖିଁ ନୁ ଲୁହୁ ବାହାରବାର ସୁକେସିନି ନାଇଁ ଦେଖି । ଆଏଜ୍ ତାର ପାଖେ ସାମାଜିକ୍ ପଦ୍ ପ୍ରତିସ୍ଥା ଅଛେ, ପଏସା ଅଛେ, ହେଲେ ତାକେ ପାଁଚ ଟଁକା ବାର ଅନା ଦେଇଥିବାର ତାର ବୁଢିମାଁ ନାଇଁନ, ତାର ସୁଖର ଦିନ୍ ଦେଖବାର ଲାଗି ।

ବୁଢିମାଁର ଭାଏ ବହେନ୍ ମାନେ ସଭେ ଭଲ୍ ଲୋକ୍ । କେଭେ କେନ୍ତା କାହାର ଘରକେ ଜାଏ ସେ । ସୁକେସିନି ସାଂଗେ ସବୁ ଭାଏ ବହେନ ଟାକିଥାନ୍ ବୁଢିମାଁ ଆଏଲା ବେଲେ କେତେ ଜିନିସ୍ ଆନ୍‌ବା । ଥରେ ହେନ୍ତା ହେ କେତେ ଜିନିସ୍ ଭିତ୍‌ରେ ଥିଲା ଗୁଟେ ଲିରିଲ୍ ସାବୁନ୍ । ଜେନ୍‌ଟା ବୁଢିମାଁର ଲାଗି କେହେନି ମୋତି ମାଣିକ୍ୟ ନୁଁ କମ୍ ତମ୍ ନାଇଁ ଥାଇ । ତାର ବାକସ୍ ଭିତରେ ରଖିଥାଏ । ସାଢି ମାନ୍‌କର ଭିତ୍‌ରେ । ବଡା ସୁରୁତ୍ ବାସ୍‌ନା ଟେ ଲିରିଲ୍ ସାବୁନ୍ ର । ତାର କପ୍‌ଡା ଲତା ମହକି ଜାଏ ବାକସ୍ ଖୁଲଲେ କି । କେତେ ରକମର୍ ସାବୁନ୍ ଖୋଲ୍, ଧୁପକାଠିର୍ ଖୋଲ । ଇଛେନ ଭି ସୋର ପଡ୍‌ସି ସୁକେସନିର୍ ବୁଢିମାଁ ଗୁଟେ ଆଡୁ ନଁ ସେ ସାବୁନ୍ କେ ମାଖେ । ସାବୁନ୍ ଟା ସରିଜିବାର ଜାଏ ଭି ଇଂଲିସ୍ ଥି ଲେଖା ହେଇଥିବାର ଅଖ୍ୟର୍ ଦିସୁଥାଏ । ଗୁଟେ ସାବୁନ୍ ପ୍ରତି ଏତ୍‌କି ମମତା । ବୁଢିମାଁ କାଏଁସେ ଭାବେ – ନାଇଁ ସରତା କାଏଁ ସାବୁନ୍ ଟା । ଇଛେନ୍ ହଁସିଟେ ଲାଗ୍‌ସି । କେତେ ସରଲ ମୁନୁସ । କେତେ ସରଲ୍ ସେ ଅନୁଭବ୍ ମାନେ । କେତେ ନିରୋଲ୍ ସେ ଲିରିଲ୍ ସାବୁନ୍ ସରିଜିବାର ଦରଦ୍ ମାନେ । ଜିବନ୍ କେ କେତେ ଗହେରୁଁ ଜିଇଁବାର ଗୁଟେ ଆସ୍ । ସୁନା, ରୁପା, ଜମିନ୍ ବାଏର, ଘରର ସିଘା ମୁନୁସ୍ ମାନ୍‌କୁ ହରେଇ ଥିବାର ସେ ଦୁଖ, ଭୋଖ୍, ଅନାହାର, ଅର୍ଦ୍ଧାହାର, ଗରିବି ସାଂଗେ କେଭେ ନାଇଁ ସରୁଥିବା ସେ ଲଢେଇ –ସବୁଥିର୍ ଗୁଟେ କୁନ୍ଦା ସାଖି ସଥେ ଜେନ୍ତା ସେ ଲିରିଲ୍ ସାବୁନ୍ । ତାରନୁଁ ଭି ବଡ୍ ସାଖି ସେ ଖୋଲ୍ ଟା ।

ମେଘ୍ ଗରଜି ଘୁମ୍‌ରି ଗଲା ଘାଏକେ । ଚଡକ୍ ଟେ ଭି ମାର୍‌ଲା । ମୁହେଁ ଧାରେ ପାନିର୍ ଛିଟା । ଧିଆନ୍ ଭାଂଗଲା ସୁକେସିନିର୍ । କେନ ପୁହୁଁଚିଥିଲା ସେ ଏତ୍‌କି ବେଲତକ୍ । ଓଃ, ଆଏଁଖ୍ ଲୁମି ହେଇ ଆଉଛେ । କେନ୍ତା ଦରଦ୍ ଇଟା, ଖିନ୍ ଖିନାଲି କରିନେସି, ଝକ୍ ଝୋର କରିନେସି ଆତ୍ମା କେ । ନିସାସ୍ ଅଟ୍‌କି ଗଲା

ବାଗିର ଲାଗ୍ଲା ସୁକେସିନି କେ । ରଦ୍ମଦେଇ ଗଲା ମନ୍ ଟା । ଆଲ୍ବମ୍ ଭିତରୁ ବାହାର କଲା ଜପାମାଲି ଆଉ ଭାଗବତ୍ ବହି ଧରିକରି ବୁଢିମାଁର ଫଟୋ, ଲକର୍ ଭିତରେ କେତେ ଜତ୍ନେ ରଖିଥିବାର ସେ ପିତଲ କରାଟ୍ । ସୁଆଁରି ପକାଲା ଘାଏ । ଲାଗ୍ଲା ବୁଢିମାଁ ଇନେ କେନେ ତାର ପାସେ ଅଛେ । ଅରସ୍ଥି କଲା ସମିଆଁ ମାନକୁ ଛାଟ୍ କରି ତାକେ ପନ୍ତେ ଢାପି ଦେଉଛେ । କେତେବେଲେ ଆଏଁଖ୍ ଲାଗିଗଲା । ସଖାଲୁ ଉଠ୍ଲା କେ ଦିହି ମୁଡ୍ କସ୍କସେଇ ଜାଉଛେ ।

କାଣା ଭାବ୍ଲା କେଜାନେ -ପାଖର ରାସନ୍ ଦୁକାନ୍ କେ ଜାଇକରି ପଚ୍ରାଲା-ଲିରିଲ୍ ସାବୁନ ଇଛେନ ମିଲୁଛେ ?' ଦୁକାନ୍ ବାଲା କାକା ଘାଏ ତାର ମୁହୁଁକେ ଦେଖଲେ ଆଉ ସହଜ୍ ହେଇକରି ବଏଲେ –'ହଁ ଅଛେ ଜେ !' ସୁକେସିନି ଭାବିନାଇଁ ପାରୁଥାଇ -ଅନେଇସ ସ ପଂଚାସି ନ ଦେଖିଥିବା ସେ ଲିରିଲ ସାବୁନ ଆଏଜ୍ ଭି ଅଛେ ।

ସାବୁନ୍ ଟା ଆନିକରି ଫେର ଭାବ୍ନା ରାଏଜ୍ କେ ଢୁକିଗଲା ସୁକେସିନି । ତାର ଅଜାନ୍ତେ ନଁ ସାବୁନ୍ ଟା ଖୋଲ ଭିତରୁ ବାହାରକରି ସାବୁନ୍ ଡବା ଗୁଟେନ ରଖ୍ଲା ଆଉ ଖୋଲଟା ଗୋଡ୍ରେଜ୍ ଥି ଗୁଟେ ସାଢି ଭିତ୍ରେ ଖୁଁଚିଦେଲା । କିହେ ନାଇଥିଲା ବେଲେ ସୁକେସିନି କେତେଥର୍ ସେ ଖୋଲ୍ଟା ଗୋଡ୍ରେଜ୍ ଭିତ୍ରୁ ଆନ୍ସି ଆଉ ସୁଂଘିକରି ଫେର ରଖିଦେସି ।

ଅଚାନକ୍ ଅଫିସ୍ ନୁଁ ଡକ୍ରା ଆସଲା ବଲି ଜେନ୍ ଦିନେ ସେ ସାଢିଟା ପିନ୍ଧି ଅଫିସ୍ ଗଲା ପାଖର୍ ଚଉକି ଥି ବସିଥିବା ମେମ୍ ଝନ୍କ ପଚରାଲେ 'କାଏଁ ପରଫ୍ୟୁମ୍ ଲଗେଇଛନ ମେଡମ୍ । ବଡା ସୁନ୍ଦର୍ କହରୁଛେ ।' ଆଖିଁର ଆଗାଡେ ଦିସିଗଲା ବୁଢିମାଁ, ସେ ପାଁଚଟଁକା ବାରଅନା, ତାର ବାକସ୍, ଜପାମାଲି, କରାଟ୍, ଆରୁ ଛୁଛା ଖୋଲ୍ ଭିତରୁ ଭି ବାସ୍ନା ଛୁଟେଇ ପାରୁଥିବାର ସେ ଗଲ୍ପ ନାୟିକା 'ଲିରିଲ୍' ।

-୦-

ବୃନ୍ଦାବନ୍ ବିହାର,
ବୁଢାରଜା,
ସମ୍ବଲପୁର -୭୬୮୦୦୪

ପାପର୍ ଧରସା

ତେଜରୁ ବାରିକ

ବଏସାଖର୍ ତିର୍‌ପଟିଆ ଖରା ଘାଉଁ ଘାଏକେ ମାଥେବର୍ ହଉଥାଏ । ଥିର୍‌ପିଆ ବେଲାନୁଁ ଗୁହୁଡି ଢୁକା ତକ୍ ଧର୍‌ତି ତତ୍‌ଲା ତାବା ଲେଖେଁ ରଟ୍ କରୁଛେ । ଝାଉର୍ ଝନ୍‌ଝଟ୍ ଆରୁ ଖରାର୍ ଲଟ୍‌ପଟ୍ ଚୁଟେଁ ଚାର୍‌ହିକୁତି ସୁନ୍‌ସାନ୍ । ଝାଏଁ କରୁଛେ ବାଟ୍‌ଘାଟ୍ । ମୁନୁସ୍ ତ ଦୁରର କଥା, ଚେରେ ଚିରଗୁନ୍ ଭି ନାଇଁ ଦିସ୍‌ବାର ।

ଠିକ୍ ଇନ୍ତା ସମିଆଁ କେ କୋଭିଡ୍ ଦାକ୍ତରଖାନର ବାହାରେଁ ଥିବା ଚାଖୁଣ୍ଡା ଗଛ୍ ତଲେଁ ଆଏଜ୍ କେ ଚାଏର ଦିନ୍ ହେଲା ବସିଛେ ବାସନ୍ତି । କୁଲେ ତାର ତିନ୍ ମସିଆ ଛୁଆ । ତାର ମନର୍ ମୁନୁସ୍ ମଦନ୍ କେ ଜୁଗିଛନ୍ ମା- ଝିଇ । ଗଲା ଚାଏର୍ ଦିନ୍ ତଲେଁ ଇ ଠାନେ ଭର୍‌ତି କରିଛନ । ଦାକ୍ତରଖାନା ଭିତରେ ଭରତି ହେଲା ପରେଁ ମଦନର୍ କିଛି ଖବର୍ ପାଇ ନାଇଁ ପାରବାର ସେ । ଭିତର୍‌କେ ଜିବାର ଟା ମନା ଆଏ । ଫେର ଭି ଜୁଗୁଛେ । ଖାଲି ତାର ମୁନୁସର୍ କଥା ନୁହେଁ, ଦୁସରାମାନେ ଭି ତାର ବାଗିର ଜୁଗିଛନ୍ । ଦାକ୍ତର ମହାପୁରୁକୁଁ ଆସ୍‌ରା କରି ଆରୁ ଦେଦେବତାକୁଁ ସୁବରନା କରିଁ ଚାଖୁଣ୍ଡା ଗଛ ତଲେଁ ପଡିଛନ୍ ।

ଦାକ୍ତରଖାନା ଟା ଡରଡରନିଆଁ ଜଅଁରା ଘର୍ ଲେଖେଁ ଲାଗ୍‌ସି । ମରନର୍ ମରଘାଟି ନ ବସିକରିଁ ଦାକ୍ତରମାନେ ଚିତ୍ରଗୁପ୍ତ ଲେଖେଁ ବେମାରିର୍ ପାଂଜି ପଢ୍‌ସନ । ଜାହାର୍ ଜିଇଁତି ପାର ଅଛେ ସେ ଦାକ୍ତର ହାତୁଁ ସଂଜିବନି ପାଏସି ହେଲେଁ ମରନ୍ ଟିକଟ୍ କାଟି ନେଇଥିବା ବେମାରିକେ କେନସି ଉସୋ ନେଁ ଲହେ । ଅକରତପିଆ ବେମାର, ଅସହନି ଦୁଖ ଆରୁ ଅଜାନ୍ ସମିଆର୍ ତଡପନ୍ ଥିଁ କୁହୁଁରି କୁହୁଁରି ବେମାରି ଜେତେ ଇନକେ ଆଏସନ ହେଲେଁ ଫିରି ଜାଏସନ୍ ହଁସି ହଁସି ।

ବାସନ୍ତି ହଁସ୍‌ବା କି କାନ୍ଦ୍‌ବା ବୁଝି ନେଁ ପାରୁଛେ । ତାର ମୁନୁସ୍ ନୁକୋ ହଇଁ

ବାହାରିଲେଁ ସେ ହଁସ୍‌ବା, ନେହେଁତ କାନ୍ଦ୍‌ବା ଜିବନ୍ ଥିବାର୍ ତକ୍ । ଇଠାନେ ତାର ଆହା କି ସାହା କିହେ ନାଇଁନ । ମାଁ –ବୁଆ, ଦଦା-ବହୁ ଥାଇକରିଁ ଭି ତାର୍ ଆଏଜ୍ କିହେ ନାଇଁ । ଗଲା ଦୁଇ ବଛର୍ ତଲେଁ ସେ ମଧୁର ସଂପର୍କର୍ ନାକ୍ ରସି ଛିଡେଇ କରିଁ ଭାଗି ଆସିଥିଲା ମଦନ୍ ନିକେ ।

ବାସନ୍ତି ତାର ମାଁ ବୁଆକର ପାଁଚଟା ସନ୍ତାନ୍ ଭିତରୁଁ ଝନେ । ତାର୍ ଉପରେଁ ଚାଏର୍‌ଟା ଦାଦା । ସାସନ୍ –ବାସନ୍ କେଥନିକେତେ । ଦାଦା-ମାନେ ପାଠ୍ ପଢି ନଉକିରି ନାଇଁ କରିଁ, ବାପର ପୁରଖାଦି ବେଏସା ଥିଁ ଲାଗି ପଡିଛନ୍ । ବରଗଡ ସହରର୍ ଛକ ଜାଗା ମାନ୍‌କେଁ ତାକର ଜାଗା-ବାଡି ଅଛେ ବଲିଁ ମାର୍କେଟ କଂପ୍ଲେକସ୍ ବନିଛେ । ଦୁକାନ୍ ଭଡା ଲାଖ୍ ଲାଖ୍ ଟଁକା ପାଉଛ ନା ଫେର ବି ଚାର୍‌ହି ପିଲା – ଚ୍‌ଏରଟା ଛକେଁ ଦୁକାନ୍‌ଟେ ଲେଖା ଦେଇଛନ । ବଡ ଦୁହିଟା ବିହା ହେଲେନ, ସାନ୍ ମଝିଆଁ ର ଠିକ୍‌ବନ ଚାଲିଛେ ଆରୁ ତଲର ଦୁହିଟା ଠେଂଗୁଆ ଅଛନ୍ । ବାସନ୍ତି ବି.ଏ ପଢିଛେ । ଦେଖ୍‌ବାର ଲାଗିଁ ମାଗୁର –ଗୁରି । ଡେବ୍‌ରି ଗୋଡ୍‌ଟା ଟେପେ ସାନ୍ ଅଛେ ବଲି ଘେଁଚେଇ ଘେଁଚେଇ ଚାଲ୍‌ସି । ହେଁଥିର ଲାଗିଁ ତାର ବିହା ଠିକ୍ ହଇ ନାଇଁ ପାରୁଥାଇଁ । ରୋଜ୍ ପରତି ଦେଖି ଆସନ୍ ହେଲେଁ ଆଉ ଥରେ ନାଇଁ ଆସନ୍ । ପଚରାଲେଁ ନାଇଁ ସୁଝବାର ବଲିଁ ଖବେର ଦିଅନ୍ । ଧନ୍-ଦଉଲତ, ଜାନି-ଜଉତୁକ୍ ର୍ ଲୋଭ ଭି କାମ୍ ନାଇଁ କଲା ।

ଦେଖୁନ ଦେଖୁନ ତିନ ବଛର୍ ଗୁଜ୍‌ରି ଗଲା । ବାସନ୍ତିର ମନ୍ ବଗିଚା ନ ଉସନାକିର ଫୁଲ୍ ସବୁ ଝୁରମୁରେଇ ବସଲା । ତାର ପଢା ସାଂଗ୍ ସବୁ ଘରକରି ହେଇଗଲେ । ଚିନ୍ତା ଆରୁ ସରମର୍ ମାରେଁ ବାସନ୍ତି ହିଂଜ୍‌ରି ବସଲା । ନିଜର ଛୁଟି ହେବାରଟା ତାର ଲାଗି ସାଏପ୍ ହେଇଛେ । କିହେ ତାହାକେ ପସନ୍ଦ୍ ନାଇଁ କରବାର ! ସେ ସଥେଁ କାଣାଁ ହେତକି ଅଚଲ୍ ଆଏ ? ?

(୨)

ଲାଏଜ୍ ଆରୁ ହିନିସ୍ତାର୍ ଦରଦ୍‌ଥିଁ ପଡିଥିବା ବାସନ୍ତିର୍ ଜିବନ୍ ଆକାସେଁ ବସନ୍ତର୍ ପହେଲି ଧୁକା ବୁହେଇ ଥିଲା ମଦନ୍ । ସେ ଥିଲା ତାକର ଗାଡି ଡାଏବର୍ । ସୁତର୍-ସୁଧାର୍ ପିଲାଟେ । ତାର ଭଲ୍ ପାଏବାର ଆଗେଁ ରଚୋକଲା ଉଲ୍‌ଦି ହେଇଗଲା ବାସନ୍ତି । ମଦନ୍ ତାର୍ ଦିହିକେ, ପଏସାକେ କି ବଡପନ୍ କେ ନାଇଁ ଦେଖିଁ, ସେ ତାର ଆତ୍ମାକେ ଅମ୍‌ଜେଇଛେ । ତାର ଭଲ୍ ପାଏବାର ଥି ରଁଚେ ଭି ମେସରି ନାଇଁନ। ଚୋବିସ୍ କେରେଟ୍ ସୁନା ଲେଖେଁ ଖାଂଟି ଲେଖେଁ ଥିଲା ମଦନର୍ ପ୍ରେମ୍

ଭାବ୍ । ତାର ଆଗେଁ ବାସନ୍ତି ବହକି ଜିବାରଟା ବିଚିତର୍ ନୁହେଁ । ମଦନ୍ କେ ମନ୍ ଦେଇନେଲା ଦିନୁଁ ସେ ତାର ଠାନେଁ ବାଇ ହେଇଗଲା । ତାର କଥା-ବାରତା, ଚାଲି-ଚଲନ,ପିନ୍ଧନ-ଉଢନ ସବୁ ତାହାକେ ନୁକୋ ଲାଗ୍ଲା । ଜାର ମନ୍ ଜେନ ରସେ ମଲି ଫୁଲ ଫୁଲ ତାହାକେ ବାସେ ।

ସମସ୍ତଂକର ଅନ୍‌ଜାନତେଁ ଦୁହେଁ ଘର ଛାଡିନେଲେଁ । ପଲାଲେ ଝାର୍‌ସୁଗୁଡା । ମଦନ୍ ମରାଡି ଘରେଁ ଗାଡି ଚଲାଲା ।ବାସନ୍ତି ଭଡାଘରେ ସୁଖର୍ ସପନ୍ ଥି ଦୁଲି ଦୁଲୁଥିଲା । କୁଟୁମ୍ବାଦି ଚଲନର୍ ଲହଟେ ତାକର ଭିତରେଁ ଗୁରେହି ହେଲା ବଛର ମୁଡ୍‌କେ । ଟୁକେଲ୍‌ଟେ । ନେଁ ଦେଲେ ତାରା । ସେ ତାକର ଆଁଖିର ତାରା, ସପନର୍ ତାରା, ଭୁଲିଗଲେ ଦୁହେଁ ନିଜର ମାଁ, ବୁଆ, ଘର-ପରିବାର । ବାସନ୍ତିର୍ ଭାଇମାନେ ଅଣାଢାଲ୍ ହଇଁ ନୁରଲେ । ନିନ୍ଦା ଆରୁ ରାଗ ସେମାନଙ୍କୁଁ ଅତୋଥାଲି କରିନେଲା । ଲୋକ ଲଗାଲେ ହେଲେ ପତା ନେଇ ପାଏଲେ ।

ଠିକ୍ ସମିଆଁ କେ ସାରା ଜଗତ୍ କରୋନାଁର୍ କଲବଲଥିଁ ଛଟପଟ୍ ହେଲା । ଲକଡାଉନ, ସଟଡାଉନ, ଦୁକାନ-ବଜାର, ଗାଡି-ମଟର ସବୁ ବନ୍ଦ୍ । ମଦନ୍ କେ ଗାଡି ମାଲିକ୍ ଛାଡି ଦେଲା । ବାସନ୍ତି ବଏଲା ଦୁସରା ଧନ୍ଦାଟେ ଧର । ବଜାର ବେଲେ ଲେଖା ଖୁଲା ରହୁଛେ । ତମେ ଆଲୁ, ଉଏଲ, ଲେସୁନ ଆନି ବଜାରେ ବସ । ମାଁ ଘରୁ ତ ସେ କିଛି ନାଇ ଆନିଁ । ନାକେଁ, କାନେଁ ଆର ବେକେଁ ଜେନ୍‌ଟା ପିନ୍ଧିଥିଲା ସେତକି ନ । କାନର ରିଂଗ୍ ହଲକ ଧରେଇ କରିଁ ବଏଲା, ଜ — ଇ ଟା ବିକି କରିଁ ନୁଆଁ ଧନ୍ଦା କର ।

ମଦନ୍ ଆଲୁଗୁଦାମୁଁ ଆଲୁ, ଉଏଲ, ଲେସୁନ ପାକେଟ ବାଟେଁ ଅନ୍‌ଲା ଆରୁଁ ବଜାରେଁ ବସ୍‌ଲା । ଠିକ୍ ଚାଲଲା । ରୋଜ ପାନସ ଟଁକା ନାଇଁ ଛାଡେ । ତାକର ସୁଖର ସଁସାର ଫେର ଘାଏ ହଁସଲା ।

ବଜାରେଁ ଲୁକ୍‌କର ସମାଗମ୍ କେଥନିକେତେ । କୋଭିଡ ନିଅମକେ ପାସରି କରିଁ ଲୁକେ ଭିଡ କରୁଥାନ, ଦିନାଦସେ ହେଲା ମଦନର୍ ଦିହି ବିଗଡିଛେ । ରସ୍‌ରସେଇ କରିଁ ଦିହି ମୁଡ୍ ଛିଡୋଛାଡୋ ଲାଗୁଛେ । ଦୁକାନୁ ବଟିକା ଆନି ଖାଏଲା ହେଲେଁ ଜର ନେଁ ଛାଡଲା । ସେସକେ ଦାକ୍ତରଖାନା ଆଏଲା କି କରୋନା ପରିଖ୍ୟା ଥିଁ ପୋଜିଟିଭ୍ ବାହାରଲା । କେଥନି ଡରଲା ମଦନ୍ । ଉସୋ ଅନିକରି ଘରକେ ଆଏଲା । ଦାକ୍ତର ଜେନ୍ତା ବତେଇଥିଲେ ସବୁ କର୍‌ଲା । ଫେର ଭି ଖାସି ନାଇଁ ଥମ୍‌ଲା । ଆସା-ଅଂଗେନବାଡି ଆସି ଚେକକରି ଦାକ୍ତରଖାନା ନେବାର ଲାଗିଁ କହେଲେ । ସେଦିନ

ସାଂଗେସାଂଗ୍ ଗାଡି ଆଏଲା ଆରୁ ଇ କୋଭିଡ ଦାକ୍ତରଖାନା କେ ତାହାକୁଁ ଲଦି ଆନଲା । ଆଏଜ ଚାଏର ଦିନ୍ ହେଇଗଲା ନ । ତାକର କିଛି ଭଲ ମନ୍ଦ ଜାନି ନେଁ ପାରୁଛେ ସେ ।

ମଦନ୍ ବରିହାର ଲୋକ କିଏ ଅଛ ? ଉଆଚ୍‌ମେନ୍ ରଡି ଛାଡଲା ।

ହଁ, ହଁ, ମୁଇଁ ଅଛେଁ, ଲସର୍ ପସର୍ ହେଇ ପାସକେ ନରଦି ଆଏଲା ବାସନ୍ତି । ହଁ, ମୁଇଁ ତାକର ସ୍ତ୍ରି । କହ, କେନ୍ତା ହେଇଛନ ?

ଉଆଚ୍‌ମେନ୍ ଗେଟ ଫାଲେ ଖୁଲି ନେଲା ଆରୁ ବଏଲା–ଚାଲ, ଭିତରକେ ଆସ ଡକ୍ତର ତମକୁଁ ଡଖେଇଛନ୍ ।

ଖାକେଁ ଛୁଆକେ ଚେପେଇ କରିଁ ଗୋଡ ଘେଁସ୍‌ରାତେଲ ଭିତରକେ ଗଲା । ଛାତି ଧଡ୍‌କୁଛେ, ଆଏଁଖ ଫଡ୍‌କୁଛେ । କେନ୍ତା ହେଇଥିବେ ସେ ? କାଏଁ ହେଲା ଜେ ଡାକଲେ ? ? କିଛି ଅଘଟନ ହେଲା କାଏଁ ଇନ୍ତା କେଥନିଟେ ଭାବନା ଛନ୍ଦି ହେଉଥିଲା ମନେ ।

(୩)

ତମେ ମଦନର୍ ଉଆଇଫ୍ ?

ହଁ

ଆସ, ଭିତ୍‌ରକେ ଆସ

କେନ୍ତା ହେଇଛନ ଆଜ୍ଞା ? ଆମର୍ ସେ ଅଏନ ଅଛନ ତ ?

ଦାକ୍ତର କିଛି ନାଇଁ କହେଲେ । ତାକର ପଛେଁ ପଛେଁ ବାସନ୍ତି ଗଲା । ଉଆଡ୍ ଭିତରୁଁ ଆଗକେ ଗଲା ବେଲକେ ଦୁହିକୁତି ବେଟ୍ ଥିଁ ସୁଇଥିବା ବେମାରିକୁଁ ନିଘା କରୁଥାଏ ସେ । ଦାକ୍ତର ଆରୁ ନର୍ସ ଫେର ଗୁଟେ କୁଆଟର କେ ଢୁକଲେ । ସେଠାନେ ଧାଡି ଧାଡି କରିଁ ଟେବୁଲ ପଡିଥାଏ । ମଝିର ତିନଟା ଟେବୁଲେଁ ଧୋପ୍ ଜରି ଗୁରହା ହେଇଁ ସୁଇଛନ ତିନ୍ ଝନ୍ । ଦାକ୍ତର ବଏଲେ, ପାସକେ ଆସ, ତମର ହଜବେଂଡ୍ କେ ଚିନ୍‌ହଟ କର ।

ମୁହଁର ଜରି ଅଡେଇ ନେଲା ଝନେ । ମଦନ୍ ସୁଇଛେ ନିସପଟ୍ । ପାସ୍‌କେ ନରଦି ଜାଉଥିଲା ବାସନ୍ତି ହେଲେ ନର୍ସମାନେ ଧରି ପକାଲେ । ଗୁଟେ ହାତେଁ ଛୁଆକେ ଜାଁକି ଆର ହାତେଁ ଛାତିକେ ପିଟି ହେଇହେଇ କାନ୍ଦଲା । କାନ୍ଦି କାନ୍ଦି ବିହୋସ ହେଇଗଲା ସେ ।

ବନେ ଘାଏ ପରେ ଚେତା ଆଏଲା ବାସନ୍ତି ର । ଦାକ୍ତରଖାନାର ବେଡ

ଉପରେ ସୁଇଛେ । ହାତେଁ ସେଲେନ ଲାଗିଛେ । ତାର ଡେବରି ଫାଲେଁ ସୁଇଛେ ତାରା । ଭୁଖେଁ ଲେଲୋଗେଲୋ ହେଇଗଲାନ । ନର୍ସମାନେ ଗୁରସ୍ ଆନିକରି ପିଏଇଛନ ବଲିଁ ସୁନିଛେ ।

ଟଂଗଟାଂଗ୍ କରିଁ ଉଠଲା ସେ । ହାତର ସେଲେନ ପାଇପ ଘିଚିକରି ଉଲିନେଲା । ଛୁଆକେ ଖକାଲା ଆରୁ ଭଂଗଭଂଗାତ୍ ସେଠାନୁଁ ବାହାରି ଆଏଲା ଭଟାକେ । ଟିକେ ଦୁରିଆ ନ ଅଛେ କୋଭିଡ ଦାକ୍ତରଖାନା । ନରଦିଗଲା ସେନକେ। ଗେଟ ନ ଜୁଗିଥିବା ଚପ୍ରାସିକେ ଆତୁର ହେଇ କହେଲା – ମତେ ମୋର ମୁନୁସ ପାସକେ ନେଇ ନିଅ, କାନୁଥାଏ କହୁଥାଏ । କାନ୍ଦି କାନ୍ଦି ତଲେ ବସି ପଡଲା ସେ । ଚପରାସି ବଏଲା, ତୁଇଁ ଘରକେ ଜା । କରୋନା ଥିଁ ମଲା ଲୁକକୁଁ ସରକାରି ଲୋକ ସଁସକାର କରସନ । ତତେ ଦିଆ ନେଇଁ ଜାଏ । ତୋର ମୁନୁସର ଲାଏସ ଏତେ ବେଲତକ୍ ମସାନ ଘାଟେଁ ପୁଡି ସାର୍‌ବାନ । ସକାଲର ଦସ ବଜେ ନୁଁ ଗଲାନ ପରେ।

ବାସନ୍ତି କେ ସବୁକୁତି ଅନ୍ଧାର ଦିସଲା । ଅତାଲତାଲ ସାଗର ଭିତରେ ଭଉଁରିଥି ପଡିଥିବା ଡଂଗାର କେଉଁଟ୍ ଲେଖେଁ ତାର ଅବସ୍ଥା । କୁହୁକୁହୁ ଅନ୍ଧାର ରାତି ଡର୍‌ଡରାନି ଜଂଗଲ୍ ଭିତ୍‌ରେ ବାଟ୍ ପାସରି ନେଇଥିବା ଚାଲତି ଲେଖେଁ ବେସୁରିଆ ତାର ମନ୍ । କୁମ୍ଭମେଲାର ଭିଡ ଭିତରେ ସାଂଗଛଡା ହେଇ ଜାଇଥିବା ପରବାସି ଲେଖେଁ ତାର ଅତୁର ଭାବ୍ । ତାର ହୁରୁଦଫଟା ଅହିରୁଦନ ଆଗେଁ ସମସ୍ତଂକର ମନ୍ ତରଲି ଜାଉଥିଲା ତାର ସୁଖେଁ ।

ତାରା ଭି କାନ୍ଦଲା । ବାସନ୍ତିର ଦୁଖର ଚହଲାକେ ଚହଲେଇ ନେଲା ତାର କାନ୍ଦି । ଏତକେଁ ତାର କାନ୍ଦି କଧରି ନେଲା ଛୁଆର କାନ୍ଦି ଦେଖିଁ । ଏକ୍‌ସରଲଗି କାନ୍ଦୁଛେ । ଜେତେ ଭୁରତାଲେଁ ନାଇଁ ଭୁରତିବାର । ଛୁଆକେ ଛାତିନ ଜାଁକି କରିଁ ଦମସେଇ କରିଁ ଉଠଲା । ନାଇଁ କାନ୍ଦ ନାଇଁ କାନ୍ଦ ବଲିଁ ଚୁମା ଦେଇ ଦେଇ ସେଠାନୁଁ ଭାଗି ଆସଲା ଭଟାକେ ।

ପସ୍‌ଚିମ୍ ଦିଗେଁ ବେଲ ଲେହବୁଡ ଲେହେବୁଡ୍ । ଲକଡାଉନ ଲାଗିଁ ବାଟଘାଟ ସୁନସାନ୍ । ସାରାଦିନ୍ –ଦୁହିପହର ନର୍ଘତିଆ ଖରାଥିଁ ସିଝିଁ ସିଝିଁ ଗଛଖୁଁଟ ହାଇ ମାରୁଥାନ୍ । କାରଖାନର ଗଁ ଗାଁ ସବଦ ନାଇଁ ଥାଇଁ କି ଝାରସୁଗୁଡାର ନିଲିଆ ଆକାସେଁ କଲିଆ କୁହୁଲା ପଏଁତରା ନାଇଁ ମାରୁଥାଇ ।

(୪)

ବାସନ୍ତି ଫିରି ଆସଲା ତାର ଭଡା ଘରକେ । ମନର ଦୁଖ ଠାନୁଁ ବଳିଁଗଲା ମାଲିକର ଚଲନ୍ ଦେଖିଁ । ତାର କବାଟେଁ ତାଲାଟେ ପକେଇ ନେଇଛେ । ମାଲ୍‌କେନ୍ ଆସି ବଏଲା, ତୋର ମୁନୁସ କରୋନା ଥି ମରିଗଲା ବଲି ପଡାର ସଭେ ଜାନ୍‌ଲେନ। ସଭେ କେଥିନିଟେ ଡରୁଛନ । ତୁଇ ଦିନାଦୁକର ଲାଗି ସାସ୍ ଘରକେ ପଲା ।

ପରଛି ନ ଲଥୋକଲା ବସିପଡଲା ସେ । କେଥିନିଟେ କାନ୍ଦଲା । ତାହାକେ ମନାବାର ଲାଗି କିହେ ଝନେ ଭି ନାଇଁ ଆସଲେ । ଭାତଖିଆ ପରେ ମାଲିକେନ୍ ତାର ଲାଗି ଭାତ୍‌ତୁନ ଆଉ ଛୁଆର ଲାଗି ଗୁରସ୍ ଆନିନେଇଥିଲା । ହେଲେ ବାସନ୍ତି କେ ଭୋକ୍ ଆସଲେ ତ ଖାଏବା ? ଜାର ସଂସାର ଉଜରି ଗଲାନ ତାର ଆଗାଡେ ଭୋକ୍ ସୋସ୍ ଛୁଟାଟା ।

କେନକେ ଜିବା, କାଣା କରବା, କାହାକେ କହେବା ତାର ମନର୍ କଥା। ସାସ୍ ଘର୍ କାଣା ଆଏ ଜେ ନାଇ ଜାନିଁ, ମା ଘରକେ ଜାନି ଜାନି ସେ ପାସରି ନେଇଛେ । ଚାଏରଟା ଭାଇର ସେ ଗୁଟେ ବୁହେନ । କେନସି ଜିନିସ ର ଅଭାବ ନାଇଁ ଥାଇ । ଆଖିଁର ପୁତଲା କରି ରଖିଥିଲେଁ ତାହାକେ । ହୁଁ କଲେ ସବୁ ଦରବ୍ ହୁକୁମ୍ କେ ହାଜର ହେଉଥିଲା । ଚାରହି ଭାଇ କେଥନିଟେ ସେନ୍ଧୋ କରୁଥିଲେ । ହେଲେ ମଦନ୍ ସାଂଗେ କାଏଁ ଭାବ ଜୁରଲା ଜେ ତାର ସଭାବ କେ ବଦଲେଇନେଲା। ।ଭାବର ସଂପର୍କ ରକ୍ତର ସଂପର୍କ ଠାନୁ ବଡ୍ ନୁହେଁସେ ଇକଥା କେ ସେ ପାସରି ନେଲା । ସେ କେତନି ଭୁଲ କରିଛେ । ଇଥୁଁ ତାର ମୁକ୍ତି ନାଏଁନ । ଫେର ଘାଏ ଭାବେ ମଦନ୍ ସାଂଗେ ସଂସାରି ସପନ୍ ଦେଖବାର ଟା ତାର କପାଲେଁ ଥିଲା । ସେ ଜେତକି ଦିନ୍ କରମେଁ ମାଗି ଆନିଥିଲେ ସେତକି ଦିନ୍ ଜିଇଁଲେ । ଜିଇଁ ଥିଲା ଭିତରେ ତାହାକେ ରାନି ବାଗିର ରଖିଥିଲେ । କେଭେଁ ଟିଖେ ଦୁଖ ଭି ନାଇଁ ଦେଇଁ । ସୋର୍ କରି କରି କେଥନି କାନ୍ଦଲା ସେ ।

ସୁଖ-ଦୁଖ, ଅନ୍ଧାର-ଉକିଆ, ଉତରେନ-ଚଢେନ ଦୁନିଆଁ ନ ଲାଗିଛେ । ତାର ଜିବନ୍ ଧରସାର ଚଢେଁନ ବାଟେ ଦୁଖର କୁହୁ କୁହୁ ଅନ୍ଧାର ଘୁଟିଛେ । ସେ ଅନ୍ଧାର ନୁ ଉକିଆ କେ ପାହା ଲମାବା । ନିଜର ଭୁଲକେ ସୁଧରାବାର ଉପେ କରବା। ଭୁଲ ନାଇଁ ଥିଲେ ଭଲ୍ ନାଇଁ ହୁଏ । ସେ ତାର ଭାଇ ମାନକୁ ଖ୍ୟମା ମାଗବା । ମାଁ କେ ମମତାର ଭିକ୍ ମାଗବା ।

ଅଁଟା ନ ଗୁରେଇଥିବା ମୁବାଇଲ ବାହାର କରି ଲଗାଲା ଘରକେ । ତାର

ବଡଖା ଦଦା ଉଠାଲେ । ବାସନ୍ତି କାନ୍ଦି କାନ୍ଦି ସବୁକଥା କହେଲା । ହେଲେ ତାର ଦଦା ରିସମିଁ ଥି ବଏଲେ –ଇହାଦେ ଆମକୁ ସୋର ପଡଲା ? ତତେ କେନ ଜିନିସ୍ ର ଅଭାବ କରିଥିଲୁଁ ଜେ ତୁଇ ଆମର ବିସାସ ଥି ବିସ ଦେଇନେଲୁ ? ତୋର ଲାଗି ଆମେ କେତେ ସପନ୍ ଦେଖିଥିଲୁଁ । ସବୁକେ ତୁଇଁ ମାଏଟ କରିନେଲୁ । ଆମର ମୁହେଁ କଲା ଲେପିନେଲୁ । ଜାନିଛୁ, ତୋର ଗଲାପରେ ତତେ ଝୁରି ଝୁରି ମାଁ ମରିଗଲା । ତାର ପଛାପୋଛ୍ ବା ଭି ଆମକୁ ଛାଡିନେଲା । ତାକର କାମ୍ କାରଜ୍ ସାଂଗେ ତୋର ଭି ଆଏଁଖ୍ ଛିଇଁ ନେଇଛୁଁ । ତୁଇ ଆମର ଲେଖେ ମରି ଜାଇଛୁ ।

ବାସନ୍ତି ଆରୁ ସୁନି ନାଇ ପାରଲା । ଜୋର ଜୋର ସେ କାନ୍ଦଲା । କାନ୍ଦି କାନ୍ଦି କେଚରେଇ ନେଲା ଫୋନ୍ କେ । କାଣା ହେଲା ବଲି ମାଲିକ୍ –ମାଲିକେନ୍ ଘରୁ ବାହାରି ଆଏଲେ । ପାଖର ଘରର ଲୁକେଁ ଝରକା ଖୁଲି ନିଘାଁ କଲେ ।

ବାସନ୍ତି ତାର ଛୁଆ କେ ଖକାଲା । ପରଛି ନୁଁ ଉତରି କରି ସଡକ କୁତି ମୁହାଁଲା । ବାତଲିଆକର ଲେଖେଁ କହୁଥାଏ –ହଁ, ମୁଇଁ ମରିଜାଇଛେଁ । ତମେ ସଭେ ମରିଜାଇଛ । ଇ ଦୁନିଆର ସଭେ ମରିଜିବେ ।

ରଡି ରଡି କହୁଥାଏ, କହି କହି ହଁସୁଥାଏ ହଁସି ହଁସି ଭାଗୁଥାଏ ସେ । ନିସବଦ୍ ରାତିର ସୁନସାନ ପନ୍ କେ ଦୁହୁଲେଇ ନେଉଥାଏ ତାର ଦୁଟୁଡିଆ କଥା ଆରୁ ଖିନଖିନାଲା ହଁସି ।

–୦–

ବିସାନ୍ ହଁସି

ଧନପତି ମହାପାତ୍ର

ଆଏଜ ବଡାଦିନ୍ ଉତାରୁଁ ଅଛରାଟେ ବର୍‌ସିଛେ । ପ୍ରକ୍ରୁତିର୍ ସିତଲ୍ ସିତଲ୍ ଛିଆଁ ଜେଠର୍ ଝାଉର୍ ମାଡ୍‌କେ ଖସ୍‌ରେଇନେଇଛେ ବନେ ଧୁର୍ । ଇହାଦେ ଡେଂଗା ପିପଲ୍ ଗଚ୍, ଝିଟ୍‌ରୁ ଘୁଲି ଜାମ୍, ପୁଇ ଜାମ୍ ଗଚ୍ ମାନେ ହାତ୍ ହଲେଇ ହଲେଇ ସମ୍‌କୁଁ ଡାକୁଛନ୍ । ଆସ ଆମର୍ ତଲେଁ ବସ । ଝୁମ୍‌ରିପଡ୍‌ବ । ହେଲେ ହେଁ ସିତଲ୍ ପବନ୍ ଅଂକିତାର୍ ହୁରୁଦ୍ ଭିତରର୍ ତପ୍‌ତିକେ ସିତ୍‌ଲେଇ ନାଇଁ ପାରୁଥାଇଁ । ବିକଲ୍ ମନ୍ । ଉଠେଇ ବସେଇ ହଲେଇଝୁଲେଇ ପକଉଛେ ଉପ୍‌କୁଲିଆ ଝାଉଁ ଝାର୍‌କେ ସେନିର୍ ପୁର୍‌ବି ପବନ୍ ମୁରିତିରି ଥୁଇଲା ଲେଖେଁ । ଭିତ୍‌ରେଁ ଜଲୁ ଥିବାର୍ ତପ୍‌ତି କାହାକେ ନାଇଁ ଦିସେ, ହେଲେଁ ଜାହାର୍‌ଟା ତାହାକେ ଜନଉଥିସି ଅଁତ୍‌ରାର୍ ଖାର୍ ଭିତ୍‌ରେଁ ଲୁକିଥିବାର୍ ଭୁବ୍‌ରା ଜୁଏବାଗିର୍ ।

ମୋର୍ ଆର୍ କିଛି ଦର୍‌କାର୍ ନାଇଁ । କେହେନି କଥାକେ ମୋର୍ ପର୍‌ତେ ନାଇଁ । ମତେ ସାନ୍ତିନ ନିସାସ୍ ଟିକେ ମାରିନାଇଁ ଦେଲ । କାଏହେଁଲାଜେ ତୁମର୍ ଇ ଅବତାର୍ । କାଣାହେଇଛେ ନାଇଁ ହେଇଛେ ସତ୍ ସତ୍ ମତେ କହ, ତୁମର୍ ମନ୍ ହଲ୍‌କା ହେଇଜିବା । କିଛି ହେଇଥିଲେଁ ଦୁହେମିସି ସମାଧାନ୍ ନୁର୍‌ମା ବଲି କେତେ କରି ବୁଝଉଛେଁ । ନାଇଁ, ବାବୁ ଗୁମ୍ ମାରି ବସି ଜାଉଛନ୍ । ଖାଏବାର୍ ପି ବାର୍ ଠିକ୍ ଠିକ୍‌ନା ନାଇଁ । ଅଫିସନ କିଛି ଅସୁବିଧା ହେଇଥିବା ବଲି କେତେକରି ପଚ୍‌ରେଇଛେଁ । ଦିହି ଦୁହା ନସ୍‌ଲାକାଏଁ ବଲି ଦିହି ମୁଡ୍ ସବୁଆଡେ ଟାମ୍‌ଡିହାତ୍‌ଲି ଆନୁଛେଁ । ହେ ଭଗବାନ୍, ମୋର୍ ସୁନାବାଗିର୍ ମୁନସର୍ ଇ ଟା କାଣାହେଲା ! ଜେନ୍ ଲୋକ୍ ହରମେସା ଅଂକିତା ଅଂକିତା ବଲି ଘୁସୁର୍‌ଘୁସା ହେଉଥିଲେ, ସେ ଇହାଦେ ପାଁଚ୍ ଦସ୍ ଥର୍ ଡାକୁଥିଲେଁ ମିସେ ଉଁ ନାଇଁ କର୍‌ବାର୍ । ସେସେନୁ କହିବସ୍‌ଲେଁ କେଭେଁ କେନ୍ତା ଦାଁତ୍ ଖିଚ୍‌ଡେଇ ବିସାନ୍ ହଁସିଟେ ହଁସିନେଉଛନ୍ ।

କଥା ଆର୍ କଥାନି

ମୋର୍ କାଣା ଭୁଲ୍‌ଭୁଲା ଭାଏଲ୍ ରହିଗଲା ବଲି ଅଂକିତା ନିଜର୍ ଜିବନ୍‌କେ ଡୁଂଗିଦେଖିଛନ୍, ଅନ୍ତରକେ ପଢି ଦେଖିଛନ୍ ଥରଥର୍ କରି। ତାକର୍ ଆତ୍‌ମାର୍ କନ୍‌କେ ମନର୍ ବାଏନାକୁଲର୍ ଦେଇ ଦେଖିଛନ୍। କାହିଁ ଖୁର୍ ସବଦ୍‌ଟେ ନାଇଁ ସୁଭୁ ଥାଇଁ କି ରେଁ ଝେଁର୍ ଭିଡିଓ ଫଟୁ ନାଇଁ ଦିସୁଥାଇଁ। ସେ ସବୁବେଲେଁ ତାକର୍ ମୁନସର୍ ଉପ୍‌ରେ କୁରୁତ୍ କୁରୁତ୍ ଭାବ୍ ରଖୁଥିଲେ। ଫେର୍ ଭୁଲ୍ କେନ ରହେଲା। କାଣା ସିତାର୍ ଭୁଲ୍ ଲଂକାନ ଥିଲା ତ ଥିଲା, ଅଜୋଧ୍ୟାନ ମିସେ ଥିଲା ! ନାରି ଜେତେ ସଚୋଟ୍ ଥାଉ ତାହାକେ କାଁ କରି ବାର୍ ବାର୍ ଅଗ୍‌ନି ପରିଖ୍ୟା ଦିଆ ପଡସି ? କାଁକରି ଇ ଭୁର୍‌କୁଟି.......

ସଂକର୍ ବାବୁ। ବଏସ୍ ଚାଲିସ୍ ପଏଁଚାଲିସ୍ ଭିତରେଁ ହେଉଥିବା କି ବଛ୍‌ରେ ଅଧେ ଇପାଖ୍ ସେପାଖ୍। କେତେ ଚଂଚଲ୍ କେତେ ହଁସ୍ ମୁଖ୍ ସଭାବ୍। ମାଏପୋକେ ଜେନ୍ତା ସଉକ,. ପୋକେ ହେନ୍ତା ସେନ୍‌ହୋ। କେତେ ମଜା ମଜ୍‌ଲିସ୍। ଘର୍‌କେ ପସିଆସଲେ ଘର୍ ହଁସିଉଠୁଥିଲା। ଆଏଜ କାଁକରି ଏତେ ତୁନ୍‌ତାନ୍, ମଠର୍ ଜୁଗି ବଏରାଗି ହାରିଜିବେ। ତାକର୍ ମୁହଁର୍ ଉଦାସ୍ ପନ୍ ଦେଖିନେଲେଁ କଲ୍‌ଜାକେ କିଏ ଖଁଡ୍ ଖଁଡ୍ କରି ଚୁପିନେଉଛେ ବାଗିର୍ ଲାଗୁଛେ। ସେ ତ ଆଗୋ, ବିହା ବେଦିନୁ ଉଠିର୍‌ଲା ବେଲୁଁ ସପ୍ତପଦି ବେଲେଁ ପାରିଥିବାର୍ ସବୁକିରିଆକେ, ଦେଇଥିବାର୍ ସବୁ ବଚନ୍‌କେ ଅଖ୍ୟରେ ଅଖ୍ୟରେ କରି ସୋର୍ କରୁଥାନ୍। ଆଏଜ୍‌କେ କେତେ ଦିନ୍ କେତେ ମାସ୍ ହେଲା ଏକେସାଗେଁ ବସିକରି ଚାହା ପିଥିବାର୍ ଅଂକିତାର୍ ସୁର୍‌ତାନୁ କେଭୁ ଲିଭିଗଲାନ, ସେ ସୋର୍ କରି ନାଇଁ ପାରୁଥାଇଁ।

ତହାକୁଁ ଆରଗୁଟେ କଥା ଜହ ବାଧୁଥାଏ। ଜେତେବେଲେଁ ଦେଖ ତାପ୍‌ନେ କନ୍‌ହା ପଏସା ହଜାଲାବାଗିର୍ ମୁହୁଁ ସୁଖେଇ ବସି ନେଉଛନ୍। ଇ ଲୋକ୍ ତୁମର୍ କାଣା ହେଇଛେ, ଏନ୍ତା ଉଦାସ୍ ହେଇ ବସିଛ ବଲି କହିକରି ପାଖେଁ ବସିବସଲେଁ ଘୁଘ୍‌ଲି ହେଉଛନ୍। ବଲୁଛନ୍ ମତେ ଏକ୍‌ଲା ଛାଡିଦିଅ। ଜ, ଜହ କଚର୍ କଚର୍ ନାଇଁ ହ।

ଇ ଟା ମାସେନୁ ଜହ ଦିନ୍ ହେବା ତୁମର୍ କାଣା ହେଇଛେ କହତ ଗୋ ବଲି ତାକର୍ ମୁହୁଁ ସୁଆଁଲି ଆନି ଗେଲେଇକରି ଅଂକିତା କହିଛନ୍ କି ନାଇଁ ତାକର୍ ଥାପଡ୍ ଉଠି ଆସୁଥିଲା। ସେ ଦିନ ଅଂକିତାକେ ଲାଗ୍‌ଲା ତାକର୍ ଘରକରାକେ ରାହୁ ଧରିନେଇଛେ। ହେଁ ଦିନୁ ଏକା ତାକର୍ ବିସପାସ୍ ନ ଜୁଏଲାଗିଜାଇଛେ। ଏତେ ସୁତର୍ ଏତେ ରଂଗିଲା ମୁନୁସ୍ ଇ ଦିନ୍ କେତେଟାନୁ ହେନ୍‌ଥେଇଁ ସୁହୁଜେଁ ସୁହୁଜେଁ

ବଦଲିଜିବେ ବଲି ସେ ଏକ୍ଲା ଏକ୍ଲା ଥିଲାବେଲେଁ ମାରିପିଟି ହୁଅନ୍। ଘରଦୁଆର୍ ବାକସ୍ ଆର୍ମାଲି, ବହି ଥାକ୍ ସୁବୁଆଡେଁ ଅଁଡାଲି ହେଇଛନ୍ ତାକର୍ ଉଦାସିଆ ଚିଡ୍‌ଚିଡିଆ ଭାବର୍ ଭାଏଲ୍ ସୁରାକ୍ ପାଏମି ବଲି। ନ ସବୁ ଆସ୍, ସବୁ ଚେରେସ୍‌ଟା ପାଏନ୍ ଫାଟିଜାଇଛେ।

ଘର୍‌କେ ସରଗ୍ କରି ତୁଲାବାରେଁ ଏକ୍ଲା ମାଏପୋର୍ ସେନୋ ସର୍ଧା ଜହ ନୁହେସେ। ଘଏତା ମାଏପୋ ଏକ୍ ହେଇ ଛୁଆପୁତା ତକ୍ ସଭେ ସମ୍‌କୁଁ ସେନ୍‌ହୋ ସର୍ଧାର୍ ଛିଆଁନ ସବାରୁଥିଲେଁ ଘର୍‌କେ ହଁସେଇ ପାର୍‌ସନ, ସରଗ୍ ବନେଇପାର୍‌ସନ୍। କହେସନ୍ ପରେ ସମ୍‌ପର୍‌କ ଘର୍‌ଟେ ନୁହେଆଏ ଜେ ଥରେ ବନେଇନେଲେଁ ଜୁଗ୍ ଜୁଗ୍ ରହିଥିବୁ। ସମ୍‌ପର୍‌କ ତ ଚାରା ଗଚ୍ ବାଗିର୍‌ଟା। ତାହାକେ ହର୍‌ମେସା ଜତ୍‌ନଉଥିଲେଁ ଜାଇ। ଜଗାବୁ, କୁଡାକେଁଚା, ଖତ୍ ଖାର୍ ପାଏନ୍ କାଏଁଜ୍ ଦିଆ ଧରା ହର୍‌ମେସା ନିଘାଟେ ଦେଇଥିଲେଁ ଜାକର୍ ଜେନ୍ତା ଗଛ୍‌ଟେ ହେସି, ସେନ୍ତା ପରିବାରର୍ ହରେକ୍ ଦୁଖେଁ ସୁଖେଁ ସମକର୍ ଭାଗିଦାରି ଘର୍‌କେ ସରଗ୍ ବନାସି। ଅଂକିତା କେତେବେଲେଁ ସଂକର୍ ବାବୁ ଉପ୍‌ରେଁ ଅବିସ୍‌ପାସ୍‌ର୍ କଲା ବାଦଲ୍‌କେ ତାକର୍ ମନ୍ ଭିତର୍‌କେ ପସି ନାଇଁ ଦେଉଥାଇଁ। ଭାବୁଥିଲେ ଚାକିରି ବାକ୍‌ରିନ କିଛିକାଣା ଗୁପା ଧରିଥିବା।

ସେଦିନ ଅଂକିତା ସଂକର୍ ବାବୁର୍ ସ୍ମାଟ୍ ଫୋନର୍‌କେ ଦେଖୁନ୍ ଦେଖୁନ୍ କଲ୍ ରେକଡର୍‌ଟା ବାଏଚାନସ୍ ଟଚ୍ ହେଇଗଲା। ସେନୁ ମାଏଝି ମୁନୁସ୍ ଦୁଇଝନ୍ କଥା ହେଉଥିବାର୍ ତାକର୍ କାନେ ବାଜିଛେ କି ତାକର୍ ଆଏଁଖ୍ ଦୁହିଟା ଢିଆ ଢିଆ। ସଂକର୍ ବାବୁ ବଲୁଛନ୍ ହାଏ ଡିଅର୍ ! ଅଇଏମ୍ ହିଅର୍। ଆଜିର୍ ଠିକ୍ ଏଇଟ୍ ପିଏମ୍ ନ ବିଚ୍ ଇନ୍ ନ ଟାକିଥିମି। ତୁମେ ଏରୋଡ୍ରାମ୍ ନ ଥିବ, ଗାଡି ପଠାମି। ଗାଡି ନମର୍ ମସେଜ୍ କରିନେଉଛେଁ। ଆରଆଡୁ କଅଁଲି ଟୁକେଲ୍ ଟାକର୍ ଆବାଜ୍ ଆଏଲା। ଘର୍‌କେ ନାଇଁ ଜାଇକରି ହଟେଲ୍ କାଁ କରି !

ହେଟା ପଛେଁ କଥାହେମା ବଏଲେ ସଂକର୍ ବାବୁ।

ରୁମ୍ ନମ୍ବର୍ କେତେ ।

କହୁଛେଁ ଟିକେ ଟାକ ବଏଲେ ସଂକର ବାବୁ।

ଉପରର୍ ଅଡିଓକେ କ୍ଲିକ କଲେ ସାଗରିକା। ସଂକର୍ ବାବୁ ବଲୁଥାନ୍ ହଁ ସୁନ ଦୁଇସ ନ। ତୁମର୍ ନା ନ ବୁକ୍ ଅଛେ।

ଏତ୍‌କି ସୁନିଛନ୍ କି ଅଂକିତାର୍ ଧର୍‌ଜ୍ୟର୍ ଡାଟାବେଲେନସ୍ ଘାଏକେଁ

ଖତମ୍। ହାଏରେ କପାଲ୍ ବଲି ପାଖର୍ ସୋଫାନ ଗଦେଇହେଇ ଗଲେ ଅଂକିତା । ତାକର୍ ଆଏଁଖ୍ ଅଂଧାର୍ ପଡି ପଡି ଆସୁଥିଲା। ଛନେ ଉତାରୁଁ ସମ୍ରିଗଲେ ସେ। ତବି ସଁ ସଁ ହେଉଥିବାର୍ ତାକର୍ ମୁହୁଁନୁ ବାହାରିଆସୁଥିଲା ଆଛା, ଇ ଟା କାଣା ସବୁ ଗୁପା ଗୁଲିଆର୍ ମଂଜ ଆଏ ! କାଣା ହେଉଛେ ଇ ଟା। ମୁନୁସ୍‌ଟା ଏତେ ତଲ୍‌କେ ଗିରିଗଲେନ ! କେଭୁଁ କେଭୁଁ ?

ତ ବି ଅଂକିତା ଦେବିକୁଁ ଘାଏ ଘାଏ ଲାଗେ ସବୁ ମିଛ୍। ଇତାକର୍ ହେତେ ସାହାସ୍ କେଭେଁ ନାଇଁ ଥାଇଁ। ତାକର୍ ଧୁକଧୁକିର୍ ନାଡି ଠିକ୍ ଚିପିଛନ୍ ସେ। ସଂକର୍ ହେତେ ଧୁର୍ ଜାଇପାର୍‌ବେ ବଲି ଅଂକିତା ଦେବିର୍ ଭାବିନାଇଁ ପାରୁଥାଇଁ। ଫେର୍ ଇ ଟା କାଣାସେ ସୁନୁଛେଁ ବଲି ତୁନ୍ ପଡି କାନ୍ଦିବସ୍‌ଲେ। ତାକର୍ ମନ୍ କହୁଥାଏ କଥାଟେ ତ ତାକର୍ ନିଜର୍ କାନେ ସୁନିଛନ୍ ଭିନେ କଥା । କେନ୍ ଜୁକ୍ତିନ ସେଟାକେ ମିଛ୍ ବଲିହେସି। ବସ୍‌ଲା ଠାନୁ ଉଠି ନାଇଁ ପାରୁଥାଇଁ ଅଂକିତା। ମନର୍ ସବୁ ଦୁଆର୍‌କେ କିଲି ନେଇ ସେ ଉଠିଗଲେ ତାକର୍ ସୁଇଲା ଘର୍‌କେ। ପଲଁକ ଉପ୍‌ରେଁ ମୁହୁଁ ମାଡିକରି ଘଡେ କାଂଦଲେ। ବଲୁଥାନ୍ ଭଗବାନ୍ ମୋର୍ ମାହାପୁରୁ ବାଗିର୍ ମୁନୁସ୍‌କେ କିଏ ଆଏ ମୋର୍ ଠାନୁ ଛଡେଇନେଉଛେ, ଜବ୍‌ରାନ୍। କେଭେଁ ତାକର୍ ଉପ୍‌ରେ ମୋର୍ ଭକ୍‌ତି କି ଭଲ୍ ପାଏବାର୍ ଉନା ହେଲାକାଏଁ ? ମୋର୍ ପ୍ରେମ୍ ପସ୍‌ରାକେ କିଏଆଏ ଖିନ୍ ଭିନ୍ କରିନେଉଛେ ? କିଏ ଆଏ ସେ ମୋର୍ ହୁରୁଦ୍‌ଭିତର୍‌ଟାକେ ଖିନ୍‌ଖିନାଲି କରିନେଲାନ। ଖାଏଲା ଥାଲିନ ଧୁଏଲ୍ ଝିଁଟି ନେଉଛେ କାହାର୍ କରାମତି ? କେନ୍ ପାପର୍ କୁନୁଆଁ ଜବ୍‌ରାନ୍ ମୋର୍ ହୁରୁଦ୍ ଦୁଆର୍‌କେ ଖଟ୍‌ଖଟଉଛେ ହର୍‌ମେସା, ଅଠିପହର୍।

ବଲୁଥାନ୍ ବିସ୍ୱାସର୍ ଜବର୍ ନାହିନ ତାକର୍ ଘର୍ ବସିଥିଲା। ଆଏଜ୍ କାଏଁ ହେଲାଜେ ମନର୍ ଫିଁ କନେ ଅବିସ୍‌ପାସ୍। ଅପର୍‌ତେର୍ ଅଲ୍‌ହନ୍ ମୁସା ହେଁ ନାହିକେ କୁଡି କୁଡି ହଲେଇ ଝୁଲେଇ ଦୁର୍‌ବଲ୍ କରିନେଉଛେ। ଏନ୍ତା ଅବିସ୍‌ପାସ୍ ଜହ ବେଲ୍, ଜହ ଦିନ୍ ରହେଲେ ବିସ୍‌ପାସର୍ ଘର୍ ଭୁସ୍‌ଡି ଜାଏସି। ତାକର୍ ବଛର୍ ବଛର୍ କରି ପଂଦର ବଛରର୍ ଘର୍‌କରା। ଏବ୍‌ତକ୍ ତାକର୍ ମୁହୁଁନୁ ଅଂକିତା ଅଂକିତା ସୁଭୁଥିଲା ହର୍‌ମେସା। ଲାଗୁଥଲା ସଥେଁଜେନ୍ତା ତାହାକୁଁ ନାଇଁ ଦେଖ୍‌ଲେଁ ସେ ଅଂଧା ହେଇଜିବେ। ସେ ସେନ୍‌ହୋ ସରଧାର୍ ଫଲ୍, କୋଲ୍‌କେ ପୋ ଅନୁଭବ୍ ଆଏଲା। କେତେ ଉସତ୍ ଆନନ୍ଦ୍ ନ ଘର୍ ଗର୍‌ଜୁଥିଲା। ଅଂକିତା ଦେବି କୁଁ ଲାଗୁଥିଲା ତାକର୍ ଚାକିରିର୍ ପ୍ରମୋସନ୍ ଆଏଲାକି ପଦବିର୍ ନିସା ତାହାକୁଁ ମୋର୍ ଠାନୁ ଅଲଗ୍ କରିନେଉଛେ

କାଏଁ ? ହେଲେଁ ଆଏଜ୍ ଜାହା ତାକର୍ କାନେ ବାଜିଛେ ହେଁ ଟା ମାହାପୁରୁ ଗୁଡିର୍ ଭୁତ୍‌ଭୁତିଆ ପହିଲ୍ ପହରର୍ ଫୁକ୍‌ଲା ସଁକ୍ ନୁହେସେଜେ ହାତ୍ ଜୁରି ମୁଡ୍ ଲୁହାଁବେ। ଠିକ୍ ଆଠ୍‌ଟା ତିରିସ୍‌କେ ରଏଲ୍ ବେଂଗଲ୍ ଟାଏଗର୍ ଅଂକିତା ତାକର୍ ଭୁଜେନ୍ ପାହାର୍ ଚପଲ୍ ଟେକି ରୁମ୍ ନମ୍ବର୍ ଦୁଇସ ନ ସାମ୍‌ନାନ ଠିଆ ହେଇଥିଲେନ। ସେ କବାଟେଁ ନକ୍ କଲେ। ଥରେ, ଫେର୍ ଥରେ, ଆଉର୍ ଘାଏ। କବାଟ୍ ନାଇଁ ଖୁଲ୍‌ଲା। ମାଏଲେ ଗୁଟେ ଲାତ୍ । ଧଡାସନୁ କବାଟ୍ ଖୁଲିଗଲା। ଧଡ୍‌ସେ ଭିତରକେ ପାହା ଲମାଲେ ଅଂକିତାର୍। ସଂକର୍ ବାବୁର୍ ସେଫାନ ବସିଛନ୍। ତାକର୍ ଦିହେଁ ଟୁକେଲ୍‌ଟେ ବୁଡାସାଁପ୍ ଗୁରେଇହେଲା ଲେଖେଁ ଗୁରେଇହେଇଥିବାର୍ ଦେଖିକରି ତାକର୍ ହାତର୍ ଚପଲ୍ ଉଠ୍‌ଲା ସଜେଁ ରହିଗଲା।

କିଏବେ ଚୁଡେଲ୍, ତୋର୍ ହେତେ ସାହାସ୍, ହେତେ ହିମ୍ମତ ବଲି ଅଂକିତା ଚପଲ୍ ଖବ୍‌ଡାବାକେ ବସୁଛନ୍, ସଂକର୍ ବାବୁ ଛୁଆକେ ବଏଲେ ହେ ପଂଖୁଡି ଦେଖ ଇଏ ତୁମର୍ ସୁରୁ ମମି। ଅଂକିତା ସଡକ୍‌ଦମ୍।

ହଡ୍‌ବଡେଇକରି ପଂଖୁଡି ଠିଆ ହେଲା। ଘାଏ ବନେକରି ନିଘାକଲା। ତାର୍ ମନ୍‌ଭିତ୍‌ରର୍ ଫେବିକଲ୍ ଅଠାଥି ଲଟ୍‌କା ହେଇଥିବାର୍ ସୁରୁମମିର୍ ଫଟୁ ସାଗେଁ ଜୁଲେଇଦେଖ୍‌ଲା। କନ୍‌ଫାରମ୍ ହେଲା ଉତାରୁଁ ଧାଇଁ ଗଲା ଆର ସୁରୁ ମମି ବଲି ଅଂକିତାର୍ ବେଁକେଁ ଉଲେଇହେଲା।

ସଂକର୍ ବାବୁ ବଏଲେ ତୁମର୍ ଦୁସି ମୁଇଁ ଆଏଁ, ଜାହାକହେବାର୍ ଅଛେ ମତେ କହ, ଆମର୍ ଝିକେ ନୁହେ। ଅଂକିତାର୍ ଉଠାଲା ଚପଲ୍ ଗିରିପଡ୍‌ଲା। ମମତା କାଂଗାଲ୍ ଛୁଆଟା ମାର୍ କୋଲ୍ ନୁରୁଥିଲା। ବଏଲା ମମି ମତେ ତୁମର୍ କୋଲକେ ସଁପିନେଇଛନ୍। ବଲିଛନ୍ ତୋର୍ ସୁରୁ ମମିର୍ ନିର୍ମଲ୍ ସେନ୍‌ହୋ ପାଇକରି ମତେ ଭୁଲି ନାଇଁ ଜିବୁ ପୁତା !

ଅଂକିତା ପଂକଖୁଡିକେ ତାକର୍ ଆଗଆଡେ ଠିଆକଲେ। ତାହାକୁଁ ଲଗୁଥିଲା ତାକର୍ ସଂଧ୍ୟା ନାନି ଆଗ୍‌ଆଡେ ଠିଆ ହେଇଛେ। ସେ ଭାବେଁ ଭାବେଁ ବିଭୋଲ୍ ହେଇଗଲେ। ମୁହୁଁକେ ସୁଆଁଲି ଆନି ସଂକର୍ ବାବୁକେ ବଏଲେ ଆ ଦେଖତ ଗୋ ମୋର୍ ସଂଧ୍ୟା ନାନିର୍ ସଏଦ୍ କାରବନ୍ କପି ବାଗିର୍ କେତେ ସୁନ୍ଦର୍, କେତେ ହଁସ୍ ହଁସ୍। ଛି ମୋର୍ ପାପି ମନ୍‌କେ। ଆ ବେଟା, ମୋର୍ କୁଲେଁ ଘାଏ ସୁ ବଲି ସୋଫାନ ବସିପଡଲେ ପଂଖୁଡିକେ କୁଲେଁ ଧରି।

ଆରେ ଆରେ ଅଂକିତା ତୁମର୍ କାଣାହେଲା। ଆରେ ମୋର୍ ସଁସାର୍‌କେ ଉଜେର୍ କରିନେବ ଦେଖୁଛେଁ ବଲି ସଂକର୍ ବାବୁ ଅଂକତା ଦେବିକେ କୋଲ୍‌କେ ଆନ୍‌ଲେ। ପଂଖୁଡି ଆନ ଆନ ପାଏନ୍ ଆନ, ତୁମର୍ ସୁରୁ ମମି ବେହୋସ୍ ହେଇଗଲେ କାଏଁସେ। ଟୁକେଲ୍‌ଟା ପାଏନ୍ ଆନଲା କି ସଂକର୍ ତାକର୍ ମୁହେଁ ଝିଁଟ୍‌ଲା ଉତାରୁ ଚେତ୍ ପାଏଲେ ଅଂକିତା। ସେ ଆଏଁଖ୍ ଖୁଲି ଦେଖ୍‌ଲା ବେଲେଁ ସଂକର୍ ବାବୁର୍ କୁଲେଁ ଅଛନ। ତାକର୍ ଆଖୁଁ ସଲ୍ ସଲ୍ ହେଇ ଗଂଗା ଜମୁନା ବୁହି ଆସୁଥାଏ।

ଜେନ୍‌ଟାକେ ଏଡଏଟ୍ କର୍‌ବାକେ ମୁଇଁ ଅଭିନୟ କରୁଥିଲି ଆଏଜ୍ ସେଅଘଟନ୍ ଘଟିଗଲା। ହଉ, ଅଂକିତା ଉଠ। ଦେଖ ତୁମର୍ ଝିକେ, ପଂଖୁଡିକେ ବଏଲେ ସଂକରର ବାବୁ।

ସୁରୁ ମମି, ମୋର୍ ଭାଏ ଅନୁଭବ୍ କେନ ଅଛେ ସେ ?

ଆରେ ତୋର୍ ଭାଏକେ ତୁଇଁ ଜାନିଛୁ ! ବଏଲେ ଅଂକିତା ଦେବି।

କେନ୍ତା ନାଇଁ ଜାନ୍‌ମି ଗୋ, ଆମେ ପରେ ୟୁଏସ୍ ନ ଫି ବଛର୍ ଅନୁଭବର୍ ଜାନମ୍ ଦିନ୍ ଜନ୍‌ମାସ୍ଟମି ଦିନ ପାଲନ୍ କରି ଆସୁଛୁଁ। ସେ ଇ ଟା ପ୍ଲସ ଟେନ ପରିକ୍ଷା ଦେବା ଏମ ଆଇ ରାଇଟ୍ ସୁରୁ ମମି ବଏଲା ପଂଖୁଡି। ସଥେଁ କାଏଁ ବଏଲେ ଅଂକିତା କି ପଂଖୁଡି ତାର୍ ଆନିଥିବାର୍ ଆଲବମ୍ ବାହାର୍ କଲା। ଆଲବମର୍ ପନ୍ଦରଟା ପ୍ଲସ୍‌ଟାନ ପନ୍ଦର ବଛରର୍ ସବୁ ତିହାରର୍ ଫଟୁ ମାନ୍‌କୁଁ ଦେଖିକରି ଅଂକିତାର୍ ମନ୍ ଖୁସିନ ଭରି ଆସୁଥିଲା। ପଂଖୁଡି ବଏଲା ମମି ତୁମରନିକେ ମୋର୍ ହାତେଁ ଚିଠିଟେ ଦେଇଛନ୍। ସେଟା ବାହାର୍ କରବାକେ ଟାଇମ୍ ଲାଗ୍‌ବା। ସୁରୁ ମମି ! ଚିଠିଟା ଇ ନ ଦେମିଁ କି ଘର୍‌କେ ଗଲେଁ ଦେଲେଁ ଚଲ୍‌ବା। ମତେ ବଡା ଟାଏଡ୍ ଲାଗୁଛେ ବୁଆ। ରେସ୍ଟ ଦରକାର୍ ବଏଲା ପଂଖୁଡି।

ଥାଇଦେରେ ମା, ଘରେ ପଦ୍‌ମା ବଏଲେ ଅଂକିତା ଆର୍ ପଂଖୁଡିର୍ ବୁଚ୍‌କା ପେଁଡା ସଁଖଲି କରି ବାହାରି ବସ୍‌ଲେ। ଘର୍‌କେ ଅମରିଗଲେ କି ପଂଖୁଡି ଭାଇ ଭାଇ ବଲି ଡାକି ଡାକି ଅଥାହେଇଜାଉଥାଏ। ପଂଖୁଡିର୍ ଭାଇର୍ ଉପ୍‌ରେଁ ଏତେ ସନ୍‌ହୋ ଦେଖିକରି ସଂକର୍ ବାବୁ ଆର୍ ଅଂକିତା ଦେବି କୁଁ ଆଚ୍‌ମିତ୍ ଲାଗିଜାଉଥାଏ। ଅନୁଭବ୍ କିଏ ଡାକୁଛେ ବଲି ଭକ୍‌ଭକାନୁ ବାହାରି ଆଏଲା। ତାର୍ ସାମ୍‌ନା ନ ପଂଖୁଡିକେ ଦେଖିକରି ଲାଜେଁ ହେଇଗଲା ଆର୍ ତାର୍ ରୁମ୍‌କେ ପସିକରି କବାଟ୍ କିଲି ନେଉଥିଲା।

ବେଟା ଅନୁଭବ୍, ଆରେ ଆଦେଖ. ଆଏଜ୍ ଆମର୍ ଘର୍‌କେ କିଏଆସିଛେ। ତୋର୍ ନାନିକେ ଓଏଲ୍‌କମ୍ ନାଇଁ କରୁ ବେଟା। ଇ ଏ ପଂଖୁଡି ମୋର୍ ବଡଖା

ନାନିର୍ ଝି, ଆମିରିକାନୁ ଆସିଛେ। ଆରେ ତୋର୍ ନାନି ତତେ ବନିହାଁ ସୁର୍ତା କରିଛେ, ତତେ କେତେ ଝୁରିଛେ। ତାହାକେ ଆଉର୍ ଝୁରାବୁ କାଏଁରେ ବାବୁ। ଅନୁଭବ୍ କାବାଟ୍ ଖୁଲ୍ଲା। ପଂଖୁଡି ମୋର୍ ଭାଏ କେଡେ ନାଇସ୍ ନାଇଁ ସୁରୁ ମମି ବଲି ଦୁହିହାତ୍ ଲମେଇନେଇ ବଏଲା ଆରେ ମୋର୍ ଭାଏ, ତତେ ପାଖୁଁ ଦେଖ୍ବାକେ ମା ଆର୍ ମୁଇଁ କେତେ ଝୁରିଛୁରେ ଭାଏ। ଅନୁଭବ୍ ଲାଜେଁ ହେଉଥିଲା। ପଂଖୁଡି ତାହାକେ ଘିଚି ଆନି ଅଂଘା କରି ଧଏଲା। ଏ ମୋର୍ ଭାଏ ଅନୁଭବ୍‌ରେ ବଲି ନାଚିଉଠୁଥାଏ ପଂଖୁଡିର୍ ମନ୍।

ଇ ଭିତ୍‌ରେ ଅଂକିତା ଖୁଆ ପିଆର୍ ବନ୍‌ବସ୍ କରିନେଇଥିଲେ। ସଭେ ଏକେସାଗେଁ ଡାଏନିଂ ଟେବୁଲ୍‌ନ ବସ୍‌ଲେ। ଦେସି ତାବାରୁଟି ସବ୍‌ଜି ସାଗେଁ ମିଠା ଆଏଟମ୍ ଦୁଇତିନ୍‌ଟା। ସଭେ ମନ୍‌ଭର୍ ଖାଏଲେ। ପଂଖୁଡି ମାର୍ ହାତର୍ ରୁଟି ସବ୍‌ଜି କେଭେଁ ଖାଇଥିଲା ତାର୍ ସୁର୍ତା ନାଇଁ। ଜାମ୍ ପାଉରୁଟି ଡିନର୍ କର୍‌ବାର୍ ତାର୍ ଅଭ୍ୟାସ୍। ଘରବନା ରୁଟି ଆର୍ ଆଲୁ ପୁଟୋଲ୍ ରସା ଖାଇକରି ମହାଖୁସ୍। ସେ ଅଂକିତା ଦେବି କୁଁ ବଏଲା ସୁରୁ ମମି, ଇ ସବୁ ତୁମେ ବନେଇଛ। ବଢିଆ ଟେସ୍ଟି ହେଇଛେ। ହଁରେ ମା, ଜାହାହେଉ ତତେ ଭଲ୍ ଲାଗ୍‌ଲା। ତୁମେ ସେ ରାତିର୍ ବେଲି କାଣା ଖାଏସ ବଏଲେ ଅଂକିତା। ସେ ବ୍ରେଡ୍ ଆଉର୍ ଜାମ୍। ଗୁଟେନ ଆଏଟମ୍ ସବୁଦିନ ବଏଲା ପଂଖୁଡି। ଅଂକିତା ବୁଝିଗଲେ ବିଦେସି ରହନ୍ ସହନ୍‌ର୍ ଗୁମର୍। ବଏଲେ ର ରେ ମା ସକାଲ୍ ପାଉ। ଅସଲ୍ ଦେସି ଖାନାର୍ ମଜା ନେବୁ।

ସଭେ ଖାଇପି ସାଏଲେ। ଅଂକିତା ପଂଖୁଡିକେ ତାର୍ ବେଡ୍ ରୁମ୍ ଦେଖେଇନେଲେ। ସେ ବଖ୍‌ରାକେ ପଂଖୁଡିର୍ ବେଗ୍ ଏଟେଚି ଆସିସାରିଥିଲାନ। ପଂଖୁଡି ତାର୍ ଏଟେଚି ଖୁଲିକରି ମା ଦେଇଥିବାର୍ ଚିଠିଟା ସୁରୁ ମମିକେ ଦେଇକରି ବେଡ୍‌ନ ଗଦେଇହେଲା। ଅଂକିତା ଚିଠିଟା ଧଏଲେ ଆର୍ ସିଧା ବାଟର୍ ଘରକେ ଜାଇକରି ସୋଫାନ ବସ୍‌ଲେ ଆର୍ ଆରାମ୍‌ସେ ଚିଠିଟା ଖୁଲିବସ୍‌ଲେ। ଜନାପଡୁଥିଲା ଆଗର୍ ରାଗ୍‌ରସମିର୍ ଛାପା ଆର୍ ତାକର୍ ମୁହେ ନାଇଁ ଦବ୍‌ଦବାବାର୍.। ସେ ହଁସି ହଁସି ଲଫାବାକେ ଫାର୍‌ଲେ ଆର୍ ମୁଲ୍ କଲା ହଁସି ନେଲେ। ନାନିକେ ଜୁରା ହାତ୍ କଲେ। ବଲୁଥାନ୍ ଜାହାହେଉ ଆଏଜ୍ ମୋର୍ ଅହୋ ଭାଗ୍ୟ, ନାନି ମତେ ସୋର୍ ରଖିଛୁ। ସୁନ୍ଦର୍ ଗୁଲାପିରଂଗର୍ କାଗଜର୍ ଚିଠି ବାହାର୍‌କେ ମୁହୁଁ ଦେଖାଇ ମୁଲ୍ କରି ହଁସି ନେଲା ବାଗିର୍ ଲାଗୁଥାଏ ଅଂକିତାକେ। ତାକର୍ ଉସତ୍ କିଏ ଦେଖେ।

ଚିଠିକେ ଦୁହିହାତେ ଜତନ୍ କରି ଧରିଥାନ୍ ଅଂକିତା ସଥେଁ ଜେନ୍ତା ତଲେଁ ପଡିଗଲେ ଦୁନିଆଁ ଅସୁଧ୍ ହେଇଜିବା। ପହେଲା ଧାଡିନୁ ମୁଲ୍ କଲେ ସେ.......

ହେ ଅଂକିତା, ମୋର୍ ସୁନା ବୁହେନ୍ । କେନ୍ତା ଅଛୁ ମୋର୍ ଗେଲେହି । ତତେ ମୁଇଁ ଝୁରୁଛେ, ନୁରୁଛେଁଚରେ ବୁହେନ୍। ଦେଖ୍ ଆମେ ଜଅଁଲାଜିଆ ଦୁହି ବହେନ୍। କେତେ ଘନ୍‌ଟାର୍ ସାନ୍ ବଡ୍। ରଂଗ ରୁପ୍ ସବୁ ସମାନ୍। ଝନ୍‌କର୍ ମୁଡ୍ ଧଏଲେଁ ଆର୍ ଝନକର୍ ବି ମୁଡ୍ ବଥା ଧରିନେସି। ଝନ୍‌କର ଦିହି ତପ୍‌ଲେଁ, ଆର ଝନ୍‌କେ ଜର୍ ଆନ୍‌ସି। ଗୁଟେ ଖଟେଁ ଏକେସାଗେଁ ସୁଆ, ଗୁଟେ ସମିଆନ ଉଠା। ଆମେ ଗୁଟେ ଥାଲିନ ଖାଇଛୁ ଫେର୍ ଗୁଟେ ଡେକ୍‌ସ ନ ବସିକରି ମେଟ୍ରିକ୍ ପାସ୍ କରିଛୁ। ଆମର୍ ଦୁହିକର୍ ଭିତ୍‌ରେଁ ଅଲଗ୍ ଥିଲା ବଏଲେ ଗୁଟେ କଥା। ମୁଇଁ ଗଣିତ ଆର୍ ଇଂରାଜିନୁ ଆଗେଁ ଥିଲିଁ, ତୁଇଁ ଉଡିଆ ଆର୍ ସାଁସ୍‌କ୍ରିଟ୍ ସାହିତ୍ୟ ନ ଟପର୍ ଥିଲୁ। ତାର୍ ଉତାରୁଁ ଏକା ଆମେ ଅଲଗ୍ ଅଲଗ୍ ରୁମ୍ ଆର୍ ବେଁଚ୍ ନ ବସ୍‌ଲାଁ, ଆଗକେ ଲମ୍‌ଲାଁ। ସୋର୍ ଅଛେ, ମୁଇଁ ବେଂଗଲୋର୍ ପଡଭାକେ ଆଏଲା ଦିନ କେତେ କାନ୍ଦିଥିଲା ଦୁହି ବହନି। ବାପା କହୁଥିଲେ ତୁଇଁ ପରେ ମତେ ଝୁରି ଝୁରି ଖାଏବାର୍ ପିବାର୍ ଛାଡିନେଇଥିଲୁ! ମୋର୍ ବି ହେଁ ଦସା। ନ ମୁଇଁ ପାଠେ ଏନ୍ତା ମାତ୍‌ଲିଁ ଜେ ଖାଏବାର୍ ପିବାର୍ ସବୁ ଭୁଲି ଗଲିଁ ।

ମୁଇଁ ଏମ୍‌ଟେକ୍ ଟପର୍ ହେଇ ପାସ୍ ସିନେ କଲିଁ, ହେନ ମୋର୍ ପାହା ଖସ୍‌ରି ଗଲା। ମୁଇଁ ସଂକର୍ ମିସି କରି କେରିଅର୍ ଗଢୁଥିଲୁଁ। ସେସ୍ ବର୍‌ସେଁ ଗୁଟେ ଘରେଁ ଏକେ ସାଂଗେ ରହୁଥିଲୁଁ। ଠିକ୍ ପରିଖ୍ୟା ସରିଥାଏ। ଗୁଟେ ଦୁର୍‌ବଲ୍ ମୁହୁତ୍‌ଟେ ଟର୍‌ନାଡୋ ବାଗିର୍ ଆମର୍ ଜିବନ୍‌କେ ଘେରିଗଲା। ଆମେ ଆର୍ ନିଜେଁ ନିଜ୍‌କେ କନ୍‌ଟ୍ରୋଲ କରିନାଇଁ ପାର୍‌ଲୁଁ । ସେରାତିଁ ଆମର୍ ଦୁହିକର୍ ମନ୍ ସରିର୍ ଏକ୍ ହେଇଗଲେ। ହେଁ ରାତିର୍ ଆମର୍ ଲିଭିଂଗ୍ ରିଲେସନର୍ ଚିନ୍‌ହାଁ ଆଏ ପଂଖୁଡି। ମୋର୍ ତ କେମ୍‌ପସ୍ ସିଲେକ୍‌ସନ୍ ନ ଚାକିରି ପକ୍କା ହେଇଜାଇଥାଏ। ପଂଖୁଡିକେ ମାସ୍ ପାଁଚ୍‌ଟା ହେଉଥାଏ, ମୋର୍ ପୋସ୍‌ଟିଂଗ ଆସିଗଲା ଗୁଟେ ବହୁତ୍ ବଡ୍ କମ୍ପାନିର୍ ସିଓ ହେଇକରି। ମୁଇଁ ଜାନିଥିଲିଁ ଆମର୍ ଇ ଲିଭିଂଗ ରିଲେସନ୍‌କେ ସିକ୍ରୁତି ନାଇଁ ମିଲେ ଇନ୍‌ଡିଆନ। ହେଥିର୍ ଲାଗି ତାହାକେ ଧରିକରି ୟୁଏସ୍ ପଲେଇଆଏଲିଁ।

ଏ ବୁହେନ୍! ଆର୍‌ଗୁଟେ କଥା କହେମିଁ ଖରାପ୍ ନାଇଁ ଭାବୁ ମୋର୍ ସୁନା..........

ଅଂକିତାର୍ ଜିବନ୍ ସର୍ କଲା। ସେ ଅଟ୍‌କିଗଲେ। ଆଗ୍‌କେ କଣା ଲେଖିଥିବା

ନାନି ବଲି ଆଏକ୍ କାନ୍ ମୁଜିକରି ଭାବି ବସ୍‌ଲେ। ଜେନ୍ ଦୁଇସେକେନ୍ ଦୁଇମିନିଟ୍ ଅଂକିତା ଭାବୁଥିଲେ ସେତେବେଲର୍ ତାକର୍ ଥିତିକେ ବୟାନ୍ କର୍‌ବାର୍ କାଏଡ୍ ଆଏ। ତାକର୍ ନିସାସ୍ ଖର୍ ହେଇ ହେଇ ଜାଉଥାଏ। ମୁଡେଁ ପଫଂଗା ଡୁଂଗରି ଲଦି ହେଇ ଗଲା ବାଗିର୍ ଲାଗୁଥାଏ ତାହାକୁଁ।

ହେ ଅଂକିତା କାଣା ଭାବୁଛୁ..... ଏତ୍‌କି କଥାଥିଁ ନାନିର୍ ଉପ୍‌ରେଁ ଥିବାର୍ ତୋର୍ ବିସ୍‌ପାସ୍ ନ ପୁର୍‌ନଛେଦ୍ ପକେଇନେବୁ? ଅଂକିତା ଝୁନିଝାନି ହେଲେ। ଇମା ନାନି ମତେ ହଲେଇନେଲା ବାଗିର୍ ଲାଗିଗଲା ଗା ବଲି ସଲ୍‌ଖି କରି ବସ୍‌ଲେ। ସେ ମଟ୍ କରି ଦେଖ୍‌ଲେ ଆର୍ ଫେର୍ ଚିଠିପଢାନ ଧ୍ୟାନ ଦେଲେ।

ତୋର୍ ବିହା ସଂକର୍ ବାବୁର୍ ସାଗେଁ ମୋର୍ ପ୍ଲାନ ଆଏ। ସଂକର୍ ବାବୁ ମୋର୍ କଂପାନିନ କାମ୍ କରୁଛନ। ମୁଇଁ ହେଁ କମ୍‌ପାନିନ ଚାକିରି କରୁଛେଁ ସିନେ, ହେନ ମୋର୍ ବି ଫିପ୍‌ଟି ପାର୍‌ସେନ୍ଟ ସେଆର୍ ଅଛେ। ଜାନିଛୁ ଇହାଦେ ମୋର୍ ଦର୍‌ମାକେତେ ଅଛେ? ଆରେ ଇଣ୍ଡିଏନ୍ କରେନ୍‌ସିନ ଦୁଇକୋଟି ମାସାରି। ତୋର୍ ନାନି ଆଏଜ୍ ବି ତୋର୍ ହିତେଁ ଆଏ। ମନ୍ କଲେଁ ତୁମେବି ଆମେରିକା ଆସିପାର୍‌ବ। ମୁଇଁ ଜାନୁଛେ ନାରି ସରବ୍‌ସହନି ଆଏ ସତ୍, ହେଲେଁ ଇ ଟା ବି ସତ୍ ଆଏଜେ ନାରି ସବୁକେ ସହ କରିପାର୍‌ସି, ନ କିଏ ଜଦର୍‌ବି ଦସନା ଭାଗ୍ ମାଗ୍‌ବା ସହି ନାଇଁ ପାରେ। ମୁଇଁ ମୋର୍ ପ୍ୟାରି ବହନି ଖାଏଲା ଭାତେ ଧୁଇଲ୍ ନାଇଁ ଝିଁଟି ପାରେଁ ବୁହେନ୍। ସଂକର୍ ତୋର୍ ଆନ୍। ସବୁଦିନ ତୋର୍ ହେଇ ରହେବେ। କାଁ କର୍‌ମି ତୋର୍ ଝି ଖଡକପୁର୍ ଆଇ ଆଇ ଟି ନ ପଢ୍‌ଭାକେ ଜାଉଛେ। ତୁମେ ଥିବ ଆର୍ ମୁଇଁ ବାହାରର୍ କାହାର୍ ସାହାରା ନୁ ରଖ୍‌ତିଁ କାଏରେ ବେଡି?

ସଂକର୍ ବାବୁର୍ ବିସାନ୍ ହଁସି ଉପ୍‌ରୁଁ ପର୍‌ଦା ହଟ୍‌ଲା ଉତାରୁଁ ଅଂକିତା ଉଠ୍‌ଲେ, ଚିଠିକେ ଫେର୍ ସେ ଲଫାପାନ ଭର୍‌ଲେ ଆର୍ ଚେଲ୍‌ଲେ। ସୁଇଲା ପଂଖୁଡିର୍ ଗାଲେଁ ସୁନ୍ଦର୍ ଚୁମା ଗୁଟେ ଦେଇକରି ତାକର୍ ବେଡ୍‌କେ ଗଲାବେଲେଁ ସୁରୁ ସୁରୁ ଚଁଟିଆ ହୁଦା ତାକର୍ ପହପହର୍ ଚିରିମିରି ଚିରିମିରି ସୁରୁ କରିଥିଲେନ।

————୦୦୦————-

ଗଣେସ ନଗର୍
କଲେଜ୍ ରୋଡ, ବରଗଡ
ମୋ ୭୦୦୮୩୮୮୨୧୧

କୁଲିହା ଘର

ଲକ୍ଷ୍ମି ନାରାୟଣ ପଣ୍ଡା

ଓଁଚ ନ ବସିଛନ । ମନୋଜ ନିଘାକଲା ଯେ ଅହଲ୍ୟା ଏକସକଁଟି ଦେଖୁଛେ ଆଗାଡେ ବୁଟୁର ବୁଟୁର ଚାଲୁଥିବାର ଛୁଆକେ । ମନୋଜର ନଜର ଭି ଫଗୁନ ମାସର ଜନକ ରାଏତ୍ । ଛାତ ଉପରେ ଏକଲା ବସିଛେ ଅହଲ୍ୟା । ହୁରହୁରିଆ ଧୁକା ହୁଲକେ ହୁଲକେ ଆସିକରି ସୁଆଁଲି ଦେଉଛେ ଝାଲୁଆ ମୁହୁଁକେ । ପାରାପିଟ ସାରା କେତେ ରକମର ଗମଲା ସଜେଇ ରଖିଛେ । ରକମ ରକମ ଫୁଲ ଫୁଟିକରି ମହକି ଜାଉଛେ **ଛତ୍‌ଟା ।** ସୁରୁତ ଲାଗୁଛେ ପରିବେସ୍‌ଟା । ଇଥିର ଲାଗି ମନଟା ଗୁନ୍ଦଲେଇ ହେଲେ ଆସିକରି ଇନ ଘଡେ ବସି ପଡସି । ହେଲେ ଆଏଁଖ ମୁଜି ନାଇଁପାରେ । ଆଲମାଲ ଯଦି ମୁଜିଦେଲା ଫରଦ ଫରଦ କରି ଉଲଟି ଜାଏସି ତାର ଜିବନର୍ ଇତିହାସ । ଇନର ଭୁଗୋଲ ଅବେସ ତାର ଇତିହାସକେ ଲୁକେଇ ଦେଇଛେ ଇ ପାସ୍ ପଞ୍ଜାରର ଲୋକ ମାନକରନୁ । ତାର କୁଡେ ବଛରର ପୁଓକେ ଭି ଅଜନା । ଖାଲି ସାଖି ଅଛନ ତାର ଗୁସିଆଁ ମନୋଜ । ସାଖି କାଣା ସେତ ସେନ ଗୁଟେ ଅସଲ ହିଁସାଦାର ଆଏ ।

କେନ ଅବେଲାନ କାଏଁ କରମ ନେଇ କରି ଅହଲ୍ୟା ଜନମ ନେଇଥିଲା ହେ ଜାନଲା ଦିନୁ ଘାଁଟି ହେଉଛେ ଜେ ଘାଁଟି ହଉଛେନ । ସୁଖ ସାନ୍ତି ସବୁବେଲେ ହାତପୁହୁଁଚାନୁ ଟେପେ ଛାଡିକରି ରହୁଛେ । କେଭେଁ ଛିଇଁ ନାଇଁ ପାରବାର । ଦୁସରା ଲୁକର ସୁଖ ସୁବିଧାର ଲାଗି ସେ ସବୁବେଲେ ନିଜକେ ଅରକଲେ ପକେଇଛେ । ପରର ଭଲ ଲାଗି କାମ କଲେ ନିଜର ଭଲହେସି ବଲି ସଭେ କହେସନ । ହେଲେ କାଇଛେ, ତାର କାଣା ଭଲ ହଉଛେ ? କାଣା ତାର କରମେ ଆହୁରି ଖରାପ ଥିଲା ? ଭଗବାନକେ ଜନା ......

ପିଠୁଆଁ ଉଠୁଆଁ ଦୁହି ବହେନ, ଅହଲ୍ୟା ଆଉର ନିର୍ମଲା । ଦୁଇ ବରସର ସାନ ବଡ । ଅହଲ୍ୟା ଅସୁନ୍ଦର ନୁହେ ହେଲେ ନିର୍ମଲା ତାରନୁ ସୁନ୍ଦର । ବିହା ବଏସ ହେଲା କି ଦେଖାଚାହାଁ ଚାଲଲା । ଅହଲ୍ୟାକେ ଦେଖି ଆଏଲା ଲୋକ ନିର୍ମଲାକେ ପସନ୍ଦ କରନ । ଜେ ଦେଖି ଆଏଲା ସେ ଗୁଟେ କଥା । ପରୁହାଁକେ ବିହା କରିଦିଅ। ଆମେ ଟାକିଛୁଁ ଛେଦଲିକେ କରମୁଁ । କୁଟୁମସାରା ମୁଡ ଖରାପ । ସଭେ ଜଦି ସେ ଗୁଟେ କଥା କହେବେ ପରୁହାଁର ବିହା ହେବା କେନ୍ତେଇ । ବାପାର ନ ହେତକି ଅରଥ ଭି ନାଇଁନ ଜେ କାହାକେ ଲଲଚେଇ କରି ଝି ଦେଇ ପାରବେ । ଅଗା ବଗାର ହାତେ ଭି ଛନ୍ଦିଦେଇ ନାଇଁ ପାରନ । ବିହା ବଏସ ହେଲା କି ହଁସି ଖୁସିର ସଁସାରେ ଦାଁ ଲାଗଲାନ । ଉପରେ କେହି କିଛି ନାଇଁ କହେଲେ ଭି ଭିତରେ ଭିତରେ ସମକର ମନ ଜଲିପୁଡି ଜାଉଛେ । ଅହଲ୍ୟା ସବୁ ବୁଝୁଛେ । ଭାବଲା, ତାର ଛଡା ଇ ଅଲଝଟକେ ଆଉର କିହେ ସୁଲଝେଇ ନାଇଁ ପାରନ ।

ତାର ମନ ଭିତରେ ସୁଇଥିବାର ମନୋଜ ଟଙ୍ଗଟାଙ୍ଗ କରି ଉଠଲା । ସିଲେଇ ସିଖଲାବେଲେ ଦୁହି ଲୁକର ଭେଟଘାଟ, ଜାନ ପହେଚାନ । ଅନାଥ ପିଲା । ଅନାଥାସ୍ରମ୍ ନ ବଢିଛେ । ହେଲେ ଚେହେରା, ଗଠନ, ବେଭାର, କଥା ବାରତା କେନସିଥି ବାଉନି ନାଇଁ ପାର । ପହେଲା ଦେଖାନୁ ଅହଲ୍ୟାର ମନ ଭିତରକେ ପସି ଆସିଛେ । ଅହଲ୍ୟା ମନର ସବୁ କଥା ନାଇଁ କହେଲେ ଭି ମନୋଜ ବିସେ ନ ତାର ମାଆଁକେ ଝଲକ ଟିକେ ଦେଇଥିଲା । ବାପ ମାଁ ଜାଏତ ଗୁତର ଜନା ନାଇଁ, ଭାବ ଦୋସ୍ତି ବଢେଇକରି ଘରକେ ଡକାହକା କରବୁ ନାଇଁ ବଏଲେ ବେଲକେ ଅହଲ୍ୟା ଟିକେ ନାପିଜୁଖି କରି ଚଲଲା । ସିଲେଇ ସିଖି ସାଏଲା ଉତାରୁ ମନୋଜ ସିଲେଇ ଦୁକାନଟେ ଦେଇଛେ ଚଉଁରି ଛକନ । ଭଲ ଚଲୁଛେ । ହପ୍ତାକ ଥରେ ଅହଲ୍ୟା ଜାଏସି ତାର ଦୁକାନକେ । ତାରନୁ କପଡା ଆନିକରି ଘରେ ସିଲେଇକରି ଦୁଇ ପଏସା ପାଏସି । ଘରର ବଦନାମ ହେବା ବଲି ଜେନ ମନୋଜକେ ସେ ମନ ଭିତରେ ସୁଏଇ ଦେଇଥିଲା, ଖୁଲାମେଲା କଥା ହେଇକରି ତାର ସଙ୍ଗେ ପଲାଲା ଉଧଲିଆ ।

ଅହଲ୍ୟା ମନୋଜକେ କହେଲାଜେ ସବୁଦିନର ଲାଗି ଇ ଠାନକେ ଛାଡି ପଲାମା । ଭବିସ୍ୟତକେ ଆଉର ଇନକେ ଆଏବାର ଦରକାର ନାଇଁ । ଇନର ସବୁ ବନ୍ଧନ ଜଲି ପୁଡି ଖାର ହେଇଗଲା ବଲି ଭାବ । ମନୋଜର କାଏଁ ବନ୍ଧନ । ଅନାଥାସ୍ରମନ ବଢିଛେ । ଇହାଦେ ଡେନା ମଜଭୁତ ହେଲାନ । ବାହା ଉପରେ

ଭରସା । ଜାହିଁ ରହେଲେ ଭି କମାବା ଖାଏବା । ଉଲଟିଆ ବାହାରକେ ପଲାଲେ ତାର ଅନାଥାସ୍ରମ ଛାପ ଲିଭିଯିବା । ଅହଲ୍ୟା ଲେଖେଁ ସିଆନିଟେ ପାଇକରି ସେ ଭି ଏକରକମର ଖୁସ ଥିଲା । ତାର ଅନାଥାସ୍ରମର ସାଙ୍ଗ କିଶୋର ବୁର୍ଲା ଅସପତାଲେ କାମଟେ କରୁଥିଲା । ମନୋଜ ତାର ସିଲେଇ ମସିନଟା ଧରିକରି ଅହଲ୍ୟା ସଙ୍ଗେ ସିଧା ପଲାଲା ବୁର୍ଲା । କିସୋର ଘର ବଖରେ ଠିକ କରିଦେଲା । ସେନ ମନୋଜ ଆଉର ଅହଲ୍ୟା ସିଲେଇ କାମ କରିକରି ଦୁଇ ପଏସା କମାଲେ ଆଉର ଆଗକେ ପାହା ପକାଲେ ।

ବର କନିଆଁ ଦୁହି ଲୁକର ମନ ମିସିଗଲେ ଦୁଖ ଅସାନ୍ତି ପାଖ ମାଡି ନାଇଁ ପାରେ । ମନୋଜ ଆଉର ଅହଲ୍ୟାର ତନ ମନ ଏକ ହେଇ ଜାଇଥିଲା । ଦୁହେ ବିଚାର କଲେ ଜେ ପହେଲା ଆଗତ ସମିଆର ଲାଗି ବନେକରି ନାହିଟେ ପକାବାର ଜରୁରି ଆଏ । ଇ ସଁସାରେ ସବୁଥିର ମୁଲ ଧନ ଆଏ । ସେଥିର ଲାଗି ଇହାଦେ ପେଟୁ କାଟିକରି ଛଁଚିରଁଚି ଥୁଡେ ଜମାବାରକେ ପଡବା । ଦିନ ରାଏତ ଏକ କରି ଖଟବାରକେ ପଡବା । ସେଥିରଲାଗି କିଛି ଦିନ ଛୁଆ ପିଲାର ଆସ୍ ଛାଡି ଦେବାରକେ ଦୁହେ କିରିଆ ଖାଏଲେ । ଭଗବାନ ଭି ସାହା ହେଲେ । ହଁସି ଖୁସିଥି ସମିଆ ଚାଲଲା । ଜାନ ପହେଚାନ ବଢଲା । ଭଲ କାମ କରୁଥିବାର ଲାଗି ମାନ ଇଜତ ସଙ୍ଗେ କମାନିର ଧାର ଭି ଫୁଲଲା । ସୋର ଖବର ପାଇକରି ସସ୍ତା ମିଲ୍‌ଲାଜେ ବରେଇପାଲିନ ଡିହିଟିକେ ଭି ଘିନି ପକାଲେ । ଇ ହିସାବେ କେନ୍ତେଇ ପାଁଚ ବରସ ପଲେଇଗଲା ଜେ ଜନା ଭି ନାଇଁ ପଡଲା ।

ସେ ଦିନ ସମଲେଇ ମନ୍ଦିରନ ଦରସନ ସାରିକରି ବାହାରଲା ବେଲେ ବୁଟୁଂଗ ବୁଟୁଂଗ ଚାଲୁଥିବାର୍ ଛୁଆଟାକେ ଦେଖି ମନୋଜ ଅହଲ୍ୟା ଦୁହିକର୍ ପାହା ଲଟକି ଗଲା ଘାଏକର ଲାଗି । ମନ ଭିତରେ ଦବେଇଥିବାର ଆସଟା ଝାରିଝୁରା ହେଲା । ସେ ଅହଲ୍ୟାର ହାତକେ ଧରିକରି ସଏବେ ସଏବେ ଚିପି ବସଲା ମନୋଜ । ଅହଲ୍ୟା ଛୁଆର ଆଡୁ ନଜର ହଟେଇକରି ଦେଖଲା ମନୋଜର ମୁହୁଁକେ । ମହନିଲଗା ମୁଲକି ହଁସିଟେ ଝାଏରେଁ କରୁଛେ । ଅହଲ୍ୟାର ଚଁଡେ ଭି ତାର ଅଜାନତକେ ମିଲକିଗଲା ମୁଲକି ହଁସିଟେ । ମନୋଜ ଚିପି ଧଏଲା ହାତକେ ଘିଚି ନେଇକରି ମାରିଦେଲା ଚୁମାଟେ । ଇ ବିହାର ଛଅ ବରଷ ଉତରୁ ଭି ସିରସିରେଇଗଲା ଅହଲ୍ୟାର ଦେହେଟା । ଚଟାପଟ ହାତକେ ଘିଚିନେଇକରି ଠିଆ ହେଇପଡଲା ଆଉର ନିଘାକଲା ଭାଏଲ କିଏ ତାକେ ଦେଖୁଛେ କାଏଁ । ମନୋଜ ଭି ଠାଡହେଲା । ଦୁହେ ଦୁହିକର

ମୁହୁଁକେ ଦେଖିକରି ଫେର ଘାଏ ମୁଲମୁଲ ହଁସଲେ । ମନ ମିସୁଥିଲେ ବିନା ଟୁଁଡ ଫୁଟି କରି ଭି କେତେ ଗହିରିଆ କଥା ହେଇଜାଏସି । ଦୁହେ ହାତ ଜୁରିକରି ମୁଡ ଲଏଁଲେ ଆଉର ସମଲେଇ ଗୁଡିନୁ ବାହାରକେ ପାହା ଲମାଲେ ନୁଆଁ ଗୁହାରିଟେ କରିକରି ।

ବିଧିର ବିଧାନ କେନ ଜାନି ପାରୁଛେ ଇ ଛାର ମୁନୁସ । ସୁତା ପାଁଚ ରିଲ ଆଉର ବଟମ ଗୁଡାଦୁ ଘିନି ଆନବାରକେ ମନୋଜ ଚାଲି ଚାଲି ବାହାରିଲା ବଜାରକେ । କିସୋରକେ ଭେଟି ପକାଲା ବସ ଟେସନ ଛକନ । ଗୁଟେ ସହରେ ଥିଲେ ଭି କାମ ନାଇଁ ପଡଲେ କେନ ଭେଟଘାଟ ପଡି ହେଉଛେ । ଦୁହେ ଠିଆହେଲେ ପାସର ଚାହା ଦୁକାନେ । ଚାହା ସିଙ୍ଗଲେ ସିଙ୍ଗଲେ ଧରିକରି କଥା ହେଉଛନ ବେଲକେ ଜୋରସେ ଫଟଫଟିଟେ ଆସିକରି ଢୁସମେଇ ହେଲାଯେ ମନୋଜ ଛିଟକି ପଡଲା ଆଗକେ । ତାର ଅଁଟାନ ଚଲିଗଲା ସେ ଫଟଫଟି । ମନୋଜ ଆର ଉଠି ନାଇଁ ପାରଲା । କିସୋର ସାଙ୍ଗେସାଙ୍ଗ ଅଟୋଟେ କରିକରି ଅସପତାଲକେ ନେଇଗଲା । ତାର ଜାନ ପହେଚାନ ଡାକତର ଅଛନ ବଲିକରି ଡେରି ନାଇଁ କରିକରି ଭରତି କରିଦେଲେ ।

ଅହଲ୍ୟା ଆଉର ମନୋଜର ଲସଲସଉଥିଲା ସାଗ ଡୁହୁରିନ ଜଉ ପୋକ ଲାଗିଗଲେ । ଚୁହି ନେଇଗଲେ ମେହେନତର କମାନିନୁ ପେଟୁ କାଟି ଛଁଟି ରଖିଥିବାର ରସ ଟିକାକ । ସବୁ ଖଡଖଡା ଡାଙ୍ଗ ହଇଗଲା । ମନୋଜର ଅଁଟା ଅପରସନ ହେଲା । ଅସପତାଲଟା ଘର ବନିଗଲା ଅହଲ୍ୟାର । ସିଲେଇ ଦୁକାନ ବନ୍ଦ । ଆଏବାର ଧାରଟିକ ପୁରା ଟୁଟକି ଗଲା । ଦିନକ ଗୁଟେ ଗୁଟେ ପରଚି ଧରେଇ ଦେଉଛନ ଡାକତରମାନେ । ଇଟା ଆନ ସେଟା ଆନ । ତୁମର ଅଁଟାନ କେତେ ଖୁଁଚିଛ ଯେ କିଏ ଜାନବା । କିସୋର ଅଛେ ବଲି ଅସପତାଲନୁ କିଛି କିଛି ଉସୋକସା ମାଫି ମିଲି ଜାଉଛେ । ସେଆଡେ ଘରବାଲା ଭି କାହିଁ ବୁଝତା ଅହଲ୍ୟାର ଇ ଦୁଖ । ମାସ ପୁରୁନ ସାଏର ଭଡାର ଲାଗି ଜୁଗି ବସବା ବାଟେ । ସୁନେଇକରି କହି ଦେଲାନ ଜେ ଇ ଭଡା ଟିକାକ ନାଇଁ ପାଏଲେ ତାର ପେଟ ଭୁଖେ ରହେବା ଆଉର ସେ ପରହର ଦୁଖ ବୁଝବା କାଣା । ମନୋଜ ଆଉର ଅହଲ୍ୟା ଦୁହେ ଦୁହିକର ମୁହୁଁକେ ଦେଖି ନାଇଁ ପାରବାର । ଭଲୁଁଭଲା ନଜର ମସିଗଲେ ଗଙ୍ଗା ଜମୁନାର ଧାର ବୁହିବା ଜେ ଥେବବାର ନା ନାଇଁ ନିଏ ।

ତିନ ମାସ ଉତାରୁ ଡାକତର କହେଲେ, ଆଏବା କାଏଲ ମନୋଜକେ ଛାଡିଦେବେ । ଅସପତାଲେ ଜେତକି ହେବାର କଥା ସରିଗଲା । କିଡନି ଗୁଟେ ଫାଟି

ଜାଇଥିଲାଜେ ତାକେ ବାହାର କରି ଦିଆହେଲା । ଚଟୁଆ ହାଡ ଭାଙ୍ଗିଛେ ଜେ ଗୁଟେ ଗୋଡ ଅଁଟାନୁ ବଁକା ନାଇଁ ହଇପାରେ । ଇହାଦେ ଅତି କମରେ ଆଉର ତିନ ମାସ ସେ ଚଲାବୁଲା ନାଇଁ କରିପାରେ । ତିନ ମାସ ଉତାରୁ ବାଡି ଧରିକରି ଚାଲି ପାରବା ଆଉର ଗୁଟେ ଗୁଡେ ସିଲେଇ ମିସିନ ଚଲାବାର ବଏସିରା କରବା ବଏଲେ ସିଲେଇ କାମ ଭିଲ କରିପାରବା । ଆଉର ଗୁଟେ କଥା ତାର ଛୁଆ ପିଲା ଆଉର ନାଇଁ ହୁଅନ କାଁ କରି ବଏଲେ ସେଟା ପୁରା ନକସାନ ହେଇଯାଇଛେ । ଉସୋକସା ଇହାଦେ କମସେକମ ବରସେ ଖାଏବାରକେ ପଡବା ।

ଅହଲ୍ୟା ଛୁଆପିଲା ନାଇଁ ହୁଅନ ବଲି ସୁନଲା ଉତାରୁ ଅଲଗ କାଣା କାଣା ସୁନିଥିଲାଜେ ପାସରି ପକାଲା । ସେ ଭକା ଛାଡନୁ ଡାକତରକେ ଦେଖଲା । ଅହଲ୍ୟାର ଅଭାବ ବିସେନ ଡାକତର ବାବୁ କିସୋରନୁ କମ ବହୁତ ଜାନିଥିଲେ । ଅହଲ୍ୟାର ଭି ଆଖା ସାଖା କେହି ନାଇଁ । ଦୁଖ କହେବା କାହାକେ । ତାର ମୁଡ ଚକରେଇ ଗଲା । ଆଏଁଖ ଅନ୍ଧରେଇ ଗଲା । ସେ ସେହିନ ଲଥୋନୁ ବସିପଡଲା । ଡାକତର ଆଜ୍ଞା ପାଏନ ମଗେଇକରି ପିଇବାରକେ କହେଲେ ଆଉର ଅହଲ୍ୟାକେ ତାକର କୁଠିକେ ଡାକଲେ । ଆରାମସେ ବସଲା ଉତରୁ କହେଲେ ଜେ ତାହାକୁଁ ମିଲୁଥିବାର ସେମ୍ପୁଲନୁ ସେ ବଡଭାଗି ଉସୋ ଦେଇଦେବେ ।

ଅହଲ୍ୟାର ଟୁଁଡ ନାଇଁ ଫୁଟଲା ପହେଲା । ଡାକତର ଆଜ୍ଞା ମନେ ମନେ ଭାବୁଥିଲେ ଜେ ଟିକେ ଉସତ ହେବା । ହେଲେ ଘଡେ ବେଲ ଉତାରୁ ପନତଥି ତାର ମୁହୁଁ ପୁଛିକରି ଅହଲ୍ୟା କହେଲା – ଆଉର ତାକେ ବଁଚେଇକରି କାଏଁ ଲାଭ ଆଜ୍ଞା ? ଇନୁ ଇଆଡକେ ଆମେ ଗଲିର କୁକୁରନୁ ହିନ ହଇକରି ବଁଚିମୁ । କମାନି ତ ନାଇଁ । ଜେନ ଟିକ ଛଁଚିରଁଚି ରଖିଥିଲୁଁ ସବୁ ଇନ ସରିଗଲା । ଘରବାଲା ଘର ଛାଡବାରକେ କହି ସାଏଲା ନ । ନାଇଁ ଛାଡଲେ ଜବରାନ ସବୁ ଫିଙ୍କି ଦେବା । ଇନ ଆମର ସାହା ଭରସା କିଏ ଅଛେ ଜେ ଆହା କରବା । ତାକେ ବଁଚାବାର ଖାଲି ଏତକି ଲାଭ ହେଲା ଜେ ମୁଇଁ ଇହାଦେ ସଧବା ହଇକରି ମରି ପାରମି । ଆଉର କହି ନାଇଁ ପାରଲା । ପନତଥି ଆଁଖଲ ପୁଛଲା ।

ଇଆଡେ ଡାକତର ଆଜ୍ଞାର ଅକଲ ଗୁଡୁମ । ସେ ବୁଝି ନାଇଁ ପାରଲେ ଅହଲ୍ୟା କହୁଛେ କାଣା ? ଇତାକେ ବୁଝାବେ କେନ କଥା ? ଡାକତର ହେଲା ଦିନୁ ସେ କେତେ କନ୍ଦାରଡା ଦେଖିଛନ । ଜେତେ କହେଲେ ଭିଲ କଥାଥି ଦୁଖ ଜାଏସି କାଏ ?

ଅହଲ୍ୟା ମୁହୁଁ ଫିଟାଲା । ଗୁଲଗୁଲା ହଇକରି କହେଲା – ଅଗ୍ୟାଁ ଇତାର ଲାଗି ମୋର ଆଉର ଉସୋକସା ଦରକାର ନାଇଁ । ଇନ ଆଉର ଆମେ ବଁଚି ନାଇଁ ପାରୁଁ । ଘର ନାଇଁ ଘାଟ ନାଇଁ କମାନି ନାଇଁ , ତାର ସଙ୍ଗେ ଫେର ବେମାର ଅପାଂଗୁ। ଇ ବେମାରୁ ମୁକତି ପାଏଲେ ଭି ଆଉର କରମୁ କାଣା ? ଛୁଆପିଲା ଭି ନାଇଁ । ମାଗିଜାଚି ଖାଲି ଇ ପେଟ ଭରବାକେ, ଲୁକର ଟପା ଦାଏକା ସୁନବାରକେ କାଏଁଯେ ବଁଚିମୁ ? ଆଗ୍ୟାଁ ମୋର ଗୁଟେ ଅରଦଲି ହେ ଉସୋକସା ନାଇଁ ଦେଇକରି ବିସ ଟିକେ ଦେବ ବଏଲେ ଦୁହେ ଖାଇଦେଇ ଏକାସାରି ଇ ସଁସାରୁ ପାର ପାଇ ଯାଏତୁଁ ।

କଥାଟା ସୁନିକରି ରାଗ ଲାଗଲେ ଭି ରାଗି ନାଇଁ ପାରଲେ ଡାକତର ଆଜ୍ଞା। ମନ ତ କହେଲା ନର୍ସକେ ଡାକିକରି ଇତାକେ ଖିଡଖିଡେଇ କରି ବାହାର କରିଦେବାର ଲାଗି କୁଠି ଭିତରୁ । ହେଲେ ବିବେକ ମନା କଲା । ଉଲଟିଆ ବିବେକ କହେଲା କେନ ଅଜୁକତିରି କଥାଟେ କହୁଛେ ଇ ମାଏଝି ? ଧନି ଲୋକ ସିନେ ସଉକେ ବଁଚୁଛେ ହେଲେ ଇ ଗରିବ ବଁଚୁଛେ କାଁ କରି ? ଖାଲି ଅପହଁଚ ଆସାଟେ ନେଇକରି । ସେ ଆସାଟିକ ଜାହାର ନାଇଁ ନ ସେ ବଁଚିବା କାଁକରି ? ଡାକତର ଆଜ୍ଞାର ମୁହୁଁ ଦେଖିକରି ଅହଲ୍ୟା ବୁଝିପାରଲା ଜେ ସେ ବଡେଟେ ଗୁନହା କରିପକେଇଛେ । ଇ କଥା ଜଦି ଆଉର କାହାର କାନେ ପଡଜିବା ଡାକତର ଆଜ୍ଞା ଅରକଲେ ପଡିଜିବେ ।

ଅହଲ୍ୟା ଜିବାରକେ ପାହା ଉଠାଲା ବେଲକେ ଡାକତର ଆଜ୍ଞା ବଏଲେ ମୋର କଥାଟେ ସୁନ । ଖରାପ ନାଇଁ ଭାବବ । ମୋର କୁଆଟର ଅଧା ଖାଲି ପଡିଛେ । ମୁଇଁ ଏକଲା ରହୁଛେଁ । ତୁମେ ଚାହେଁବ ବଏଲେ ଖାଲି ପଡିଥିବାର ଜାଗାନେ ରହିପାରବ । ଆଉର ଗୁଟେ କଥା, ବାହାରିଆ ଦରବ ନାଇଁ ଖାଏଁ ବଲି ମୋର ଖାନାପିନା ଭି ଅସୁବିଧା ହେଉଛେ । ଜେ ରାନ୍ଧି କରି ଦେଉଥିଲା ସେ ପନ୍ଦର ଦିନ ହେଲା ଛାଡି ଦେଇଛେ । ତୁମେ ସେ କାମ କରବ ବଏଲେ ତାହାକେ ଜେନଟା ଦେଉଥିଲି ତମକେ ଭି ଦେମି, ତୁମେ ଭି ଇନ ଖାଏବ । ଅହଲ୍ୟା ଭକା ଛାଡନୁ ଦେଖଲା ଡାକତର ଆଜ୍ଞାର ମୁହୁଁକେ । କଥା କହି ନାଇଁ ପାରଲା । ଦୁହି ଆଖିନୁ ନିଥରି ପଡଲା ଦୁଇ ଧାର ଦରଦ ଲୁହୁ । ସେ ମୁଡ ଲୁଇଁକରି ଉଲଗି ହେଲା ଡାକତର ଆଗ୍ୟାଁକୁଁ । ଦୁହିକର ନିସାସ ଖାଲି କଥା କହୁଥିଲେ ।

ମନୋଜ ଆଉର ଅହଲ୍ୟା ଜାଇକରି ରହେଲେ ଡାକତର ବାବୁର କୁଆଟର

ନ । ଡାକତର ବାବୁ ଅହଲ୍ୟାକେ ଦେଖେଇଦେଲେ ରନ୍ଧାଘର । ସବୁ ସାମାନ ଥାକି ମରା ହେଇଛେ । ଅହଲ୍ୟା ବଏଲା ସେ ଆଗୋ ତାକର୍ ମୁଠାକ ଉଲାବା ଆଉର୍ ତାହେରୁ ଦାକତର୍ ବାବୁରଟା ରାଂଧି ବସବା ଜେ ଡାକତର ଆଜ୍ଞା ଗରମ ଗରମ ଖାଏବେ । ଇ କଥା ସୁନିକରି ଡାକତର ବାବୁ ବଏଲେ ହେ ସବୁ ଦରକାର ନାଇଁ, ଜାହା ରନ୍ଧାହେବା ଥରକେ, ତିନହି ଲୁକର ଲାଗି । ସୁନିକରି ଅହଲ୍ୟା ଅପସରେ ଗୁଇଁସଗାଇଁସ ହେଲା । ଡାକତର ଆଜ୍ଞା ଜୋର ଦେଇକରି ବଏଲେ ଡରବାର କିଛି ନାଇଁନ। ସମାନ ପତରର ସବୁ ଖରଚା ସେ କରବେ । ମନ ମନା କରୁଥିଲେ ଭି ଅହଲ୍ୟା କିଛି କହି ନାଇଁ ପାରଲା । ମରେଅସ ଡାକତର ଆଜ୍ଞାର କଥା ମାନଲା ।

ଜିବନର ଧାରା ଫେର ବଦଲିଗଲା । ଛିଡି ପଡଲା ଡାଲ ପିକେଇକରି ନୁଆଁ ଗଛ ପାଉଁଲିଲା । ତିନ ମାସ ଉତାରୁ ମନୋଜ ଫେର ଦୁକାନ ଖୁଲଲା । ଦୁକାନ ଭି ଝକାଝକ ଚାଲଲା । ଆଗରନୁ ଗରାଖ ଜହ ହେଲେ । ଅହଲ୍ୟା ତ ଘର ଛାଡିକରି ଆସି ନାଇଁ ପାରେ, ରନ୍ଧାବଢା ସାଙ୍ଗେ ବାଏର ଖଁଡେ ଥିଲା ଜେ ସେନ ତାର ସମିଆ ନାଇଁ ପୁରୁଥାଇଁ । ତହବି ଆଉର ଗୁଟେ ସିଲେଇ ମିସିନ ନେଇକରି ଘରେ ପକାଲେ ଯେ ଭେକଛେକ ଦେଖିକରି ମନୋଜ କାଟଲା କପଡାକେ ଅହଲ୍ୟା ସିଲେଇ କରି ପକାଏ ।

ଇ ମନଟାକେ ପାରି ନାଇଁ ହଏ । ଟିକେ ଫୁରସତ ପାଏଲେ ଘୁସରି କଚରା ଗଦା ଘାଁଟଲା ବାଗିର ଘାଁଟି ଦେଇକରି ବଝା ବାଉରି କରିଦେବା । ଜେତେ ଜାହା କଲେ ଭି ଇ ସବୁ କାହାର ଲାଗି । ଛଁଚିରଁଚି ରଖଲେ ଖାଏବା କିଏ ? ଅଧେର ବେଲେ ସାହାପଟ ହେବା କିଏ ? ପରହରଟା ପର ଆଏ, ନିଜର ନାଇଁ ଥିଲେ ସବୁ ବେକାର । ଦିନେ ମନୋଜ ଦମ କରିକରି କହେଲା – ହଏ ଗା ମାହାପୁରୁ ମୋର ନୁ ସିନେ ଛୁଆ ପିଲା ହେବାର ଦରବଟା ନେଇଗଲା । ତୁଇଁ ଚାହେଁଲେ ତ କାମ ବନବା। ମୋର ନାଇଁ ହେଲା ନାଇଁ ତୋର ରକତର ପୁତଲାଟେ ତ ପାଇ ପାରମା। ଆମର ଭିତରେ ତ ତୋର ମୋର ନାଇଁନ, ବଏଲେ ସେ ଆମର ନାଇଁ ହଏ କାଏଁ।

ପହେଲା ତ ଅହଲ୍ୟା ସଡକଦମ ହେଇଗଲା । ଘଡେ ବେଲ ଉତାରୁ ରାଗ ହେଇକରି କହେଲା – କାଣା ସବୁ ବକତୁଛ । ବୁଝି ପାରୁଛ । ଧରମ ଭରସ୍ଟ ହଇ ଇ ସଁସାରେ ବଁଚିବାରନୁ ଉଚକି ହେଇ ମରିଯିବାରଟା ବନେ ଆଏ ।

ମନୋଜ ବୁଝାଲା ମେତାଲ କହେଲା - ଧରମ କଥା କହୁଛୁଜେ କାଏଲ ତୁଇଁ କାଣା ପଢୁଥିଲୁ ହେ ପୁରାନ ନ ? ଧୃତରାଷ୍ଟ୍ର ଆଉର ପଣ୍ଡୁ କେନ ହିସାବେ

ଜନମ ହେଲେ ? କୁନ୍ତି ଆଉର ପଣ୍ଡୁର ଫେର ପାଁଚ ପୁଓ ହେଲେ କେନ ହିସାବେ ? ହେମାନେ ଅଧରମ କରିଛନ ବଲି ତ କେନସିନ କେହେ ନାଇଁ କହେବାର । ସେ କୁନ୍ତି ତ ମହାସତି ଆଏ । ପଣ୍ଡୁ କୁନ୍ତି ରାଜି ହେଲେଁ ଇ ଦୁନିଆଁ କାଣା କହେବା ଜେ ମାର ଗୁଲି । ରାଏତ ସାରା ପୁଟୁର ପାଟୁର ହଇ ସଖାଲ ପାଇଗଲା । ହେଲେ ଉସିନ୍ଦ୍ରାଟା ବେକାର ନାଇଁ ଜାଇଁ ।

ସବୁ ଦିନର ଲେଖେଁ ଡାକତର ଗେଜଟ ପଢୁଥିଲା ବେଲେ ଅହଲ୍ୟା ଚାହା କପଟା ଥୁଇକରି ଉଲଗି ହେଲା । ଡାକତର ଜେତେ ମନାକଲେ ଭି ସେ ଉଲଗି ହେବାରଟା ନାଇଁ ଛାଡବାର । ଠିକ ଇ ସମିଆକେ ମନୋଜ ପହଁଚିଲା । ଦୁହି ଲୁକକୁ ଦେଖିକରି ଡାକତର ଜାନିପାରଲେ ଇତାକର୍ କିଛି କହେବାର ଅଛେ । ସେ ଚାହା କପଟା ଉଠେଇକରି ଗୁଟେ ଚୁସକି ପିଇକରି ଦେଖଲେ ଦୁହି ଲୁକକୁ । ଅହଲ୍ୟା ମୁଡ ଗାଡିକରି ବଏଲା ମନୋଜ ଜେନଟା କହେବା ସେଥି ତାର ସହମତି ଅଛେ । ସେ ହରବରେଇକରି ରନ୍ଧାଘରକେ ପଲାଲା । ମନୋଜ ସିଧା କହେଲା ଆଜ୍ଞା ଆମକୁ ଛୁଆ ଗୁଟେ ଦରକାର । ପୁସପୁତର ରଖବାର, ବିନ ବିହାତା ମାଆର ଛୁଆଟେ ଅସପତାଲୁ ବେଟି ଅନବାର ଆମର ମନକେ ନାଇଁ ପାଏବାର । ବାକି ଅସପତାଲେ କାଣା କରିକରି ଜେନ ଗରଭେ ଛୁଆ ରଖୁଛନ ହେଥିରଲାଗି ଆମର ଅରଥ ନାଇଁ କି ସାହାସ ଭି ନାଇଁ କୁଟବାର । ତୁମେ ଆମର ଲାଗି ଭଗବାନ ଅ । ତୁମେ ଧରମ ଦେବତା ହେଇକରି ମୋର କୁନ୍ତିକେ ଜୁଧିସ୍ଥିରଟେ ଦିଅ । ବାଡି ପକେଇ ଦେଇକରି ସେ ରଟପଟାନୁ ଡାକତର ଆଜ୍ଞାର ଗୋଡକେ ଧରିକରି ପାହାକେ ଆଁଖିଲନ ଧୁଇଦେଲା। ଡାକତର ଆଜ୍ଞାର ଅକଲ ଗୁଡୁମ । ଗୁଟେ ଆଡେ ବ୍ରହ୍ମହତ୍ୟା ବଏଲେ ଆର ଆଡେ ଗୋହତ୍ୟା । ପାହା ଛାଡବାର ନାଇଁ ମନୋଜ । ଅହଲ୍ୟାଭି ଆସିକରି ଭୁଇଁନ ମୁଡ ଲଗେଇକରି ପାଲ ପଡଲା ଡାକତର ଆଜ୍ଞାର ଆଗଆଡେ । ଡାକତର ଆଜ୍ଞାର ମୁହୁଁଥୁ "ହଉ ଉଠ" ବଲି ବାହାରିଲା କି ଦୁହିଝନ ଉଠଲେ । ଦୁହି ଲୁକର ମୁହୁଁକେ ଦେଖଲେ ଡାକତର । ତାକର ଆଖିନୁ ଭି ଲହ ବାହାରି ପଡଲା । ସପନ ଦେଖଲା ବାଗିର ଲାଗଲା ତାକୁଁ କଥାଟା ।

ମାଁ ସମଲେଇ ମନୋଜ ଆଉର ଅହଲ୍ୟାର ଗୁହାରି ସୁନିକରି ତାକର ମନ ମାଫିକ ଛୁଆଟେ କୁଲେଁ ଦେଲେ । ଅହଲ୍ୟାର ବାଗିର ଆଚାର ବେଭାର ଚେହେରା ବଏଲେ ଡାକତର ମେତାର ବୁଧି ଜ୍ଞାନ । ତାର ସବୁ ଖରଚା ଭି ଉଠାଲେ ଡାକତର। କେନ ମୁହେଁ ମନା କରବେ ଇମାନେ । ଉଲେଦୁଲେ ବଢିକରି ଏଗାର ବରସ୍ର

ହେଲା ଧରମ ନାରାଏନ । ଇ ସମିଆକେ ଦିନେ ଡାକତର ବଏଲେ ଆଏବା ବରସ୍ ତାଁକର ବଦଲି ହେବା ଆଉର ସେ ପଲାବେ କଟକକେ । କଥାଟା ସୁନିକରି ମନୋଜ ଆଉର ଅହଲ୍ୟାର ମୁହୁଁ ସୁଖିଗଲା । ତାକର ସବୁଥୁରୁ ବଡ ଚିନ୍ତା ହେଲା ରହେବେ କେନ ଆଉର ତାକର ଅଲପ କମାନିଥି ଇ ଧରମକେ ମୁନୁସ୍ କରବେ କେନ୍ତେଇ । ତାର ଉତାରୁ ଡାକତର ଆଜ୍ଞା କାହାରିର କଥା ନାଇଁ ସୁନିକରି ଇ ଦୁଇ ମହଲା ଘରଟା ବନେଇ ଦେଲେ ସେମାନେ ଘିନିଥିବାର ଡିହିଥି । ମନୋଜ ଘରର ଖୁଁଟି ଖଡକାଟେ ନାଇଁ ଲାଗି ଇନ । ଘର ପର୍‌ତିସ୍ଥା ବେଲେ ଡାକତର ଆଜ୍ଞା ବଏଲେ ଇଟା ଧରମକେ ତାଁକର ତରଫୁ ଉପହାର । ତଲେ ଦୁକାନ ଘରଟେ ମନୋଜ ଲାଗି ଆଉର ବାକିଟା କୁଟୁମ ରହେବାର ଲାଗି । ଉପରଟା ଭଡା ଦେଇଦେଲେ ଧରମର ପଢା ଖରଚା ବାହାରବା । ସେ ବଦଲି ପଲାଲା ଉତାରୁ ଖୋଜ ଖବର କେହି ନାଇଁ ରଖି କାହାରିର । ଧରମ ଏହେଦେ ଡାକତରି ପଢୁଛେ ବୁର୍ଲାନ । ଅହଲ୍ୟାକେ ଘାଏ ଘାଏ ଲାଗସି ପାହାଟା ବାହାରକଲା ଉତାରୁ ଭି ତାର କୁଲିହା ଘରଟା ଠିକଠାକ ଅଛେ ।

======0======

ଧନକଉଡା,

ସମ୍ବଲପୁର୭୬୮୦୦୬

ମୋ : ୯୯୩୭୪୮୭୨୮୪

ଢାଲ୍

ଦେବହୂତି କର

ପଦ୍ମା ବସ୍ ଟେନକେ ଖେଟ୍‌ଲା ବେଲ୍‌କେ ସକାଲର୍ ପାଁଚ । ପହପହ ହେଲାନା । ରିକ୍‌ସାନୁ ଉତ୍‌ରି କରି ଇବାଟ୍ ସେବାଟ୍ ଦେଖ୍‌ଲା ବେଲ୍‌କେ ତାକେ ଦେଖିକରି ଆଗ୍‌ବାଟୁ ତାର୍ ପାସ୍‌କେ ଗହନିକେ ଅଉଛେ ଦିପା । ଦିପା ତାର୍ ପିଲା ଦିନର୍ ପଢ଼ା ସାଙ୍ଗ୍ । ସରକାରି ଚାକିରି କରଛେ । କେନ୍ ଯୁ ପି ସ୍କୁଲ୍ ନେ ପଢଉଛେ । ପଦ୍ମାର୍ ହାତ୍‌କେ ଧରିକରି ବଏଲା "କେନ୍‌କେ ଜଉଛୁ ? ଭବାନିପାଟ୍‌ନା ଜିବୁ ? ହେଦେ ତ ବସ୍‌ଲାଗ୍‌ଲାନା । ଚାଲ୍, ମୁଇଁ ବି ଜିବି ।"

ପଦ୍ମା ଏବେ ପତେ ନେଇଁ ଭାବିଥେଇ କେନ୍‌ଠାନ୍‌କେ ଜିବା ବଲିକରି । ହେଲେ ଘରୁ ବାହାରିଛେ କେନଠାନକେ ଜିବା ଏକା ବଲିକରି । ଭବାନିପାଟନା ନେ ତାର ସାନଭା୍‌ଏ ଅଛେ । ତାର୍ ବଡ୍ ବେପାର୍ । ବଡ୍ କାର୍‌ବାର୍ । ଏବେ ଦିପାର୍ କଥା ସୁନିକରି ଟିକେ ଭାବ୍‌ଲା ଆର୍ 'ହଁ' ବଏଲା ।

ବସ୍ ଆଡ୍‌କେ ମୁହାଁଲା ଦିପା । ତାର୍ ପଚ୍ ପଚ୍ ପଦ୍ମା । ବସ୍‌ନେ ସିଟ୍ ଖାଲି ପଡ଼ିଛେ । ଜାତ୍ରି କମ୍ । ଲେଡ଼ିଜ୍ ସିଟ୍ ଗୁଟେନେ ଦୁଇଝନ୍ ବସ୍‌ଲେ । ପଦ୍ମାର୍ ଏଟେଚିକେ ମୁଡ୍ ଉପ୍‌ରର୍ ଥାକ୍‌କେ ଟେକି ଦି କରି ସମ୍ ହିଫକରି ବସ୍‌ଲା ଦିପା । ତାର୍ ଛୋଟ୍‌ବେଗ୍‌କେ କୁଲେ ରଖ୍‌ଲା ।

ପିଲାବେଲୁ ଦିପା ବଡ଼ା ଭଡ୍‌ଭଡ଼ିଟାନା । ତୁମ୍ ପରି କରି ଛନେକ୍ ଫୁନି ରହି ନେଇଁ ପାରେ । ସେ କଥା ଆରମ୍ କଲା –'ମୁଇଁ ଇଟା ମୋର୍ ଦିଅର୍ ଘର୍‌କେ ଜଉଛେଁ । ହେମନେ ତୋ ହେଠାନେ ରହି ଗଲେନା ବଲ୍‌ତ । ନୁଆ ଘର୍ ବନେଇଛନ୍ ଜେ କାଏଲ୍ ଘର୍ ସମ୍‌ବେ ତ । ଡାକିଛନ୍ । ନେଇଁ ଗଲେ ଦୁଃଖିମନା ହେବେ । କାଏଲ୍ ଛୁଟି ବି ତ ଅଛେ । ହେଥିର୍ କାଜେ ଜଉଛେଁ । କାଏଲ୍ ଅତୁବେଲେ ଏକା ଫିରି ଆଏବିନା ।'

ଦିପା ଫେର୍ କଥା ଲମାଲା – "ପରୁର୍ ଏନ୍ତା ଆସୁଥେଏଁ ବଲ୍‌ନୁ । ହୋଟ୍ ପଡ଼୍‌ଲି କୁମର୍ ସଁଗେ ।' 'କୁମ ?' ଟିକେ କାବାହେଲାପରା ତା'ର୍ ମୁହୁଁକେ ଦେଖ୍‌ଲା ପଦ୍ମା । 'ହଏରେ – କୁମ, ଆମର୍ ସଁଗେ ଇସ୍କୁଲେ ନେଇଁ

ପଢୁଥିଲା କାଏଁ । କାଲି ହି' କରି ବୁଟ୍‌କିଟା । ସେ ଏବେ ଅଛେ ପୁନାନେ । ତାର୍ ଟୁକିଲ୍ ଗୁଟେ ଇଞ୍ଜିନିୟର୍ ହି'ଛେ ପରେ । ତା'ର୍ ସଁଗେ ରହୁଛେ । ଏବେ କେତେ ବଦ୍‌ଲି ଗଲାନା । ବନେ ଦିଶୁଛେ । ମୁଇଁ ତ ଚିନି ନେଇଁ ପାର୍‌ଲି । ସେ ମାତର୍‌କ ମକେ ଚିନ୍‌ଲା ଦେଖ୍‌ଲା ଧାପ୍ । ଜେନ୍ତାକେ ସେନ୍ତାଦିସୁଛେ ବଏଲା। ମୋର୍ ତ ଟୁକିଲ୍ ଟୁକ୍‌ଲା ନେଇଁନା । ଗୁଟେକ୍ ପିଲାନା । ତୁଇ ତ ଜାନିଛୁ, ଡେରିନେ ମୋର୍ ଭିଆ । ଏବେ ବାବୁ ଏମ୍.ଏସ୍.ସି. ସାରିକରି ପିଓ ପରିଖ୍ୟା ଦେବାର୍ କାଜେ କୋଚିଙ୍ଗ୍ ନଉଛେ ଭୁବ୍‌ନେସରେ । ଦେଖାଜାଉ କାଣା ହଉଛେ ଜେ... ।

ଦିପା ଟିକେ ଥେବ୍‌ଲା । ଫେର୍ କହେଲା – 'ଜାନ୍‌ଲୁ ପଦ୍ମା, ମୋର୍ ଚାକ୍‌ରି ଆର୍ ଦୁଇ ବରସ୍ ରହେଲା । ସର୍‌କାରି ଚାକ୍‌ରି ଖୋବ୍ ବିପଦିଆରେ । ଡରି ଡରି କରି ଦିନ୍ ଜଉଛେ । କେତେବେଲେ କାଏଁ କଥା ହେବା ଜେ କିଏ ଜାନି ନେଇଁ ପାରେ । ଭଲେଭଲେ ଦିନ୍ ସରିଗଲେ ଫାବ୍‌ବାର୍ କଥା । ତୁଇ ହାଏ ସୁଖେ ଅଛୁ ବଲ୍‌ତ ? ଇଞ୍ଜିନିୟର୍ ବର୍ । ଘରେ ସିତ୍‌ଲା ତଲେ ଅଛୁ । ଗାଡ଼ିମଟର୍, ଘର୍ ଦୁଆର୍ ସବୁ କରିଛୁ ।' ଏତ୍‌କି କହିକରି ସେ ତାର୍ ହାତ୍ ବେଗ୍‌ନୁ ପାଏନ୍ ବୁତଲ୍ ବହରାଲା ଆର୍ ଢ଼କ୍‌ଢ଼କ୍ କରି ଅଧାବୁତଲ୍ ପାଏନ୍ ଏକେ ସଁଗେ ପିଦେଲା ।

ତାର୍ ସେ ପଦେ କଥା ପଦ୍ମାକେ ଭେଦିଗଲା । ସେ ହାଏ ସୁଖେ ଅଛେ ! ହଁ, ସୁଖ୍ ସର୍‌ଦା ତୋ ନଧିର୍ ଧାରେ ବୁହି ଜଉଛେ । ଖୋବ୍ ସୁଖ କେ ସମାଲି ନେଇଁ ପାରଲା ବଲିକରି ତୋ ଏବେ ଘରୁ ବାହାରକରି ପଲଉଛେ । ପଦ୍ମାର୍ ଭତ୍‌ରେ କୋହ ଜାତ୍ ହେଲା । ଦିପାକେ ସବୁ ସତ୍ ସତ୍ କହିଦେବାକେ ତାର୍ ଭିତର୍ ହନ୍ଦ୍‌ମନ୍ଦିଗଲା । ଫେର୍ ନିଜ୍‌କେ ସମ୍‌ଲାଲା । ନେଇଁ, ବସ୍ ଭିତ୍‌ରେ କିଛି କହିନେଇଁ ହିଏ । ଆର୍ ଦିପାକେ କହିକରି ବି କାଏଁ ଲାବ୍ । ସେ ଜାହା ଜାନିଛେ ଜାନିଥଉ ।

ବସ୍ ଚାଲୁଛେ ଆଗ୍‌କେ ଆଗ୍‌କେ । କଏଁଲି ଖରା ଛାଏଁ ଛାଏଁ ଝର୍‌କାବାଟେ ବସ୍ ଭିତର୍‌କେ ପଡୁଛେ । ସକାଲର୍ ସିର୍‌ସିର୍ ପବନ୍ ବି ହାଏ ଲାଗୁଛେ । ପଦ୍ମାର୍ ଆଏଁଖ୍ ଦୁଇଟା ମୁଜି ହି' ଜଉଛେ । ତରାର୍ ସିଟ୍‌ନେ ବସିଛେ ସେ । ଦିପାର୍ କଥା ସୁନୁଛେ ଆର୍ ନେଇଁ ସୁନ୍‌ବାର୍ । ଜାନିଜାନି ପଦ୍ମା ଆଏଁଖ୍ ଲିମ୍‌ଲା । ଦିପା ଫୁନି କଥା କହେବାର୍‌ନୁ ଛନେ ଥେବ୍‌ଲା ।

କଥା ଆର୍ କଥାନି

(୨)

କାଏଲ୍ ତୋ ରାଏତ୍ ସର୍ତା ସେ ସୁଇ ନେଇଁ । ଗାଗର୍ ରସ୍ରସି ଜଉଛେ । ଅଁଟା କଟ୍କଟି ଜଉଛେ । କାଏଲ୍ ଜେନ୍ଘଟ୍ନା ହେଲା, ହେଟା ତୋ ସବୁଦିନର୍ ଠାନୁ ଜିତିଗଲା । ଖମନ୍ ଭିତ୍ରେ ବସ୍ ଜଉଥିଲା ଆଗ୍କେ ଆଗ୍କେ । ପଦ୍ମା ଫିରି ଜଉଥିଲା ପଚ୍କେ ଆର୍ ପଚ୍କେ ।

ଗାଁର୍ ଇସ୍କୁଲେ ମେଟ୍ରିକ୍ ପାସ୍ କଲାକେ କେନ୍ତାକରି କଲେଜ୍ନେ ପଢ଼ାବେ ବଲିକରି ଘରେ ଚିନ୍ତା ପଡ୍ଲା । ସେସ୍କେ ପାସର୍ କଲେଜ୍ନେ ନାଁ ଲେଖା ହେଲା । ତାର୍ ସଁଗେ ଆର୍ ତିନ୍ଟା ଟୁକିଲ୍ ଘର୍ ଭଡ଼ାନେ ରହେଲେ । ରାଁଧି ଖାଏଲେ । ଘରୁ ଚଉଲ୍ଦାଏଲ୍ ଆର୍ ଜାବତିୟ ଜିନିସ୍ ଦଉଥିଲେ । ଏନ୍ତାକରି ବରସ୍ ଗୁଟେ ପାର୍ ହି ଗଲା । ପରିକ୍ଷା ଦି'କରି ପଦ୍ମା ଖରାଛୁଟିନେ ଘରେ ଥେଏ । ପ୍ରସ୍ତାବ୍ ଆଏଲା । ପିଲା ଇଞ୍ଜିନିୟର୍, ଭଲ୍ ଘର୍, ଭଲ ପରିବାର୍ ବଲିକରି ଘରେ ସରଦା ହେଲେ । ପରଥମ୍ କରିଘର୍କେ ବନ୍ଧୁ ଉତ୍ରିଛନ୍, ନେଇଁ ଫିରଉଁ ବଏଲେ । 'ଚଟ୍ମଙ୍ଗ୍ନି ପଟ୍ ବ୍ୟାହ' ପରା ଇଟା କାଣା ହଉଛେ ବଲୁ ବଲୁ ପଦ୍ମା ସାସ୍ଘରର୍ ବହ ହି' ସାରିଥିଲାନା । ତା'ର୍ ପାଟ୍ ପଢ଼ା ହେତ୍କି ନେ ସରିଗଲା । ସଁଗ୍ସାଥି ସବେ ପଛେ ରହେଲେ । ଖେଲି ବୁଲ୍ବାର୍ ବଏସେ ଘର୍ ସଁସାରଥି ଗୁପିଗଲା ପଦ୍ମା ।

ସବେ ବଏଲେ ପଦ୍ମା ଭାଏଗ୍ମତିଟା । କେଡେ ଜଲ୍ଦି ବର୍ଘର୍ ଲାଗିଗଲା । ପଦ୍ମା ବି ହେ କଥା ଭାବୁଥିଲା । ମନେ ମନେ ସର୍ଦା ହଉଥିଲା । ହେଲେ କେଡେ ଜଲ୍ଦି ତାର୍ ଭରମ୍ ଫିଟିଗଲା । ସର୍ଦା ଟୁଟିଗଲା ସତେ । ସେଦିନର୍ କଥା ତ ଜିବନ୍ ଥିବା ପତେ ପାସ୍ରି ନେଇଁ ପାରେ ପଦ୍ମା । ପାନିର୍ ଗାର୍ ସିନା ଲିଭିଯିବା, ଛାତିର୍ ଗାର୍ ତ ନେଇଁ ଲିଭେନା । ସେ ହେଟା ନୁଆ ନୁଆ ତାକର୍ ସଁଗେ ସହର୍କେ ଆଇଥେଏ । ସେ ରାତିନେ ଡେରିନେ ଟୁର୍ନୁ ଫିର୍ଲେ । ପଦ୍ମା ଜୁଗିଥେଏ । ସେ ଗାଡ଼ିନୁ ଉତ୍ରି କରି ଆଏଲା ବେଲେ ଗୋଡ୍ ଏନେତେନେ ପଡୁଥେଏ । ପଦ୍ମା ଅନ୍ମାନ୍ କରି ନେଲା ଅବସ୍ତା । ଡରିଡରି କରି ଟେବୁଲ୍ନେ ରୁଟି ତର୍କାରି ବାଢ଼ିଦେଲା । ସେ କାଏଁ ଖାଏତେ । ପଦ୍ମାକେ ବଲ୍ଜବ୍ରେ ଚଉକିନେ ବସେଇ ଦେଲେ ଆର୍ 'ତୁଇ ଖା, 'ତୁଇ ଖା ବଲିକରି ଗିନା ଜାକ୍ତି ତର୍କାରି ତାର୍ ମୁହେଁ ଗାବି ଦେଲେ । ପଦ୍ମା ଉକ୍ବୁକିଗଲା । ଧର୍ସକ୍ଲେ ଉଠିକରି ଗାଧୁଆ ଘର୍କେ ପଲାଲା । ସେ ଚୁନି ତାର୍ ପଚ୍କେ

ପଚ୍ ଜେଇକରି ତାକେ ଘିଚି ଆନ୍‌ଲେ । ଆର୍ ତେନ୍‌କେ ମାଡ୍ ମାଡ୍ ଘସ୍‌ରେଇଦେଲେ । ପଦ୍ମା ଅଲାଆ ହି' କରି ପଡିଗଲା । । କାନ୍ଦି ଫୁନି ନେଇଁ ପାରଲ୍ । ସେ ରାଏତ୍ ସର୍‌ତା ହେନ୍ତା ପଡି ରହେଲା ଡରେ ମରେ । ଉଁ କି ଚୁଁ ବି କରି ନେଇଁ ପାର୍‌ଲା । ତାର୍ ବର୍ କାଏଁ କାଏଁ ବଲିକରି ବକର୍ ବକର୍ ହଉଥିଲେ ଜେ ତାକେ ସେ କଥା ସୁନ୍‌ବାର୍ କାଜେ ଫୁନି ଡର୍ ଲାଗୁଥେଏ । ପାସେ ଅଁତ୍‌ରେ କେନ୍ ନେଇଁ । କାହାକେ କହେବା ? କାଁ ବଲି ଗୁହାରିବା ? ସେ ତ ଜାନି ବି ନେଇଁ ପାର୍‌ଲା ତାର୍‌ଭୁଲ୍ କାଣା । ପଚ୍‌ରେଇ ନେଇଁ ପାର୍‌ଲା ତାର୍ ଦୋସ୍ କାଣା ।

ସକାଲେ ପଦ୍ମା ଉଠ୍‌ଲା । ସବୁଦିନର୍ ପରା ଘରର୍ କାମ୍ କଲା । ତାର୍ ବର୍ ବି ଉଠ୍‌ଲେ । ସଅଜିମାନେ ପରା, ସବୁଦିନର୍‌ଏନ୍ତା ବାହାରି କରି ଅଫିସ୍ ଗଲେ । ସତେ ଜେନ୍ତା ରାତି କିଛି ବି ନେଇଁ ଘଟି । ରାତିର୍ ସପନ୍ ରାତି ଖତମ ।

ହେଲେ ତେନ୍‌କେ ଇଟାନା ପଦ୍ମାର୍ କରମ୍‌ଫଲ୍ ହି' ଗଲା । ପୁଓ ହେଲା । ଝି ହେଲା । ଘର୍ ହେଲା । ଗାଡ଼ି ହେଲା । ତାର୍ ବରର୍ ପ୍ରମୋସନ୍ ହେଲା । ହାତ୍‌କେ ଗୋଡ୍‌କେ ଅଡଲି ପିଅନ୍ ରହେଲେ । ସବୁ ଭିତ୍‌ରେ ବି ପଦ୍ମା ଡରି ସହମି କରି ରହେଲା । ପରତାପି ମା'ଜନ୍‌କେ ନଉକର୍ ଚାକର୍ କରପତ୍ର ଜୁଡ଼ିକରି ରହେଲା ପରା । ଉଟ୍ ବଏଲେ ଉଟ୍ । ବସ୍ ବଏଲେ ବସ୍ ।

ତେବେକେ ବି ପଦ୍ମାର୍ ମାଡ୍‌ଖିଆ ଉନା ନେଇଁ ହେଲା । ସେତେବେଳେ ତାକର୍ ସେ ଚେହେରା ଦେଖିଲେ ପଦ୍ମା ସସ୍‌ମି ଜେଏସି । ତାର୍ ଛାତି ଦଲ୍‌ଦଲି ଜେଏସି । ହାତ୍‌ଗୋଡ୍ ଥର୍‌ଥରି ଜେଏସି । ତାର୍ ଟୁଣ୍ ବକତ୍ ବାନ୍ଧି ଜେଏସି । ସେ କିଛି କହି ନେଇଁପାରେ । ପରତିରୋଧ୍ କରି ନେଇଁ ପାରେ ।

ଖୋବ୍ ଦିନ୍‌କେ ପଦ୍ମା ଜାନ୍‌ଲା – ତାର୍ ବର୍ ଆର୍ କାହାକେ ଗୁଟେ ଭିଆ ହେବାକେ ମନ୍ କରୁଥିଲେ ପରେ । ତାକର୍ ଘରେ ନେଇଁ ବଏଲେ ଆର୍ ପଦ୍ମାକେ ଆନ୍‌ଲେ । ସେଥିର୍ ରିସସ୍ ସେ ମନ୍‌କଲେ ଏନ୍ତାକରି ପଦ୍ମାର୍ ଉପ୍‌ରେ ସାରୁଛନ୍ । ତାକେ ସେଲ୍‌ସେଲା କରୁଛନ୍ ।

ହେଲେ ହେଥିନେ ତାର୍ କାଏଁ ଦୋସ୍ । ପଦ୍ମା କାହାକେ କାଏଁ ବଲିକରି କହେବା ! ଥରେ ଥରେ ଭାବୁଥେଏ, ସବୁ ଛାଡ଼ିଛୁଡ଼ିଦି' କରି

ତାର୍ ମା'ଘର୍‌କେ ପଲାତା । ଫେର୍ ଭାବେ, ଗଁତିଆ ଘର୍ । ଗାଁନେ ତାକର୍ ନାଁ ଅଛେ । ଲୋକ୍ ଏବେ ପତେ ମାନୁଛନ୍ । ତାର୍ ତଲେ ଆର୍ ଦୁଇଟା ଭଏନ୍ ଅଛନ୍ । କାଏଲ୍ ସେମନେ ଭିଆ ହେଲା ବେଲେ କେତେ କଥା ଉଠ୍‌ବା । କେସ୍ ମୁକ୍‌ଦମା ହେଲେତୋ ଆର୍ ଅସ୍‌ବିଧା । କେନ୍ ତ ତାର୍ ଦୁଖ୍ ନେଇଁ ବୁଝେ । ହଁସ୍‌ବା ବାଛ୍‌ବାକେ ସବେ ଅଛନ୍ ।

୩

ତାର୍ ଦର୍‌ଖଣିଆ ପାଟ୍‌ନେ କାଏଁ ଚାକ୍‌ରି କର୍‌ବା ଆର୍ ପେଟ୍ ପୁସ୍‌ବା । ହେଟା ବି ଗୁଟେ କଥା । ଆଏଜ୍ ସିନା ମା ବୁଆ ବଁଚିଛନ୍ ଜେ ଆହାଲାଦ୍ କରି ଘରେ ରଖିବେ । ସବୁଦିନ୍ ତ ସମାନ୍ ନେଇଁ ଜେଏ । କାଏଲ୍ ମା ବୁଆର୍ ଅନ୍ତେ ଭାଏ ଭଉଜ୍ ଅବ୍‌ଝରାପସ୍‌ରା ବଲ୍‌ବେ । ବାର ହିନସ୍ତାନେ ଫୁନି ଦିନ୍ ନେଇଁ ସରେନା । ତେନ୍‌କେ ଖାଲି ପସ୍ତେଇ ହେବାର୍ ସାର୍‌ହେବା ।

ଇ ସବୁ କଥାକେ ଭାବ୍‌ଲା ପଦ୍ମା ଆର୍ 'ସହ ରେ ଜୀବନ୍' ବଲିକରି ନିଜ୍‌କେ ନିଜେ ବୋଧ୍ ଦି' କରି ସହେଲା ଜେ ସହେଲା । ଏବେ ପତେ ସହେଲା । ହେଲେ କାଲିର୍ କଥା ତୋ ବଲାବଲ୍ ହି' ଗଲା । ତାର୍ ପୁଓ ରାଜିବର୍ ଭିଆ ଏବେ ମାସେକ୍ ହେଲା । ପଦ୍ମା ଭାବିଥିଲା, ଘର୍‌କେ ବହ ଆଏଲାନା । ଜେଁ ହେଲେ ଫୁନି ଖଣେ ଅପ୍‌ସରି କରି ରହେବେ । ଏନ୍‌କେ ଟିକେ ଦବି କରି ରହେବେ । ଲୋକ୍ ଲାଜ୍ ତ ଅଛେ ।

ହେଲେ ତାର୍ ମନର୍ କଥା ମନେ ରହେଲା । ରାତିନେ ଖାଏବାର୍ ଟେବୁଲ୍‌ନେ ଗୁମ୍‌ସୁମ୍ ହି'କରି ଖାଇ ବସ୍‌ଲେ । ବର୍ସିବାର୍‌ଆଘର୍ ମେଗ୍ ପରା ଏକ୍‌ଦମ୍ ତୁମ୍‌ତାମ୍ ।

ରାଜିବ୍ ଜେଇଛେ ଭୁବ୍‌ନେସର୍ । ବହ ନନ୍ଦିତା ପରେଟା କରୁଛେ ରନ୍ଧାଘରେ । ପଦ୍ମା ତାକର୍ ଭାବ୍‌ରଙ୍ଗ୍‌କେ ଦେଖିକରି ତର୍‌କିଲାନା । ଡରିଡରି, କଲେ କଲେ ସେମିଆଁ ଗିନା ଆନିକରି ଥୁଉଛେ । ସେ ତ ଫର୍‌କରି ଉଲ୍‌ଟି ପଡ୍‌ଲେ । ତେନ୍‌କେ ତାର୍‌ବାହାକେ ଚପ୍‌କରି ଧରିକରି ଉନ୍‌ଲେଇ ଦେଲେ ଆର୍ ଲାତ୍ ବିଧା ଘସ୍‌ରେଇ ଦେଲେ । ସତେ ଜେନ୍ତା ପଦ୍ମା କେନ୍ ଚୋର୍ ଡାକୁଗୁଟେ ଆର୍ ସେ ଜେ କଡ଼ା ପୁଲିସ୍ ବାଲା । ପିଟିପିଟି କରି ମନ୍ ବୋଧ ହେଲାକେ ପଛେ ଖଟ୍‌କେ ପଲାଲେ । ସେ ଖାଏବାର୍‌ଟା ହେନ୍ତାଟେବୁଲ୍ ଉପ୍‌ରେ ରହେଲା ।

ନଉକର୍ ଚାକର୍ ମାନ୍‌କର୍ ଆଘେ ସେ ଖୋବ୍ ମାଡ୍ ଖାଇଛେ ।

ସହିଛେ । ଲାଜ୍ ଅପ୍‌ମାନ୍‌କେ ଚନ୍ଦନ୍ କରିଛେ । ହେଲେ ନୁଆ ବହର୍ ଆଘେ ଏନ୍ତା ମାଡ୍ ଖାଇ କରି ପଦ୍ମାକେ ଖୋବ୍ ବାଧିଲା । ସରମ୍‌ନେ ଠାନେ ମରିଜା ପରା ଲାଗ୍‌ଲା । ସିତା ମାତା ପରା ଧରନିକେ ଫାଟି ଜା – ତୋର୍ ଗରଭେ ଆସ୍ରା ଦେ' ବଲବାକେ ମନ୍ ହେଲା । ବୁଢା ଚାକର୍ ରଘୁ କେନଠ୍‌ନେ ସେର୍‌ପେଟି ଦିଛେ । ବହ ନନ୍ଦିତା ଖୁଁଟ୍ ପରା ଠାଡ୍ ହି କରି କାପ୍ ଛାଡ଼ି ଦେଖୁଛେ ।

ପଦ୍ମାକେ ରଡ଼ି ରଡ଼ି କାନ୍ଦ୍‌ବାକେ ମନ୍ ହଉଥିଲା । ହେଲେ ତାକେ କାନ୍ଦବାର୍ ବି ମନା । ରଡ଼ି ରଡ଼ି କାନ୍ଦ୍‌ଲେ ତାଁକର୍ ଆର୍ ରାଗ୍ ଚଗ୍‌ସି । ଆର୍ ପିଟ୍‌ସନ୍ ଘେଲ୍‌ଘେଲା କରି । ନେଇଁ – ପଦ୍ମା କିଛି ବି କରି ନେଇଁ ପାର୍‌ଲା । ଭୁସ୍ କରି ଉଠ୍‌ଲା ଆର୍ ପନତ୍‌କାନିକେ ସଁକଲି କରି ସିଧା ଛତ୍ ଉପର୍‌କେ ପଲାଲା ଏକ୍‌ମୁହାଁ । ରାଏତ୍ ସର୍‌ତା କାନ୍ଦ୍‌ଲା ଜେ କାନ୍ଦ୍‌ଲା । କୁହୁରି କୁହୁରି କାନ୍ଦ୍‌ଲା । ପହପହନୁ ଲୁଗାପଟା ଦୁଇଖଣ୍‌କେ ଜାହିତାହି କରି ଏଟେଚିନେ ଭରିକରି ବାହାର୍‌ଲା । କାହାକେ କିଛି କହିନେଇଁ । କହେବାର୍ ଦର୍‌କାର୍ ନେଇଁକି ସହେବାର୍ ବି ଆର୍ ଦର୍‌କାର୍ ନେଇଁ ।

ଭବାପାଟନା ଆଏବାର୍ ଦୁଇଦିନ୍ ହେଲାନା । ମା ବାପା ତ କେବ୍‌ଠାନୁ ଗଲେନା । ଇ ଅର୍‌କ୍ଷିତ, ତାର୍ ପିଠିର୍ ଭାଏ। ତାର୍ ଦୁଃଖର୍ କଥା ଖଣେ ରଁଚେ ଜାନିଛେ । ଜେତେ ଲୁକାଲେ ଫୁନି ସତ୍ କେବେ ନେଇଁ ଲୁକେ । ପଦ୍ମା ସବୁକଥା କହିଦେଲା ଅର୍‌କ୍ଷିତକେ । ଅର୍‌କ୍ଷିତ ବଏଲା ତୁଇ ତ ପୁଓଝିକେ ଉଡେଇ ଦେଲୁନା ନାନି । ତୋର୍ କାମ୍ ସର୍‌ଲା । ସେମନ୍‌କର୍ ମୁହୁଁକେ ଦେଖିକରି ସିନା ସବୁ ସହୁଥିଲୁ । ଏବେ ଜେ ଜା'ର୍ କଥା ବୁଝ୍‌ବେନା । ତୁଇ ଇଠାନେ ତୁମ୍ ପରି କରି ଥା ତ । ମୁଇଁ ଅଛେଁ । ଏବେ ସବୁକଥା ବୁଝ୍‌ବିନା । ବାଟ୍‌ଘରେ ବସିକରି ଦୁଇଭାଏ ଭଏନ୍ ଏନ୍ତା କଥା ହଉଛନ୍, ବେସ୍ ମୁଡେ ଗାଡ଼ିଗୁଟେ ଥେବ୍‌ଲା ପରା ଆବାଜ୍ ସୁଭ୍‌ଲା । ଦୁଇଲୋକ୍ କେନ୍ ଆଏଲା ବଲିକରି ଏକେ ସଁଗେ ଉଠିକରି ପର୍‌ଦା ଟେକିକରି ଦେଖ୍‌ଲା ବେଲ୍‌କେ ଗାଡ଼ିନୁ ଉତ୍‌ରୁଛନ୍ ତାର୍ ପୁଓ ବହ, ରାଜିବ୍ ଆର୍ ନନ୍ଦିତା । ଦୁଇଝନ୍ ଆସିକରି ମୁଡ଼ିଆ ମାର୍‌ଲେ । ତାଁକର୍ ମୁହଁର୍ ଭାବ୍‌ନୁ ପଦ୍ମା ଜାନିଗଲା, ତାକେ ନୁରି ଆଇଛନ୍ ବଲିକରି । ନନ୍ଦିତାକେ ଭିତର୍‌କେ ଡାକିନେଲା । ଦୁଇ ମାମୁ ଭନ୍‌ଜା ବାଟ୍‌ଘରେ ବସ୍‌ଲେ ।

କଥା ଆର୍ କଥାନି

(୪)

ନନ୍ଦିତା ପଦ୍ମାର୍ ହାତ୍‌କେ ଧରିକରି ସିଧା କଥା ଆରମ୍ କଲା-'ମା, ଚାଲ ଘର୍‌କେ ଜିମା ।' ପଦ୍ମା ବଏଲା – 'ଦେଖ୍‌ଲୁ ତ, ତୋର୍ ଆଘେ କେନ୍ତା ହିନସ୍ତା କଲେ ଜେ । ଇଟା ତ ଦିନେକର୍ କଥା ନେଇଁ ସେ । ସାରା ଜିବନ୍ ସହେଲିନା । ଆର୍ ନେଇଁସହି ପାରେନା । ମୋକେ ଖୋବ୍ ବାଧ୍‌ଲାନା ।' ପଦ୍ମାର୍ ଆଏଁଖ୍ ପାଏନ୍ ପାଏନ୍ ହେଲା । ମୁହୁଁ ଥନ୍‌ଥନ୍ ହେଲା । ନନ୍ଦିତା ବଏଲା –'ମୁଇଁ ରଘୁ କକାର୍ ଠାନୁ ସବୁ ସୁନ୍‌ଲିନା ମା । ହେଥିର୍ କାଜେ ତୋ ତମ୍‌କେ ନେବାକେ ଆଇଛେଁ । ଜେତ୍‌କି ଦିନ ଏକ୍‌ଲା ସବୁ ସହେଲ, ସହେଲ । ଏବେ ମୁଇଁ ତମର୍ ଆଘେ ଢ଼ାଲ୍ ହି'କରି ଠିଆ ହେବି । ପର୍‌ତିରୋଧ୍ କର୍‌ବି । ଆଏଜ୍‌କେଲ୍ ନିୟମ୍ କାନୁନ୍‌ବଦ୍‌ଲି ଗଲାନା ମା । ମାଡ୍ ଖାଇ କରି କେନ୍ ଅଁତୁର୍ କୁଡେ କି ପିଛାର୍ କୁଡେ ଲୁକିବୁଲ୍‌ବାର୍ ନେଇଁନା କି ଘରର୍ କଥା ବଲିକରି ଲାଜେନେ ଟାଏଟ୍‌କୁନେ କାନ୍ଦ୍‌ବାର୍ ନେଇଁନା । ଏବେ ସେ ଜୁଗ୍ ଗଲାନା । ତମର୍ ଘର୍, ତମର୍ ଦୁଆର୍, ତମର୍ ପୁଓ, ତମର୍ ବହ । ଏବେ ମୋର ବଲିକରି ଡଁଟେଇ କରି ଘର୍ ମାଡ଼ିକରି ରହେବାର୍ ଅଛେ । ପଲାବାର୍ ନେଇଁନା । ବୁଝ୍‌ଲା ଲୋକର୍ ଠାନେ ସିନା ମାନ୍‌ଅପମାନ୍ । ଜୁଝ୍‌ଲା ଲୋକର୍ ଠାନେ ତୋ ଜୁଝ୍‌ବାକେ ଏକା ପଡ୍‌ବାନା । ଚାଲ, ଦୁଇ ଲୋକ୍ ମସସିକରି ଏନ୍‌କେ ଲଢ଼ମା । ଅନିଏର୍ ପର୍‌ତିରୋଧ୍ କର୍‌ମା ।'

ନନ୍ଦିତା ସତେ ଜେନ୍ତା ତାର୍ ସାସ୍‌କେ ନେଇଁ କହେବାର୍ କଲେଜ୍‌ନେ 'ନାରି ନିର୍ଯାତନା' ବିସେନେ ଭାସଣ୍ ଦଉଛେ । ପଦ୍ମା ଭାବ୍‌ଲା, ତାକେ କେନ୍ତା ଏତ୍‌କି ସାହାଁସ୍ ନେଇ ପୁରୁଥେଇ । ଟୁଣ୍ ନେଇଁ ଫୁଟୁଥେଇ । ପଦ୍ମା ନନ୍ଦିତାର୍ ମୁହୁଁକେ ଘନ୍‌କରିଦେଖ୍‌ଲା । ତାର୍ ସୁନ୍ଦର୍ ମୁହେଁନେ ଆତ୍ମ ବିସ୍ୱାସ୍ ଝଲ୍‌ମଲୁଥିଲା । ପଦ୍ମାକେ ଲାଗ୍‌ଲା, ନନ୍ଦିତା ଯାହା କହୁଛେ, ଠିକ୍ କହୁଛେ । ସତ୍‌କହୁଛେ । ଇଟା ତାର୍ ଟୁଣର୍ କଥା ନେଇଁସେ, ମନର୍ କଥା ।

ମନ୍ଦାର ବଗିଚା ପଡ଼ା,

ଭବାନୀପାଟଣା, କଳାହାଣ୍ଡି – ୭୬୬୦୦୧

ମୋ. – ୮୮୯୫୪୭୮୩୩୪

ମାୟା

ପ୍ରବାସିନି ହୋତା

ଗୁଟା ତିନ୍‌ମାସ୍ ହେଲାନ ଖଟ୍ ଧଏଲା ବାପର୍ ସାଙ୍ଗେ ସାଙ୍ଗ୍ ଛାଏଁମେତାର୍ ଲଟ୍‌କିକରି ତାକର୍ ଏକ୍‌ଲାପନ୍ କେ ଖେଦ୍‌ବାର୍ ମରେଅସ୍ କୋସିସ୍ କରିଚାଲିଥିଲା ବିସ୍‌ପ। ଇ ସବୁ ଭିତରେ କେଭେଁ ତ ତାହାକେ ଦୁସିଦୁସି ବାଗିର ନାଇଁ ଲାଗିଥାଇଁ ! ହେଲେ ଆଏଜ୍ କାଏଁ ହେଲା ଯେ, ସଫଲଇକରି ଫିର୍‌ଲା ଉତାରୁ ତାହାକେ ରୁନ୍ଧି ଆନୁଥିଲା କାଣାଗୁଟେ !

ବିସ୍‌ପ ଠିକ୍ ସୋର୍ କରୁଥିଲା– ସେ ତ କେଭେଁ ତାର୍ ବାପର୍ ଗେଲ୍‌ହା ନାଇଁ ଥାଇଁ। ହଁ, କୋଲୁଛା ପୁଓ ବଲି ତାର୍ ମା'ର୍ ଜିବନଥୁ ଭି ଅଏତ୍‌କା ଥିଲା ହେବାର୍‌ଟା। ତାର୍ ମା'ଥିଲେ ଗୁଟାମୁଟା ପୁର୍‌ଥି ଟେ...ଗଛ୍‌ଟେ..... ଲେଦା ଖେବ୍‌ଡ଼ାଲେ ଭି ଫଲ୍‌ଟେ ଦେବାର୍ ବାଗିର୍ ଝନେ। ହେଥିର୍‌ଲାଗି ସଭେ ନିଜର୍ ନିଜର୍ ଦର୍‌କାର୍ ଅନୁସାରେ ତାହାକୁଁ ଖେବ୍‌ଡ଼େଇ ଖେବ୍‌ଡ଼େଇ ନିଜର୍ ନିଜର୍ ଦରକାର୍ ଜିନିସ୍ ହାସଲ୍ କରଉଥିଲେ। ତଥାପି ସେ କେଭେଁ 'ହାଏ' ନାଇଁ କରିଁ। ସଥେଁ ଜେନ୍ତା କେନ୍ ମଉନି ରୁସି ବାଗିର୍ ସେ ମଉନ୍ ସାଧିନା କରୁଥିଲେ। ଘାଏ ଘାଏ ତ ଜୋଗ୍ ସାଧନା କରୁଥିଲା ରୁସିର୍ ଭି ଆଏଁଖିନୁ ଜୁଏହୁଲା ବାହାରିସି ବଲି ପୁରାନ୍ କହେସି। ନ ଇ ବିସ୍‌ପକେ ଦେଖିଲା ଜାନ୍‌ଲା ଦିନୁ ତାର୍ ମା'ର୍ ଆଏଁଖିନୁ ଖାଲି ବର୍ସୁଥିଲା ତ ଦୟା, ମାୟା, ସେନ୍‌ହୋ, ସର୍‌ଧା । ତାର୍ ବାପାର୍ କଡା ମିଜାଜ୍‌ର ପରିଣାମ୍ ସବୁନୁ ଜହ ଭୁଗୁଥିଲେ ତାର୍ ମାଆ। କାଏଁଜେ ବଏଲେଁ, ଜେନ ଇ ସମାଜ୍ ନାରିକେ ପୁରୁସର୍ ଅର୍ଦ୍ଧାଙ୍ଗିନି ବଲି କରି ପାପ୍ ପୁଇନ୍‌ର ଭାଗିଦାର୍ କର୍‌ସି, ସେନ ଫେର୍ ନିଜର୍ ଦୋସ୍, ବଏଗୁନ୍‌କେ ଲୁକାବାର୍ ଲାଗି ସେହି ଅର୍ଦ୍ଧାଙ୍ଗିନି ଉପରେ ଜୁଲୁମ୍ ସାଧି କରି ତାର୍ ମୁହୁଁ ବନ୍ଦ୍ କର୍‌ବାକେ ଚାହେଁସି। ପଦେ ପଦେ କଥାଥିଁ ମାଁ'ଗାଲି ମାଡ଼ ସହିଛେ। ତଥାପି କେଭେଁ ମୁହୁଁ ନାଇଁ ଫିଟାଇଁ। କେଜାନେ କେତେ ବଲ୍ ଥିଲା ତାର୍ ଲହଲହ କରୁଥିଲା ବାଞ୍ଜି କଏନ୍‌ଖା ବାଗିର୍ ଅଁଟାଥି ଯେ ସବୁ କେ ଘେଁସ୍‌ରେଇ କରି ବୁହିନେଉଥିଲା। କେତେ ବଲ୍ ଥିଲା ତାର୍ ଛାତିଥିଁ ଜେ ବଜର୍

ସୁଲ୍ ବାଗିର୍ କଥାକେ ସୁନିକରି ସହିନେଉଥିଲା । କେଭେଁ ତାର୍ ଆଏଁଖ୍ ଦୁହିଟା ଭି ତ ଉଦା ନାଇଁ ହେଉଥାଇଁ ! ସଥେଁ କାଣା କିଛି ନାଇଁ ବାଧୁଥାଇଁ ତାହାକେ ? କି ତାର୍‌ନୁ ନିଆଁ ଲହ ଢାଲି କରି ସେ ତାର୍ ପରିବାର୍‌କେ ବଞ୍ଚାର୍ କର୍‌ବାକେ ନାଇଁ ଚାହୁଥାଁଇଁ ବଲି କେଁ ?

ତାର୍ ମା'ର୍ ସଭାବ୍‌ର ପ୍ରଭାବ୍‌ଟା ପଡ଼ିଥିଲା ବାଗିର୍ ଲାଗୁଛେ ବିସ୍‌ପ ଉପରେ । ବାପର୍ ଅନ୍‌ମୁନ୍‌ସିଆ ସଭାବ୍‌କେ ଦେଖିଦେଖି ଭି ସେ କେନ୍ତା ଚୁପ ରହିଥିତା ନାଇଁ ହେଲେ ? ସେ ନିଜେ ଭି କେଭେଁ ଜବାବ୍ ନାଇଁ ମାଗି– କାଏଁ ହେଲା ଜେ ମା' କେ ମୋର ଏତେ ହଟ୍‌ହଟା କରୁଛ ବଲି !

କାଏଁ ଦୋସ୍ ତାର୍ ! ସଏଲ୍‌ତା ବାଗିର ଜଲି ଜଲି ତ ଖିନ୍ ହେବାରେଁ ବସ୍‌ଲାନ । ତଥାପି ତମର୍ ରାଗ୍ କେଭେ ନାଇଁ ଲିଭେ କେନ୍ତା ବଲି କେଭେ ତ ନାଇଁ ପଚରେଇଁ । ଚାହିଁଥିଲେ ଏତ୍‌କି ତ ସେ ପଚ୍‌ରେଇ ହି ପାରିଥିତା । ଜବାବ୍ ତଲବ୍ କରି ଥିତା । ବଏସର୍ ବେଲ୍ ଉହୁରା ସମିଆକେ ତାର୍ ବାପାର୍ ବୁଢ଼୍‌ତି ଆୱାଜ ଉପରେଁ ତାର୍ ଉଦ୍‌ତି ଆୱାଜର୍ ଜୋର୍ ଲଗେଇ ପାରିଥିତା । ମାତର୍‌କ କେଭେଁ ନାଇଁ କରି ସେ ହେନ୍ତା । ତାର୍ ମା'ର ପତିଭକ୍ତି ଆଉ ସିତଲ୍ ଖ୍ୟମା ତାର୍ ମନର୍ ଅସନ୍ତୋସ୍‌ର ଧୁଁକାଗରେଲ୍‌କେ ଭି ଥମ୍ କରି ଦେଉଥଲା ଜେନ୍ତା । ଜେନ୍ତା ମଉନ୍ ପଥର ମୁର୍‌ତି ବାଗିର୍ ତାର୍ ମା'ର ଜିବନ୍ ଚାଲୁଥିଲା ହେନ୍ତା ଫୁଟ୍ କରି ଲିଭି ଭି ଗଲା ନ ତାର୍ ଜିବନ୍–ଦିପ ଏଖେଇର୍ ଘାଏକେଁ । ତୁଲ୍‌ସି ଚଉଁରା ନ ସନ୍ଧ୍ୟାବତି ଦେଇକରି ଆଏଲା ପରେ ଟିକେ ଛାତିନ ଦରଜ୍ ହେଲା, ଖଟେଁ ଉଁଡ୍‌ଲିଲା ଜେ ଆର୍ ନାଇଁ ଉଠିଁ । ମାଁ'ର ପନତ୍ କାନିର୍ ଛଏଁରା ଏନ୍ତା ସଟୋ କଲା ଭି ପଲେଇ ଜାଏସି ? ବିସ୍ୱକେ ବିସ୍‌ପାସ୍ ନାଇଁ ହଉଥାଇଁ । ଇ ଅନାଥପନ୍ ତାହାକେ ତାର୍ ଦାଦାର୍ ଠାନୁ ଜହ ବାଧୁଥିଲା । ହେନ୍ତେଇ ଭି ତ, ମା'ର୍ ଗେଲ୍‌ହାପୁଓ ବଲି ସେ ସବୁବେଲେ ବାପର୍ ଆଁଖିର୍ କୁଟା ବାଘର ବଏରି ହେଇଥିଲା । ସମାନ୍ ଦୋସ କରିଥିଲେ ଭି ତାର୍ ଦଦା ଜେନ ମୁକଲି ଜାଉଥିଲା, ସେନ ସବୁ ରାଗ୍‌ରସ୍‌ମି ତାର୍ ଉପରେ କଚ୍‌ଡେଇ ହେଉଥିଲା ସବୁଦିନେ । ମା' ଗଲାପରେ ବିସ୍‌ପକେ ଏନ୍ତା ଲାଗ୍‌ଲା ଜେନ୍ତା ଆଉର୍ ଇ ଦୁନିଆଁଥି ତାର୍ ନିଜର ବଲି କିହେ ଗୁଟେ ଭି ନାଇନ । ସବୁଆଡ଼େ ଠାଏ ଠାଏ ଖରା, କାହିଁ ଛାଏଁ କି ଛଏଁରା ନାଇଁ ।

ଜିବନ ଟା ବତ୍‌ର୍‌କିରିର୍ ଭୋଗ୍ ବଲି କିଏ ନାଇଁ ଜାନି ? ତଥାପି ମୁନସର୍ ମନ୍ ଉପରେ ରାଗ୍ ରସ୍‌ମି, ଅହଁକାର୍, ଅଭିମାନ, ବଡ଼ପଣି ସଭେ ତ କବ୍‌ଜା

କରିଥିସନ। ମୁନୁସ୍ ନାଇଁ ବୁଝେ ଜେ ଅଢ଼େଇ ଦିନର୍ ଜିବନଭିତ୍ରେଁ ଜଉବନ୍‌ଟା ବେଲ୍‌କର୍। ତଥାପି ଜଉବନର୍ ଭୁତ୍ ସବାର୍ ହେଇକରି କାଣା ନାଇଁ କାଣା କରଉଥିସି ମୁନୁସର ହାତେଁ। ଜେତେବେଲେଁ ଲେହେଁବୁଡ୍ ଲେହେଁବୁଡ୍ ହେସି ଆଏସ, ସେତେବେଲେ ମୁନୁସ୍ ପସ୍ତାସି ତାର୍ ଜଉବନ୍‌ର ସବୁ ଅନିଏ ଅନିତି ଲାଗି। ହେନ୍ତା ହେଲା ବିସ୍‌ପର୍ ବାପାର୍ ଜିବନ୍ ଥି ଭି। ଜେତ୍‌କି ବୁଢ଼ି ବୁଢ଼ି ଆସୁଥିଲା ଆଏସର୍ ବେଲ୍, ରାଗ୍, ଅହଁକାର୍, ଜିଦି ସବୁ ହେତ୍‌କି ମୁହୁଁ ଲୁକେଇ ନେଉଥିଲେ ଲାଜେଁ। ତାକର୍ ଆଖିଁ ଛଲ୍‌କୁଥିଲା ବଏଲେଁ ଖାଲି ନିରାସା ଆଉ ଅପାରୁ ପନ୍। ଆଉର ଖଟେଁ ପଡ଼ଲା ଦିନୁ କେତେବେଲେଁ ସୁଇନ୍‌କେ ଦେଖିକରି ତ ଆଉ କେତେବେଲେ ଆଏଁଖି ମୁଜି କରି ସେ କେବଲ୍ ନିଜର୍ କଲା କର୍ମକେ ହୁର୍‌ଗୁନି ହେଉଥିଲେ। ଖଟ୍ ଧଏଲା ଦିନୁ କେହେନି କଥାକେ ବିସ୍‌ପର୍ ବାପା ଆଉର୍ ବିର୍‌ଖତ୍ ନାଇଁ ହେଉଥାଇଁ। ବିସ୍‌ପ ଭି ରୁଟିନ୍ ବନ୍ଧା ହିସାବେ ତାକର୍ ସବୁ କାମ୍ କରଜାଉଥିଲା। ସଖାଲୁଁ ବ୍ରସ୍ ନୁ ଧରିକରି ପାଇଖାନା, ଗଧୁଆପଧୁଆ, ଖାନାପିନା ସବୁ ଟାଇମ୍ କେ ଟାଇମ୍ ତ କରୁଥିଲା ବିସ୍‌ପ ଆଉ କେନ୍ କଥା ଥିଲା ହେଲେଁ ତାର୍ ବାପା ବିର୍‌ଝିତେ ? ସାରା ଜିବନ୍ ଜାହାକେ ଅସହନି କଲା ବାଗିର୍ ଗାଏଲ୍ ମାଡ଼ ଦେଇ ଆସିଥିଲେ ସେ। ଆଏଜ୍ ଛାଏଁ ବାଗିର୍ ଲଟ୍‌କି କରି ତାକର୍ ନଖୁ ନକ୍‌ସା ତକ୍ ସେବା କରୁଥିଲା। ଆଉ ଜେନ୍ ବଡ଼ ପୋ'କେ ସେନ୍‌ହୋ ସର୍‌ଧାର୍ ଜେଠ୍‌ଭାଗ୍ ଦେଇଥିଲେ ସେ ତ କେଭୁଁ ଅଲ୍‌ଗା ଗୁଡ଼ାଥିଁ ତାର୍ ଚରେଇ ଚିର୍‌ଗୁନ୍ ସାଙ୍ଗେ କିଚିର୍‌ମିଚିର୍ କରୁଥିଲା। ବୁଢ଼ାବାପର୍ ହାଏ ହତାସ କି ଲମ୍ ନିସାସ୍ କେନ ତାର୍ ତକ୍ ପୁହୁଁଚି ପାରୁଥିଲା ଜେ ! ହଁ, କେଭେଁ କେନ୍ତା ଦେଖିମି ବଲି ଛିଙ୍ଗ୍‌ଲି ଆସୁ ଥିଲା। ବିସ୍‌ପର କିଛି ପ୍ରତିବାଦ୍ ନାଇଁ ଥାଇଁ। ଝି' ଦୁହିଟା ତ କେଭୁଁ ନିଜର୍ ନିଜର୍ ସାସ୍‌ଘରର୍ ବୁଝା ବୁହିଥିଲେ ନ। ତାକର୍ ଗାଏଗରୁ ଛାଡ଼ିକରି କେତେଦିନ ମା' ଘରେ ବାପର୍ ସେବା କର୍‌ତେ ? ସେଥିର୍ ଲାଗି ଭି ବିସ୍‌ପ କେଭେଁ ଖାତିର୍ ନାଇଁ କରି। ମଉନ୍ ଜୁଗି ବାଗିର୍ ସେ ଭି ଜୋଗ ସାଧୁଥିଲା ଅବିରାମ୍, ଠିକ୍ ତାର୍ ମା'ବାଗିର୍।

ବିସ୍‌ପର କଥା ଭାବିଦେଲେ ତାର୍ ବାପର୍ ଆଖିଁ ଲହ ଡବ୍‌ଡବେଇ ଜାଏସି। ସେ କିନ୍ତୁ ଲୁକେଇ ଦେସନ୍। ରାତିଁ ଜେତେବେଲେଁ ତାକର୍ ପାଖେ ବସି ବସି ବିସ୍‌ପ ତାକର୍ ଖଟେଁ ମୁଡ଼ ରଖି କରି ସୁଇ ପଡ଼ସି, ସେତ୍‌କିବେଲେଁ ତାର୍ କଥା ଭାବି ଭାବି ଧାର୍‌ଧାର୍ ଲହ ଗଡ଼ାସନ୍ ତାର୍ ବାପା। ଜିବନ୍‌ଟା ସାରା ବାପର୍ ସେନ୍‌ହୋ ମମତାନୁ ବଂଚିତ୍ ପିଲାଟା ପିତୃଋଣ ତ ପରିସୋଧ୍ ନାଇ କର୍‌ବାର, ଉଲ୍‌ଟା ତାହାକୁଁ ଲାଗ୍

ଲଗାଇ ଚାଲିଛେ। ତାର୍ ଲାଗି ସେ ନିଜେ ବାପର୍ କାଏଁ କର୍ତବ୍ କରିଛନ୍? ହାତ୍‌କୁଁ ତ ଦୁଇହାତ୍ ଭି ନାଇଁ କରିଁ। ଗାଁର୍ ହାଇସ୍କୁଲ୍ ଆଉର୍ ପାଖର୍ କଲେଜ୍ ନ ପାଠ ଭି ପଢ଼ି କରି ପିଲାଟା ଆଏଜ୍ ସିଖିତ୍ ବେକାର। କେନ୍ ଦାଇତ୍ୱ ସେ ନେଲେ ତାର୍ ବାପ୍ ହିସାବେଁ? ଏନ୍ତା କେତେ ସବାଲ୍ ତାହାକୁଁ ଝିନ୍‌ଝାରି କରି ଉଦ୍‌ଗୁରେଇ ପକାସନ୍। ତତ୍‌ଲା ଲହର୍ ଧାର୍ ଟୁଟ୍‌କେ ନାଇଁ। ଚୁପ୍‌ଚାପ୍ ସେ ପୁଛିନେସନ୍ ଲହକେ ଆଉ ଆଏଁଖ୍ ମୁଜି କରି ସୁଇବାର ନାଟକ୍ କର୍‌ସନ୍। ଭାଏଲ୍ ଚେତିପକାବା ବିସ୍‌ପ! ସୁଇପଡୁ ଛୁଆଟା ଦୁଇ ଚାଏର୍ ଘଡି। ହେତ୍‌କି ନ ତ ତାର୍ ବିସ୍ରାମ୍ ଆଏ ଦିନ୍ ଭରର୍। ଇଟା ଗୁଟେ ରାତିର୍ କଥା ନୁହେ, ହେନ୍ତା ହରେକ୍ ରାଏତ୍ କଟ୍‌ସି ଏନ୍ତା ହିସାବେ ବିସ୍‌ପ ସାଙ୍ଗେ ଅନିଏ ହେଇଛେ ଆଉର୍ ସେ ହିଁ ଅନିଏ କରିଛନ୍, ଇ ଅନୁଭବ୍‌ଥିଁ ସେ ସହ ସହ ଲମ୍ ନିସାସ୍ ଛାଡ଼ିଛନ୍। ଉଜନ୍‌ଦାର୍ ହେଇଜାଇଛେ ସେ ସୁଇଲା କୁଠି। ଆଉ ଗୁଟା ରାଏତ୍ ନିଦ ନାଇଁ ହଏ। ରାଏତ୍‌ସାରା ଉଜାଗର୍ ରହି ରହି ଝୁଲ୍‌ଝୁଲ୍ ଆଡ୍‌କେ ଅଥାବିଥା ଆଏଁଖପତା ଟିକେ ଝପ୍‌କି ଜାଏସି, ଛାଏଁନିଦ୍ ହେଇଯାଏସି। ବିସ୍‌ପ ଚମ୍‌କି କରି ଉଠି କରି ଯେତେବେଲେଁ ଦେଖ୍‌ସି ବାପା ସୁଇଛନ୍, ହାଏ କର୍‌ସି ତାର୍ ଛାତି। ଜାହା ହେଉ, ସେ ସୁଇ ପାରିଛନ୍ ରାଏତ୍ ସାରା। କାଏଁକରି ବଏଲେଁ ବିସ୍‌ପ ଜାନିଛେ– ବେଦନାର୍ ଭାର୍ ରାତିର୍ ଝୁଁ ଝୁଁ ଏକ୍‌ଲା ପନ୍ ଭିତରେ ଆହୁରି ବହଲ ହେଇଯାଏସି।

ହେ ଦିନ ବାପାର୍ ଦିହି ଆଉ ଟିକେ ବିଗଡ଼ିଲା। ନିସାସ୍ ଖର୍ ହେଲା। ପ୍ରାୟ ଚୁପ୍‌ଚାପ୍ ରହେଲା ବାପା ହେ' ଦିନ ହାତ୍ ଠାରି କରି ଡାକ୍‌ଲେ, ବିସ୍‌ପକେ ପାଖେଁ ବସ୍‌ବାର୍ ଲାଗି ଇସାରା ଦେଲେ। ବାପାର୍ ଗୋଡ଼ ଆଡ଼େଁ ବସ୍‌ଲା ବିସ୍‌ପ। ଦୁହି ଗୋଡ଼ କେ ମୁଠା ମୁଠା କରି ଚିପ୍‌ଲା। ବାପାର୍ ଆଏଁଖ୍ ସଜଲ୍, କରୁଣାଥିଁ, କାରୁଣ୍ୟ ଥିଁ। ଆହୁରି ଦବିଜାଇଥିଲା ଆବାଜ୍, କଥାର ସହଜ୍‌ତାକେ ବାଧା ଦେଉଥିଲା ନିସାସର୍ ଖର୍ ଗତି । ଖଁଡ଼ିଆ ଖଁଡ଼ିଆ କରି ତଥାବି ସେ ବଡ଼ା କସ୍‌ଟେଁ କହିଚାଲ୍‌ଲେ – ଆର୍ କେତେ ଲାଗ୍ ମତେ ଲଗାବୁ ରେ ବାପା! ଆଉର୍ କେଡ଼େ ବୁଝା ବୁହିକରି ମୁଇଁ ଜିମି ଇ ଦୁନିଆଁନୁ। ସାରା ଜିବନ୍ ତ ତତେ ଆରୁ ତୋର୍ ମା'କେ ମୁନୁସ୍ ବଲି ନାଇଁ ହେଜି; ସେଟା ତ ଜାହା ପାପ୍ କରିଛେଁ କରିଛେ, ସେ ଘା' କେ ଖୁଧ୍‌ଲି କରି ଆହୁରି ଦରଦ୍ ଦେଉଛେ ତୋର୍ ନିର୍ବିକାର୍ ସେବା ଜତନ୍। କେତେ ଦିନ୍ ଆରୁ ତତେ ଘାଁଟ୍‌ମି? ତୋର୍ ଜିବନ୍‌କେ ଗଢ଼ି ତ ନାଇଁ ପାର୍‌ଲି। ଉଲ୍‌ଟା ନରକ୍ ବନେଇ କରି ଥୁଇ ଦେଲିନ। ହେଲାନ ବାପା, ଏଥର ମତେ ଇ ଦର୍‌ଦନୁ ମୁକ୍ତି ଦରକାର୍।

ଆଉ ସହେବାର୍ ବଲ୍‌ବଫୁ ମୋର ନାଇନରେ ବାବୁ। ଏତ୍‌କି କହି କରି ହେଁକେଇ ହେଁକେଇ କାନ୍ଦଲେ ତାର୍ ବାପା। ବିସ୍‌ପ ତାହାକୁ ବୋଧ୍ ଦେଇକରି ତାକର୍ ଆଁଖିର୍ ଲହ ପୁଛି ଦେଲା।

ହେନ୍ତା ଚାଲୁଥାଏ ନିସାସ୍ ଖର୍ ହେଇ, ଜୁଗି ବସିଥାଏ ବିସ୍‌ପ ଏକସ୍‌କଁଟି। ଗୁଲ୍‌କୁସ୍ ପାଏନ୍ ଟିକେ ଟିକେ ଦେଉଥାଏ। ଉପର୍ ବେଲି ଦୁଇଟା ହିଚ୍‌କି ସାଙ୍ଗେ ବନ୍ଦ୍ ହେଲା ନିସାସର୍ ଖରପନ୍। ମୁହେଁ ସେସେଁ ଥିଲା ସାନ୍‌ତିର୍ ହୁଲ୍‌କେ ହଲ୍‌କା ଲେପ୍। ନିଜର୍ ଅପରାଧ୍‌ବୋଧ୍ କେ କହିଦେଲେଁ ଜେନ୍ତା ଉସାସ୍ ହେଇଜାଏସି ଆତ୍‌ମା ! ହେଲେ ଆସ୍‌ରିଜ୍ କଥା ! ତାର୍ ଛାତି ଭିତ୍‌ରେ ଗୁଟେ ଅକ୍‌ଲିଆ ଦରଦ୍ ! ଜେନ୍ ଦରଦ୍ ଛାତିଥିଁ ଆଏଜ୍ ଜାଏକ୍ ବିସ୍‌ପ କେଭେଁ ଅନୁଭବ୍ ନାଇଁ କରିଥାଇଁ। ହେତ୍‌କି ବେଲୁଁ କେନ୍ତା ହଦ୍‌ମଦେଇ ନେଉଥିଲା ତାହାକେ ! ବାପର୍ ଟୁଡେଁ ତୁଲ୍‌ସି ପାଏନ୍ ଦେଲା ବେଲ୍‌କେ କେନ୍ତା ଥିଁ ଜାଇଥିଲା ଦୁଇଟା ଥିଁ, ସେ ନିଜେ ଭି ସୋର୍ ନାଇଁ ପାଇଁ। ସଥେଁ ଜେନ୍ତା ବାପାର୍ ଛାତିକେ ଜେନ୍ ଦରଦ୍ ଏତ୍‌କି ଦିନ୍ ତକ୍ ଚିପି ଧରିଥିଲା, ଆଏଜ୍ ଡେଗି ଆଇଛେ ତାର୍ ନିକେ। ମୁନୁସର୍ କଲ୍‌ଜାଟା କାଣା ଏନ୍ତା ଆଏ ? ଝନେକର୍ ପସ୍ତେଇ ଆଉ ଅପାରୁ ପନ୍ କାଣା ଆଉ ଝନ୍‌କର୍ ପଥ୍‌ରାଲା କଲ୍‌ଜାକେ ଭି କରୁଣାଥି ଉଦା କରି ପକାସି ? ହେ’ ଦିନ ତାର୍ ବାପାର୍ ଜଲ୍‌ଲା ଚିତା କେ ଦେଖିକରି ଜେତ୍‌କି ମନ୍ ଉନା କରୁଥିଲା ବିସ୍‌ପ ହେତ୍‌କି ଆସ୍‌ରିଜ୍ ଭି ହେଉଥିଲା। ଏତ୍‌କି ଦିନ୍ ଜାଏକ୍ ବାପ୍ ଥାଇକରି ଭି ସେ ତାକର୍ ସେନ୍‌ହୋ ମମତା ନାଇଁ ପାଇଁ, ବାପ୍ ଥାଇ ନାଇଁ ଥିଲା ବାଗିର୍ ଅନୁଭବ୍ କରିଛେ। ତ ଆଝିର୍ ସେ ମଲା ପରେଁ କାଏଁହେଲା ଜେ ତାହାକେ ଛେଉଁଡ୍ ହେଲା ବାଗିର୍ ଲାଗୁଛେ ? ଚିତାର୍ କୁହୁଲା ଉପର୍‌କେ ଉଠୁଥିଲା ଆଉ ଘୁଟ୍‌ଘୁଟେଇ ଜାଉଥିଲା ବିସ୍‌ପର ଅନ୍ତର୍ ଭିତ୍‌ର୍। ବିସ୍‌ପ ବାଟ୍ ନାଇଁ ପାଉଥାଇଁ ସେନୁ ମୁକ୍‌ଲିବାର୍ ଲାଗି।

ଇ ରହସ୍ୟକେ କେଡ଼େ କେଡେ ସାଧକ୍ କେଡେ କେଡେ ମୁନି ରୁସି ସହ ସହ ବରସ୍ ଜୋଗ୍ ସାଧିକରି ତ ଗମି ନାଇଁ ପାରିଁ ....ବିସ୍‌ପ ବିଚ୍‌ରା କେତ୍‌କେଁ ଗମିପାର୍‌ତା ?

ବରଗଡ଼

ମୋ ୮୨୮୦୩୦୩୪୦୩

ଖୁଡ୍ ମାଁ

ପଦ୍ମିନି ଦାସ ମହାପାତ୍ର

ତିନ୍‌ପଖି ସରୁନ୍ ସରୁନ୍ ନୁଆଁଟି ବିହା ହେବାର୍‌ଟା ମଲା ମାଏପୋକେ ଅପମାନ୍ ବଲି ଭାବିକରି ନିଜ୍‌କେ ଦୁସି ଥାବ୍ କରୁଥାଏ ମଦନ୍ । ତାର୍ ମାଏପୋ ମର୍‌ଲାବେଲେ କହିଥିଲା ‘ଗୁଲୁ କେ ଦେଖିବ, ତାର ଜତନ୍ ନେବ ।’ ତାର୍ କହେଲା କଥା ସେ ବି ହେତଉଛେ । ଆର ଗୁଟେ ଆନ୍‌ବାର୍‌ଟା ଗୁଲୁ ଲାଗି ଠିକ୍ କରିଛ ବଲି ତାର ଆତ୍ମା ସାନ୍ତି ପାଏବା ବଲି ତାର୍ ବିଚାର ଲାଗି ନିଜ୍‌କେ ଦୁସି ବଲ୍‌ବାର୍ ନଇଁନ । ମା ଛେଉଁଡ୍ ଗୁଲୁର ମାଁ ଡାକ୍ ତାକେ ଫିରାବାର୍ ଲାଗି ତାର୍ ବିହା । ମାଁ ଛେଉଣ୍ଡ ମୋର ଛୁଆର ମା ପନ୍ ଫିରାବାର୍ ଲାଗି ବଲି ମୋର୍ ଇ ବିହା ବଲି ପହେଲା ରାତିଁ ଦିପାଲିକେ ସୁନେଇ ଦେଇଛେ ମଦନ୍ ।

ହେଁଟା ଦୁଇମାସ୍ ଜାଇଛେ ମଦନ୍ ଦିନେ ବେଲ୍‌ଉହୁରିଆ ଗୁଲୁକେ ସାଂଗେ ଧରି କରି ତାକର୍ ଝନେ ବିସ୍‌ପାସି ସାଂଗ ଘର୍‌କେ ବୁଲି ଗଲା । ତାକର୍ ଘରେ ଜଲ୍‌ଖିଆ ଖାଉଥିବାର ସମିଆଁକେ ବନ୍ଧୁ ଝନ୍‌କ ଗୁଲୁକେ ପଚରାଲେ –‘ତମକେ ତମର ନୁଆଁ ମାଁ ସଉକ କରସନ କାଏଁରେ ବାବୁ ?’ ମଦନ ଟିକେ ହଁସି କରି ଗୁଲୁକେ ଦେଖଲେ, କାଣା ବଲ୍‌ବା ଛୁଆ ବଲି । ମଦନ ଭାବୁଥିଲେ ଦିପାଲି ତାହାକେ ଭଲ ପାଏସି ବଲି ଗୁଲୁ ଜରୁର୍ କହେବା । ହେଲେ ଗୁଲୁ କାନ୍ଦି ବସ୍‌ଲା । ମଦନ୍‌ର୍ ମୁଡ୍ ଇଆଡ୍ ସେଆଡ୍ ହେଇଗଲା । ତାକର ଆଖିଁର୍ ଲହ ଥି ଦିପାଲିର ମୁହୁଁ ଦେଖୁଥିଲି, ନିଜ୍‌କେ ପଚରଉଥିଲେ –‘ମୋର ନି ଥିଲା ସମିଆଁ କେ ଦିପାଲି ଇତାକେ ଅନାଚାର କରସି କାଏଁରେ ?’ ବନ୍ଧୁ ଜନ୍‌କ –‘ଛୁଆଲୋକ୍ ତ’ ବଲି ମଦନ ଆଡେ ଦେଖିଲେ । ମଦନର୍ ଖୁଡ୍ ମାର ମମତା ପ୍ରତି ସନ୍ଦେହ ଜାତ ହେବାର ସଭାବିକ୍ ଆଏ । ଦିପାଲିର ପ୍ରସଂସା କରବାର କି ଦୟା ସ୍ନେହ, ମମତା ର କଥା କହେବାରକେ ଆଉର୍ ତାକର୍‌ପାସେଁ ଭାସା ନିଥିଲା । ବନ୍ଧୁ ଘରୁଁ ଫିର୍‌ଲା ବେଲେଁ ତାକର୍ ହୁରୁଦ୍ ଟା ଗୁଟେ କେନ୍ତା ଗୁଏସ ଗୁନ୍ଦଲ୍ ଲାଗୁଥେ । ଘର୍‌କେ ଗଲେଁ କେନ୍ତା କରି ତାକର୍ ରିସମି କେ ସମ୍ଭାଲିମି ବଲି ମଦନ ଭାବ୍‌ତେଲ ଆସୁଥାନ୍ । ଭାବୁଥାନ୍ ଘରକେ ଗଲେଁ କଲେ

କଥା ଆର୍ କଥାନି

କଲେ ସାଟ୍ ପେଁଟ୍ ପାଲଟି କରି ଘର ଭିତର କେ ଢୁକିଜିମି, ଦିପାଲି ପଚରାଲେଁ ଟାନ କରି କହେମି– 'ମୋର ମୁଡ ବଥଉଛେ, ମୋର ସାଂଗେ ଜହ କଥା ନି ହ । ଖାଏବାର ଲାଗି ଡାକ୍‌ଲେ ମନ୍ ନି ଲାଗବାର କହେମି। ଦିପାଲି ଠିକ୍ ଜାନବା କାଣା ହେଇଛେ ଇତାକର । ସେ ମୋର ଖଟର ଗୋଡ ପାଖେ ବସଲେଁ ଟାଁଚ୍‌ଲା ଭାସାନ ତାର ହୁରୁଦ କେ ଖିନ୍ ଭିନ୍ କରି କଥା କହେମି,ଏନ୍ତା କାନ୍ଦାମି ଜେ ସବୁଦିନର ଲାଗି ମନେରଖିଥିବା। ଫେର ଭାବଲିଁ ଜଦି ସବୁକଥା ହଁସି ହଁସି ମତେ ଗେଲକରି ହୁରୁଦ ଜିତଲା ମିତାର କଥା କହେବା ମୋର ସବୁ ରିସମି ଭାଂଗି ଜିବା କେଁ ?' ନିଜ୍‌କେ ନିଜେ ସମ୍ଭାଲି ନି ପାରୁଛେଁ ଏତକି ଜଲଦି ମୋର ମନ୍ କେନ୍ତା ଦିପାଲି ପ୍ରତି ବଦ୍‌ଲି ଗଲାବଲି ।

ଘରକେ ଅମିର୍‌ଲେ କି ଦିପାଲି କେ ଦେଖିକରି ମଦନର୍ ରିସ୍‌ମି ଟିକେ ଥମିଗଲା। ଘର୍‌କେ ପୁହୁଁଚୁନ୍ ସାଏର ଗୁଲୁ କେ ଦିପାଲି ଦଉଡିକରି ପାଇ କରିପକାଲା ଆଉ ସଉକ୍ କରି କଅଁଲେଇ କରି ପଚ୍‌ରାଲା 'ଆଏଜ୍ ଏତ୍‌କି ବେଲ୍‌ତକ୍ କେନ୍ କେନ୍ ଆଡେ ବୁଲୁଥିଲ ବାବା।' ମଦନର୍ ହୁରୁଦ ଭିତରର ରିସ୍‌ମି ଟିକେ ସମିଆଁ ଥି କାହିଁ ଉଭିଗଲା । ସେ ବଏଲେ ମୁଇଁ ଜେନ୍ ଭାବୁଥେଲି ଦିପାଲି ପ୍ରତି ଭାବନା ସେଟା ଭୁଲ ଥିଲା, ଅନିଏ ଥିଲା । ଗୁଲୁ ଛୋଟ ଛୁଆ, ବନ୍ଧୁଘରେ ତାର ମାଁ କେ ସୋର କରି କାନ୍ଦି ପକେଇଥିବା। ଦିପାଲିର ପ୍ରତି ରିସମି ଟା ଥେବିଗଲା, ଉଲଟିଆ ବଏଲେ 'ଗୁଲୁ ଆଏଜ୍ ମୋର ଅତି ନିଜର୍ ବନ୍ଧୁ ପାଖେ ମୋତେ ହନିସ୍ତା କଲା । ବନ୍ଧୁ ଜନ୍‌କ ତୋର ନୁଆ ମାଁ ତତେ ଭଲ ପାଏସନ କି ନେଇ ବୋ ବାବୁ ବଲି ଗୁଲୁକେ ପଚ୍‌ରେଇଛନ୍ କି କାନ୍ଦି ବସନାଇଁକାଏଁ। ମୋର ମୁହୁଁ ତଲ୍ ହେଇଗଲା। ମୁଇଁ ତ ସପନ ଥିଁ ବି ନି ଭାବି ତୁମେ ତାହାକେ କାଣା କହିଥିବ। ଅନାଥ ଛୁଆ ତାର ଉପରେ ଖୁଡ୍‌ମାଁ ଜଦି ଖରାପ ବେଭାର କଲା ଆଉର୍ କାଣା କହେତିଁ, ଦୁନିଆଁ ଥିଁ ତ ହେଁଟା ଘଟସି ବୋଲି ଭାବିନେଲି ।' ହେଲେ ତାକର୍ କଥା ସୁନିକରି ଦିପାଲିର ମୁହୁଁ ସୁଖିଗଲା । ସେ ଆଁଖିଲ ଭର୍‌ଭର୍ ମୁହୁଁନୁ ବଏଲା 'ଇକଥା ତ ମୁଇଁ ପହେଲା ଦିନୁଁ ଜାନି ସାରିଛେ, ଆଉ ତୁମକୁ ବି କହିଛେ । ଜାହାହେଲେ ବି ମୁଇଁ ଗୁଲୁର ଭିତ୍‌ରେଁ ଥିବାର୍ ତାର୍ ମାର୍ ସେନହୋର୍ ସୁର୍‌ତାକେ ଲିଭେଇ ନି ପାରେଁ। ମୁଇଁ ମୋର ଜିବନର ସବୁ ସେନହୋକେ, ମମତାକେ ତାର୍ ଉପ୍‌ରେଁ ସିନେ ଢାଲିପାର୍‌ମି ହଲେ ମୋର ନାଁ ଥି ଜୁରି ଥିବାର ଖୁଡ୍‌ମାଁ ର କଲାଦାଗକେ ତ ଲିଭେଇ ନାଇପାରେଁ ।' ସଂକର୍ ସଁକି ଗତଲେ । ହାଇହେଇ ମନର୍ ହତାସ୍ ସବୁ ବାହାରି ଆସୁଥାନ। ଦିପାଲିର ବେଭାର ସବୁଦିନର୍ ଲେଖେଁ ଠିକ୍ ଥିଲା। ଟିଖେ ବି ଅଲଗ୍ ପନ୍ ନାଇଁ ଥାଇଁ। ଗୁଲୁର ସେବା ଜତନ୍ ଥିଁ

ଦିନ୍‌ସାରା ରଡିଟାକର୍ ବି ହେଲା ନି କରିଁ । ମାର୍ ମମତା ତାର୍ ହୁରୁଦ୍ ଭିତ୍‌ରେ ଛଲ୍‌କୁ ଥିଲା ସରାବନର୍ ବଡବନ୍ଧର୍ ପାଏନ୍ ଛଲ୍‌କିଲା ମିତାର୍।

ଦିନେ ହେନ୍‌ତା ଅଫିସ ନୁଁ ଆସବାର୍ ସମିଆଁକେ ମଦନ୍ ଦେଖ୍‌ଲେ ଦୁଆରମୁହେଁ ଥାଇକରି ଘର ଭିତର ଆଡେ ମୁହୁଁ କରି ଗୁଲୁ ବସିଛେ।. ମଦନ୍ ଚୁପେଁଚାପ୍ ଜାଇକରି ତାର ଆଏଁଖ ଦୁଇଟାକେ ପଛଆଡୁ ଛାପ୍‌କି ଧଏଲେ । ଚମ୍‌କି ଗଲା ଗୁଲୁ। ତାର ଦୁଇ ଆଏଁଖ ଉଦା ହେଇଗଲା । ଆର ଗାଲ ଭି । ମଦନ ସାଗେଁ ସାଗେଁ ହାତ ଆନି ଆସ୍‌ଲେ । ତାକର୍ ଛାତିକେ ବଢେଟେ ଚଡକ୍ ମାର୍‌ଲା ମେତାର ଲାଗଲା । ଗୁଲୁକେ ଛାତି ଥି ଜାଁକି କରି ପଚରାଲେ –

'ଗୁଲୁ ବେଟା କାଏଁ ହେଲାଜେ କାନ୍ଦୁଛୁ ?'

'ନେଇଁ ତ, ମୁଇଁ ନାଇଁ କାନ୍ଦବାର ।' ବଏଲା ଗୁଲୁ।

'ତୋର ମାଁ ତତେ କାଣା କହେଲା କେଁ ?' ମଦନ ଫେର ଥରେ ତାହାକେ ପଚରନେଲ।

'ନାଇଁ ବାପା, ମୋର ମାଁ ତ ମତେ କେତ୍‌ନି ସଉକ କରସି ।' ସକେଇ ହେଇ କହେଲା ।

ମତେ ବିସାସ୍ ନାଇ ଲାଗଲା । ଫେର ଥରେ ପଚ୍‌ରାଲି,

'ସେ ଜଦ୍‌ରି ଭଲ ପଉଛେ, କେଁ ଜେ ସିନେ ତୁଇ ଲୁକି ଲୁକି କାନ୍ଦୁଛୁ ?
ସେ ଦିନ ବୁଲି ଜାଇଥିଲାଁ, ମୋର ସାଂଗ ଘର୍‌କେ। ସେ ପଚରାଲେ କି
କାନ୍ଦି ବସଲୁ, ସତକହ, ତୁଇଁ ମତେ କାଣା ଲୁକଉଛୁ ?'

'ନେଇ ବାପା ! ମୋର ମାଁ ମତେ ବହୁତ୍ ବହୁତ୍ ସୁକ୍ ପାଏସି । ମୋର ଆଗର ମାଁ ମତେ କେତନିଟେ ଭଲପାଉଥିଲା, ହେଲେ ଛାଡିକରି ପଲେଇଗଲା । ଇ ନୁଆଁ ମାଁ ମୋର ତାରନୁ ଜହ ସଉକ କରୁଛେ। ଇ ମାଁ ଭି ମତେ ଛାଡିକରି ନି ପଲେଇ ଜାଏ ତ ବଲି ମତେ କେଥିନିଟେ ଡର ଲାଗୁଛେ' ବଏଲା ଗୁଲୁ। କହେଲା ବେଲେଁ ମନର୍ ସବୁ ଜାକର୍ କରୁନ୍ ଭାବ୍ ହେଁକିର୍ ସାଗେଁ ଲହ ହେଇ ନିଥିରି ଆସୁଥାଏ ଗୁଲୁର୍।

ପୋର୍ କଥା ସୁନିକରି ମଦନର୍ ଆଁଖୁଁ ଖୁସିର୍ ଲହ ଲହଁପି ଆସୁଥାନ୍ ଅପର୍‌ଜାପତ୍।

ଦେବଗଡ,ଗୁରୁସାହି
ମୋ-୬୩୮ ୧୪୬୫୩୪୦

ଆଁଖଲର୍ ଠିକ୍ନା

ରୋହିତ ପଧାନ୍

ଦୁଇଦିନ୍ ଦୁଇରାଏତ୍ ମରନ୍ ସାଙ୍ଗେ ଲଢେଇ କଲା ଉତାରୁ ଚେତ୍ ଆଏଲା ରଂଜୁର୍ । ଆଏଁଖ୍ ଖୁଲ୍ଲା ବେଲେ ଆସ୍‌ରିଚ୍ ହେଇଗଲା । ମାଆଁର୍ କୁଲେଁ ଗୋଡ୍ ଆରୁ ବାପର୍ କୁଲେ ମୁଡ୍ ରଖିକରି ସୁଇଛେ ଡାକତର୍ ଖାନା ବେଡ୍ ଉପରେ । କାଠର୍ ଦୁଇଟା ପୁତଲା ଲେଖେଁ କାଁଥିନ ଉଧେଇ ହେଇଛନ୍ ମାଁବାପ୍ ଦୁହିଝନ । ସତେ ଜେନ୍ତା ଝିଅର୍ ଜିବନ୍‌ଟା ଫିରେଇ ଦେବାର୍ ଲାଗି ଆଖିର୍ ପାଏନ୍ ଢାଲୁଛନ୍ ମହାପୁରୁର୍ ପାଦେ । ହେଲେ ସେ ପାଏନ୍ ଭି ସରିଗଲାନ । ଉବ୍‌ଜି ଉବ୍‌ଜି କେତେ ବେଲେ କେନ୍ତା ଥପ୍‌ଥପ୍ ଦୁଇ ଥିପା ଥିପି ପଡୁଛେ । ଡେବରି ଗୋଡଟା ଫାଟି ଉଦ୍‌ରି ଜାଉଛେ ବଲି ଟିକେ ଖସ୍‌ରାବାକେ ଚେରେସ୍ଟା କଲା ରଂଜୁ । ସର୍‌ଗୁ ଖସି ପଡଲା ମିତାଲ୍ ଲାଗଲା । ନିଜେ ନିଜକେ ବିସୁଆସ୍ କରି ନାଇଁ ପାରୁଥାଇଁ । ସବୁ ଦିନର୍ ଲାଗି ହଜେଇ ଦେଇଛେ ଗୁଟେ ଗୋଡ୍ । ଦୁଇ ହାତେ ମୁହୁକେ ଛାପ୍‌କି କରିହେକେଇ ହେକେଇ କାନ୍ଦୁଥିଲା ରଂଜୁ । ଆରୁ ସୋର୍ କରୁଥିଲା ସେ ଦିନର୍ କଥା.......ଲୋକ୍ କହେସନ୍ ଲଖିଁ ସର୍‌ସତି ସଉତେନ୍ ଆନ୍ । ଗୁଟେଠାନେ ନାଇଁ ଜୁଟନ୍ । ହେଲେ ଅପୁରୁବ୍ ମିଲନ୍ ହେଇଛନ୍ ରଂଜୁର୍ ଠାନେ । ଦେଖବାର୍‌କେ ଜେନ୍ତା ସୁନ୍ଦର୍, ସେନ୍ତା ଗୁନମତି ବି । କେତେ ଜେ ଲୋକ୍ ବିହାର୍ ପ୍ରସ୍ତାବ ଦଉଛନ୍ ତାର୍ ଠିକନା ନାଇଁ । ବଡ୍ ବଡ୍ ଚାକରିଆ ବି ତାକର୍ ମୁହୁ ନ ହଁ ବଲବାର୍ ପଦ୍‌ଟେ ସୁନ୍‌ବାର୍ ଲାଗି ଟାକି ବସିଛନ୍ । କଲେଜ୍‌ନ କ୍ଲାସ୍ ସାର୍‌ଲା ଉତାରୁ ହାତ ମୁହୁଁ ଧୁଇକରି କମନ୍‌ରୁମ୍‌ନ ବସିଛେ । ବାପା ଫୋନ୍ କରି କହେଲେ, ଜଲ୍‌ଦି ଟିକେ ଆଏବୁତରେ ମାଁ । କିଛି ଅବୁଝା ନାଇଁ ଥାଇଁ ରଂଜୁକେ । ଜରୁର୍ କିଏ ଝନେ ବିହା ବରପନର୍ ଖବର୍ ବାତ୍‌ନି ନେଇ ଆସିଥିବା । ଆଏଜ୍‌କେ ତିନ୍ ବଛର୍ ହେଲାନ ଅନେକ୍ ଥର ସେ ଇ କଥାର୍ ସାମ୍‌ନା କରିଛେ । ହେଲେ କାହାକେ କହେବା କାଁ ବଲି କହେବା ମନର୍ କଥା । କଥାଥିଁ କହେସନ୍, ତଲିଆ ଜିଇଁ କରି ପର୍‌କେ ଆସ୍, ବଡ୍ ଲୁକର୍ ସର୍‌ଗେ ବାସ୍ ଆରୁ ମଝ୍‌ମଝିକିଆର୍ ସରବ୍ ନାସ୍ । ସମାଜ୍‌ଥିଁ ମଝ୍‌ମଝ୍‌କିଆ ଲୁକର୍ ଜିବନ୍‌ଟା ଜେ କେତେ ଦରଦ୍ ଭରା ସେ କଥାଟା ରଂଜୁ ଠାନୁ ଅଧିକା କିହେ ନାଇଁ ବୁଝିଥିବେ ।

ଛଅ ପରାନି କୁଟୁମ୍ । ବାପ୍ କଁଚା ମୁରୁଖ୍ ହେଇଥିଲେ ବି ତାକର୍ ରକ୍‌ତେ

ରକ୍‌ତେ ଭେଦିଥିଲା ପାଠର୍ ମହତ୍ କେତେ । ଭାବିଥିଲେ ପୁଓ ଝି ଲାଏକ୍ ହେଲେ ଧନ୍ ଛଁଚ୍‌ବାର୍ କାଏଁ ଦର୍‌କାର୍ । ଆରୁ ସେଥିର୍ ଲାଗି ସାତ୍ ପୁର୍‌ଖାର୍ ଜମିବାଡି ବିକିକରି ସବୁ ଲଗେଇଦେଲେ ପୋ'ଝିଇର୍ ପାଠ୍ ପଢା ହିତେ । ସପନ୍ ସତ୍ ହେଲା । ବଡ୍ ଝି ରଂଜୁ ଆଏଜକେ ପାଁଚ୍ ବଛର୍ ହେଲା କଲେଜ୍ ନ ଲେକ୍‌ଚରର । ଜିବନ୍ ଗଛର୍ ସାଗୁଆ ଡାଲେଁ ଆସାର୍ କୁଇଲିଟା ଗାଇଦେଲେ ଛନ୍‌କର୍ ଲାଗି ଉଛନ୍ ହେଇଜାଏସି ମନ୍ । ଧାପେ ଧାଇଁ ଜାଏସି ମୁନୁସ୍ । କୁଇଲିର୍ ମଧୁର୍ ସୁରକେ ଗୁଡାତେ ଗୁଡାତେ କେତେ ବେଲେ ପସିଜାଏସି ସର୍‌ଗର୍ ନନ୍ଦନ୍‌କାନନ୍ ଭିତର୍‌କେ ତ ଆରୁ କେତେ ବେଲେ କଁଟାମାଲତିର୍ ଆଘାତ୍‌ଥିଁ ରକତ୍ ସର୍ ସର୍ ହେଇ ହା ହୁତାସ୍ ହେଇଁ ମର୍‌ବାଟା ସାର୍ ହେସି । ତଥାପି ମୁନୁସ୍ ଆସକେ ନାଇଁ ଛାଡେ । ଆସ୍ ତ ମୁନୁସ୍‌କେ ବଫୁ ଦେସି ଆଗ୍‌କେ ଆଗ୍‌କେ ପାହା ପକାବାର୍‌କେ ।

ତିନ୍ ତିନ୍ ଟା ଭାଏ ବୁହେନର୍ ପଢା ଖରଚା,ଦୁଖ୍ ସୁଖ୍, ବେମାର୍ ସେମାର୍ ଘର୍ ଚଲନ୍‌ଥିଁ ଦର୍‌ମା ମୁଠାକ ଇ ମାସ୍‌ନୁ ସେ ମାସ୍‌କେ ପୁହୁଚି ଜାଏସି । ପେଟ୍‌କେ ଭାତ୍‌ମୁଠେ ଆର୍ ଦିହିକେ ଲୁଗା ଖଁଡେକର୍ ଅଭାବ୍ ନାଇଁନ । ବାପ୍ ଝି ଦୁହିଝନ ଟାକି ବସିଛନ୍ ଆର୍ ଗୁଟେ କିଏ ତିରେ ନାରେ ଲାଗିଗଲେ ସବୁ ଅସୁବିଧା ମେଟିଜାଏତା । ରଂଜୁର୍ କମାନିକେ ଛାଡି ଦେଲେ ଆର୍ କାଣା ଅଛେ ଘରେ । ସେଥିର୍ ଲାଗି ବିହା ବରପନର୍ କଥା ପଡ୍‌ଲେ ଭିତ୍‌ରେ ଭିତ୍‌ରେ କାନ୍ଦିପକାସି ରଂଜୁ । ଘାଏ ଘାଏ ତାର୍ ମନ୍ ବି ଘୁରି ଆଏସି ସପନ୍ ରାଏଜୁ । ପୁଓ ଝି ମୁନୁସ୍‌କେ ନେଇ ହଁସିଖୁସିର୍ ସଁସାର ଭିତ୍‌ରେ ପିଇପକାସି ଝଂଝଲେ ସୁଖର୍ ମହୁରସ୍ । ମୁନୁସର୍ ଖଁଡ୍ ମଧୁର୍ କଥା ପଦେ,ତାକର୍ ହାତର୍ କଅଁଲ୍ ଛୁଆଁଥି ଦିହେ ଘୁରଘୁରି ଚଡି ଜାଏସି । ପୁଓ ଝିର୍ ମାଁ ମାଁ ଡାକ୍ ସୁନିକରି ମନ୍‌ଟା ଅନୁଭବ୍ କର୍‌ସି ସରଗର୍ ସୁଖ । ହେଲେ ସତର୍ ଦୁନିଆଁକେ ଫିରି ଆଏଲେ ଜୁଏ ଲାଗି ଯାଏସି ସେ ସପନଥିଁ । ଭାଏବୁହେନ୍ ମାନେ ଜୁଆନ୍ ଜୁଆନ୍ । ବଏସର୍ ମାରେ ମାଁ ବାପର୍ ଅଁଟା ଲେପ୍‌ସି ଗଲାନ । ବଡଖା ଝି, ବାପ୍ ଉତାରୁ ସେ ଜଦି ଘରର୍ ଭାର୍ ନାଇଁ ବୁହିବା କିଏ ଆର୍ ସମ୍‌ଲାବା ଇ କୁଟୁମ୍ ? ନିଜର୍ ଗୁଡେ ନିଜେ ଲାତ୍ ମାରି ଧସକେଇ ଦେସି ସପନର୍ ବାଏଲ୍ ଘର୍‌କେ । ନିଜର୍ ସୁଖକେ ଦେଖବା ବେଲେ ଉହୁଲି ଜିବେ କୁଟୁମ୍ । ଫେର୍ ଘାଏ ପରିବାର୍ ଫିରିଜିବା ସେ ହାତ୍ ପତା ସମିଆକେ ।

କଥା ଆର୍ କଥାନି

ଅଛିଡା ସମିଆର୍ ଧାର୍ ବୁହି ଜାଉଛେ ଆଗକେ ଆଗକେ । ନାଇଁ ଟାକେ କାହାକେ କି ହିସାବ୍ ନାଇଁ ରଖେ କାହାର୍ ଦୁଖର୍ ସୁଖର୍ । ରଂଜୁର୍ ବିହା ବଏସ୍ ଗଡି ଜାଉଛେ । ବାପର୍ ଆଖିଁ ଝୁମରା ନାଇନ । ପଛ୍ ଆଡେ କେତେ ଲୋକ୍ ଫୁସୁର୍ ଫାସର୍ ଟପା ଦାଏକା ମାରସନ୍ । ଝିଅର୍ କମାନି ଖାଏମି ବଲିଁ ଟୁକେଲଟାକେ ବୁଢି କରି ରଖିଦେଲା ବଲିଁ । ବାପର୍ ମନର୍ କଥା ବୁଝି ରଂଜୁ ରୋକ୍ ଠୋକ୍ ଜବାବ୍ ଦେସି, କାଏଁଜେ ଗୋ ବା, ଆମେ ଭୁକେ ସୁସେ ମଲା ବେଲେ ଇ ସମାଜ୍ ତ ଆମକୁ ଆହା ନାଇଁ କରି । ହରେ ଖଙ୍ଗେ ଦୁଖ୍ ସୁଖଥିଁ ତ ମୁଡ୍ ନାଇଁ ଖେଲେଇ । ଆଏଜ୍ ତାର୍ କାଣା ଜାଉଛେ । ଆର୍ ବି ଗୋ ବା,ବାପ୍ ମାଁକେ ପୁସବାର୍ କାଣା ଝିଅର୍ କରତବ୍ ନୁହେସେ ? ଜିବନ୍‌ଥି କେଭେ ବିହା ନାଇଁ ହୁଏ ମୁଇଁ ମୋର୍ ଭାଏ ବୁହେନ୍‌କେ ମୁନୁସଟେ ଲେଖା କରି ସମାଜକେ ଦେଖେଇ ଦେମି, ଟୁକେଲଟେ ବି ଚାହେଲେ କାଣା କରି ପାର୍‌ସି । ବିହାଟା ଜିବନର୍ ସବୁ କିଛି ନୁହେସେ ଗୋ ବା । ମୁନୁସ୍ ଧରମ୍ ଧରି ନୁକୋ ଚାଲି ଚଲନ୍‌ଥିଁ ଚଲି ଜାନ୍‌ଲେ ସେଥି କାଏନ ଜିବନ୍ ସାଫୁଲ୍ ହେସି । ତୁମର୍ ମାନକର୍ ଟଁଟି ମାଡିକରି ମୁଇଁ ଘର୍‌କରିଗଲେ ମୋର୍ ଜିବନଟା କାଣା ସୁଖେ ରହେବା । ଦରକାର୍ ନାଇଁନ ମୋର୍ ସେ ସୁଖ୍ । ଇ ଘର୍‌ଟା ମୋର୍ ବଏକୁଁଠ୍‌ପୁର୍ । ମାଁ ବାପ୍ ମୋର୍ ଦେବି ଦେବ୍‌ତା । ତୁମର୍ ମାନ୍‌କର୍ ସଁସେ ସେନ୍‌ହୋ ମୋର୍ ଲାଗି ମହାପୁରୁର୍ ପର୍‌ସାଦ୍ ଆଏ । ମୋର୍ ଠାନେ ଭରସା ରଖ ଗୋ ବା ତୁମର୍ ମୁଡ୍ କେଭେ ତଲ୍ ନାଇଁ କରେ । ରଂଜୁ ଘାଏ ଘାଏ ଭାବ୍‌ସି ହେ ମହାପୁରୁ ମତେ କାଣିଟେ କି କୁଜିଟେ କରି ଦେଇଥିତୁ ହେଲେ ଲୁକେ ମତେ ବିହା ବରପନ୍ ହେବାକେ ନାଇଁ ସଧାତେ । ଛୁଟି କୁଲି ଝିଟେ ହେଇ ମାଁ ବାପର୍ ସେବା କରି ଜିବନ୍‌ଟା ମୋର୍ କଟି ଜାଇଥିତା ।ମୋର୍ ବିହା ବରପନ୍ ଲାଗି ମାଁ ବାପ୍ କାହାର୍ ଠାନୁ ବିର୍‌ଝା ଖାଇ ନେ ଥିତେ ।

ବାପର୍ ଆଁଖିର୍ ପାଏନ୍ ତରା ତରା ହେଇ ଜାଏସି । ଛୁଆଟେ କାଣା ବୁଝ୍‌ବା ବାପର୍ ମନର୍ କଥା । ବଡ୍‌ଲା ଝି ବାପର୍ ମୁଡେ ଡଙ୍ଗଗର୍‌ଟେ । ମନ୍‌କେ ବରକସ୍ କରି ଭାବ୍‌ସି, ଯାହା ପଛେ ହେଇଯାଉ ଫେର୍ ଘାଏ ପଛେ ଲୁକ୍‌କର୍ ଠାନେ ହାତ୍ ପାତ୍‌ମି,ଭୁତି କରି କୁଟୁମ୍ ପୁସ୍‌ମି ହେଲେ ଝିଅର୍ ଜିବନ୍‌କେ ବର୍‌ବାଦ୍ ନାଇଁ କରେ । ଜରୁର୍ ଇ ବଛର୍ ହାତୁ ଦୁଇହାତ୍ କରିଦେମି । ନୁକୋ ଘର୍ ଚାକରିଆ ପିଲାଟେ ଆଏବାର୍ ଲାଗି ଖବର୍ ଦେଇଛେ ବଲି ରଂଜୁକେ ଫୋନ୍ କରିଛନ୍ ଆଏଜ୍ ।

ସ୍କୁଟି ଧରିକରି ଘର୍ ମୁହାଁ ବାହାରିଲା ରଂଜୁ । ସ୍କୁଟିର୍ ଚକା ମିତାଲ୍ ମୁଡେ

କଥା ଆର୍ କଥାନି

ଘୁରୁଛେ କେତେ ଜେ ଭାବନା । କାଣା କର୍‌ବା ? କାଣା କହି ବାପ୍‌କେ ଆରୁ ବୁଝାବା । ନିଜର୍ ସୁଖର୍ ଲାଗି କୁଟୁମ୍‌କେ କାଣା ଦୁଖର୍ ଦଲ୍‌ଦଲିକେ ପେଲେହିଦେବା । ନାଇଁ ନାଇଁ ସେମାନକୁ ବି ଆଏଜ୍ ରୋଠୋକ୍ ମନା କରିଦେବା । ଧଡାସ୍ କରି ସବଦଟେ ସୁଭଲା ବେଲେ ଗଂଜୁର୍ ଆରୁ ଚେତ୍ ନାଇଁ ଥାଇ । ଏକ୍ସିଡେନ୍ଟ ଏକ୍ସିଡେନ୍ଟ କହି ଜମା ହେଇଗଲେ ଲୋକ୍ । ଆରୁ ଚେତ୍ ଆଏଲା ବେଲେ ନିଜକେ ଦେଖୁଛେ ବାପ୍ ମାଁର୍ କୁଲେ ଡାକତର୍‌ଖାନା ଭିତରେ । କଟା ଗୋଡଟାକେ ସୁଆଁଲି ଆନ୍‌ଲା ହାତେଁ । ହାତ୍ ଜୁଡି ଜୁହାର୍ କଲା ମହାପୁରୁକେ । ଦୁହି ଆଁଖିନୁ ଝର୍ ଝର୍ ଝରିଯାଉଥିଲା ଦୁଇ ଧାର୍ ଆଁଖିଲ୍ ସେଟା ଦୁଖର୍ ଆଏ କି ସୁଖର୍ ତାର୍ ଠିକନା ତାହାକେ ହିଁ ଜନା । ବାପ୍ ମାଁର୍ ମୁହୁକେ ଦେଖି ପାସ୍‌ରି ଦେଲା କଟା ଗୋଡର୍ ଦୁଖ୍ । ସାନ୍ତିର୍ ନିସାସ୍‌ଟେ ମାରି ଫେର୍ ଘାଏ ତାକର୍ କୁଲେଁ ସୁଇକରି ପାଉଥିଲା ସରଗ୍ ସୁଖ ।

------୦-----

କଲଙ୍ଗାପାଲି (ଘେଁସ୍)
ଜିଲ୍ଲା-ବରଗଡ ମୋ.ନଂ-୯୭୭୭୩୨୪୫୭୮

ଓମିକ୍ରିନ

ସିବାସିସ ପାଢି

ଆରୁ ମାସେ ରହେଲା ବଡଖା ନନିର ୍ ବିହା । ହିସାବ କିତାବ୍ ସବୁ ଫେଲ ମାରି ଦେଉତିଲା, ଫେରଭି କାଗଜକଲମ୍ ଧରି ଲାଗି ପଡିଥିଲା ସଦାନନ୍ଦ । ଭୁଜି ଖରଚା ଥି ବେସି ଧନ୍ଦି ହେଇଥିଲା ସେ । ଖାଲି ତ ସିକାର ଲାଗି ଟଂକା ଲାଖେ ଦରକାର ପଡୁଥିଲା । କାଗଜ କହୁଥିଲା ଖାଲି ଛିଇଁ ଛିଇଁ କରଲେ ବି ଗୁହେର ଲାଗିଜିବା । କାଗଜ କଲମ୍ ରଖିକରି ଘାଏ ଗୁମ୍ ମାରି ବସିଗଲା ସଦାନନ୍ଦ । ଟିଭିଟା ଚଲୁଥିଲା । ଟିଭି କହୁଥିଲା ଓମିକ୍ରନ୍ ଭାଏରସ୍ ର କଥା । ଘାଏକର ଲାଗିଁ ଖୁସ ହେଇଗଲା ସେ । ମନେ ମନେ କହୁଥିଲା –ଲୋକକେ ନାଇଁ ମାରୁ ଭଗବାନ, ହେଲେଁ ଇ ବିହା ସିଜନ୍ ମାନକେ ଏନ୍ତାଟା ଗୁଟେ ଗୁଟେ ଆସିକରି ଲକଡାଉନ ଆଉ ସଟଡାଉନ କରୁଥାଉ ।

ହେମଗିର, ସୁନ୍ଦର୍‌ଗଡ ଫୋ-୯୭୭୮୧୭୪୯୭୮

ଅବତାର୍

_ନରେନ୍ଦ୍ର ମହାନ୍ତି_

ଅଠର ଇଂଚିଆ ସାଏକଲ କେ 'ସୁପ୍ରଭା ନର୍ସିଂ ହୋମ୍' ସାମନେ ଗୁଟେ ତରା କେ ଡେରିକରି ଭିତର କେ ଢୁକୁଥିଲା ବୁଠି । ସିକ୍ୟୁରିଟି ଗାର୍ଡ ପଚରାଲା- କେନ ଆଡେ ବବା ! କାଏଁ କାମ୍ ଥିଲା ? ନିଜର ପକେଟ ନୁ ଜରି ପାକେଟ୍‌ଟେ ବାହାର କରି ଇଂଜେକସନ୍ ଗୁଟେ ଦେବାର ଅଛେ ହୋ ବଏଲା ବୁଠି ! ହାତ ଲମେଇ ସିକ୍ୟୁରିଟି ଗାର୍ଡ ବଏଲା –ସିଧା ସେସର ଚେଂବର କେ ଜ ବବା, ହେନ ଦିଦି ଅଛନ୍, ଇଂଜେକସନ ଦେଇଦେବେ । ହଉ ବଲି ବୁଠି ଚପଲ୍ ବାହରେ ରଖି ଚକଚକଉଥିବାର୍ ଚଟାନ୍ ଉପରେ ଲମ୍ବା ପାହା ପକେଇ ଲମିଗଲା ଆଖିର ଚେମ୍ବର କେ । ହେନ ପୁନି ଦିଦି କଏଁଚି, ଇଂଜେକସନ ସିରିଂଜ ସବୁକେ ଗରମ୍ ପାଏନ ଥି ଡବକଉଥାନ୍ । ଆଁଠୁ ତଲ୍‌କେ ନାଇଁ ଅମ୍‌ରୁଥିବାର୍ ଗଁଡା ଧୁତି ପଟେ ଆର୍ ଏଦେ ଚିରେଁ ସେଦେ ଚିରେଁ ହେଉଥିବା ଭାଡିମରା ହାପ୍ କୁର୍ତା ଟେ ପିନ୍ଧିଥିବାର୍ ବୁଠିକେ ଦେଖିକରି କାଏଁ ହେଲା, କାଣା ବଲୁଛ ବଏଲେ ଡିଉଟିନ ଥିବାର୍ ଦିଦି। ବୁଠି ବଏଲା ହଁ ରେ ମାଁ ଇଂଜେକସନ ଗୁଟେ ଦେବାର ଥିଲା ତ ବଲି ଜରି ଧରେଇ ଦେଲା ବୁଠି । ପୁନି ଦିଦି ଡାକ୍ତରକର୍ ପ୍ରେସକ୍ରିପସନ୍ ଦେଖି ମୁଡ୍ ହଲେଇ ପଚାରାଲେ- ଦସ୍ ଟା ଇଂଜେକସନ ଲେଖିଛନ, ରୋଜ ଦୁଇଟା, ବଏଲେ ପାଂଚଦିନ ନେବ । ରୋଜ୍ ଦୁଇ ବେଲା ଆଏବ ! ବୁଠି ହଁସିକରି ବଏଲା ନ ଟା ସରିଗଲାନ ପରେ, ଗୁଟେ ନ ଦେବାର ଅଛେ । ହଉ ସିନେ ସୁଅ ବେଂଚନ ବଏଲେ ପୁନି ଦିଦି ଆର୍ ଇଂଜେକସନ ଦେବାର୍ ସଜ୍‌ବାଜ୍ କଲେ ଆର୍ ବୁଠିକେ ବେଁଚ୍‌ନ ସୁଏକରି ପିଚାନ ଇଂଜେକସନ୍ ଦେଇନେଲେ। ବେଂଚନୁ ଉଠିକରି ବୁଠି ଦିଦିକେ କେତେ ଦେମି ବଏଲା ଜେ ପୁନି ଦିଦି ବଏଲେ ଅଛେ ବଏଲେ ଟଁକା ଦସ୍‌ଟା ଦିଅ ! ବୁଠି ପଚାଟଁକିଟେ ବାହାର କରି ଦେଲା କେ ପୁନି ଦିଦି ବଏଲେ ମୋର ନ ତ ଚେଂଜ

ନାଏନ ! ବୁଠି ହଁସିକରି ବଏଲା କେନ୍ତା ବତରେ ଦେଲୁ ଜେ ଦେଖ୍ ତ ଜନା ନାଇ ପଡଲା ଜେ, ନଅ ଟା ଇଂଜେକସନ ବୁର୍ଲା ହାସପାତାଲ ନ ନେଇଛେଁ, ହେଲେ ସବୁବେଲେ ଛଟ୍‌କି ପଡେ ! ତାର୍ କଥା ସୁନି ଦିଦି ହଁସି ନେଲେ। ବୁଠି ବଏଲା ନାଇଁରେ ମା ସତ୍ କହୁଛେଁ। ଏ ମାଁ ! ରଖିଥା । ଚାହାପିଆ ଆଏ ଭାବବୁ ! କହିକରି ହେନୁ ଫିରିଗଲା ବୁଠି ।

ବୁଠି ନର୍ସିଂ ହୋମର୍ ଗେଟ୍ ବାହାର୍‌କେ ବାହାରି ଜିବାର୍ ବେଲ୍, କାର ଗୁଟେ ଆସି କରି ଅଟ୍‌କିଲା । କାର ଭିତ୍‌ରେ ଥାଇକରି ଡାକ୍ତର ସୁପ୍ରଭା ଦାସ କର୍ ନଜର୍ ବୁଠିର୍ ଉପରେ ପଡିଥିଲାନ। ହେଲେଁ ବୁଠି ତାହାକୁଁ ଉହାଟ୍ ନାଇଁ ପାରିଁ। ସେ ସାଏକଲ୍ ଚଢି ଲମି ଗଲା। ତାହାକେ ପଛଆଡୁ ଘାଏ ଆଏଁଖ ପୁରେଇ ଦେଖିଦେଲେ ସୁପ୍ରଭା ମେଡମ୍ । ଇ ଭିତରେ ସିକ୍ୟୁରିଟି ଗାର୍ଡ ସେଲୁଟ ଟେ ମାରି ଏଟେଚି କେ କାର ଭିତରୁ ବାହାର କରି ଡାକ୍ତରେନ ପଛେ ପଛେ ଲମିଥାଏ । ତାହାକେ ଡାକ୍ତରେନ ପଚରାଲେ ହେ ମାହାତ୍ମା ଜେନ ସାଏକଲେଁ ଗଲେ, କାହିଁ ଆଇଥିଲେ ।

ଇଂଜେକସନ ଦେଇ ହେବାକେ ଆଇଥିଲେ, ମୁଇଁ ଲାସ୍ଟ ଚେଂବର କେ ପଠେଇଦେଲି ବଏଲା ସିକ୍ୟୁରିଟି ଗାର୍ଡ ।

ନିଜର ଚେମ୍ବର କେ ଢୁକି ସାରିଥିଲେନ ଡାକତରେନ୍ । ଚଉକି ଉପରେ ବସି ଗଲେ ସେ। ଏଟେଚି କେ ଟେବୁଲ ଉପରେ ଜେନ୍ତା ସିକ୍ୟୁରିଟି ଗାର୍ଡ ରଖିଛେ ତାହାକେ ବଏଲେ ପୁନି ଦିଦି କେ ଡାକ । ପୁନି ଦିଦି ଆସିକରି ଜୁହାରଟେ କରିଛନ କି ଦିଦିକେ ବଏଲେ ଇହାଦେ ବୁଠିଲୋକ୍ ଗୁଟେ ତୋର୍ ନିକେ ଇଂଜେକସନ ନେଇ ଆଇଥିଲେ କାଏଁ ?

ହଁ ମେଡମ୍ ବଲି ଦିଦି ଡାକତେରେନ୍ ମେଡକର୍ ମୁହୁଁକେ ଦେଖୁଥାନ।

ପଏସାପତର ଦେଲେ ?

ପୁନି ଦିଦି ଥତୋମତୋ ହେଇଗଲେ। ବଏଲେ ହଁ ମେଡମ୍ ।

କେତେ ଦେଲେ ?

ପୁରା ପଚାସ ଟଁକା ।

ଆଛା ଇଂଜେକସନ ଗୁଟେ ଦେବାର୍ କେ ପଚାସ ଟଁକା ! ଡାକ୍ତରେନ ପୁନିର୍ ମୁହୁଁକେ ଏଁଟରେଇକରି ଦେଖୁଥାନ୍।

ଚେଂଜ ନାଇଥାଇଁ। ମୁଇଁ ଡିମାଂଡ ନାଇଁ କରିଁ, ଚାହାପାନି କରବୁ

ବଲିକରି ମତେ ଦେଇଛନ୍ ଥୁକ୍ ଗିଲିକରି ବଏଲେ ପୁନି ଦିଦି । କହେଲା ବେଲେ ଜନା ପଡୁଥାଏ ଡରି ଜାଇଛନ୍ ପୁନି ଦିଦି।

ଆଉର୍ ତୁଇ ରଖି ପକାଲୁ ? ସୁପ୍ରଭା ମେଡମ ବିର୍‌ଝିକରି କହେଲେ।

ଚାଲିସ୍ ଟଁକା ଫିରେଇ ଦେମିଁ ମାଡାମ୍ । ଡରି ସଁକ୍‌ରି କରି କହେଲେ ପୁନି ଦିଦି ।

ଆଛା ! ତାକର ଘର ଦେଖିଛୁ ?

ନାଇ ଦେଖିଁ। ପୁନି ଦିଦି ମୁଡର ବାଲ ଖୁଜେଇ କରି କହେଲେ !

ବଏଲେ କେନ୍ତା ଫିରାବୁ ସେ ?

ଦିଦି ଚୁପ୍ ରହେଲେ। ବଡେ ଭୁଲ୍ ହେଇଗଲା ବଲି ପୁନି ଦିଦି ଥରି ଜାଉଥାନ୍।

ଜା ଜା ତୋର କାମ କର । ବେଲବୁଡେ ମୋର ସାଂଗେ ଜିବୁ । ତାକର ଘରକେ ଜାଇକରି ପୁରା ପଚାସ ଟଁକା ଫିରେଇ ଦେବୁ । ହେଲାତ ! ମୁଲକି ହଁସି ଟେ ଦେଇ ବଏଲେ ମେଡମ୍ ।

ହଁ ମେଡମ୍ । ବଲି ଚେମ୍ବର ନୁ ଫିରି ଆଏଲା ବେଲେଁ ପୁନି ଦିଦି ଝାଲେଁ ଝାଲେଁ ଗାଧି ଜାଇଥାନ୍। ନିଜର ଚେଂବର ନ ଚଉକି ଥି ବସିକରି ଝାଲ କେ ପୁଛିଦେଲେ । ମନେ ମନେ ଭାବଲେ –କିଏ ଇ ବୁଠି ଲୋକ ଟା ! ଦେଖବାକେ ଛୁଛା ଲେବର୍‌ଟେ ବାଗିର୍ ଦିସୁଛେ। କାଏଁଜେ ଏତେ ଉଜନ୍ ଦେଉଛନ ମେଡାମ୍। କଥାକାଣା ? ମୁଇଁ ନାଇ ଦେଖି ହେଲେଁ ମେଡମ୍ ଦେଖିଛନ ତାକର ଘର ! ସବୁ ଠିକ୍ ଜେ ତାର ହେଲେ ଭୁଲ କେନ ରହେଲା, ସେ ତ ତାକର ତାକର ଚାହାପିଆ ବଲିକରି ପଚାସ ଟଁକିଟେ ଦେଇଦେଲେ ! ହଉ, ବେଲବୁଡୁ ଦେଖମା କିଏ ଆନ୍ ଇ ବୁଠି ମହାପୁରୁ ଜେ ବଲି ମନେ ମନେ ବିସମାତ୍ ହେଉଥାନ୍ ପୁନି ଦିଦି।

ହେଦିନ ରାତି ଆଠ ବଜେ ଡାକ୍ତରେନ ମେଡମ ସାଂଗେ ତାକର କାର ଥି ବଘିକରି ପୁନି ଦିଦି ଗଲେ । ସହରତଲିର୍ ଗୁଟେ ଛିଟିଆ ପରା । ପରାର ମୁହୁଁଟା ନ ଜୁନହା ଦୁଇ ମହଲା ଘରଟେ । ପୁରୁନା ହେଲେ ଭି ଖାନଦାନି ଘର୍ ଲେଖେନ୍ ଲାଗୁଛେ । ଘରର କବାଟ ଖୁଲା । ଲାଇଟ ଜଲୁଥାଏ । କାର ଘର ସାମନେ ରହେଲା କି ତାର ଆବାଜ ସୁନିକରି ଘର ଭିତରୁ ଲୁଂଗି ଆଉ ଗେଂଜି ପିନ୍ଧି ସେ ବୁଠି ମହାସଏ ବାହାରି ଆଏଲେ । ଆଉ ଡାକ୍ତରେନ ସୁପ୍ରଭା କେ ଦେଖିକରି ହଁସି ହଁସି କହେଲେ– ହଏରେ ମାଁ ! ତୁଇ ହେଲେ ଇନକେ ଆଏତୁ ! ମତେ ତ ଖବର ଟେ ଦେଇଥିଲେ

ମୁଇଁ ପୁହୁଚି ଜାଇଥିତି । ଗୋଡ୍ ଛିଁକରି ସୁପ୍ରଭା ମେଡମ୍ କହେଲେ-କାକା ! ତମେ ତମର ନର୍ସିଂହୋମ୍ କେ ଗଲ, ହେଟା ଫେର ମତେ ନାଇ ଜନେଇ କି ନାଇ ଭେଟି, ଉଲଟା ପଏସା ଦେଇ ଇଂଜେକସନ ଟେ ଦେଇହେଇ ଫିରି ଆଏଲ । ମତେ ଭେଟବାର କେ ଭି ଉଚିତ ନାଇ ଭାବଲା ।

ଓ ହୋ, ଇ ସୁରସୋ ଏଡେ କଥାକେ ତାଲ ବନଉଛୁ ! ଆ ତ ଭିତର କେ ଆ ! ଏ ବୁଇ ତମେ ଭି ଆସ । ଭିତର କେ ଢୁକିଗଲେ । ଡ୍ରଇଂରୁମ୍ ନ ଡାକ୍ତରେନ ବସଲେ, ପୁନି ଠିଆ ହେଲାକେ ତାର ହାତ କେ ଧରିକରି ବୁଠି କହେଲେ- ଏ ମାଁ ତୁଇ ଆ ତ ବଲି ରନ୍ଧାଘରକେ ଡାକିନେଇଗଲେ । ହେନ ପୁନି ଦିଦିକେ ତତେ ତ ଚାହା ବନେଇ ଆଉଥିବା ବଏଲେ ବୁଠି ବବା ।

ହଁ ଗୋ ବଏଲେ ପୁନି ଦିଦି କି ବୁଠି ବଏଲା ବନା ବନା, ଫ୍ରିଜ ନ ଗୁରସ ଅଛେ । ହେ ଥାକେ ଚାହା ଚିନି ସବୁ ଅଛେ । ହଁ ମୁଇଁ ଜଲଖିଆ ଟିକେ ବେବସ୍ଥା କରୁଛେଁ । ଡାକ୍ତରେନ ପଛେ ପଛେ ହାଜର । ବଏଲେ କାକା ତମେ ଜ ବଏଠକ ଘରେ ବସ । ବୁଠି ମହାସଏ ମୁଡର ବାଲ ଖୁଜେଇ ଖୁଜେଇ ଫିରିଗଲେ ବଏଠକ ଘରକେ ।

ଡାକ୍ତରେନ ପୁନି କେ ବଏଲେ କିଏ ଜେ ଚିନହଲୁ ଭାଏଲ୍ !

ନାଇ ମେଡମ୍ ! ବଏଲେ ସୁନ୍ ।

ଆଝିର୍ ଜେନ ନର୍ସିଂ ହୋମ୍ ନ ମୁଇଁ ଥାଟ୍ ଥି ବସିଛେ, ହେଥିର ଅସଲ ମାଲିକ୍ ଇ ବୁଠି ମହାସଏ ଆନ୍ । ପୁନି କାବା ହେଇକରି ଡାକ୍ତରେନ କେ ଦେଖୁଥିଲେ । ସୁପ୍ରଭା ମେଡମ୍ ବଏଲେ ମୁଇଁ ଡାକ୍ତରି ପଢି ସାରଲା କି ଡାକ୍ତର ସୁରଂଗ ସାଂଗେ ମୋର ବିହା ହେଲା । ଦୁହେଁ ବିଚାର କଲୁଁ ସରକାରି ନଉକୁରି ନାଇକରିକ୍ରି ଗୁଟେ ନର୍ସିଂହୋମ ଖୁଲମାଁ । ହେନ ଗରିବ ଦୁଖିକର ବିନ୍ ପଏସା ଥି ସେବା କରମାଁ ଆଉ ପଏସା ବାଲାକର ନୁଁ ଜେନଟା ନେବାର କଥା ନେମାଁ ! ପୁନି ବୁଝଲୁ ! ବଡ୍ ବଡ୍ ମାରବାଡି ବେବସାଇ ଲାଗିଥିଲେ, ରୋଡ ସାଇଡ ଜାଗା, ଇନ ଦୁକାନ, ଗୁଦାମ ଘର ସବୁ ଚଲବା । ଜାହା ଲାଗବା ନେ । ହେଲେ ଠିକ୍ ସମିଆଁ କେ ବୁଠି ମହାସଏ ନିକେ ଆମେ ଦୁହେଁ ପୁହୁଁଚିଗଲୁ । ସେ ସବୁ ସୁନିକରି କହେଲେ ଗୁଟେ ସରତ ଥି ମୁଇଁ ଜାଗା ଦେମିଁ ! ଆମେ ଦୁହେଁ ଆଁ ଫାରିକରି ତାହାକୁ ଦେଖଲୁଁ କାଣା କହେବେ ବଲିକରି । ସେ ହଁସି ହଁସି କହେଲେ-ଜମି ରେଜେସ୍ଟ୍ରି ହେବା, ହେଲେ ତାର ଦାମ୍ ବଜାର ରେଟ୍ ନୁ କମ୍, ମାନେ ତମର୍ ଜେତେ ସକ୍ତି ହେତେ

ଦେବ । ମୁଇଁ ଆଉ ସୁରଂଗ ଆଁ ଫାରିକରି ସୁନଲୁ । ବୁଠି ମହାସଏ କହେଲେ ହେ ଗରିବ ଲୋକଂକର ସେବା ଜାରି ରହେବା ସବୁଦିନ ତ ! ଆମେ ଦୁହେଁ ମୁଡ ହଲେଇ ହଁ କଲୁଁ । ବଏଲେ ଚାଲ ସିନେ ଆଏଜ୍ ଏକା ରେଜେସ୍ଟ୍ରି କରିଦେମାଁ ! ମୁଇଁ କହେଲି, ହେତେ ଟଁକା ନାଏନ । ବୁଠି ମହାସଏ କହେଲେ ହେ ସବୁ ମୋର ଉପରେ ଛାଡିଦିଅ ।

ହେନ୍ତା ହେଲା । ରେଜେଷ୍ଟି ହେଲା, ରେଜେଷ୍ଟି ଅଫିସର ପଚରାଲେ – ଜମି ବାବଦେ ସବୁ ଟଂକା ଦେଇଛ ? ଆମେ ଦୁହେ ମୁଡ୍ ହଲେଇ ହଁ କଲୁଁ , ବୁଠି ମହାସଏ କହେବାର ହିସାବେ । ଆଉ ଜେତବେଲେ ରେଜେଷ୍ଟି ଅଫିସର୍ ବୁଠି ମହାସଏ କେ ପଚରାଲେ ସବୁ ଟଁକା ନେଇଛ ? ହଁ ହଁ ସବୁ ଟଁକା ପାଇଛେଁ ହଜୁର ସେ ମୁଡ୍ ହଲେଇ କହେଲେ । ଆମେ ଦୁହେଁ କାବା ! ଜମି ରେଜେଷ୍ଟି ହେଇଗଲା । ତାର ଉତାରୁ ଜେନ୍ ନର୍ସିଂ ହୋମ ହେଲା ସୁରୁନୁ ଆଖିର ତକ୍ ରୋଜ ସାଏକଲେ ଆସି ଦେଖଭାଲ କରୁଥିଲେ ଇ ବୁଠି ମହାସଏ । ଆଉର୍ ହେ ମହାସଏ ହେ ଦିନୁ ଆମର ଦୁହିକର୍ ପ୍ରିୟ କାକା ହେଇଗଲେ ।

ଇ ଭିତରେ ଜୁଆନ ପିଲାଟେ ଆସିକରି ସୁପ୍ରଭା ମେଡମ୍‌ଂକର ଗୋଡ୍ ଛିଁ ଜୁହାର କଲା କେ ସୁପ୍ରଭା ମେଡମ୍ ପଚରାଲେ ଆଉ ତୋର ପାଠପଢା ସରଲା ନ କାଏଁ ବୋ ନକୁଲ । ସେ ପିଲା ବଏଲା ହଁ ନାନି ! ପଢା ସରି ନଉକୁରି ଭି ପାଏଲିନ ! ଖୁସ ହେଇକରି ସୁପ୍ରଭା ମେଡମ୍ ପଚରାଲେ କେନ ? ମୁଡର ବାଲ ଖୁଜେଇ ନକୁଲ କହେଲା–ଜିଲ୍ଲା ଜଜ୍ କଂର ଅଫିସ ନ କିରାନି ନଉକୁରି ନାନି ! କେନ୍ ସହରେ ବୋ ! ମେଡମ ପଚରାଲା କେ ନକୁଲ କହେଲା–ଇ ଆମର ବରଗଡେ ଏକା ! ବଏଲେ ତ ତୋର ବିହା ବରପନ୍ ଟେ କରିଦେଲେ କାମ୍ ପଟଲା । କାକା ଆଉ କେତେଦିନ ତକ୍ ରନ୍ଧାବଢା କରି ତୋର ଦେଖଭାଲ କରୁଥିବେ ରେ ଭାଏ ! ଲାଜେ ହେଇକରି ନକୁଲ ହେନୁ ବାହାରକେ ଭାଗିଗଲା । ଇ ବାବୁ କିଏ –ପୁନି ଦିଦି ଚାହା ବନଉଥାନ ଆଉର୍ ପଚରାଲା କେ ମେଡମ କହେଲେ–ଇତାର ଲମ୍ବା ଷ୍ଟୋରି ଅଛେ, ବାଟେ କହେମିଁ ! ବୁଠି ମହାସଏ ଡାକ୍ ଦେଲେ–ଏ ମା ! ବାହାର କେ ଆସ ତ । ଜଲଖିଆ ଟିକେ ଖାଏବ । ସୁପ୍ରଭା ମେଡମ୍ କେ ପୁନି ଦିଦି କହେଲେ–ଆପଣ ଜାଉନ, ମୁଇଁ ଚାହା ନେଇକରି ଆଉଛେଁ !

ବଏଠକ୍ ଘରେ ସୋଫା ସେଟ୍ ନ ବସିକରି ସୁପ୍ରଭା ମେଡମ୍, ପୁନି ଦିଦି, ବୁଠି କାକା ଆଉ ନକୁଲ ଜଲଖିଆ ଖାଉଥାନ । ମେଡମ୍ କହେଲେ–ଇଟା ନକୁଲର

ନଉକୁରି ପାଏବାର ଖୁସି ଥି ମିଠା କାଏଁ କାକା ! ହଁସିକରି ବୁଢି କାକା କହେଲେ ଦେଖ୍ତ ବେଟା ! ମୁଇଁ ଖବର ଦେମିଁ ବଏଲି ଆଉର୍ ତତେ ନାଇ କହିନ ଜେ !

କିଛି କଥା ନାଇଁ କାକା ! ମେଡମ୍ ଫେର୍ ବଏଲେ ମୋର କଥା ମାନ୍‌ବ ବଏଲେ ନକୁଲ କେ ବିହା କରିଦିଅ କାକା । ତମେ ଆଉ କେତେଦିନ ରନ୍ଧାବଢା କରୁଥିବ । ଭୁଆସେନଟେ ଆଏଲେ ଘର ସମଲାଭା ନ !

ମୋର ମୁହଁର କଥା ଛିନି ନେଲୁ ରେ ମାଁ ! କଥା ପକାଲୁ ନ ବଏଲେ ଇଟା ତୋର କାମ୍ ରେ ମାଁ , ତୋର ଭାଏର ଲାଗି ଟୁକେଲ ଗୁଟେ ତୁଇ ଏକା ଠିକ୍ କର ନ !

ହଉ, ବଲି ମେଡମ ମୁଡ ହଲେଇ ହଁ କଲେ ଆଉର୍ ଠାରିଦେଲା କେ ପୁନି ଦିଦି ତାକର ପର୍ସ ନୁ ପଚାସ ଟଁକିଟେ ବାହାର କରି ପୁନି ଦିଦି ବୁଢିକେ ବଏଲେ ଭୁଲ ହେଇଗଲା, ଆପଣଂକୁ ଚିନହି ନାଇ ପାରଲି, ରଖୁନ ଇ ଟଁକା । ବୁଢି କାକା ହଁସି କରି କହେଲେ-ତତେ ଚାହାପିଆ ପରେ ଦେଇଛେଁ ରେ ମାଁ ! ହେଟା ତୋର ନ ଥାଉ ବେଟା ! ଆଗକେ ତୋର ନ କେତେ କାମ୍ ପଡବା, ଦେଖବୁ ଟଁକା କାଣା ଫିରାବୁ ଉଲଟା କହେବୁ ଦିଅ ଦିଅ । ସଭେ ହଁସଲେ । ଜଲଖିଆ ଖାଇ ସାରଲା ଉତାରୁ ବଟେଇ ଦେଲାବେଲେଁ ବୁଢି କାକା ସୁପ୍ରଭା ମେଡମ୍‌କର୍ କାନେଁ କଲେ କଲେ କାଣା ଦୁଇପଦ୍ କହିଦେଲେ !

କାର ଥି ଫିରି ଆଏଲେ ସୁପ୍ରଭା ମେଡମ ପୁନି ଦିଦି ସାଂଗେ । ବାଟେ ପୁନି ଦିଦି ସୋରକରେଇ ଦେଲେ -ମେଡମ୍ ନକୁଲ ବାବୁ ଉପରେ କାଣା କହେମିଁ ବଲୁଥିଲେ ଜେ ! ନିସାସ ଟେ ଛାଡିକରି କହେଲେ ମେଡମ୍, ବୁଝଲୁ ପୁନି ! ଇ ବୁଢି କାକା ଆମ୍ ଜନତା ନୁହନ, ଗୁଟେ ଅବତାର ଆନ୍ । କେନ୍ତା –ପୁନି ପଚରାଲାକେ ମେଡମ୍ କହେଲେ-ଆମର ନର୍ସିଂ ହୋମ୍ ହେଟା ବନା ସରିଥାଏ । ପେସେଂଟ ଗୁଟେ ରାତି ବାରବଜେ ଆଏଲା । କଲେଜ ପଢୁଆ ଟୁକେଲ ଟେ । ତାକେ କାର ଥି ଦୁଇଟା ପିଲା ଆନିଥିଲେ । ଏଡମିଟ କରି ସାରଲା ଉତାରୁ ଆଉ ସେମାନକର ଦେଖା ନାଇ ମିଲଲା । ପଛେ ଜନାପଡଲା ଯେ ସେ କଲେଜ ପଢୁଆ ଟୁକେଲ ର ନା ସୁକାନ୍ତି ! ସଥେ ସୁନ୍ଦର ଟୁକେଲ ଟେ । ହେଲେ କାହାକେ ଭଲ ପାଉଥିଲା କଏଁଜେ ପ୍ରେଗନେଂଟ ହେଇଗଲା । ଚେକ୍ କଲାକେ ଦେଖଲି ଚାଏର ସରି ପାଁଚ ମାସ ଚାଲୁଥାଏ । ଆଉ ଏବରସନ କରି ନାଇ ହୁଏ । କାଣା କରାଯିବା ? ଚିନ୍ତା ଥି ଥାଏଁ ଆଉ ବୁଢି କାକା କହେଲେ-ହେ ଛୁଆ କେ ମତେ ଦେବୁରେ ମାଁ । ମୋର ତ କୁଟୁମ ବାଟମ କିଛି

ନାଏନ, ଚିନ୍ହା ରହେବା ! ଆମେ ଦୁହେଁ କାବା ହେଇଗଲୁ । ବୁଠିକାକା କହେଲେ- ହେଲେ ଇ କଥା ଗୁପତ ରହେବା । କାହାକେ ନାଇ କହେବ । ଆମେ ବୁଠିକାକାର କଥା ରଖିକରି ସୁକାନ୍ତି ର ଜତନ୍ ପାତନ୍ ନେଇ ରଖଲୁଁ ଆଉ ସହି ସମିଆଁ କେ ଡେଲିଭରି କରାଲୁ । ପୋ ଟେ ଜନମ୍ ହେଲା । ଛୁଆ ଆଉ ମାଁ କେ ରାତି ରାଏତ କାର ଥି ଛାଡି ଆଏଲୁ ବୁଠି କାକାର ଘରେ । ଏକଟିକିଆ ଘର୍ । ଏଭେ ସିନା ବସ୍ତି ହେଇଗଲାନ । ହେନ ସୁକାନ୍ତି ଆଉ ତାର ପୋ ରହେଲେ । ବୁଠି କାକା ଦୁଇ ଝନକୁ ଅପନେଇ ନେଲେ । ହେ ସୁକାନ୍ତିର ପୋ ହିଁ ନକୁଲ । ଆଉ ସୁକାନ୍ତି ? ପୁନି ଦିଦି ପଚରାଲା କେ ସୁପ୍ରଭା ମେଡମ କହେଲେ-ଛୁଆ ଟିକେ ବଡ ହେଲାକେ ଜେନ ପିଲା ଭଲ ପାଉଥିଲା ସୁକାନ୍ତି କେ ସେ ଫେର ଲୁକାଚୁରା ଭେଟ ପଡି ବସଲା । ଦିନେ ବୁଠି କାକା ଦେଖଲେ ଛୁଆ କାନ୍ଦୁଛେ, ହେଲେ ମା ତାର ଜାଗାନ ନାଏନ । ଚିଠି ଗୁଟେ ଲେଖିଦେଇଥାଏ । ଆଜିଠାନୁ ମୁଇଁ ତମର ଲାଗି ମରିଗଲି । ମତେ ମାଫ୍ କରିଦେବ ଆଉ କେଭେ ସୋର ନାଇ କରବ । ନକୁଲ ତମର ପୋ । ମୋର କିଛି ଅଧିକାର ନାଏନ ତାର ଉପରେ । ବାସ୍ । ହେ ଦିନୁଁ ନକୁଲ ର ମା ଆଉ ବୁଆ ଦୁଇଟା ବୁଠି କାକା । କାର ନର୍ସିଂ ହୋମ୍ ନ ପୁହୁଁଚି ସାରିଥିଲାନ । ଚେଂବର ଭିତରେ ମେଡମ୍ ବସଲେ । ପୁନି ଦିଦି ଲେବର ରୁମ୍ କେ ଜାଉଥାନ୍ । ହାତ ଧରି ଅଟକେଇ ଦେଲେ ମେଡମ୍ । କହେଲେ

ତତେ କଥାଟେ କହେବାର ଥିଲା ।

କହୁନ ମେଡମ୍ ବଏଲେ ପୁନି ଦିଦି ।

ଜାନିଛୁ , ଇଂଜେକସନ୍ ନେଇ ଆଏବାର ଟା ଗୁଟେ ସଂଜୋଗ୍ ଆଏ । ଅସଲ ଥି ତତେ ଦେଖଲା ବେଲୁ ବହ କରବାର କେ ବୁଠିକାକା ଠାନି ନେଇଛନ । କହେଲେ ମେଡମ୍ ।

ଆପଣ କେନ୍ତା ଜାନଲେ ! ପୁନି ଦିଦି କାବା ହେଇକରି ପଚରାଲେ ।

କାକା ମତେ ସବୁକଥା କହିଦେଲେନ । ବାକି ତୋର ଇଚ୍ଛା ବିରୁଦ୍ଧ ଥି କିଛି ଭି ନାଇ ହୁଏ । ତୁଇ ହଁ ବଏଲେ କଥା ଆଗକେ ବଢାମା, ଆଉ ନାଇ ବଏଲେ କଥା ଇନ ରହେଲା ବହେଲେ ମେଡମ ।

ମୁଇଁ ଅନାଥ ! ମୋର ଜାତି ପାତି ଜନା ନାଇଁ ! ଆପଣ ପରେ କସ୍ତୁରବା ଆସ୍ରମ ନୁଁ ମତେ ଆନିଥିଲେ । ମୋର ମା, ବା ସବୁ ଆପଣ । ଆପଣ ଜାହା ଭାବବେ ମୋର ମଂଗଲ ଲାଗି ହିଁ ଭାବବେ । ବଏଲେ ପୁନି ଦିଦି ।

ଫିରବି ମୁଇଁ ତତେ ହପତେ ଟାଇମ ଦେଲି । ଭାବି ଚିନ୍ତି କହେବୁ ବଏଲେ ମେଡମ୍।

ମୁଡ୍ ହଲେଇ ପୁନି ଦିଦି ଲେବର ରୁମ୍ କେ ଫିରିଗଲେ । ଗଲାବେଲେ ଭାବୁଥାନ, ବୁଠି କି ବାମନ! ହଁ ହଁ ବାମନ! ମାହାପୁରୁ ଜେନ୍ତା ବାମନ ଅବତାର ନେଇକରି ଜନକଲ୍ୟାଣ ଥି ଲାଗି ପଡଲେ, ଇ ବୁଠି ମହାସଏ ହେନ୍ତା ଜଗତ ଉଦ୍ଧାର ଥି ଲାଗିପଡିଛନ ବାମନ୍ ଅବତାର୍ ହେଇ। ନାଇ ତ ଇ କଲିଜୁଗେଁ କିଏ କାହାର ! ପୁନି ଦିଦିର୍ ମନ୍ ଭିତରେ ବାମନ ଅବତାର ଧାରି ବୁଠି କାକା ଆଉ ସୁପ୍ରଭା ମେଡମ ସମ୍ମାନ ର ଜାଗା ଆବରି ସାରିଥିଲେନ । ଆଉ ଗୁଟେ ଜାଗା ହୁରୁଦ୍ ଭିତରେ ଖାଲିଥିଲା, ଜେନଟା ନକୁଲ କେ ଦେଖଲା ବେଲୁ ସଁପି ସାରିଥିଲେନ ପୁନି ଦିଦି।

-୦-

ସୋଭାରାମ୍ ସଦନ,
ନିଗମାନନ୍ଦ ବିହାର, ବରଗଡ ୭୬୮୦୨୮,
ଫୋ-୯୯୩୮୧୧୭୧୯୮

ହେପି ଫାଦର୍ସ ଡେ

ପରମେଶ୍ୱର୍ ବିସି

ଗୁଟେ ହାଏ ପ୍ରୋଫାଇଲ ହଟେଲ ନ ମନିସ୍ ତାର ବା ସାଂଗେ ବସି ଖାଇ ଖାଇ ସେଲଫି ନେଉଥିଲା ଆର୍ ଫେସବୁକ୍ ଥି ପୋସ୍ଟ କରି ହେଡିଂ ଲେଖୁଥିଲା – Love you papa, the best father of the wold –.ସମିଆଁ ବହଁକି ଜାଉଥିଲା ବଲି ବା କହେଲେ , ବାବୁ କାମ୍ ସରଲା ବେଲେ ଜିମି ନ କାଏଁ – ଟେଂପୋ ବାଲା ହରବରଉଛେ । ଆର୍ ବି ଗୁଟେ କଥା ଜହ ଉଛୁରୁ ହେଲେ ବୃଦ୍ଧାସ୍ରମ୍ ର ଗେଟ୍ ବି ବନ୍ଦ କରିଦେବେ । ଜିବାର ଅସବିଧା ହେବା । ଫେସବୁକ୍ ଥି ହଁସି ହଁସି ମନିସ୍ ରିପ୍ଲାଏ ଲେଖି କହେଲା–ହଁ ତମେ ଏତକର ଗଲେ ବି ଚଲବା ବା!

କନସିଂଘା, ପଦମପୁର
ମୋ ୯୭୭୮୧୭୪୯୭୮

ମାହାଜନ୍

ଭୁମିସୁତା ସାହୁ

ଗାଁର ମାହାଜନ ରାମେସର ପଧାନ । ତାକର ଘରେଁ ଧନ କୁହିବିଲି ଜାଉଛେ । ପୁଓ ଝି ଦୁଇଟା । ତାକର କନିଆଁ ବଡେ ଘରର ଝି । ରାମେସର ବାବୁ ଚାଲି ଜାଉଥିଲେଁ ଗାଁ ର ଧୁଏଲ ମେଟ ଗଛର ପତର କାବା ହେଇ ଦେଖସନ । ବାପରେ ମୁନୁସ, କେହନି ଥିର ଅଭାବ ନେଇଁ! ସଏଦ୍ ମାହାଲକ୍ଷ୍ମି ତ ତାର ଘରେଁ ବିଜେ କରିଛନ । ପୁଓ ଝି ବନେ ପାଠ ପଢସନ । ଇସକୁଲେଁ ଏକ ନମ୍ବର । କେନସି କିଲାସେ ଫେଲ ନେଇଁ ।

ରାମେସର ପଧାନ ଛାତି ଫୁଲେଇ କରି ମେଛା ମୁଡିକାରି ସମକରର ଆଗାଡେ ପୁଓ ମୋର ଇଂଜିନିଅର ହେବା, ଝି ମୋର ହେବା ଡାକ୍ତରିଏନ ଦିଂଗ ମାରସନ ।

ରାମେସର ମାହାଜନର୍ କଥା ସତକେ ସତ ହେଲା । ପୁଓ ଇଂଜିନିଅର ବନଲା ଆରୁ ଝି ଡାକ୍ତର । ଦିନର ଭାବନା ରାତିର ସପନ୍ ସତ୍ ହେଲା । ଇଂଜିନିଅର ବାବୁ ଗାଁ ଛାଡି କରି ପଲାଲେ ବେଂଗଲୋର ଆଉ ଝି ବିହାହେଲା ଦିଲ୍ଲି ନ । ସେ ସେଠାନେ ଡାକ୍ତରି କରୁଛେ । ଗୋଡ ତଲେଁ ନି ଲାଗବାର ରାମେସର ବାବୁର ।

ବଲ୍ ଥିଲା ବଫୁ ଥିଲା । ଘରେଁ ଧନ୍ ଦରବ୍ ଭରିଥିଲା । ତାର ତାର ଉପରେଁ ବିଲଡିଂଗ ହେଉଥିଲା । ଘରୁଁ ପାଏଖାନା ତକ୍ ମାରବଲ । ବାଟ୍ ମୁହେଁ ଦୁଇ ଦୁଇଟା କାର ଖାଡା ହେଇଛେ । ହେଲେଁ ସେ ଘରେଁ ମୁନୁସ କେତେଟା ? ସବୁ ହେଇ ଦୁଇଝନ । ରାମେସର ଆରୁ ତାକର କନିଆଁ

ଏଭେ ଏଭେ ରାମେସର ବାବୁର ବିପ ଅରି୍ ସୁଗର୍ ବନେ ବଢି ଜେଇଛେ । ତାକର କନିଆଁ ଜସୋଦା କେ କାଣା ହେଇଛେ ଜେ ଅଠୁକନୁ ଗୁଥୁଛନ ଖଟ । ସ୍କ୍ରିନ ଟଚ ମୋବାଇଲ ଥି ଫୁନ କରୁଛନ ଇଂଜିନଅର ପୁଓ ନିକେ, ଡାକ୍ତର ଝି ନିକେ । ନମ୍ବର ଠିକ୍ ଜାଁକଲେ ଘଲେ କେତେବେଲେଁ କଟିଜଉଛେ । କେତେବେଲେ ବିଜି ବତଉଛେ । କେତେବେଲେ ଫେର ରଂଗନମ୍ବର ବଲି ସୁଭୁଛେ ।

ମାହାଁ ଅଡୁଆ ହେଲା । ରାମେସର ଦିନେ ସରଲି ପଡଲେ ପାଏଖାନା ନ । ଲସର ଫସର ହେଇକରି ଜସୋଦା ନରଦିଲେ । ରାମେସର ବାବୁର ମୁଡ ପିଟି

ହେଇଥେ କାଁଥିନ । ଜସୋଦା ହେଡେଜାବର ମୁନୁସକେ କେନ ପାରତେ ଉଠେଇ। ଧଁ ରେ ଧଁ ରେ ବଏଲେ । ଦଉଡି ଆଏଲା ତାକର ଘର ପାଖର କଏରୁ ଭୁଏ । ଦୁଇଝନ ଡାକ୍ତରଖାନା କେ ନେଲେ । ଭରତି କଲେ। ପନ୍ଦର ଦିନ ଉତାରୁଁ ବନେ ହେଇକରିଁ ଘରକେ ଫିରଲେ। ।

ତେତ୍‌କର ଜସୋଦାର ପାଲି । ଧଏଲା କାଏଁ ଜର୍ ଜେ କେଭେ ନି ଛାଡଲାନ । କିଏ ରାନ୍ଧବା ? ଖାଏବେ କାଣା ? ରନ୍ଧା ଘରକେ ତ ନଉକରଚାକର କାହାକେ ପସି ନି ଦିଅନ । କାହାରିର ଛିଲା ତୁଲଲା ଟା ଖାଁତ ନେଇଁ । ବଡେ ବେଚ୍ କରସନ । କଏରୁର କନିଆଁ ମନ୍ଦୋଦରି ଆଏଲା । ଭାତ୍ ଦେଲ ଟିକେ ରାନ୍ଧଲା । ଗୁରୁ ଗୁରୁ ଗୁରୁ କହି ଖୁଏଇ ଦେଲା ଜସୋଦା କେ । ଦେଖିକରି ଦରୋ ଦରୋ କାନ୍ଦିପକାଲେ ରାମେସର ବାବୁ । ଜସୋଦାର ଆଖିଁ ପାଏନ ଭରିଗଲା ।

କଏରୁ ଚମ୍‌କି ପଡଲା । ମହାଜନ୍ ବାବୁ କାନ୍ଦୁଛ କାଁକରି ? ପଚରାଲା କଏରୁ।

ରାମେସର ବାବୁ କଏରୁର ହାତ କେ ଧରି ପକେଇ ବଏଲେ – ମାହାଜନ୍ ମୁଇଁ ନୁହେସେ ରେ କଏରୁ ତୁଇଁ ଅଉ । ବଡେ ଘରେଁ ରହେଲେଁ କିହେ ବଡେ ଲୋକ ନି ହଏ । ଛେଁନ ଘରେ ରହେଲା ଲୋକ୍ ଘଲେ ମହାନ୍ ଥିସନ । ଦେଖ୍ ତୋର ଘରେଁ ତୋର ପୁଓବହ ନାତି ନାତେନ ଭରିଛନ । ହଁସି ଉଠୁଛେ ତୋର ଘର। ଝି ତୋର ଖଟୁଛେ ଗାଁ ତଲେଁ । ଖୁଁ କଲେ ଧେଇଁ ଅଉଛେ ତୋର ନିକେ । ଦସରା ମାସେଁ ଝି ଜୁଏଁ, ନାତି ନାତେନ ତୋର ଘରେଁ ଘରେ ସଭେ ଜମୁଛନ । ସନିମେଲା ବଢାଲେଁ ପରେ ବୋ ତୋର ଘର ଦୁଲକି ଜାଉଛେ। କୁନୁଆକମ୍ ବନ୍ଧୁବାନ୍ଧବ ଥି ଭରି ଜାଉଛେ ତୋର ଘର । ନାଇଁ ଦେଖୁଛୁ ମୁଇଁ କେତେ ଗରିବ ଜେ, ତୋର୍ ଆହାଲାଦେ ଆମେ ଦୁହି ଝନ ବଁଚିଛୁ। ତୋର୍ ଇ ମାଥିବରି ସାମନାନ ମୋର୍ ମାହାଜନିର୍ ପଏସାକର୍ ମୁଲ୍ ନାଇଁ।

ଘାଏ ତୁନ୍ ପଡ୍‌ଲେ ରମେସ ବାବୁ। ଆଁଖିର୍ ଲହ ପୁଛିକରି ବଏଲେ ଅସଲ୍ ମାହାଜନ ତ ତୁଇଁ ଆଉ ବୋ କଏରୁ ।

ରୁହୁନିଆ, ବରଗଡ

ସ୍ମରଣ୍

ସେସଦେବ ଭୋଇ

ବିରବାବୁ ରିଟାଏଡ କଲେ ଚାକିରି ନୁଁ। କ୍ଲର୍କ ହେଇ ଚାକିରି ସୁରୁ କରିଥିଲେ, ହେଡକ୍ଲାର୍କ ହେଇ ଚାକିରି ସରାଲେ । ବାବୁ ପଢି ସାରିଥଲା, ବାପ ପୁଓ ଗାଁ କେ ଗଲେ। ବାପ ମାଁ ତ ନାଇଁ ଥାଇ, କାକା ଥିଲେ । ଆଗରୁ ଜା ଆସ ଚାଲିଥିଲା ଗାଁ କେ। କାକା ଆରୁ ନାଇଁ ପାରୁଥାଇ । ପୁଓ ତାକର ଚାସବାସ କରସି । ଅବସ୍ଥା ସେତେ ଭଲ ନାଇଁ ଥାଇଁ । କାକାର ଆସା ଥିଲା ପୁତରା କିଛି ସାହାଜ୍ୟ କରବା । ହେଲେ ଆସା ଟା ଆସା ଥିଁ ରହିଜାଉଥିଲା । ଇଥର ଭାଏଲ ରିଟାଏଡ ପଏସା ହାତେ ଥିବାବଲି କିଛି ସାହେଜ କରିପାରେ ।

ବିରବାବୁ ତାକର ଆଡୁ ଭୁଜିର ବେବସ୍ଥା କରାଲେ । ଆଦିବାସି ଲୋକ । କୁକରା, ମଦ୍ ପାଏନ ଚଲସି । କକା ପୁତରା ଭି ଏକାସାଂଗେ ବସ୍‌ସନ୍ । ଗାଁ ର୍ ଦୁଇ ଚାଏର ଆଉମାନେ ଭି ଜୁଡିଗଲେ । କେତେ ଦୁଖର ସୁଖର ହେଲେ । ପାଖା ପାଖି ଚାଲିସ୍ ବଛରର୍ ଚାକିରି ଜିବନ ସରିଗଲା । ସହରେଁ ଜିବନ ଜିଇଁ ଥିଲେ ଭି ଗାଁ ର ମଜା କାହିଁ ଛାଡିହେତା। କଥାକଥା ଥି ବିରବାବୁ କହୁଥିଲେ-'କାହିଁ ଅନେସ୍ ସ ତେଆସି ମସିହା ନୁ ମୋର ଚାକିରି ଜିବନ । ସେ ବଛର ନୁ ଆମର ଘରର ଭାଗ୍ୟ ବଦଲି ଥିଲା ।' ବିରବାବୁର ପୁଓ କୁନା କହେଲା –'ବାପା, ହେ ବରସ ଇଂଡିଆ ଉଆଲ୍ଡକପ କିର୍କେଟ୍ ଜିତିଥିଲା । ଦେଖୁଥିଲ ମେଚ୍ ?'

'ନାଇଁରେ ବାବୁ ! ଟିଭି ସେ ଜମାନା ଥି କାହିଁ ପାଏବୁ ? ରେଡିଓ ଭି ଆମର ଘରେ ନାଇଁ ଥାଇ । ସାହୁଘରେ ଗୁଟେ ଥିଲା । ସେ କହୁଥିଲା ଇଂଡିଆ ଜିତ୍‌ଲା ବଲି ! ଇହାଦେ ଆଉ ସେତେବେଲେ ଆମର ଘରର ଅବସ୍ଥା ଭିତରେ ବହୁତ ଫରଖ୍ । କେତେ କଷ୍ଟେ ପାଠ ପଢିଛେଁ ବାବୁ, ତୁଇ କାଣା ଜାନବୁ ସେ ଦୁଃଖ୍ । ବହି ପତର୍ ଘିନବାର କେ ପଏସା ନାଇଁ । ଚଲବାକେ ଘରେ ଅଢିଆ ନାଇଁ । ତୋର ଦାଦା ବହୁତ ପରିସ୍ରମ୍ କରୁଥିଲା । ଅନେସ୍ ସ ତେଆସି ନୁ ଘରର ପରିସ୍ଥିତି ସୁଧ୍‌ରିଲା । ମୁଇଁ ଚାକ୍‌ରି ପାଏଲିଁ । ସେ ବରସ୍ ଟା ବଡେଟେ ଘଟନା ଥିଲା ଆମର ଜିବନ ଥି। ବିରବାବୁର କାକା ଟିକେ ଲଗେଇ ଦେଇଥିଲେ । ନିସା ଟା ଚଢି ଆସିଥିଲା । ଗାଁ ର ଘର । ଚଉଡା ଚଉଡା ବାରଂଡା । ଇଟାମାଟିର ଘର୍ । ଖରା ମାସର ରାଏତ । ବାହାରେ ବସିକରି ଭୁଜି ଭାଏତ ଚାଲିଥିଲା । ବିରଟା ପୁତରା ହେଲେ ଭି ତାର ସାମନେ ତୁଁଡ ନାଇ ଫୁଟେଇ । ଆଏଜ୍ କେନ୍ତା ଜେ ଠହରି ନାଇଁ ପାରଲେ କାକା।

ନାତି ଆଡେ ଦେଖି କହେଲେ-'ତୁଇ କାଣା ଜାନବୁରେ ନାତିଆ ! ତୋର ବା ଜେନ୍ ବଛରେ ଚାକରି ପାଏଲା, ହେ ବଛର୍ ତକ୍ ଆମେ ସାହୁଘରେ କମିହାଁ ରହୁଥିଲୁଁ ! ଲଗାତାର ମର୍‌ଡି ହେଇଥିଲା ହେ ବଛରଦୁକର୍ ଆଗୁଁ । ଦୁଇ ଦାଦା ଭାଏ ଉଲ୍‌ଟା ଉଲ୍‌ଟା କରି ତିନ୍ ଉଲଟା ପାଏନ୍ ସେନହିକରି ଭି ଧାନ ନାଇ ବଁଚେଇ ପାରଲୁଁ । ବଡା ତଖଲିଫ୍ ରେ ନାତିଆ । ତୋର ବା ଜେନ୍ ତିଆସି କହୁଛେ ସେ ବଛର ହିଁ ତ ଆଏ । ।'

ବିରବାବୁ ଟିକେ ଅକବକେଇ ଗଲେ । କୁନା ଅଧାପଅନ୍ତରିଆ ବୁଝୁଥିଲା –'କମିହାଁ କାଣା ଆଏ, ତିନ ଉଲଟା ପାଏନ କାଣା ଆଏ କିଛି ନାଇଁ ବୁଝୁଥାଇ ।' ଦାଦା କେ ପଚରାଲା କି କହେଲେ-'ହଏବୋ ବେଡା ଗୁଟେ ଘାଟ ନୁ ଆଉ ଗୁଟେ ଘାଟ କେ ପେନ ସେନ୍‌ସନ୍ । ଆଗ ପଂପ୍ ମଟର୍ ନାଇଥାଇ ଗା । ତୋର ଦାଦା ଆଉ ମୁଇଁ ଦୁଇ ଦଦା ଭାଏ ରାଏତ୍ ସାରା ପାଏନ୍ ସେନ୍‌ହୁଁ ଥିଲୁଁ –ଧାନ୍ ବିହନ୍ ଭର୍ ବଁଚ୍‌ବା ବଲି । ସାହୁକାର ନୁଁ ଧାନ ଆନିଥିଲୁଁ । ସୁଝି ନାଇ ପାରଲୁଁ । ଦୁଇ ବଛର୍ ଦୁଇ ଭାଏ ତାଁକର ଘରେଁ କାମ କରିଛୁଁ ।'

କୁନା ବୁଝାଲା –'ଦୁଇ ଦାଦା ଦୁସର ଘରେ ଗୁଲାମ୍ ଥିଲ ?'

'ଗୁଲାମ ନୁହେଁ ବୋ କମିହାଁ ଥିଲୁଁ । ଦୁଇ ବଛର ମରଡି ହେଲା ତ ! ସାହୁକାର ଘରେ କାମ କଲୁଁ । ଫେର ତହିଁ ବଛର ବରସା ହେଲା, ଚାସବାସ ହେଲା। ଚାଲିସ ବଛର ଭିତରୁ ଦସ ବଛର ମରଡି ହେଇଛେ ଆର ତିରିସ ବଛର ସୁକାଲ ହେଇଛେ । ଚାକିରିଆ ଲୋକର ମରଡି ନାଏନଁ ରେ ବାବୁ ।'

'ରବିବାବୁର ନିସା ଟିକେ ଫାଁକିଗଲା । ବାପା ତ ନାଏନ, କାକା ଭି ବାପା ସରିଆନ । ବୁଢା ହେଲେନ, ଚାଲିସ ବରସ ହେଲାନ ଅନେସ୍ ସ ତେଆସି ନୁ ଆଏଜ ତକ୍ ମତେ ଆସା କରିଛନ ଆଉ ମୁଇଁ କିଛି ନାଇକରିଁ । ଧିକ୍ ମୋର ଜିବନ୍ । କାକାର ପାଖକେ ଆସିକରି ସେ କହେଲେ 'କାକା ! ତୁଇ ଚିନ୍ତା ନାଇଁ କର, ମୁଇଁ ଅଛେଁ । ମୁଇଁ ସବୁ ଅସୁବିଧା ବୁଝମିଁ । ଅନେସ୍ ସ ତେଆସି ନୁ ଆଏଜ ତକ୍ ମୁଇଁ ଅଫିସ କଥା ବୁଝି ଆସୁଥିଲ। ଇନୁ ଇଆଡକେ ଘରର ସବକର କଥା ବୁଝମିଁ ।'

ଭୁଜିଭାତି କରି ସଭେ ସୁଇ ପଡଲେ । ଅନେସ୍ ସ ତେଆସି ମସିହା ଉତାରୁଁ ଇ ଟା ପହେଲା ହେଇ ଦୁଇ ଭାଏର୍ ପରିବାର ଏତେ ଖୁସି ମଜା ଥି କଟେଇଥିଲେ।

ଜିବନ ବିମା କାର୍ଯାଲୟ,
ବରଗଡ ସାଖା, ବରଗଡ
ଫୋ୯୪୩୧୦୮୦୪୪୭

ABOUT THE BOOK:

"KATHA AAR KATHANI" began in 1994 as a monthly magazine featuring only stories in our language. It was edited by Shri Utpanna Kumar Bhoi and published by Alaka Dash.

After publication for two years it was discontinued. There had been a few issues at irregular intervals. Recently, "KATHA AAR KATHANI" was published as a half yearly literary magazine from July 2022.

The 104 page current issue, dedicated to Prof. Hrudamani Pradhan, contains 19 stories and is priced RS.100/- only.

The readers may find the mobile numbers of the writers at the end of their stories useful for sending feedback.

CONTACT:

SAMALPURI SAHITYA PARISAD, BARGARH
C/O- Dhanapati Mahapatra, Ganesh Nagar college road Bargarh, 768028, ph- 7008388211
Email- dhanapati1945@gmail.com , narendra_mohanty@rediffmail.com